# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୫/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, July 25/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫ୍ରେଞ୍ଚ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଚାମ୍ପିୟନ ହୋଇଛନ୍ତି।

୧୨

୧୦

**ଇତିହାସପ୍ରେମୀ ଜାହ୍ନବୀ**

ସ୍କୁଲ ସମୟରେ ଇତିହାସ ପଢ଼ିବା ଖୁବ୍ ପସନ୍ଦ ଥିବା ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର କହିଛନ୍ତି।



# ଆଧାର-ଭୋଟର କାର୍ଡ ଲିଙ୍କ୍ ଶୁଣାଣି ଆଜି

- ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କଂଗ୍ରେସ
- ପ୍ରିଭେସି, ସମାନତା ଅଧିକାର ଉଲ୍ଲଂଘନ ଆଶଙ୍କା
- ୨୪ ମିନିଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା ବିଲ୍

ନୂଆଦିଲ୍ଲୀ, ୨୪।୭

ଆଧାର ସହ ଭୋଟର ପରିଚୟପତ୍ରର ସଂଯୋଗ ପାଇଁ ଉଦ୍ଦିଷ୍ଟ ଆଇନକୁ ସୁପ୍ରିମକୋର୍ଟରେ କଂଗ୍ରେସ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଛି। ବିରୋଧୀ ଦଳର ଯୁକ୍ତି ହେଲା, ଆଧାର-ଭୋଟର କାର୍ଡ ସଂଯୋଗୀକରଣ ନେଇ ଅତି ତରବରିଆ ଭାବେ ବିନା କୌଣସି ବିତର୍କରେ ପାର୍ଲାମେଣ୍ଟରେ ଆଇନ ଗୃହୀତ କରାଯାଇଛି। ଏହାଦ୍ୱାରା ବହୁ ସଂଖ୍ୟକ ଭୋଟର ମତଦାନ ଅଧିକାରରୁ ବଞ୍ଚିତ ହେବେ। ଏହି ଆଇନକୁ ଅସାମ୍ବିଧାନିକ ତଥା ନାଗରିକଙ୍କ ପ୍ରିଭେସି (ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ) ଓ ସମାନତା ଅଧିକାର ଉଲ୍ଲଂଘନକାରୀ ଭାବେ ଅଭିହିତ କରି ରଦ୍ଦ ପାଇଁ କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲା ନିଜ ପିଟିଶନରେ ଦାବି କରିଛନ୍ତି। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରିବେ।

ପ୍ରଥମେ ଆଧାର ସହ ନିର୍ବାଚନୀ ତଥ୍ୟ ସଂଯୋଗୀକରଣ ପ୍ରକଳ୍ପକୁ ନିର୍ବାଚନ କମିଶନ (ଇସି) ନିର୍ବାଚନୀ ସଂସ୍କାର ପ୍ରକ୍ରିୟାର ଏକ ଅଂଶବିଶେଷ ଭାବେ ଆରମ୍ଭ କରିଥିଲେ। ଭୋଟର ତାଲିକାରେ ଜାଲିଆତି ରୋକି ତ୍ରୁଟିମୁକ୍ତ କରିବା ଏବଂ ଜଣେ ଭୋଟର ବିଭିନ୍ନ ରାଜ୍ୟରେ ଯେଭଳି ମତଦାନ କରିପାରିବେନାହିଁ ତାହାକୁ ରୋକିବା ଏହାର ଉଦ୍ଦେଶ୍ୟ ବୋଲି ସେତେବେଳେ ଇସିଙ୍କ ପକ୍ଷରୁ କୁହାଯାଇଥିଲା। ପାର୍ଲାମେଣ୍ଟର ଶୀତ ଅଧିବେଶନ ବେଳେ ୨୦୨୧ ଡିସେମ୍ବର ୨୦ରେ କେନ୍ଦ୍ର ସରକାର ନିର୍ବାଚନ ଆଇନ (ସଂଶୋଧନ), ୨୦୨୧ ବିଲ୍‌କୁ ଲୋକସଭାରେ ଉପସ୍ଥାପନ କରିଥିଲେ। ଆଇନମନ୍ତ୍ରୀ କିରେନ୍ ରିଜିଜୁଙ୍କ ପକ୍ଷରୁ ଆଗତ ଉକ୍ତ ବିଧେୟକକୁ ବିଜେଡି ସମେତ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ଟିଏମ୍‌ସି, ୱାଇଏସ୍‌ଆର୍‌ସିପି, ବିଏସ୍‌ପି, ଶିବସେନା ପ୍ରମୁଖ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ। ତେବେ ରିଜିଜୁ ଏହାକୁ ନିର୍ବାଚନ ସଂସ୍କାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଭୋଟର ପରିଚୟପତ୍ର ସହ ଆଧାର ବାଧ୍ୟତାମୂଳକ ନୁହେଁ ☞ପୃଷ୍ଠା-୪



- ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ
- ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ
- ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ
- ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ
- ୨୦୧୬ ସାଉଥ୍ ଏସିଆନ ଗେମ୍ସ ଓ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ

# ନୀରଜଙ୍କ ଚମକ

## ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜିତିଲେ ରୌପ୍ୟ ପଦକ

ଇଉଜିନ, ୨୪।୭(ପି.ଟି.)

ଅଲିମ୍ପିକ୍ ଚାମ୍ପିୟନ ନୀରଜ ଚୋପ୍ରା ନିଜ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ଇତିହାସ ରଚିଛନ୍ତି ଏହି ଭାରତୀୟ ଆଥ୍‌ଲେଟ। ଏଠାରେ ଅନୁଷ୍ଠିତ ଜାଭେଲିନ୍ ଥ୍ରୋ ଫାଇନାଲରେ ୮୮.୧୩ ମିଟର କ୍ଲିୟର କରି ଏହି ନିଆରା ସଫଳତା ପାଇଛନ୍ତି ୨୪ ବର୍ଷୀୟ ନୀରଜ। ଭାରତର ପ୍ରଥମ ପୁରୁଷ ଏବଂ ଦ୍ୱିତୀୟ ଆଥ୍‌ଲେଟ ଭାବେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଭାରତର ପ୍ରଥମ ଆଥ୍‌ଲେଟ ଭାବେ କିମ୍ବଦନ୍ତୀ ମହିଳା ଲଙ୍ଗଜମ୍ପର ଅଞ୍ଜୁ ବବି ଜର୍ଜ ୨୦୦୩ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଐତିହାସିକ ସଫଳତା ପାଇଁ ନୀରଜଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ସମେତ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଆଡିଲେ ସୁମାରିୱାଲାଙ୍କଠାରୁ ରୌପ୍ୟ ପଦକ ଗ୍ରହଣ କରିଥିଲେ ନୀରଜ। ସେଠାରେ ଷ୍ଟାଣ୍ଡରେ ଉପସ୍ଥିତ ଥିବା ଭାରତୀୟ ଏବଂ ଅନ୍ୟ ଆଥ୍‌ଲେଟମାନେ ନୀରଜଙ୍କୁ ଉତ୍ସାହିତ କରିଥିଲେ।

ବିଶ୍ୱ ଚାମ୍ପିୟନଶିପ୍ ଜାଭେଲିନ ଥ୍ରୋ ଫାଇନାଲରେ ନୀରଜ ନିଜ ପ୍ରଥମ ଉଦ୍ୟମରେ ୮୨.୩୯ ମିଟର ଥ୍ରୋ କରିଥିଲେ ହେଁ ତାହା ଫାଉଲ୍ ହୋଇଥିଲା। ୩ ରାଉଣ୍ଡ ଶେଷରେ ସେ ସର୍ବାଧିକ ୮୬.୩୭ ମିଟର ଥ୍ରୋ ସହିତ ୪ର୍ଥ ସ୍ଥାନରେ ରହିଥିଲେ। ମାତ୍ର ଧୈର୍ଯ୍ୟ ହରାଇ ନ ଥିଲେ ହରିୟାଣା ପାନିପଥ ନିକଟସ୍ଥ ଖଣ୍ଡ୍ରା ଗ୍ରାମର କୃଷକଙ୍କ ପୁତ୍ର ନୀରଜ। ସେ ୪ର୍ଥ ରାଉଣ୍ଡ ବେଳକୁ ନିଜ ରିଦିମ ଫେରି ପାଇଥିଲେ ଏବଂ ୮୮.୧୩ ମିଟର ଥ୍ରୋ କରିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୪ର୍ଥ ଶ୍ରେଷ୍ଠ ପ୍ରଦର୍ଶନ। ଏଥିସହିତ ସେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ। ୫ମ ଏବଂ ୬ଷ୍ଠ ତଥା ଅନ୍ତିମ ଥ୍ରୋ ☞ପୃଷ୍ଠା-୪

# ପ୍ରଜ୍ଞା ମିଶ୍ର ରାଜ୍ୟ ଟପ୍ପର

## ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ

- ପାସ୍ ହାର ୯୯.୩୮%, ଓଡ଼ିଶାରେ ୯୯.୪୭%
- ୧୮ ଛାତ୍ରୀଛାତ୍ର ସର୍ବଭାରତୀୟ ଟପ୍ପର

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ଇ) ଦ୍ୱାରା ପରିଚାଳିତ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ଓଡ଼ିଶାର



ପ୍ରଜ୍ଞା ମିଶ୍ର

ପାସ୍ ହାର ଅଧିକ ରହିଛି। ଦେଶରେ ପାସ୍ ହାର ୯୯.୩୮% ଥିବାବେଳେ ଓଡ଼ିଶାରେ ୯୯.୪୭% ରହିଛି। ଏଥର ବି ଛାତ୍ରୀମାନେ ଆଗରେ ରହିଛନ୍ତି। ୯୯.୫୨% ଛାତ୍ରୀ ଓ ୯୯.୨୬% ଛାତ୍ର ପାସ୍ କରିଛନ୍ତି। ୧୮ଜଣ ଛାତ୍ରୀଛାତ୍ର ୯୯.୭୫% ମାର୍କ ରଖି ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେହିଭଳି ୫୮ଜଣ ଛାତ୍ରୀଛାତ୍ର ୯୯.୫% ସହ ଦ୍ୱିତୀୟ ଏବଂ ଓଡ଼ିଶାର ଛାତ୍ରୀ ପ୍ରଜ୍ଞା ମିଶ୍ରଙ୍କ ସହ ୭୮ଜଣ ଛାତ୍ରୀଛାତ୍ର ୯୯.୨୫% ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବ୍ରହ୍ମପୁର ଡି ପଲ୍ ସ୍କୁଲ ଛାତ୍ରୀ ପ୍ରଜ୍ଞା ୯୯.୨୫% ସହ ରାଜ୍ୟ ଟପ୍ପର ହୋଇଥିବାବେଳେ ଉକ୍ତ ସ୍କୁଲ ଛାତ୍ରୀ ସୌମ୍ୟା ପଟ୍ଟନାୟକ ଓ ରାଉରକେଲା ଚିନ୍ମୟ ବିଦ୍ୟାଳୟ ଛାତ୍ର ଲଳିତେନ୍ଦୁ ଜଗଜ୍ୟୋତି ମିଶ୍ର ୯୮.୭୫% ରଖି ଦ୍ୱିତୀୟ ଏବଂ ରାଉରକେଲା ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ ଛାତ୍ରୀ ସ୍ନେହା ମିଶ୍ର ୯୮.୫୦% ସହ ☞ପୃଷ୍ଠା-୪

# ଦୁଇ ହାତୀ କଙ୍କାଳ ଜବତ

## ଆଠଗଡ଼ ପରେ ସମ୍ବଲପୁର

ଭୁବନେଶ୍ୱର/ସମ୍ବଲପୁର ୨୪।୭(ବ୍ୟୁରୋ)

ଆଠଗଡ଼ ବନଖଣ୍ଡରେ ୪ ହାତୀ କଙ୍କାଳ ମାଟି ତଳୁ ବାହାରିବା ଘଟଣାରେ ଏସ୍‌ଆଇଟି ତଦନ୍ତ ନ ସରୁଣୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସମ୍ବଲପୁର ବନଖଣ୍ଡର ଦୁଇଟି ସ୍ଥାନରୁ ଦୁଇ ଅର୍ଦ୍ଧ ଦଗ୍ଧ ହାତୀ କଙ୍କାଳ ଜବତ କରିଛି। ପୃଥକ ସ୍ଥାନରୁ ପାଉଁଶ, ଅଧାପୋଡ଼ା ହାଡ଼ ମିଳିଛି। ଗଛ ଗଣ୍ଡିରେ କିରୋସିନ, ପେଟ୍ରୋଲ କିମ୍ବା ଡିଜେଲ ପକାଇ ହାତୀକୁ ପୋଡ଼ାଯାଇଛି। ପୂରା ଘଟଣାକ୍ରମ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହି ସ୍ୱର୍ଣ୍ଣକାତର ଘଟଣାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତେବେ ଶିକାର ନା ଆଉ କିଛି କାରଣରୁ ହାତୀଦ୍ୱୟର ମୃତ୍ୟୁ ଘଟିଛି ତାହାର ମଧ୍ୟ ଖୋଳତାଡ଼ କରୁଛି ଏସ୍‌ଟିଏଫ୍।

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଅନ୍ତର୍ଗତ କାଲୋଗାଁ ସେକ୍ସନରେ ମୃତ ଦୁଇ ହାତୀକୁ ପୋଡ଼ି ଦିଆଯାଇଥିବା ଗୋଇନ୍ଦା ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍‌ର ୪ଜଣିଆ ଟିମ୍ ଉକ୍ତ ବନଖଣ୍ଡରେ ଦୁଇଦିନ ଡେରା ପକେଇବା ସହ ସୂଚନା ଆଧାରରେ କାଲୋଗାଁ ଜଙ୍ଗଲରେ ଉକ୍ତ ଦୁଇଟି ସ୍ଥାନକୁ ଚିହ୍ନଟ କରିଥିଲା। ଟିମ୍ ସହ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଥିଲେ। ରବିବାର ସକାଳୁ ଦୁଇଜଣ ସରକାରୀ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଧମା ଓ ଯୁଯୁମୁରା ରେଞ୍ଜ ଅଧିକାରୀଙ୍କ ସହିତ ଏସ୍‌ଟିଏଫ୍ ଟିମ୍ ଜଙ୍ଗଲ ଭିତରକୁ ଯାଇଥିଲା। ପୋଷ୍ଟମର୍ଟମ କରିବା ପାଇଁ ଯୁଯୁମୁରା ବ୍ଲକ ଭେଟେରିନାରି ଅଧିକାରୀ ଡା. ଅମ୍ରିତ ସାହୁ ମଧ୍ୟ ସେମାନଙ୍କ ସହ ଥିଲେ। ଜଙ୍ଗଲ ଭିତରେ ପ୍ରାୟ ଏକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଶୂନ ଉତ୍ତରଦାୟିତ୍ୱ

# ଆଜି ଶପଥ ନେବେ ଦ୍ରୌପଦୀ ମୁର୍ମୁ

## ରାଷ୍ଟ୍ରପତି ପିନ୍ଧିବେ ସାନ୍ତାଳୀ ଶାଢ଼ି

ନୂଆଦିଲ୍ଲୀ, ୨୪।୭: ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ନେବେ। ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଏହି ଉତ୍ସବ ପାଇଁ ଆୟୋଜନ ହୋଇଛି। ଏଥିରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟାନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା, ☞ପୃଷ୍ଠା-୪






# ପାଇଖାନାରେ ନାବାଳିକାଙ୍କୁ ଜାଳିଦେଲେ

## ଏକତରଫା ପ୍ରେମରୁ ବୀଭତ୍ସକାଣ୍ଡ

ଖଇରା, ୨୪।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା କୁରୁଣ୍ଟା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ରବିବାର ସକାଳେ ଏକ ବୀଭତ୍ସକାଣ୍ଡ ଘଟିଛି। ପ୍ରେମ ନିବେଦନ କରି ବିଫଳ ହେବା ପରେ ଜଣେ ବିବାହିତ ଯୁବକ ବର୍ବରତାର ସୀମା ଟପିଯାଇଛନ୍ତି। ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ରାସ୍ତା ଉପରୁ ଟେକିନେଇ ଅଭିଯୁକ୍ତ ନିଜ ଘର ପଛପଟ ପାଇଖାନା ଭିତରେ ଚୁଟି କାଟିବା ପରେ କିରୋସିନ ଢାଳି ନିଆଁ ଲଗାଇ ଜୀଅନ୍ତା ଜାଳି ଦେଇଛନ୍ତି। ଏସବୁ କାଣ୍ଡ ଘଟାଇବା ପରେ ନିଜେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକେ ପହଞ୍ଚିବା ବେଳକୁ ଛାତ୍ରୀଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସମ୍ପୃକ୍ତ ଯୁବକ ହେଲେ ଦୟାନିଧି ଜେନା(୩୩)। ପୋଲିସ ତାଙ୍କୁ ଗିରଫ କରିବା ପରେ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରିଛି। ମୃତ ଛାତ୍ରୀ ଜ୍ୟୋସ୍ନାଙ୍କ ମା' ଲକ୍ଷ୍ମୀପ୍ରିୟା ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୯୭/୨୨) ରୁଜୁ କରି ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀ ତିଲୋତ୍ତମା ଜେନାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ଅନୁଯାୟୀ, ଜ୍ୟୋସ୍ନା କୁରୁଣ୍ଟା ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସେ ଦୟାନିଧିଙ୍କ ସ୍ତ୍ରୀ ତିଲୋତ୍ତମାଙ୍କ ନିକଟରେ ଟ୍ୟୁଶନ ହେଉଥିଲେ। ଦୟାନିଧି ପୂର୍ବରୁ ଜ୍ୟୋସ୍ନାଙ୍କୁ ପ୍ରେମ ନିବେଦନ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଥିଲେ। ହେଲେ ଛାତ୍ରୀ ଜଣଙ୍କ ଏଥିରେ ରାଜି ହୋଇ ନ ଥିଲେ। ଏ ବିଷୟରେ ସେ ତାଙ୍କ ଘରେ ଜଣାଇବା ପରେ ପରିବାର ଲୋକେ ମାସେ ହେଲା ତାଙ୍କ ଟ୍ୟୁଶନ ବନ୍ଦ କରି ଦେଇଥିଲେ।



ଜ୍ୟୋସ୍ନା ଜେନା

ରବିବାର ସକାଳେ ମା'ଙ୍କ କହିବା ଅନୁସାରେ ଜ୍ୟୋସ୍ନା ଦୋକାନରୁ କିଛି ଜିନିଷ ଆଣିବାକୁ ଦୟାନିଧିଙ୍କ ଘର ଆଗ ରାସ୍ତା ଦେଇ ଯାଉଥିଲେ। ଏତିକିବେଳେ ବାଡିପଟେ ଲୁଚି ରହିଥିବା ଦୟାନିଧି ଜ୍ୟୋସ୍ନାଙ୍କୁ ରାସ୍ତାରୁ ବଳପୂର୍ବକ ତାଙ୍କ ପାଟିରେ ହାତ ଦେଇ ଘର ପଛପଟ ପାଇଖାନାକୁ ନେଇଯାଇ ବନ୍ଦ କରିଦେଇଥିଲେ। ସେଠାରେ ଚୁଟି କାଟିବା ପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଜ୍ୟୋସ୍ନା ଜଳୁଥିବା ବେଳେ ଦୟାନିଧି ନିଜେ କୀଟନାଶକ ପିଇ ଦେଇଥିଲେ। ପାଟିଶୁଣି ତିଲୋତ୍ତମା ଓ ଗ୍ରାମବାସୀ ଦୌଡି ଆସି ☞ପୃଷ୍ଠା-୪

**କଂଗ୍ରେସକୁ ଇରାନୀଙ୍କ ଲିଗାଲ୍ ନୋଟିସ**

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ୧୮ ବର୍ଷୀୟା ଝିଅ ଜୋଇଶ୍ ଇରାନୀ ଗୋଆରେ ବେଆଇନ ଭାବେ ଏକ ବାର୍ ଚଳାଉଥିବା ନେଇ ଶନିବାର ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଓ ପୱନ ଖେରା ଅଭିଯୋଗ ଆଣି କେନ୍ଦ୍ର କ୍ୟାବିନେଟ୍‌ରୁ ତାଙ୍କୁ ବରଖାସ୍ତ ଦାବି କରିଥିଲେ। ଇରାନୀ ରବିବାର ଏହାକୁ ଭିତ୍ତିହୀନ ଓ ମିଥ୍ୟା ଅଭିଯୋଗ ଅଭିହିତ କରି ଉଭୟଙ୍କୁ କ୍ଷମା ମାଗିବାକୁ କହିଛନ୍ତି। ଏ ନେଇ ସେ ଦୁଇ କଂଗ୍ରେସ ନେତାଙ୍କୁ ଆଇନଗତ ନୋଟିସ୍ ପଠାଇଛନ୍ତି।

## ସଂକ୍ଷେପରେ

### ବାଣ ବିସ୍ଫୋରଣରେ ଗଲା ୬ ଜୀବନ

**ପାଟନା, ୨୪।୭:** ବିହାରର ସରନ ଜିଲା ଖୁଦାଇବାଗ୍ ଗ୍ରାମରେ ରବିବାର ମଧ୍ୟାହ୍ନରେ ଜଣେ ବେପାରୀଙ୍କ ଘରେ ଥିବା ବାଣ ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୫ ଜଣ ଅଛନ୍ତି। ଆଉ ୮ ଜଣ ଗୁରୁତର ହୋଇଛନ୍ତି। ନିଆଁ ଲାଗି ସେଠାରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିବା ପରେ ଦୁଇ ମହଲା ବିଶିଷ୍ଟ ସମ୍ପୂର୍ଣ୍ଣ ଘର ଧସି ଯାଇଥିଲା। ପାଖରେ ଥିବା ଆଉ ଦୁଇଟି ଘର ମଧ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଦୀର୍ଘଦିନ ହେଲା ବାଣ ତିଆରି କରାଯାଉଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୁଇ ପୃଥକ୍ ଫରେନ୍ସିକ୍ ଏକ୍ସପର୍ଟ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସ୍ଥାନୀୟ ଏସ୍‌ପି କହିଛନ୍ତି।

### ୧ କି.ମି. ଉଚ୍ଚରୁ ଖସିଲା କାର୍: ୪ ମୃତ

**ଶ୍ରୀନଗର, ୨୪।୭:** ଜମ୍ମୁ କଶ୍ମୀର ରାମବାନ ଜିଲା ରାମସୁ ଅଞ୍ଚଳରେ ପ୍ରାୟ ୧ କିଲୋମିଟର ଉଚ୍ଚ ଘାଟିରୁ କାର୍ ଖସି ୪ ଜଣଙ୍କ ମୃତ୍ୟୁ ହୋଇଛି। କାର୍‌ରେ ଥିବା ଯାତ୍ରୀ ଏକ ବିବାହ ଉତ୍ସବ ସାରି ନୀଲରୁ ଶଗନ ଅଭିମୁଖେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନାନୁସାରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣ ପ୍ରାଣ ହରାଇଛନ୍ତି।

### ସିଂହ ଆକ୍ରମଣରେ ଯୁବକ ମୃତ

**ଅହମ୍ମଦାବାଦ, ୨୪।୭:** ସିଂହ ଆକ୍ରମଣରେ ଗୁଜରାଟର ଅମ୍ରେଲି ଜିଲାରେ ଶନିବାର ଜଣେ ୧୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଭାୟଦେଶ ପୟାର ମଧ୍ୟପ୍ରଦେଶର ଜଣେ ଶ୍ରମିକ ବୋଲି ଜଣାପଡ଼ିଛି। ସେ ତୁଲସିଶ୍ୟାମ୍ ରେଞ୍ଜ୍ ଅଧୀନ ନାନିଧାରୀ ଗ୍ରାମକୁ ଫେରୁଥିବାବେଳେ ହଠାତ୍ ସିଂହଟି ତାଙ୍କୁ ସେଠାରୁ ଟାଣି ନେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନ ଅଧିକାରୀମାନେ ଖୋଜାଖୋଜି କରିବାପରେ ତାଙ୍କ ମୃତଦେହ ମିଳିଥିଲା। ଦୀର୍ଘ ଘଣ୍ଟାର ଉଦ୍ୟମ ପରେ ଏହି ୮ ବର୍ଷୀୟ ଏସୀୟ ସିଂହକୁ ରବିବାର ସକାଳେ ଟ୍ରାଙ୍କୁଲାଇଜ କରାଯାଇ ରେସ୍କ୍ୟୁ ସେଣ୍ଟରକୁ ନିଆଯାଇଥିବା ଗିର ଉପ ବନ ସଂରକ୍ଷକ ରାଜଦୀପସିଂ ଝାଲା କହିଛନ୍ତି।

### ସ୍ତ୍ରୀହନ୍ତାଙ୍କୁ ମୃତ୍ୟୁଦଣ୍ଡ

**ଲାଇଭ୍ ଭିଡିଓରେ ହତ୍ୟା କରିଥିଲେ**

**ବେଜିଂ, ୨୪।୭:** ଲାଇଭ୍ ଭିଡିଓରେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ବ୍ୟକ୍ତିଙ୍କୁ ଚାଇନାର ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ ଜୁନ୍‌ରେ ଚାଇନାର ଟାଙ୍ଗ ଲୁ' ସ୍ତ୍ରୀ ଲାମୁଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଟାଙ୍ଗ ପୁଣିଥରେ ଲାମୁଙ୍କୁ ବିବାହ କରିବାକୁ ଜିଦ୍ କରିଥିଲେ। ଏଥିରେ ଲାମୁ ରାଜି ହୋଇ ନ ଥିଲେ। ମହିଳା ଜଣକ ଏକ ଲାଇଭ୍ ଭିଡିଓ କରୁଥିବାବେଳେ ଟାଙ୍ଗ ତାଙ୍କ ଉପରେ ଗ୍ୟାସୋଲିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ୨୦୨୦ ସେପ୍ଟେମ୍ବରରୁ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଟାଙ୍ଗ ଜେଲ୍‌ରେ ଅଛନ୍ତି। ଲାମୁ ଜଣେ କୃଷକ। ସେ ମନୋରଞ୍ଜନ ପାଇଁ ଛୋଟ ଭିଡିଓ ତିଆରି କରି ତାକୁ ସୋସିଆଲ ମିଡିଆରେ ଶେୟାର କରନ୍ତି।

# ଏଲ୍‌ଏସି ଉପରେ ଚାଇନା ନଜର

- ଅକ୍ସାଇ ଚୀନ, ପୂର୍ବ ଲଦାଖରେ ବେଜିଂର ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ଯୋଜନା
- ଭାରତର ଚିନ୍ତା ବଢ଼ାଇଲା ଜି୬୯୫ ନ୍ୟାଶନାଲ ଏକ୍ସପ୍ରେସ୍‌ୱେ

**ନୂଆଦିଲ୍ଲୀ, ୨୪।୭**



ଭାରତ–ଚାଇନା ମଧ୍ୟରେ ରହିଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଉପରେ ନଜର ରଖି ବେଜିଂ ବିବାଦୀୟ କ୍ଷେତ୍ର ଅକ୍ସାଇ ଚୀନ ଓ ପୂର୍ବ ଲଦାଖରେ ରାସ୍ତା ନିର୍ମାଣ ଯୋଜନା କରୁଛି। ଚାଇନା ଜି୨୧୯ ଅଧୀନରେ ଅକ୍ସାଇ ଚୀନ ରିଜିୟନ୍‌ରେ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ୧୯୫୫ରେ ଶେଷ କରିଥିଲା। ଏହାର ଦ୍ୱିତୀୟ ପ୍ରକଳ୍ପ ଜି୬୯୫କୁ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଏବେ ଲକ୍ଷ୍ୟ ରଖାଯାଇଛି। ଦୁଇ ପଡ଼ୋଶୀ ମଧ୍ୟରେ ସୀମା ବିବାଦକୁ ନେଇ ଆଲୋଚନା ଛିଣ୍ଡୁ ନ ଥିବାବେଳେ ଏହି ବିଷୟ ଜଣାପଡ଼ିବା ପରେ ଭାରତର ପ୍ରତିରକ୍ଷା ଓ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରସ୍ତାବିତ ରାଜପଥ ଚାଇନାର ଶିଞ୍ଜିଆଙ୍ଗ୍ ପ୍ରଦେଶ ସହ ତିବ୍ବତକୁ ଯୋଡ଼ିବ। ଏହି ସଡ଼କ ପ୍ରକଳ୍ପ ସମ୍ପୃକ୍ତ ଅଞ୍ଚଳରେ ଚାଇନାର ପ୍ରତିରକ୍ଷା ସଂଯୋଗୀକରଣକୁ ମଜଭୁତ କରିବ, ଯାହାକି ଭାରତ ପାଇଁ ଚିନ୍ତା ବୃଦ୍ଧିର କାରଣ ସାଜିଛି। ବେଜିଂ ଏହାକୁ ଜି୬୯୫ ନ୍ୟାଶନାଲ ଏକ୍ସପ୍ରେସ୍‌ୱେ ନାମକରଣ କରିଛି। ଚାଇନାର ନୂଆ ଯୋଜନା ଅନୁଯାୟୀ ଉକ୍ତ ଜାତୀୟ କାର୍ଯ୍ୟକ୍ରମରେ ୩୪୫ଟି ଭିତ୍ତିଭୂମି ପ୍ରକଳ୍ପ ରହିଛି। ଏଥିରେ ୨୦୩୫ ସୁଦ୍ଧା ୪,୬୧,୦୦୦ କି.ମି. ହାଇୱେ ଏବଂ ମୋଟରୱେ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଚାଇନା ଯେତେବେଳେ ବି ଚାହିଁବ, ଏଲ୍‌ଏସିରେ ଥିବା ରଣନୈତିକ ସ୍ଥାନଗୁଡ଼ିକୁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ଏବଂ ସାମରିକ ଉପକରଣ ପ୍ରେରଣ କରିପାରିବ। ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ରିପୋର୍ଟ ତଥା ଘଟଣାକ୍ରମ ଉପରେ ଅନୁଧ୍ୟାନ କରୁଛି। ଏଲ୍‌ଏସି ସଂଲଗ୍ନ ଅଞ୍ଚଳରେ ଭାରତ ପଟୁ ମଧ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଯବାନଙ୍କ ଗତିବିଧିକୁ ସୁଗମ ତଥା ଅଧିକ ସକ୍ରିୟ କରିବା ପାଇଁ ରାସ୍ତା ଓ ସୁଡ଼ଙ୍ଗ କରାଯାଉଥିବା ନେଇ ଭାରତୀୟ ପ୍ରତିରକ୍ଷା ଓ ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

୨୦୨୦ ମେ' ୫ରେ ଭାରତ–ଚାଇନା ସୈନ୍ୟଙ୍କ ସଂଘର୍ଷର ପ୍ରାୟ ୨୪ ମାସ ପରେ ମଧ ସୀମା ବିବାଦକୁ ନେଇ ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଗତ ୧୭ ତାରିଖରେ ଅନୁଷ୍ଠିତ କର୍ପ୍ସ କମାଣ୍ଡରସ୍ତରୀୟ ଆଲୋଚନା ମଧ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଚାଇନା ଏଲ୍‌ଏସିରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରୁ ବୋଲି ଭାରତୀୟ ସେନା ଦାବି କରିଥିବାବେଳେ ପ୍ରତିପକ୍ଷ ରାଜି ହୋଇ ନ ଥିଲା।

## ଲଦାଖ ସୀମାରେ ଚାଇନା ଯୁଦ୍ଧବିମାନ

ଭାରତକୁ ଉସୁକାଇବା ପାଇଁ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା ପୁଣି ଉଡ଼ାଇଛି ଯୁଦ୍ଧବିମାନ। ଭାରତୀୟ ସୀମାର ପୂର୍ବ ଲଦାଖ ସେକ୍ଟରରେ ରବିବାର ଚାଇନା ବାୟୁସେନାର ଫାଇଟର ଜେଟ୍ ଉଡ଼ାଣ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଭାରତୀୟ ବାୟୁସେନା ଏହା ଉପରେ କଡ଼ା ନଜର ରଖିଛି। ବାୟୁସୀମା ଲଂଘି କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପ ନେଲେ ଚାଇନାକୁ କଡ଼ା ଜବାବ ଦିଆଯିବ ବୋଲି ଭାରତ ପକ୍ଷରୁ କୁହାଯାଇଛି।

## ନେହେରୁଙ୍କ ଉଦ୍ଦେଶ୍ୟ ଖରାପ ନ ଥିଲା: ରାଜନାଥ

**ଜମ୍ମୁ, ୨୪।୭**

ଚାଇନା ପ୍ରସଙ୍ଗରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନୀତିରେ ତ୍ରୁଟି ଥାଇପାରେ, କିନ୍ତୁ ତାଙ୍କ ଉଦ୍ଦେଶ୍ୟ କେବେହେଲେ ଖରାପ ନ ଥିଲା। ନେହେରୁଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଯାଇ ନ ପାରେ ବୋଲି ରବିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିଛନ୍ତି।

ଭାରତ–ଚାଇନା ସୀମା ବିବାଦ ପାଇଁ ଅନେକ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଦାୟୀ କରାଯାଇଥାଏ। ବିଶେଷକରି ଭାଜପା ନେତାମାନେ କଂଗ୍ରେସ ଓ ନେହେରୁଙ୍କୁ ଏଥିପାଇଁ ଦୋଷ ଦେଇଥାଆନ୍ତି। ହେଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର 'କାର୍ଗିଲ ବିଜୟ ଦିବସ' ସ୍ମୃତିରେ ଜମ୍ମୁରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ଖଣ୍ଡନ କରିଛନ୍ତି। ରାଜନାଥ କହିଛନ୍ତି, ୧୯୯୯ ଯୁଦ୍ଧରେ ଆମର ଅନେକ ବୀର ଯବାନ ପ୍ରାଣବଳି ଦେଇଥିଲେ। ସେମାନଙ୍କ ପ୍ରତି ମଥାନତ କରୁଛି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଥିଲେ, ୧୯୬୨ ଯୁଦ୍ଧ ବେଳେ ଲଦାଖରେ ଆମ ଅଞ୍ଚଳକୁ ଚାଇନା କବ୍‌ଜା କରିନେଇଥିଲା। ସେତେବେଳେ ପଣ୍ଡିତ ନେହେରୁ ଆମର ପ୍ରଧାନମନ୍ତ୍ରୀ ଥିବାରୁ ଅନେକେ ଏଥିପାଇଁ ତାଙ୍କୁ ଦାୟୀ କରିଥାଆନ୍ତି। ତାଙ୍କ ନୀତିରେ ତ୍ରୁଟି ଥାଇପାରେ, ଉଦ୍ଦେଶ୍ୟ ଖରାପ ବୋଲି କହିପାରିବା ନାହିଁ। ଆଜିର ଭାରତ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର। ଆତ୍ମନିର୍ଭରଶୀଳ ଭାରତ ନିକଟରେ ସବୁ ପ୍ରକାର ଅସ୍ତ୍ରଶସ୍ତ୍ର ରହିଛି। କେହି ଆମକୁ ଖରାପ ଦୃଷ୍ଟିରେ ଦେଖିଲେ ତାହାର ଉପଯୁକ୍ତ ଜବାବ ଦିଆଯିବ ବୋଲି ରାଜନାଥ ଉଭୟ ଚାଇନା ଓ ପାକିସ୍ତାନକୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ସେହିପରି ତିନିସେନା ମଧ୍ୟରେ ସମନ୍ୱୟକୁ ତ୍ୱରାନ୍ୱିତ କରିବା ପାଇଁ ମିଳିତ ଥିଏଟର କମାଣ୍ଡସ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି।

### ତିନିସେନାକୁ ନେଇ ପ୍ରତିଷ୍ଠା ହେବ ଥିଏଟର କମାଣ୍ଡସ



## ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷା ଜରୁରୀ

**ନୂଆଦିଲ୍ଲୀ, ୨୪।୭**

### ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବିଦାୟୀ ବାର୍ତ୍ତା

ପ୍ରକୃତି ମାତା ସଙ୍କଟରେ ପଡ଼ିଛି। ଜଳବାୟୁ ସଙ୍କଟ ପୃଥିବୀର ଭବିଷ୍ୟତକୁ ବିପଦରେ ପକାଇପାରେ। ତେଣୁ ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ରବିବାର ଜାତି ଉଦ୍ଦେଶ୍ୟରେ ନିଜ ବିଦାୟୀ ଅଭିଭାଷଣରେ କହିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ଶେଷ ଟେଲିଭିଜନ ବାର୍ତ୍ତାରେ ରାଷ୍ଟ୍ରକୁ ସମ୍ବୋଧିତ କରି କହିଛନ୍ତି, ଏକବିଂଶ ଶତାବ୍ଦୀରେ ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଭାରତ ପ୍ରସ୍ତୁତ ହେଉଛି। ଦେଶର ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଛନ୍ତି, ଏସବୁ ସମେତ ଆର୍ଥିକ ସଂସ୍କାର ନାଗରିକମାନଙ୍କୁ ଭବିଷ୍ୟତରେ ସେମାନଙ୍କ ସାମର୍ଥ୍ୟକୁ ଆବିଷ୍କାର କରି ସୁଖଦ ଅନୁଭୂତିର ସୁଯୋଗ ଦେବ। ମହାମାରୀ ମୁକାବିଲା ପାଇଁ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେଇଛନ୍ତି। ଜାତୀୟ ଶିକ୍ଷା ନୀତି ଯୁବ ଭାରତୀୟମାନଙ୍କୁ ଐତିହ୍ୟ ସହ ଯୋଡ଼ି ଏକବିଂଶ ଶତାବ୍ଦୀ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବ ବୋଲି କୋବିନ୍ଦ ଆଶା ବ୍ୟକ୍ତ କରିଛନ୍ତି।



ଅବସରର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ସମ୍ବୋଧନ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।



ଆମେରିକାର ସାନ୍ ଡିଏଗୋରେ ରବିବାର କମିକ୍-କନ୍ ଇଣ୍ଟରନ୍ୟାଶନାଲ ଶୀର୍ଷକ ପୁସ୍ତକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ଅନ୍ୟା ଆଷ୍ଟୋନ୍ ନାମ୍ନୀ ଜଣେ କଳାକାର ସାଇବର୍ଗ (ଅସାଧାରଣ ଶକ୍ତିର ଅଧିକାରୀ ଥିବା କାଳ୍ପନିକ ବ୍ୟକ୍ତି) ବେଶରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ଇଡି ରିମାଣ୍ଡରେ ଅର୍ପିତା

**କୋଲକାତା, ୨୪।୭**



ମନିଲଣ୍ଡରିଂ ଅଭିଯୋଗରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ରବିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିନିକିଆ ରିମାଣ୍ଡରେ ନେଇଛି। ସୋମବାର ତାଙ୍କୁ ମନିଲଣ୍ଡରିଂ ନିରୋଧୀ ଆଇନ୍ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯିବ। ଗିରଫ ଅର୍ପିତାଙ୍କୁ ରବିବାର ମେଡିକାଲ ଚେକ୍‌ଅପ୍ ପାଇଁ ନିଆଯିବା ପରେ ବଙ୍କଶାଲ କୋର୍ଟରେ ହାଜର କରାଯାଇଥିଲା। ଏ ମାମଲାରେ କୋର୍ଟ ନିଜ ରାୟ ସଂରକ୍ଷିତ ରଖିଥିବା କୁହାଯାଇଛି। ସହଯୋଗୀ ଅର୍ପିତାଙ୍କ ଘରୁ ନଗଦ ୨୧ କୋଟି ଟଙ୍କା ମିଳିବା ପରେ ଇଡି ଶନିବାର ତାଙ୍କୁ ଗିରଫ କରିଥିଲା।

# ଭାରତକୁ ମଙ୍କିପକ୍ସ ବିପଦ

**ନୂଆଦିଲ୍ଲୀ, ୨୪।୭**

### ଚତୁର୍ଥ ସଂକ୍ରମିତ ଦିଲ୍ଲୀରୁ ଚିହ୍ନଟ

- ୭୫ ଦେଶକୁ ବ୍ୟାପିଲାଣି ଭୂତାଣୁ

ଦେଶରେ ଗତ ୧୪ ତାରିଖରେ କେରଳରୁ ପ୍ରଥମ ମଙ୍କିପକ୍ସ ମାମଲା ଚିହ୍ନଟ ହେବା ପରଠାରୁ ଏହି ଭୂତାଣୁଜନିତ ରୋଗ ଧୀରେ ଧୀରେ ମାଡ଼ିବାରେ ଲାଗିଲାଣି। ରବିବାର ଦିଲ୍ଲୀରୁ ଜଣେ ୩୪ ବର୍ଷୀୟ ଯୁବକ ସଂକ୍ରମିତ ହେବା ପରେ ମୋଟ ମଙ୍କିପକ୍ସ ମାମଲା ଏବେ ୪କୁ ବୃଦ୍ଧି ପାଇଛି। ଚିନ୍ତାର ବିଷୟ ହେଉଛି ଚତୁର୍ଥ ସଂକ୍ରମିତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ବିଦେଶ ଗସ୍ତ କରି ନ ଥିଲେ ହେଁ ତାଙ୍କ ଶରୀରରେ ଏହି ଭୂତାଣୁ ଚିହ୍ନଟ ହେବା ଗୋଷ୍ଠୀ ସଂକ୍ରମଣର ବିପଦ ବଢ଼ାଇଛି। ୭୫ ଦେଶରେ ପ୍ରାୟ ୧୭ ହଜାର ଲୋକ ଏହି ଭାଇରସ୍‌ରେ ଆକ୍ରାନ୍ତ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଶନିବାର ମଙ୍କିପକ୍ସକୁ ବୈଶ୍ୱିକ ସ୍ୱାସ୍ଥ୍ୟ ପରିସ୍ଥିତି ବା ଗ୍ଲୋବାଲ ହେଲ୍‌ଥ ଏମର୍ଜେନ୍ସି ଘୋଷଣା କରିଥିଲା।




ପଶ୍ଚିମ ଦିଲ୍ଲୀର ବାସିନ୍ଦା ଏହି ଯୁବକ ଜଣକ ନିକଟରେ ହିମାଚଳ ପ୍ରଦେଶର ମନାଲିରେ ଏକ ପାର୍ଟିରେ ଯୋଗ ଦେଇଥିଲେ। ୩ ଦିନ ପୂର୍ବରୁ ତାଙ୍କ ଶରୀରରେ ମଙ୍କିପକ୍ସର ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଲୋକ ନାୟକ ଜୟପ୍ରକାଶ ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇ ନମୁନା ପରୀକ୍ଷଣ ପାଇଁ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିଲା। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କ୍ୱାରାଣ୍ଟାଇନରେ ରଖାଯାଇଛି। ଏହା ପୂର୍ବରୁ କେବଳ କେରଳରୁ ୩ ଜଣ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା

ଦେଶରେ ଚତୁର୍ଥ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହେବା ପରେ କେନ୍ଦ୍ର ସରକାର ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଜ୍ଞାନ ମହାନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ୍) ପକ୍ଷରୁ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ(ଏନ୍‌ସିଡିସି) ଏବଂ ଆଇସିଏମ୍‌ଆର୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ମଙ୍କିପକ୍ସକୁ ଅଧିକ ବ୍ୟାପିବାରୁ ରୋକିବା ପାଇଁ ଏଥିରେ ଯୋଜନା ପ୍ରସ୍ତୁତ କରାଯାଇଛି। ଦିଲ୍ଲୀରୁ ସଂକ୍ରମିତ ଚିହ୍ନଟ ହେବା ପରେ ଲୋକ ନାୟକ ଜୟପ୍ରକାଶ ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ଖୋଲାଯାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।

## କେତେ ଘାତକ, କିପରି ବ୍ୟାପେ

୧୯୭୦ରେ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋରେ ପ୍ରଥମ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇଥିଲା। ପରେ ଏହା କେବଳ ୯ ଆଫ୍ରିକୀୟ ଦେଶରେ ସୀମିତ ଥିଲା। କିନ୍ତୁ ଚଳିତ ବର୍ଷ ୟୁରୋପ ସମେତ ଏସିଆରେ ମଧ ଏହି ଭୂତାଣୁରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଗୋଷ୍ଠୀ ସଂକ୍ରମଣରୁ ମାମଲା ବୃଦ୍ଧି ପାଉଥିବା ଆଶଙ୍କା କରି ଡବ୍ଲ୍ୟୁଏଚ୍‌ଓ ଏହାକୁ ଚିନ୍ତାଜନକ ବୋଲି କହିଛି। ମଙ୍କିପକ୍ସରେ ସଂକ୍ରମିତ ହେଲେ ପ୍ରଥମେ ସେହି ବ୍ୟକ୍ତିଙ୍କଠାରେ ଜ୍ୱର ସହ ଲିମ୍ଫ ନୋଡ୍ ଫୁଲିଥାଏ। ଏଥିସହ ଚିକେନ୍‌ପକ୍ସ ଭଳି ଦେହସାରା ଫୋଟକା ହୋଇଯାଏ। ସେଥିରୁ ପାଣି ବାହାରିବା ସହ ଆଣ୍ଠୁଗଣ୍ଠି, ମାଂସପେଶୀ ବିନ୍ଧା ହୋଇଥାଏ। ସଂକ୍ରମିତ ପ୍ରାଣୀରୁ ମଣିଷକୁ ଏବଂ ମଣିଷଠାରୁ ମଣିଷକୁ ପ୍ରତ୍ୟକ୍ଷ ସ୍ପର୍ଶ କିମ୍ବା ପରୋକ୍ଷରେ ମଧ ଏହି ଭୂତାଣୁ ବ୍ୟାପିପାରେ। ସଂକ୍ରମିତଙ୍କ ଚର୍ମ, ଫୋଟକାରୁ ବାହାରୁଥିବା ପାଣି କିମ୍ବା ଶ୍ୱାସକ୍ରିୟାବେଳେ ବାହାରୁଥିବା ଡ୍ରପ୍‌ଲେଟ୍‌ରୁ ମଧ ଜଣେ ଏଥିରେ ଆକ୍ରାନ୍ତ ହୋଇପାରିବେ। ବିଶେଷକରି ଛୋଟପିଲା, ଗର୍ଭବତୀ ଏବଂ ରୋଗପ୍ରତିରୋଧ ଶକ୍ତି ଦୁର୍ବଳ ଥିବା କିମ୍ବା ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ଘାତକ ହୋଇପାରେ।

### ୯୮% ସଂକ୍ରମିତ ସମଲିଙ୍ଗୀ

ଅପରପକ୍ଷେ ମଙ୍କିପକ୍ସ ମାମଲା ମଧ୍ୟରୁ ୯୫% ଶାରୀରିକ ସମ୍ପର୍କ ତଥା ଯୌନ କାର୍ଯ୍ୟକଳାପ ଯୋଗୁ ବ୍ୟାପୁଥିବା ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ୯୮% ସଂକ୍ରମିତ ସମଲିଙ୍ଗୀ। ସେମାନଙ୍କ ମଧ୍ୟରୁ ୪୧% ଏଚ୍‌ଆଇଭିରେ ଆକ୍ରାନ୍ତ ବୋଲି ସର୍ଭେରୁ ଜଣାପଡ଼ିଛି। ଏହି ରୋଗରେ ମୃତ୍ୟୁହାର ୩ରୁ ୬% ଥିବାରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ନ ଥାଏ ଏବଂ ଜଣେ ଏଥିରୁ ୩ରୁ ୪ ସପ୍ତାହ ମଧ୍ୟରେ ସୁସ୍ଥ ହୋଇଯାଇଥାନ୍ତି। ଏଥିପାଇଁ ଅଦ୍ୟାବଧି କୌଣସି ଚିକିତ୍ସା ପଦ୍ଧତି ବାହାରି ନାହିଁ। ଡବ୍ଲ୍ୟୁଏଚ୍‌ଓ ସାମୂହିକ ଟିକାକରଣ ସୁପାରିସ କରି ନ ଥିବାବେଳେ ଗତ ମେ'ରୁ ଆମେରିକା ଏହି ଭୂତାଣୁର ପ୍ରତିଷେଧକ ଭାବେ ସ୍ମଲପକ୍ସ ଭାକ୍ସିନେଶନ ଆରମ୍ଭ କରିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୪୯,୦୮,୦୧୭ | ୬୪,୦୨,୮୭୧ | ୫୪,୪୪,୮୯,୮୯୨ |
| ଭାରତ | ୪,୩୮,୮୮,୭୫୫ | ୫,୨୬,୦୩୩ | ୪,୩୨,୧୦,୫୯୨ |
| ଓଡ଼ିଶା | ୧୩,୦୬,୫୧୦ | ୯୧୩୨(+୫୩) | ୧୨,୯୦,୬୬୩ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସ୍ୱାମୀଙ୍କ ବେକରେ ଶିକୁଳି ବାନ୍ଧି ରଖ: ପ୍ରକୃତି

## ବାବୁସାନ୍-ତୃପ୍ତି-ପ୍ରକୃତି ହାଇଡ୍ରାମା

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ଭୁବନେଶ୍ୱର ରାସ୍ତାରେ ଶନିବାର ସକାଳେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ୍ ମହାନ୍ତି, ତାଙ୍କ ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ହୋଇଥିବା ହାଇଡ୍ରାମାକୁ ନେଇ ରବିବାର ଦିନତମାମ ଅନେକ ଚର୍ଚ୍ଚା ଓ ପ୍ରତିକ୍ରିୟା ଶୁଣିବାକୁ ମିଳିଛି। ଫିଲ୍ମ ଷ୍ଟାର ପରିବାରଙ୍କ ଘରୋଇ କଳି ବଢ଼ିବାରେ ଲାଗିଛି। ଗଣମାଧ୍ୟମ ଜରିଆରେ ଉଭୟ ପରିବାର ସଦସ୍ୟଙ୍କ ପକ୍ଷରୁ ଆରୋପ ପ୍ରତ୍ୟାରୋପ କରାଯାଇଛି। ଇନ୍‌ଷ୍ଟାଗ୍ରାମରେ ଭିଡିଓ ଜାରି କରି ପ୍ରକୃତି ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଭାଇରାଲ ହୋଇଥିବା ଘଟଣାର ଭିଡିଓ ଆପଣମାନେ ଦେଖିସାରିବେଣି। କିଛି ଲୋକ ମଜା ନେଉଛନ୍ତି ଏବଂ କେତେଜଣ ସମର୍ଥନ କରୁଛନ୍ତି। ବିନା କଥାବାର୍ତ୍ତାରେ ଜଣେ ନାରୀ ଆଉ ଜଣେ ନାରୀଙ୍କୁ ନିର୍ଯାତନା ଦେଲେ ଏବଂ ଆକ୍ରମଣ କଲେ। ସେ ୮ଜଣ ଗୁଣ୍ଡା ନେଇକି ଆସିଲେ। ତାଙ୍କ ବାପା ମୋ ଶାର୍ଟ ଭିଡ଼ାଭିଡ଼ି କଲେ ଓ ସମସ୍ତେ ମିଶି ମୋତେ ନିର୍ଯାତନା ଦେଲେ। ଆପଣମାନେ ଭିଡିଓରେ ଦେଖିଥିବେ, ସେହି ସମୟରେ ମୁଁ ସାହାଯ୍ୟ ମାଗୁଥିଲି, ସାହାଯ୍ୟ କରିବା ତ ଦୂରର କଥା, ସେଠି ଲୋକମାନେ ମୋ ସହ ସେଲ୍‌ଫି ନେଉଥିଲେ। ଆମେ କିଭଳି ସମାଜରେ ରହୁଛେ, ସତରେ ଭାବିଲା ବେଳକୁ ବହୁତ ଆଶ୍ଚର୍ଯ୍ୟ ଲାଗୁଛି। ଯାହା ବି ହେଉ ମୁଁ ଭାଙ୍ଗିଯିବି ନାହିଁ। ଗୋଟେ ଫିଲ୍ମ ନିର୍ମାଣ କରିବା ପାଇଁ ମୁଁ ବାହାରକୁ ଯାଉଥିଲି।



ଏହା ମୋର ବଡ଼ ପ୍ରୋଜେକ୍ଟ। ଦୁର୍ଭାଗ୍ୟବଶତଃ ଯାହାହେଲା ଭଲହେଲା। ଜଣା ପଡ଼ିଗଲା କିଏ କେମିତି। ମୋ ଉପରେ ବହୁତ ଜଣ ଘର ଭାଙ୍ଗିବାଠୁ ଆରମ୍ଭ କରି ଅନେକ ଅଭିଯୋଗ ଆଣିସାରିଲେଣି। କେହି କାହା ଘର ଭାଙ୍ଗି ପାରନ୍ତିନି। ଏହା ପୂର୍ବରୁ ଭାଙ୍ଗି ଯାଇଛି। ଯଦି ତୁମେ ତୁମର ସ୍ୱାମୀକୁ ବାହାରେ କାମ କରିବାକୁ ଚାହୁଁନାହଁ, ବେକରେ ଗୋଟେ ଶିକୁଳି ପକାଇ ଘରେ ରଖିଦିଅ ବୋଲି ପ୍ରକୃତି ତୃପ୍ତିଙ୍କ ନାମ ନ ନେଇ କହିଛନ୍ତି। ସେ କହିବାବେଳେ କାନ୍ଦି ପକାଉଥିବା ଦେଖିବାକୁ ମିଳିଛି। ସେ ଆହୁରି କହିଥିଲେ ଯେ, ଅନ୍ୟ ଝିଅକୁ ଟଣାଓଟରା କରି ରାସ୍ତାରେ ନିଜେ ଅପଦସ୍ଥ ହେଲ। ସେଭଳି କରିକି କ'ଣ ମିଳିଲା, ମୁଁ ବୁଝିପାରୁ ନାହିଁ। ମତେ ବଦନାମ କଲ, ବହୁତ ଭଲ। ମୁଁ ବହୁତ କାମ କରିଛି, କାମ କରିବି। ମୁଁ ମୋ ରାଜ୍ୟ ପାଇଁ ଯେତିକି ସୁନାମ ଅର୍ଜନ କରିବା କଥା କରିସାରିଛି। ଆହୁରି ବହୁତ କରିବି, ମୁଁ ଅଟକି ବି ନାହିଁ। ମୁଁ ଏକୁଟିଆ ଝିଅ ସେଠି ସମସ୍ତଙ୍କ ସାମ୍ନାରେ ଲଢ଼ିକି ଆସିଛି। ମୁଁ ସମସ୍ତଙ୍କୁ କହି ରଖୁଛି, ସବୁ ଝିଅ ଏଭଳି ପରିସ୍ଥିତିର ସାମ୍ନା କଲେ ଭାଙ୍ଗି ପଡ଼ନ୍ତୁନି। ମୋ ସମ୍ମାନ, ପରିବାରର ଶିକ୍ଷାକୁ ରକ୍ଷା କରି ମୁଁ ସେଠି ଚୁପ୍ ରହିଲି। ମୋ ବାପା ଓ ମା' ଆଇନର ଆଶ୍ରୟ ନେଇଛନ୍ତି। ଆକ୍ରମଣ ବିରୋଧରେ ଯାହା ବି ଆଇନର ବ୍ୟବସ୍ଥା ଅଛି, ତାହା ହେବ। ମୋତେ ଯେଉଁମାନେ ସମର୍ଥନ କରିଛନ୍ତି ତାଙ୍କୁ ବହୁତ ଧନ୍ୟବାଦ। ରିଲ୍ ଲାଇଫ୍ ହିରୋଇନରୁ ମୋତେ ରିଏଲ୍ ଲାଇଫ୍ ହିରୋଇନ ବନେଇଦେଲେ। ମୁଁ ଅଟକିବି ନାହିଁ। ମତେ ଯେତେ ଭାଙ୍ଗି ପକାଇଲେ ବି ମୁଁ ଯୋଡ଼ି ହେଇ ପୁଣି ଥରେ ଛିଡ଼ା ହେବି ବୋଲି ପ୍ରକୃତି କହିଛନ୍ତି।

### 'ଅଭିଯୋଗ ଆସିଲେ କାଉନସେଲିଂ କରାଯିବ'

ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଘଟଣା ସମ୍ପର୍କରେ ଗଣମାଧ୍ୟମ ଜରିଆରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ମାମଲାରେ କାଉନସେଲିଂର ଆବଶ୍ୟକତା ରହିଛି ବୋଲି ମୁଁ ଅନୁଧ୍ୟାନ କରୁଛି। ଅଭିଯୋଗ ଆସିଲେ କାଉନସେଲିଂ କରିବୁ ଏବଂ ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ଅଧ୍ୟକ୍ଷା ବେହେରା କହିଛନ୍ତି।

### 'ଖରାପ ସଙ୍ଗତରେ ପୁଅ ପଡ଼ିଗଲା'



ଘଟଣାକୁ ନେଇ ବାବୁସାନ୍‌ଙ୍କ ମା' ଅପରାଜିତା ମହାନ୍ତି ଗଣମାଧ୍ୟମ ଜରିଆରେ ନାଁ ନ ନେଇ ଅନେକ କଥା କହିଛନ୍ତି। ସେ କହିଛନ୍ତି, ୬ ଦିନ ହେଲା ମୁଁ ନ ଥିଲି। ଗଣମାଧ୍ୟମ ଦ୍ୱାରା ଘଟଣା ବିଷୟରେ ଜାଣି ଭୁବନେଶ୍ୱରକୁ ଆସିଲି। ସାରା ଓଡ଼ିଶା ଆମ ପରିବାର ଏବଂ ଓଡ଼ିଆ ଫିଲ୍ମ ଜଗତ ସହ ଅଛନ୍ତି। ସିଏ ହେଉଛି ପ୍ରକୃତ ବନ୍ଧୁ, ଯିଏ ଜଣେ ବନ୍ଧୁଙ୍କୁ ଶାରୀରିକ, ମାନସିକ, ଆର୍ଥିକ ଏବଂ ପାରିବାରିକ ପ୍ରସଙ୍ଗରେ ସାହାଯ୍ୟ କରେ। ବନ୍ଧୁ କେବେ କ୍ଷତି ହେବାକୁ ଦିଏନାହିଁ। ଯଦି ବନ୍ଧୁ ଦ୍ୱାରା ଏସବୁ କ୍ଷତି ହେଲା ସେ କ'ଣ ପ୍ରକୃତ ବନ୍ଧୁ କି? ସେ କେବେ ବି ବନ୍ଧୁ ନୁହେଁ। ବାବୁସାନ୍ ଗୋଟିଏ ବହୁତ ଭଲ ଛୁଆ, ବହୁତ ସ୍ନେହୀ ଏବଂ ଗେହ୍ଲା। ସେ ବହୁତ ଭଲପାଇବା ଚାହେଁ। ତା'ର ମୋ ସାଙ୍ଗରେ କଳି, ଆଦର, ଗେଲ ସବୁ ଥାଏ। ଓଡ଼ିଆ ଇଣ୍ଡଷ୍ଟ୍ରିକୁ ନେଇ ତା'ର ବହୁତ ସ୍ୱପ୍ନ। କାମକୁ ନେଇ ମୋ ସହ ଆଲୋଚନା କରେ। ହେଲେ ଦେଢ଼/ ୨ ବର୍ଷ ମଧ୍ୟରେ କୋଭିଡ ସମୟରେ ସେ କେଉଁ ସଙ୍ଗତରେ ପଡ଼ିଲା, କ'ଣ ତା ସାଙ୍ଗରେ ହେଲା, ମୁଁ କିଛି ବି ଜାଣି ପାରିଲି ନାହିଁ। ତା'ର ଚରିତ୍ର ପୂରା ବଦଳିଗଲା। ତା' ବ୍ୟବହାରକୁ ନେଇ ବୁଝାଇବାକୁ ଚାହେଁ। ସେହି ସମୟରେ ସେ କିଛି ଖରାପ ସଙ୍ଗତରେ ପଡ଼ିଗଲା, ଫଳରେ ସର୍ବନାଶ ହେଲା। ନିଜକୁ ବୁଝିପାରିଲାନି, କେଉଁଟା ଠିକ୍ କେଉଁଟା ଭୁଲ୍ ଜାଣିପାରିଲାନି। ଯେଉଁମାନଙ୍କୁ ସେ ଏତେ ଭଲପାଏ ତାଙ୍କ କଥା ପସନ୍ଦ ହେଲାନି। ବାବୁସାନ୍ କିଭଳି ତା' ସ୍ତ୍ରୀ ଓ ଛୁଆଙ୍କ ପାଖକୁ ଫେରିଆସୁ ସେନେଇ ଓଡ଼ିଶାବାସୀ ଆଶୀର୍ବାଦ କରନ୍ତୁ ବୋଲି ଅପରାଜିତା କହିଛନ୍ତି।

### ଅପରାଜିତାଙ୍କୁ ଟାର୍ଗେଟ୍ କଲେ ପ୍ରକୃତିଙ୍କ ମା'



ପ୍ରକୃତିଙ୍କ ମା' କୃଷ୍ଣପ୍ରିୟା ମିଶ୍ର ଘଟଣାକୁ ନେଇ ଅପରାଜିତାଙ୍କୁ ଗଣମାଧ୍ୟମ ଜରିଆରେ ଟାର୍ଗେଟ କରିଛନ୍ତି। ପ୍ରତିକ୍ରିୟାରେ କୃଷ୍ଣପ୍ରିୟା କହିଛନ୍ତି, ବାବୁସାନ୍‌ଙ୍କଠୁ ପ୍ରକୃତି ୫ପଇସା ଆଣିନାହିଁ। ଅନେକ ସମୟରେ ବାବୁସାନ୍‌ଙ୍କୁ ପ୍ରକୃତି ଆର୍ଥିକ ସାହାଯ୍ୟ କରିଛି। ତାଙ୍କ ବୋହୂ ତୃପ୍ତି ଏବଂ ସମୁଦୀ ଲଳିତ ଗୁଣ୍ଡା ଆଣିକି ଗୋଟେ ଝିଅକୁ ରାସ୍ତାରେ ଆକ୍ରମଣ କଲେ। ଏହାକୁ ନେଇ ଅପରାଜିତା କିପରି ଚୁପ୍ ରହିଲେ। ସେ ଜଣେ ନାରୀ ନେତ୍ରୀ। ମହିଳାଙ୍କ ଉପରେ ଆକ୍ରମଣ ହେଲେ, ସେ ସ୍ୱର ଉତ୍ତୋଳନ କରୁଛନ୍ତି। ହେଲେ ଏବେ ଚୁପ୍ ରହିବା ଜଣେ ନାରୀ ନେତ୍ରୀଙ୍କ ପକ୍ଷରେ ଶୋଭାପାଉଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।

### 'ମତେ କେହି ବ୍ଲାକ୍‌ମେଲ୍ କରିନାହାନ୍ତି'

ବୈବାହିକ ଜୀବନ ଖୁସିରେ ଚାଲୁଥିବା ବେଳେ ପ୍ରକୃତି ଭିତରେ ପଶି ପରିବାରରେ ଅଶାନ୍ତି ସୃଷ୍ଟି କରିଥିଲେ ବୋଲି ବାବୁସାନ୍‌ଙ୍କ ସ୍ତ୍ରୀ ତୃପ୍ତି କହିଥିଲେ। ଏପରିକି ସମ୍ମାନକୁ ତଳେ ପକାଇବାକୁ ପ୍ରକୃତି ବ୍ଲାକ୍‌ମେଲ୍ କରିଥିଲେ ବୋଲି ସେ କହିଥିଲେ। ହେଲେ ବାବୁସାନ୍ ରବିବାର ସନ୍ଧ୍ୟାରେ ଏକ ଭିଡିଓ ଛାଡ଼ିଛନ୍ତି। ସେଥିରେ ନାଁ ନ ନେଇ ସେ ପରୋକ୍ଷରେ ପ୍ରକୃତିଙ୍କୁ ଜଣେ ଭଲ ସାଙ୍ଗ ବୋଲି କହିବା ସହ ତାଙ୍କୁ କେହି ବ୍ଲାକ୍‌ମେଲ୍ କରି ନ ଥିଲେ ବୋଲି କହିଛନ୍ତି। ବାବୁସାନ କହିଛନ୍ତି, ଉତ୍କଳ ସମାଜର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଁ ଚେନ୍ନାଇ ଆସିଥିଲି। କିନ୍ତୁ ମୋ ପ୍ରଯୋଜକ ମନା କରିଛନ୍ତି, ତେଣୁ ମୁଁ ଏଠାରୁ ଯାଇପାରୁନାହିଁ। ଯେଉଁ ଭାଇରାଲ ଭିଡିଓଟି ଆପଣ ଦେଖୁଛନ୍ତି, ସେ ଭିଡିଓରେ ଯିଏ ଅଛନ୍ତି ସେ ମୋର ବହୁତ ଭଲ ସାଙ୍ଗ। ନା ସିଏ ମତେ ବ୍ଲାକ୍‌ମେଲ୍ କରୁଛନ୍ତି, ନା ସିଏ ମୋ ଠୁ ପଇସା ନେଇଛନ୍ତି, ନା ସିଏ ମତେ ହଇରାଣ କରୁଛନ୍ତି। ସେ ସବୁବେଳେ ମତେ ସପୋର୍ଟ କରିଛନ୍ତି ବୋଲି ବାବୁସାନ୍ କହିଛନ୍ତି। ସୂଚନାଥାଉ କି ବାବୁସାନ୍ ଶନିବାର କହିଥିଲେ ଯେ, ପ୍ରକୃତି ତାଙ୍କର କେବଳ ଭଲ ବନ୍ଧୁ। ଏଣିକି ଆଉ ସେ ପ୍ରକୃତିଙ୍କ ସହ ଆଉ ଫିଲ୍ମ କରିବେ ନାହିଁ। ଏପରିକି ଦରକାର ପଡ଼ିଲେ ଆଉ କୌଣସି ଅଭିନେତ୍ରୀଙ୍କ ସହ ଫିଲ୍ମ କରିବେ ନାହିଁ ବୋଲି କହିବା ସହ ସ୍ତ୍ରୀଙ୍କ ବିରୋଧରେ କିଛି ଅଭିଯୋଗ ନାହିଁ ବୋଲି ଜଣାଇଥିଲେ।



### ୭ ଜଣଙ୍କ ବୟାନ ରେକର୍ଡ କଲା ପୋଲିସ

#### ବାବୁସାନ୍, ପ୍ରକୃତିଙ୍କୁ ଥାନାକୁ ଡକରା

ଖାରବେଳନଗର ଥାନାରେ ଘଟଣାକୁ ନେଇ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ଏଯାବତ୍ ୭ ଜଣଙ୍କ ବୟାନ ରେକର୍ଡ କରିଛି। ସେମାନେ ହେଲେ ବାବୁସାନ୍‌ଙ୍କ ମା' ଅପରାଜିତା, ସ୍ତ୍ରୀ ତୃପ୍ତି, ଶ୍ୱଶୁର ଲଳିତ ଶତପଥୀ, ମାଉସୀ ସଙ୍ଗୀତା ପ୍ରହରାଜ, ମଉସା ଅଶୋକ ପ୍ରହରାଜ, ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ଓ ମା' କୃଷ୍ଣପ୍ରିୟା ମିଶ୍ର। ଅନ୍ୟପକ୍ଷରେ ପୋଲିସ ଟିମ୍ ରବିବାର ପୂର୍ବାହ୍ନରେ ଘଟଣା ଘଟିଥିବା ସତ୍ୟନଗରସ୍ଥିତ ଏକ ଗେଷ୍ଟ ହାଉସ୍ ସାମ୍ନାକୁ ଯାଇ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ସହ ଆଲୋଚନା କରି ବୟାନ ରେକର୍ଡ କରିଛନ୍ତି। ଖାରବେଳନଗର ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପ୍ରକୃତି ଓ ବାବୁସାନ୍‌ଙ୍କୁ ଥାନାକୁ ଡକାଯାଇଛି। ସେମାନେ ଥାନାକୁ ଆସିଲେ ଘଟଣା ନେଇ ପଚରାଉଚରା କରାଯିବ ବୋଲି ସ୍ୱାଇଁ କହିଛନ୍ତି।

# ଏଲାୟନ୍ସ ଏୟାର ବିମାନର ପରୀକ୍ଷାମୂଳକ ଉଡ଼ାଣ

## ଝାରସୁଗୁଡ଼ାରୁ ରାୟପୁର ଦେଇ ଦିଲ୍ଲୀ



ଝାରସୁଗୁଡ଼ା ଅଫିସ,୨୪।୭

ଏଲାୟନ୍ସ ଏୟାର ତରଫରୁ ଝାରସୁଗୁଡ଼ା ଭିଏସ୍ଏସ୍ ବିମାନବନ୍ଦରରୁ ଭାୟା ରାୟପୁର ଦେଇ ଦିଲ୍ଲୀକୁ ରବିବାର ପରୀକ୍ଷାମୂଳକ ଭାବେ ବିମାନ ଚଳାଚଳ ଆରମ୍ଭ କରିଛି। ଏହି ଅବସରରେ ଏଲାୟନ୍ସ ଏୟାରର ୭୦ ଆସନ ବିଶିଷ୍ଟ ୯୧୭୪୮ ନଂ. ବିମାନରେ ଝାରସୁଗୁଡ଼ାରୁ ରାୟପୁର ଦେଇ ଦିଲ୍ଲୀକୁ ମୋଟ ୧୨ଜଣ ଯାତ୍ରୀ ଯାଇଥିଲେ। ସେହିପରି ଦିଲ୍ଲୀରୁ ରାୟପୁର ଦେଇ ଝାରସୁଗୁଡ଼ାକୁ ଜଣେମାତ୍ର ଯାତ୍ରୀ ଆସିଥିଲେ ବୋଲି ଏଲାୟନ୍ସ ଏୟାରର ଅଧିକାରୀ ଅଭିଜିତ୍ ଶତପଥୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏନେଇ ଝାରସୁଗୁଡ଼ା ଭିଏସ୍ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ପବନ ଜୁତଶୋ କହିଛନ୍ତି, ରାୟପୁର ଦେଇ ଏଲାୟନ୍ସ ଏୟାର ବିମାନ ପରୀକ୍ଷାମୂଳକ ଭାବେ ଚଳାଚଳ ଆରମ୍ଭ କରିଛି। ଆଗାମୀ ଦିନରେ ଯଦି ଯାତ୍ରୀସଂଖ୍ୟା ବୃଦ୍ଧି ପାଇବ, ତା'ହେଲେ ଭାୟା ରାୟପୁର ଦେଇ ଏହି ବିମାନ ଚଳାଚଳ କରିବ ବୋଲି ସେ କହିଛନ୍ତି। ବିମାନ ଉଡ଼ାଣ ସମୟରେ ଭିଏସ୍ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ଜୁତଶୋ ଓ ଏଲାୟନ୍ସ ଏୟାରର ଅଧିକାରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।









**ଆଜିର ମନ୍ତବ୍ୟ**

ଭାରତ ଉପରେ କୌଣସି ଦେଶ କୁଦୃଷ୍ଟି ପକାଇଲେ ଆମ ସଶସ୍ତ୍ର ବଳ ଉଚିତ ଜବାବ ଦେବା ପାଇଁ ପ୍ରସ୍ତୁତ। ଭାରତ ଯେକୌଣସି ଯୁଦ୍ଧରେ ବିଜୟ ହାସଲ ଲାଗି ସମର୍ଥ। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅକ୍ଷୟ ପୁଣି ଥରେ ସର୍ବୋଚ୍ଚ ଟିକସଦାତା



**ମୁମ୍ବାଇ,୨୪।୭**

ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ପୁଣିଥରେ ଦେଶର ମନୋରଞ୍ଜନ ଇଣ୍ଡଷ୍ଟ୍ରିର ସର୍ବୋଚ୍ଚ ଟିକସଦାତା ହୋଇଛନ୍ତି। ଆଗାମୀ ଚଳଚ୍ଚିତ୍ରର ଶୁଟିଂ ପାଇଁ ଅକ୍ଷୟ ବ୍ରିଟେନରେ ରହିଥିବାବେଳେ ଆୟକର ବିଭାଗରୁ ସେ ପାଇବାକୁ ଥିବା 'ସମ୍ମାନ ପତ୍ର'କୁ ତାଙ୍କ ଟିମ୍ ଗ୍ରହଣ କରିଛି। ସେ ଲଗାତର ୫ ବର୍ଷ ହେଲା ମନୋରଞ୍ଜନ ଜଗତର ସର୍ବୋଚ୍ଚ ଟିକସଦାତା ରହିଆସିଥିବା ଜଣାପଡ଼ିଛି। ଜୁନ୍ ୩ରେ ରିଲିଜ୍ ହୋଇଥିବା ତାଙ୍କ ଶେଷ ଅଭିନୀତ ଫିଲ୍ମ 'ସମ୍ରାଟ ପୃଥ୍ୱୀରାଜ'କୁ ମିଶ୍ରିତ ପ୍ରତିକ୍ରିୟା ମିଳିଥିଲା। ସିନେମା ହଲ୍‌କୁ ଦର୍ଶକଙ୍କୁ ଟାଣିଆଣିବାରେ ଫିଲ୍ମଟି ସକ୍ଷମ ହୋଇପାରି ନ ଥିଲା। ତଥାପି ତାଙ୍କ ହାତରେ ଆହୁରି ଅନେକ ଫିଲ୍ମ ରହିଛି। ତାଙ୍କ ଅଭିନୀତ କେତେକ ଫିଲ୍ମ କିଛି ମାସରେ ରିଲିଜ୍ ହେବାକୁ ଯାଉଛି। ସେଥିମଧ୍ୟରେ ରହିଛି ରକ୍ଷା ବନ୍ଧନ, ରାମ ସେତୁ ଓ ସେଲ୍‌ଫି । ଏହାଛଡ଼ା ତାଙ୍କ ଅଭିନୀତ ଆଗାମୀ ଫିଲ୍ମଗୁଡ଼ିକ ମଧ୍ୟରେ 'ଓଃ ମାଇଁ ଗଡ୍-୨', 'ସୁରରାଇ ପଟ୍ଟୁ'ର ରିମେକ୍, ବଡ଼େ ମିଆଁ ଛୋଟେ ମିଆଁ ଓ ଗୋରଖା ଆଦି ରହିଛି।

# ଛାତ୍ରୀଙ୍କୁ ମାଡ଼ ଘଟଣାରେ ଶିକ୍ଷକ ନିଲମ୍ବିତ

**ବାସୁଦେବପୁର,୨୪।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଦେଇପୁର କ୍ଲଷ୍ଟରର ସୁନାମୁହିଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ମାଡ଼ ଘଟଣାରେ ଶିକ୍ଷକ କଳ୍ପତରୁ ମଲିକଙ୍କୁ ରବିବାର ନିଲମ୍ବନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଶିକ୍ଷକ ମଲିକଙ୍କୁ ନିଲମ୍ବନ କରିଥିବା ବିଦେଇପୁର କ୍ଲଷ୍ଟର ସିଆର୍‌ସିସି ଶରତ ଓଝା ସୂଚନା ଦେଇଛନ୍ତି। କ୍ଲଷ୍ଟର ସିଆର୍‌ସିସିଙ୍କୁ ଶିକ୍ଷକଙ୍କ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏନେଇ ଶିକ୍ଷକ ମଲିକଙ୍କୁ ଅବଗତ କରି ଦିଆଯିବ ବୋଲି ବିଇଓ ଜଗବନ୍ଧୁ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକ ମଲିକ ଶନିବାର ପାଠ ପଢ଼ାଉଥିବା ବେଳେ ୧୪ଜଣ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ମଧ୍ୟରୁ ଆହତ ୪ ଛାତ୍ରୀ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ଘଟଣାକୁ ନେଇ ଅଭିଭାବକମାନେ ସ୍କୁଲରେ ପହଞ୍ଚି ଶିକ୍ଷକ ମଲିକଙ୍କୁ ଅଟକ ରଖିଥିଲେ। ପରେ କଷିଆ ସାମୁଦ୍ରିକ ଥାନା ପୋଲିସ ତାଙ୍କୁ ଥାନାକୁ ନେଇ ପ୍ରାଥମିକ ତଦନ୍ତ ପରେ ଛାଡ଼ି ଦେଇଥିଲା। ଶିକ୍ଷକ ଛାତ୍ରୀମାନଙ୍କୁ ମାଡ଼ ମାରିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା।


## classifieds Everyday
0674-2580101, 2549302



### SALE

ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। **9437765989.** D-73289

**Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862.** D-73284

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଶୀରେ ୩୦'ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73541

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287



Shoproom (10'x10') infront of Bijupattnaik College mainroad Jayadevvihar, Bhubaneswar. Contact: 9938511622. D-1090



Full body massage in homely atmospher all therapy. Mob: 8114881641. D-73406

Refreshing your mind and body with the best therapy, 7873794731. D-872

Relief SPA full body massage both ladies and gents. 8280185642. D-1073

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Newly open SPA positively health benifit with expert. Contact: 7749976301. D-73845

Newly opened full body massage center by expert therapist. 7381172169. D-73622

**Relax, Refresh your body, Mind at Saikrupa Spa with best therapies. 8984068077.** D-980

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘିଅ ସରସର ଗୁଡ଼ ସରସର**
**ଫୁଲୁଥାଏ ବିରିବରା,**
**ତୁଚ୍ଛା ପଲମରେ ଫୁଲି ମରୁଥାଏ**
**ନିଲଠା ଚିତଉ ଫଡା।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘର ଭଣ ଭଣ ଦୁଆରେ ତାଟି,**
**ସାହୁ ପଡିଆରା ଝିଅ ଦିଓଟି।**

ଘରର ଅବସ୍ଥା ଦୟନୀୟ, ସେଥିରେ ବଢ଼ନ୍ତା ଝିଅ। କେତେବେଳେ କେଉଁକଥା। ଏପରିସ୍ଥଳେ ସାହୁକାର ଭୟରେ ଝିଅ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ନୀରଜଙ୍କ ଚମକ...

ଅବସରରେ ଫାଉଲ୍ କରିବାରୁ ୮୮.୧୩ ମିଟରକୁ ବିଚାରକୁ ନିଆଯାଇଥିଲା। ଗତଥରର ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସ ୯୦.୫୪ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ପାଇଥିଲେ। ଅଲିମ୍ପିକ୍ ରୌପ୍ୟ ବିଜେତା ଚେକ୍ ରିପବ୍ଲିକ୍‌ର ଜାକୁବ ଭାଡ୍ଲେଚ୍ ୮୮.୦୯ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଜାଭେଲିନ୍ ଇତିହାସରେ ଦ୍ୱିତୀୟ ବ୍ୟକ୍ତି ଭାବେ ପିଟର୍ସ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଥିଲେ। ତାଙ୍କ ପୂର୍ବରୁ ଚେକ୍ ରିପବ୍ଲିକ୍‌ର ଜାନ୍ ଜେଲେଜ୍‌ନି ୧୯୯୩ ଓ ୧୯୯୫ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ପିଟର୍ସ ଏଠାରେ ଫାଇନାଲ ଅବସରରେ ନିଜ ଦକ୍ଷତା ଦେଖାଇଥିଲେ। ସେ ୩ ଥର ୯୦ ମିଟରରୁ ଊର୍ଦ୍ଧ୍ୱ ଥ୍ରୋ କରିଥିଲେ। ସେ ପ୍ରଥମ ଉଦ୍ୟମରେ ୯୦.୨୧, ଦ୍ୱିତୀୟରେ ୯୦.୪୬ ଏବଂ ୬ଷ୍ଠ ଉଦ୍ୟମରେ ୯୦.୫୪ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ।

କ୍ୱାଲିଫିକେଶନ ରାଉଣ୍ଡର ଗ୍ରୁପ୍ 'ଏ'ରେ ୮୮.୩୯ ମିଟର ଥ୍ରୋ କରିବା ସହିତ ନୀରଜ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ତୃତୀୟ ଶ୍ରେଷ୍ଠ ଥ୍ରୋ। ପିଟର୍ସ ୮୯.୯୧ ମିଟର ସହିତ ଏହି ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଥିଲେ। ପ୍ରଦର୍ଶନଭିତ୍ତିରେ ଦୁଇଜଣଯାକ ଜାଭେଲିନ ଥ୍ରୋୟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ରୋହିତ ଯାଦବ ୭୮.୭୨ ମିଟର ସହିତ ୧୦ମ ସ୍ଥାନରେ ରହିଥିଲେ। କ୍ୱାଲିଫିକେଶନ ରାଉଣ୍ଡରେ ସେ ୮୦.୪୨ ମିଟର କ୍ଲିୟର କରିଥିବାରୁ ଓଭରଅଲ୍ ୧୧ତମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।

ଗତବର୍ଷ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ୮୭.୫୮ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଐତିହାସିକ ସଫଳତା ପାଇଥିଲେ। ଅଲିମ୍ପିକ୍ସରେ ଆଥଲେଟିକ୍ସ ଇଭେଣ୍ଟରୁ ଭାରତର ଏହା ଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ଅଭିନବ ବିନ୍ଦ୍ରାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ନୀରଜ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ତାରକା ଶୁଟର ବିନ୍ଦ୍ରା ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ସଫଳତା ବ୍ୟତୀତ ନୀରଜ ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ, ୨୦୧୬ ସାଉଥ୍ ଏସିଆନ ଗେମ୍ସ ଓ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

### ପାଇଖାନାରେ ନାବାଳିକାଙ୍କୁ ...

ଉଦ୍ଧାର କରିବା ବେଳକୁ ଜ୍ୟୋସ୍ନାଙ୍କ ମୃତ୍ୟୁ ହୋଇସାରିଥିଲା। ଖବରପାଇ ନୀଳଗିରି ଏସ୍‌ଡିପିଓ ରିତେଶ ମହାପାତ୍ର ଓ ଖଇରା ଆଇଆଇସି ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ଦଳୀୟ ନେତା ରାଜେଶ ମହାକୁଡଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏଭଳି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି। ଏଥିସହ ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପୂର୍ବରୁ ପୋଲିସ ତରବରିଆ ଭାବେ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ନେଇ ପୋଲିସର କାର୍ଯ୍ୟକଳାପ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେହିଭଳି ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟ କମଳିନୀ ମାଝି, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ଆଧାର-ଭୋଟର କାର୍ଡ ...

ବୋଲି କହିଥିଲେ। ରାଜ୍ୟ ସଭାରେ ବିଲ୍ ଉପରେ ବିତର୍କ ବେଳେ ଟିଏମ୍‌ସି ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଅଧ୍ୟକ୍ଷଙ୍କ ଆଡ଼କୁ ରୁଲ୍ ବୁକ୍ ଫିଙ୍ଗି ଗୃହରୁ ନିଲମ୍ବିତ ହୋଇଥିଲେ। ଉକ୍ତ ବିଲ୍‌କୁ ଧ୍ୱନିମତରେ ମାତ୍ର ୨୪ ମିନିଟ ମଧ୍ୟରେ ଉଭୟ ଗୃହରେ ଯେପରି ଭାବେ ଗୃହୀତ କରାଯାଇଥିଲା, ତାକୁ ନେଇ ସବୁ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଏନେଇ କଂଗ୍ରେସ ଏମ୍‌ପି ଶଶୀ ଥରୁର କହିଛନ୍ତି, ନାଗରିକତ୍ୱ ନୁହେଁ, ବରଂ ବାସିନ୍ଦା ପ୍ରମାଣପତ୍ର ଭାବେ ଆଧାର ଅଣାଯାଇଥିଲା। କିନ୍ତୁ ସରକାରଙ୍କ ଏହି ଆଇନ ଯୋଗୁ ଜଣେ ଅଣନାଗରିକ ମଧ୍ୟ ମତଦାନ ଅଧିକାର ପାଇପାରିବେ। ସୁପ୍ରିମକୋର୍ଟରେ ରଣଦୀପ ସୁର୍ଯେ୍ୱାଲାଙ୍କ ପିଟିଶନର ଶୁଣାଣି ସୋମବାର କରାଯିବ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ଏହାର ବିଚାର କରିବେ।

## ପ୍ରଥମ ପୃଷ୍ଠାରୁ...

### ପ୍ରଜ୍ଞା ମିଶ୍ର ରାଜ୍ୟ ...

ରାଜ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଗତବର୍ଷ କରୋନା ପାଇଁ ପରୀକ୍ଷା ହୋଇ ନ ଥିଲା। ଏଥର କରୋନା ସଂକ୍ରମଣ କମିଯାଇଥିବାରୁ ଅଫ୍‌ଲାଇନ ପରୀକ୍ଷା ପାଇଁ କାଉନସିଲ ନିଷ୍ପତ୍ତି ନେଇଥିଲା। ଏପ୍ରିଲ ୬ ରୁ ଜୁନ୍ ୧୩ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସାରା ଦେଶରୁ ମୋଟ ୯୬,୯୪୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିଭଳି ରାଜ୍ୟରେ ଥିବା ମୋଟ ୨୬ ସ୍କୁଲ୍‌ରୁ ୧,୮୭୧ଜଣ ଛାତ୍ରୀଛାତ୍ର ଦ୍ୱାଦଶ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରେ ୯୨୨ଜଣ ଛାତ୍ରୀ ଓ ୯୪୯ଜଣ ଛାତ୍ର ଥିଲେ। ତେବେ ୧,୮୬୧ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୯.୪୭% ରହିଛି। ଝିଅଙ୍କ ପାସ୍ ହାର ୯୯.୬୭% ଓ ପୁଅଙ୍କ ପାସ୍ ହାର ୯୯.୨୬% ରହିଛି। ପରୀକ୍ଷା ଦେଇଥିବା ସମସ୍ତ ୧୨୫ଜଣ ଏସ୍‌ସି ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୮୫ଜଣ ଏସ୍‌ଟି ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପାସ୍ ହାର ୯୯.୬୫% ରହିଛି। ସେହିଭଳି ୨୦୭ଜଣ ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଏବଂ ସମସ୍ତ ପିଲା ପାସ୍ ହୋଇଥିବା କାଉନ୍‌ସିଲ ପକ୍ଷରୁ ସୂଚନା ଦିଆଯାଇଛି।

### ଆଇଜରରେ ଗବେଷଣାତ୍ମକ ପଢିବା ଲକ୍ଷ୍ୟ

ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଜ୍ୟସ୍ତରରେ ପ୍ରଥମ ର୍‌ୟାଙ୍କ ହାସଲ କରିଛି। ମୋର ୯୯.୨୫% ମାର୍କ ରହିଛି। ପରୀକ୍ଷା ପାଇଁ ଯଥେଷ୍ଟ ପରିଶ୍ରମ କରିଥିଲି। ସ୍କୁଲ ଏବଂ ଘରେ ପାଠପଢାକୁ ଅଧିକ ଗୁରୁତ୍ୱ ଦେଉଥିଲି। ଶିକ୍ଷୟିତ୍ରୀ, ଶିକ୍ଷକମାନେ କୌଣସି ବିଷୟରେ ସନ୍ଦେହ ହେଲେ ବୁଝାଇବାରେ ସହଯୋଗ କରୁଥିଲେ। ପରିବାର ସଦସ୍ୟ ମଧ୍ୟ ପୂର୍ଣ୍ଣ ସହଯୋଗ କରୁଥିଲେ। କେବେ ଭାବି ନ ଥିଲି ରାଜ୍ୟସ୍ତରରେ ର୍‌ୟାଙ୍କ ହାସଲ କରିବି। ବହୁତ ଖୁସି ଅଛି। ଆଗକୁ ଯୁକ୍ତ ୩ ବିଜ୍ଞାନ ବିଭାଗରେ ପାଠ ପଢିବି। ଆଇଜରରେ ଗବେଷଣାତ୍ମକ ପାଠ ପଢିବା ମୋର ଲକ୍ଷ୍ୟ।

**-ପ୍ରଜ୍ଞା ମିଶ୍ର, ଡି ପଲ୍ ସ୍କୁଲ, ବ୍ରହ୍ମପୁର**

### ଆଇଏଏସ୍ ଅଫିସର ହେବି



ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଜ୍ୟସ୍ତରରେ ଦ୍ୱିତୀୟ ର୍‌ୟାଙ୍କ ହାସଲ କରିଛି। ୯୮.୭୫% ରଖିଛି। ପରୀକ୍ଷା ପାଇଁ ପାଠ ପଢ଼ିବା ବେଳେ କେଉଁଦିନ କେତେ ସମୟ ମଧ୍ୟରେ କେଉଁ ବିଷୟ ସରିବ ସେ ନେଇ ଅଧିକ ଧ୍ୟାନ ଦେଉଥିଲି। ପ୍ରଶ୍ନର କିଭଳି ଉତ୍ତର ଦେବି ସେ ନେଇ ଅଧିକ ପ୍ରସ୍ତୁତ ହେଉଥିଲି। ପରିବାରର ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରୁଥିଲେ। ଯଦ୍ୱାରା ଆଜି ସଫଳତାର ଶୀର୍ଷରେ ପହଞ୍ଚି ପାରିଛି। ଆଗକୁ ଯୁକ୍ତ ୩ କଳାରେ ଅର୍ଥନୀତି(ସମ୍ମାନ)ରେ ଅଧ୍ୟୟନ କରିବି। ସିଭିଲ ସର୍ଭିସ ପରୀକ୍ଷା ପାଇଁ ଲକ୍ଷ୍ୟ ରଖି ପଢ଼ିବି। ଆଇଏଏସ ଅଫିସର ହେବାକୁ ମୋର ଇଚ୍ଛା।

**-ସୌମ୍ୟା ପଟ୍ଟନାୟକ,ଡି ପଲ ସ୍କୁଲ, ବ୍ରହ୍ମପୁର**

### ସଫଳତାରେ ବହୁତ ଖୁସି



ମୁଁ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ସ୍କୁଲ ଲାଇବ୍ରେରି ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ସହଯୋଗ ନେଉଥିଲି। ସିବିଏସ୍‌ସି ପରୀକ୍ଷାରେ ଭଲ ମାର୍କ ରଖି କୌଣସି ଆଇଆଇଟିରେ ସ୍ଥାନ ପାଇବି ଏବଂ ଜଣେ ସଫ୍ଟୱେୟାର ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖି ପରିଶ୍ରମ କରୁଥିଲି। ଏହି ସଫଳତାରେ ମୁ ବହୁତ ଖୁସି। ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠାର ସହ କଠୋର ପରିଶ୍ରମ କଲେ ସଫଳତା ମିଳିଥାଏ ।

-ଲଳିତେନ୍ଦୁ ଜଗଜ୍ୟୋତି ମିଶ୍ର, ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲ, ରାଉରକେଲା

### କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ



ମୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରିଥିଲି। ପାଠ ସମ୍ବନ୍ଧୀୟ କୌଣସି ସନ୍ଦେହ ରହିଲେ ତୁରନ୍ତ ଅଧ୍ୟାପିକା ଅଧ୍ୟାପକଙ୍କଠାରୁ ତାହା ବୁଝୁଥିଲି। ଏଥିସହ ମା' ବାପା ମୋତେ ଗାଇଡ କରୁଥିଲେ। ରେଜଲ୍ଟରେ ମୁ ବହୁତ ଖୁସି ଅଛି। ଭବିଷ୍ୟତରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ମୋ ସଫଳତାର ଶ୍ରେୟ ମା' ବାପାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଦେବି।

**-ସ୍ନେହା ମିଶ୍ର, ସେଣ୍ଟ ଜେସେଫ କନଭେଣ୍ଟ ସ୍କୁଲ, ରାଉରକେଲା**

### ଦୁଇ ହାତୀ କଙ୍କାଳ ...

ଘଣ୍ଟା ଚାଲି ଚାଲି ଯିବା ପରେ ହେଡୁଆ ସୁଖା ପାହାଡ଼ ପାଦ ଦେଶରେ ଏକ ପ୍ରାପ୍ତ ବୟସ୍କ ହାତୀର ଦର ପୋଡ଼ା କଙ୍କାଳ ଜବତ କରିଥିଲା ଏସ୍‌ଟିଏଫ୍। ଏକାଧିକ ହାଡ଼, ଖପୁରି ପୋଡ଼ି ପାଉଁଶ ହୋଇ ଯାଇଥିଲାବେଳେ କିଛି ହାଡ଼ ଅଧା ପୋଡ଼ା ଅବସ୍ଥାରେ ପଡ଼ିଥିଲା। ତାହାର ନମୁନା ସଂଗ୍ରହ କରି ଓୟୁଏଟିସ୍ଥିତ ସେଣ୍ଟର୍ ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ପଠାଇବା ପାଇଁ ଏସ୍‌ଟିଏଫ୍ ଧମା ରେଞ୍ଜରକୁ ନିର୍ଦ୍ଦେଶ ଦେଇଥିଲା। ସେଠାରୁ ଫେରିବା ପରେ ଉକ୍ତ ଜଙ୍ଗଲର ଅପରପାର୍ଶ୍ୱରେ ଅନ୍ୟଏକ ସ୍ଥାନକୁ ଏସ୍‌ଟିଏଫ୍ ଟିମ୍ ଯାଇ ଚଢ଼ାଉ କରିଥିଲା। ତବଲୋଇ ଜଙ୍ଗଲ ଭିତରେ ଗଛ ଗଣ୍ଡି ପକାଇ ପୋଡ଼ିବା ଅତ୍ୟନ୍ତ ସନ୍ଦେହଜନକ ଥିଲା। ସେହି ସ୍ଥାନରୁ ପୋଡ଼ି ଯାଇଥିବା କିଛି ଛୋଟ ଛୋଟ ହାଡ଼ ଖଣ୍ଡ ସଂଗ୍ରହ କରାଯାଇଛି। ଏଥିସହ ସେହି ସ୍ଥାନଟି ମୁଖ୍ୟ ରାସ୍ତାରୁ ମାତ୍ର ଶହେ ମିଟର ଦୂର ହୋଇଥିବାରୁ କାଳେ କାହା ନଜରରେ ପଡ଼ିଯିବ, ସେଥିପାଇଁ ପୋଡ଼ିବା ପରେ ବଡ଼ ବଡ଼ ହାଡ଼ଗୁଡ଼ିକୁ ଦୂରରେ ଥିବା ଏକ ନଦୀରେ ଭସାଇ ଦିଆଯାଇଥିବା ଏସ୍‌ଟିଏଫ୍ ଟିମ୍ ଦେଖିବାକୁ ପାଇଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ହୋଇଛି। ଘଟଣା ସ୍ଥଳକୁ ପରିଦର୍ଶନ କରିବା ସହ ସମସ୍ତ ଦିଗ ଉପରେ ରିପୋର୍ଟ ସଂଗ୍ରହ କରିବା ପରେ ପ୍ରତିକ୍ରିୟା ଦେବି ବୋଲି କହିଥିଲେ। ହେଲେ ଡିଏଫ୍‌ଓ ଘଟଣାସ୍ଥଳକୁ ନ ଯାଇ ସରକାରଙ୍କ ନିୟମର ଉଲ୍ଲଂଘନ କରିଥିବା ଅଭିଯୋଗ ହେଉଛି। ୨୦୨୦ ଜୁଲାଇ ୧୭ରେ ବନ୍ୟପ୍ରାଣୀ ପିସିସିଏଫ୍ ରାଜ୍ୟର ସମସ୍ତ ଡିଏଫ୍‌ଓଙ୍କୁ ହାତୀର ଗଳିତ ମୃତ ଦେହ ବା କଙ୍କାଳ ଜବତ କ୍ଷେତ୍ରରେ କେଉଁସବୁ ଏସ୍‌ଓପି ପାଳନ କରାଯିବ ସେ ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ଏସ୍‌ଓପିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି, ଯେଉଁଠି ହାତୀ କଙ୍କାଳ ମିଳିବ ନିଜେ ସ୍ଥାନୀୟ ଡିଏଫ୍‌ଓ ଘଟଣାସ୍ଥଳକୁ ଯାଇ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ରିପୋର୍ଟ ଦେବେ। ଡିଏଫ୍‌ଓଙ୍କ ବିନା ଉପସ୍ଥିତିରେ କଙ୍କାଳକୁ ଡିସ୍‌ପୋଜ କରାଯାଇ ପାରିବ ନାହିଁ। କିନ୍ତୁ ରବିବାର ସମ୍ବଲପୁର ବନଖଣ୍ଡରେ ତାହା ଦେଖିବାକୁ ମିଳି ନ ଥିଲା। ନା ଡିଏଫ୍‌ଓ ନା ଏସିଏଫ୍ କେହି ବି ଘଟଣା ସ୍ଥଳକୁ ଯାଇ ନ ଥିଲେ। ଖୋଦ୍ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଆଦେଶକୁ ଅବମାନନା କରିଥିବାରୁ ସମ୍ବଲପୁର ଡିଏଫ୍‌ଓଙ୍କୁ ତୁରନ୍ତ ଗିରଫ ପାଇଁ ଶୁଭେନ୍ଦୁ ମଲ୍ଲିକ ଦାବିକରିଛନ୍ତି।

### ଆଜି ଶପଥ ନେବେ ...

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, କ୍ୟାବିନେଟ୍ ମନ୍ତ୍ରୀ, ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କୂଟନୈତିକ ମିଶନର ମୁଖ୍ୟ, ପାର୍ଲାମେଣ୍ଟ ସଦସ୍ୟ, ଭାରତ ସରକାରଙ୍କ ବେସାମରିକ ଏବଂ ସାମରିକ ଅଧିକାରୀମାନେ ଯୋଗଦେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟ ହଲ୍‌ରେ ପହଞ୍ଚିବା ପରେ ସିଜେଆଇ ନୂଆ ରାଷ୍ଟ୍ରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଏହି ଅବସରରେ ସେ ସାନ୍ତାଳୀ ଶାଢ଼ି ପିନ୍ଧିପାରନ୍ତି। ତାଙ୍କ ଭାଉଜ ଶୁକ୍ରି ଟୁଡୁ ଦ୍ରୌପଦୀଙ୍କ ପାଇଁ ଏହି ଶାଢ଼ି କିଣିଥିବା କହିଛନ୍ତି। ଶପଥ ପରେ ଦ୍ରୌପଦୀଙ୍କୁ ୨୧ ତୋପ ସଲାମି ଦିଆଯିବ। ଶପଥ ନେବା ପରେ ଦ୍ରୌପଦୀ ମୁର୍ମୁ ଦେଶକୁ ପ୍ରଥମ ଥର ପାଇଁ ସମ୍ବୋଧନ କରିବେ। ସମାରୋହ ଶେଷରେ ବିଦାୟୀ ରାଷ୍ଟ୍ରପତି କୋବିନ୍ଦ ରାଷ୍ଟ୍ରପତି ଭବନ ଛାଡ଼ିବେ। କୋବିନ୍ଦଙ୍କୁ ଇଣ୍ଟର-ସର୍ଭିସେସ୍ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ। ଓଡ଼ିଶାର ମୟୂରଭଞ୍ଜ ଜିଲାରେ ଏକ ଆଦିବାସୀ ପରିବାରରୁ ଆସି ରାଷ୍ଟ୍ରପତି ହେବାରେ ମୁର୍ମୁ ହେଉଛନ୍ତି ଦେଶର ପ୍ରଥମ ବ୍ୟକ୍ତି। ଏହି ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରିବାରେ ଦ୍ରୌପଦୀ ଦେଶର ଦ୍ୱିତୀୟ ମହିଳା ହୋଇଥିବାବେଳେ ଏଥିସହ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ଦୂରଦର୍ଶିତାବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇବେ। ଦୀର୍ଘ ଦିନରୁ ଆଶା କରିଥିବା ମୂଲ୍ୟବାନ ଦ୍ରବ୍ୟଟି ବନ୍ଧୁଙ୍କ ଜରିଆରେ ପାଇପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ବ୍ୟବସାୟିକ, ପାରିବାରିକ ଓ ଆନୁଷ୍ଠାନିକ ସ୍ଥିତି ଠିକ୍ ରହିବ।

**ବୃଷ**
ମୃଗଶିରା ନକ୍ଷତ୍ର ନିଜ ସମ୍ପର୍କୀୟ ବନ୍ଧୁଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ବରାଦ ଅନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟରେ ସମସ୍ୟା ସୃଷ୍ଟି ହେବ ଓ ପାରିବାରିକ ସମସ୍ୟା ଆଜିର ଯାତ୍ରାକୁ ସ୍ଥଗିତ କରିବ।

**ମିଥୁନ**
ପୁନର୍ବସୁ ନକ୍ଷତ୍ର ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ରହିବ। ପଡ଼ୋଶୀମାନେ ଆପଣଙ୍କ କାର୍ଯ୍ୟାବଳୀର ଭୂରିଭୂରି ପ୍ରଶଂସା କରିପାରନ୍ତି। ପ୍ରକାଶନ, ପ୍ରଶାସନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ନିକଟସ୍ଥ ବନ୍ଧୁମାନେ ଏହି ଦିଗରେ ସାହାଯ୍ୟ କରିବେ।

**କର୍କଟ**
ମାନସିକ ଅସ୍ଥିରତା କାରଣରୁ ବିଭିନ୍ନ ପ୍ରକାର ଯୋଜନା କରି ମଧ୍ୟ ଉପକୃତ ହେବ ନାହିଁ। ପୁଷ୍ୟା ନକ୍ଷତ୍ର ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିବେ। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ବହୁ ଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି।

**ସିଂହ**
ଯେତେ ଭଲ କାମ କଲେ ମଧ୍ୟ ପରୋକ୍ଷ ଶତ୍ରୁତା ଯୋଗୁ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ପୂର୍ବାଫାଲଗୁନୀ ନକ୍ଷତ୍ର ଗବେଷଣା, ରାଜନୀତିରେ ଚେଷ୍ଟା ସଫଳ ହେବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**କନ୍ୟା**
ଅପୂରଣୀୟ ଆଶା ମନକୁ ଆଲୋଡ଼ନ କରିବା କାରଣରୁ ଅଶାନ୍ତ ରହିବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଯାନବାହନ, ବିବାଦୀୟ ସ୍ଥାନ,ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**
ନିଜର ଦକ୍ଷତା ଓ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଆଜି ସଫଳତା ଅବଶ୍ୟମ୍ଭାବୀ। ସ୍ୱାତି ନକ୍ଷତ୍ର ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ନିର୍ଦ୍ଦେଶାନୁସାରେ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଅଭାବରୁ ମନ ଭଲ ଲାଗି ନ ପାରେ।

**ବିଛା**
ବିଶାଖା ନକ୍ଷତ୍ର ଆଲୋଚନା କାଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବିଗତ ଦିନର କୌଣସି ଘଟଣା ସକାଶେ ଟେନସନ୍ ବଢ଼ିପାରେ। କାମର ଚାପ ହେତୁକ କ୍ଲାନ୍ତି ଅନୁଭବ କରିବେ। ମାଲିମକଦ୍ଦମା, ଜମିଜମା, ନିର୍ମାଣ, ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି, ମୂଲ୍ୟବାନ ଜିନିଷ କ୍ରୟରେ ସୁଫଳ ହେବେ।

**ଧନୁ**
ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟି କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ମୂଳା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ସକାଳୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ଆତ୍ମୀୟଙ୍କ ହୀନମନ୍ୟତା କାରଣରୁ ମନଟା ଭଲ ଲାଗିବ ନାହିଁ। ସଭାସମିତି, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ**
ପ୍ରତ୍ୟେକ ସ୍ତରରେ ସମସ୍ୟା ଲାଗି ରହିବା ସାଙ୍ଗକୁ ଅଫିସରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ। ପାରିବାରିକ କ୍ଷେତ୍ରରେ ସହଜରେ କାମ ହାସଲ କଷ୍ଟକର ହେବ। ପୂର୍ବଭାଦ୍ରବ ନକ୍ଷତ୍ରର କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଧର୍ମଚର୍ଚ୍ଚା ପ୍ରତି ଆଗ୍ରହ ପ୍ରକାଶ କରିବେ।

**ମୀନ**
ଆଜି ଦିନ ଭିତରେ ଯାହା କରନ୍ତୁନା କାହିଁକି,ଭାବିଚିନ୍ତି କରିବା ଭଲ ହେବ। ପାରିବାରିକ ସମସ୍ୟା ସମାଧାନର ଚିନ୍ତାକରି ଦୁର୍ଭାବନା ବଢ଼ିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରିପାରିବେନାହିଁ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଶତ୍ରୁତା ଓ ସ୍ୱାସ୍ଥ୍ୟହାନି କର୍ମକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବ।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀଠାରେ ନିଜ ଦଳର ଏମ୍‌ପିମାନଙ୍କ ସହ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି (ବାମ)। ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିବା ମୟୂରଭଞ୍ଜ ଜିଲା ଭାଜପାର ବିଧାୟକମାନେ।

# ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

## କହିଲେ ମୁଁ ଅତ୍ୟନ୍ତ ଖୁସି

■ ମୁଖ୍ୟମନ୍ତ୍ରୀଙ୍କ ସହ ରହିଲେ ସବୁ ବିଜେଡି ଏମ୍‌ପି
■ ଦ୍ରୌପଦୀଙ୍କୁ ଭେଟିଲେ ମୟୂରଭଞ୍ଜ ଜିଲାର ୬ ଭାଜପା ବିଧାୟକ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଓଡ଼ିଆ ଝିଅ ଦ୍ରୋପଦୀ ମୁର୍ମୁ ସୋମବାର ଶପଥ ନେବେ। ଏଥିଯୋଗୁ ବ୍ୟାପକ ଆୟୋଜନ କରାଯାଇଛି। ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାରଠାରୁ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ରବିବାର ବିଜେଡି ଏମ୍‌ପିମାନଙ୍କ ସହିତ ଯାଇ ମୁର୍ମୁଙ୍କୁ ସାକ୍ଷାତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ବିଜେଡିର ସମସ୍ତ ଲୋକ ସଭା ଏବଂ ରାଜ୍ୟ ସଭା ଏମ୍‌ପିମାନେ ଏହି ଅବସରରେ ଉପସ୍ଥିତ ଥିଲେ। ନବୀନ ଏବଂ ମୁର୍ମୁଙ୍କ ସହ ଫଟୋ ଉଠାଇବା ବେଳେ ବିଜେଡି ଏମ୍‌ପିମାନେ ବେଶ୍ ଉତ୍ସାହିତ ଥିବାର ଦେଖିବାକୁ ମଧ୍ୟ ମିଳିଛି। ପର୍ଯ୍ୟାୟକ୍ରମେ ସମସ୍ତ ବିଜେଡି ଏମ୍‌ପିମାନେ ମୁର୍ମୁଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଥିଲା। ନବୀନ କହିଛନ୍ତି ଯେ, ଦ୍ରୋପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଲି। ଓଡ଼ିଆ ଝିଅ ରାଷ୍ଟ୍ରପତି ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି। ଆମେ ସମସ୍ତେ ତାଙ୍କ ଲାଗି ଗର୍ବିତ ବୋଲି ନବୀନ କହିଛନ୍ତି। ଏମ୍‌ପିମାନେ ମଧ୍ୟ ଭେଟିବା ପରେ ଖୁସିଥିବା କହିଛନ୍ତି। ଏହିସମୟରେ ପାରମ୍ପରିକ ନୃତ୍ୟ କଳାରେ ସମ୍ପୂର୍ଣ୍ଣ ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା। ସେହିପରି ମୁର୍ମୁଙ୍କ ଶପଥ ଉତ୍ସବରେ ଯୋଗଦେବା ଲାଗି ମୟୂରଭଞ୍ଜ ଜିଲାର ୬ଜଣ ଭାଜପା ବିଧାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ସରସକଣା ବିଧାୟକ ବୁଢାନ୍ ମୁର୍ମୁ, ଯଶୀପୁର ବିଧାୟକ ଗଣେଶ ରାମସିଂହ ଖୁଣ୍ଟିଆ ରହିଛନ୍ତି। ବିଧାୟକମାନେ ଦିଲ୍ଲୀରେ ପହଞ୍ଚିବା ପରେ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ଶପଥ ଉତ୍ସବରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ, ବିଜେଡିର ସମସ୍ତ ଏମ୍‌ପି

## ଭାଜପାର ସବୁ ଏମ୍‌ପି, ୬ ବିଧାୟକ ଯୋଗଦେବେ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କର ବିଜୟ ପରେ ସାରା ଦେଶରେ ଖୁସିର ମାହୋଲ ଦେଖିବାକୁ ମିଳିଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଭାଜପା ପକ୍ଷରୁ ମଧ୍ୟ ଅନେକ ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବିଜୟ ଉତ୍ସବ ପାଳନ ଚାଲିଛି। ସୋମବାର ମୁର୍ମୁଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମ ଥିବାବେଳେ ଓଡ଼ିଶାରୁ ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଯେଉଁମାନଙ୍କୁ ନିମନ୍ତ୍ରଣ ପତ୍ର ମିଳିଛି ସମସ୍ତେ ଦିଲ୍ଲୀ ଗସ୍ତ କରିସାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନୂଆଦିଲ୍ଲୀ ଯାଇଛନ୍ତି। ସେହିପରି ରାଜ୍ୟପାଳ ଗଣେଶୀ ଲାଲ୍ ମଧ୍ୟ ଦିଲ୍ଲୀ ଗସ୍ତରେ ଅଛନ୍ତି। ଅନ୍ୟପଟେ ନବୀନ ରବିବାର ନିଜ ଏମ୍‌ପିମାନଙ୍କ ସହିତ ଯାଇ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ମୁତାବକ ନବୀନଙ୍କ ସମେତ ସମସ୍ତ ଏମ୍‌ପିଙ୍କୁ ଶପଥ ଉତ୍ସବରେ ସାମିଲ ହେବା ଲାଗି ନିମନ୍ତ୍ରଣ ପତ୍ର ମିଳିଥିବା ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ କହିଛନ୍ତି। ସେହିପରି ଭାଜପାର ମଧ୍ୟ ସମସ୍ତ ଏମ୍‌ପିଙ୍କ ସମେତ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ, ମୟୂରଭଞ୍ଜର ୬ଜଣ ଭାଜପା ବିଧାୟକ ଉପସ୍ଥିତ ରହିବେ। ତେବେ ରାଷ୍ଟ୍ରପତିଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୟୂରଭଞ୍ଜ ଜିଲାର ଆହୁରି କିଛି ଲୋକଙ୍କୁ ନିମନ୍ତ୍ରଣ ମିଳିଛି। ସେମାନଙ୍କ ମଧ୍ୟରେ ମୁର୍ମୁଙ୍କ ଜଣେ ବନ୍ଧୁ ଏବଂ ସମ୍ପର୍କୀୟ ରହିଛନ୍ତି। ଅନ୍ୟ କେତେଜଣ ନିମନ୍ତ୍ରଣ ନ ପାଇବା ସତ୍ତ୍ୱେ ଦିଲ୍ଲୀଠାରେ ଡେରା ପକାଇଥିବା ଜଣାପଡିଛି।

# ବରଗଡ଼-ନୂଆପଡ଼ା ନୂତନ ରେଲୱେ ଲାଇନ କାମକୁ ଅନୁମୋଦନ

## ରେଳମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଭାଜପା ଏମ୍‌ପି, ବିଧାୟକ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଜନସାଧାରଣଙ୍କ ବହୁ ଦିନର ଆଶା ଆକାଂକ୍ଷା ଓ ଦାବି ପ୍ରତି କେନ୍ଦ୍ର ସରକାର ମୋହର ମାରି ବରଗଡ଼ରୁ ନୂଆପଡ଼ା ପର୍ଯ୍ୟନ୍ତ ନୂତନ ରେଲୱେ ଲାଇନକୁ ଅନୁମୋଦନ କରିଛନ୍ତି। ଏଥିଲାଗି ନୂଆଦିଲ୍ଲୀ ରେଲୱେ ଭବନରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏମ୍‌ପି ବସନ୍ତ ପଣ୍ଡା ଏବଂ ଭାଜପା ନେତା ପ୍ରଦୀପ ପୁରୋହିତ ପଦ୍ମପୁର ଓ ନୂଆପଡ଼ାବାସୀଙ୍କ ତରଫରୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ତୁରନ୍ତ ଯେଭଳି ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ସେଥିପାଇଁ ମନ୍ତ୍ରୀଙ୍କୁ ସମସ୍ତେ ଅନୁରୋଧ କରିଛନ୍ତି। ପ୍ରାଥମିକତା ଭିତ୍ତିରେ ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ମୋଦିଙ୍କ ମନ୍ତ୍ରଣା

**ନୂଆଦିଲ୍ଲୀ,୨୪।୭:** ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଭାଜପା ପ୍ରସ୍ତୁତି ଆରମ୍ଭ କରିଛି। ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ଶାସିତ ୧୮ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ଯୋଗଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସୁଶାସନ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ୪ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି . ନଡ୍ଡା ମଧ୍ୟ ସାମିଲ ଥିଲେ।




# ଚିନି କଳ ପୁନରୁଦ୍ଧାରରେ ସରକାର ବିଫଳ

■ ରାଜ୍ୟରେ ୫ରୁ ୪ ସମବାୟ ଭିତ୍ତିକ ଶିଳ୍ପ ଅଚଳ: ମନ୍ତ୍ରୀ
■ ଏଥିରେ ବହୁ ଦୁର୍ନୀତି କରାଯାଇଛି: ସାଲୁଜା
■ ସବୁ ଉପଭୋଗ କରନ୍ତି, ହେଲେ କେହି ଉତ୍ତରଦାୟୀ ରୁହନ୍ତିନି: ମହାଲିଙ୍ଗ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ରାଜ୍ୟରେ ମୋଟ ୫ଟି ସମବାୟ ଭିତ୍ତିକ ଶିଳ୍ପ ଥିବାବେଳେ ମାତ୍ର ଗୋଟିଏ ଚାଲିଛି। ବିଧାନସଭାରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ ରଖିଥିବା ଉତ୍ତରରୁ ହିଁ ସମବାୟ ଭିତ୍ତିକ ଶିଳ୍ପଗୁଡିକର ଉନ୍ନତୀକରଣ ଲାଗି ସରକାରଙ୍କ ଆନ୍ତରିକତା କେତେ ରହିଛି ସେକଥା ସ୍ପଷ୍ଟ ଜଣାପଡୁଛି। ତେବେ ଗତ ୨୦ ତାରିଖରେ ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ଏହି ଉତ୍ତର ରଖିଛନ୍ତି। ଅନ୍ୟପକ୍ଷରେ ସମବାୟ ଶିଳ୍ପର ଏଭଳି ଅବସ୍ଥା ଯୋଗୁ ବିରୋଧୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଗୋଟିଏ ସମବାୟ ଭିତ୍ତିକ ଶିଳ୍ପ ଯଥା ଆସିକା ସମବାୟ ଚିନିକଳ ଚାଲୁଛି। ବରଗଡ଼ ସ୍ଥିତ ବରଗଡ଼ ସମବାୟ ଚିନିକଳ ଲିଃ, ବଲାଙ୍ଗୀର ସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଲିଃ, ବଡମ୍ବା ଚିନିକଳ ଲିଃ, କଟକ ଓ ନୟାଗଡ଼ ସମବାୟ ଚିନିକଳ ଲିଃ ଅଚଳ ଅବସ୍ଥାରେ ରହିଛି। ସେଥିରୁ ବିଜୟାନନ୍ଦ ଚିନିକଳ ଉପରେ ୫୨ କୋଟି ୨୩ ଲକ୍ଷ ଟଙ୍କାର ଋଣ ବକେୟା ଅଛି। ଋଣ ପରିଶୋଧ ଲାଗି ରାଜ୍ୟ ସମବାୟ ବ୍ୟାଙ୍କ ଉକ୍ତ କଳର ନିଲାମ ପ୍ରକ୍ରିୟା ଜାରି ରଖିଛି। ହେଲେ ତାହା କେଉଁ କାରଣରୁ ଏତେଦିନ ହେବ ନିଲାମ ହୋଇପାରୁ ନାହିଁ ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡି ଗୋପବନ୍ଧୁ ଶତପଥୀଙ୍କୁ ପଚାରିବାରୁ ସେ ଏହାର ତଥ୍ୟ ଅଫିସ୍ ଯାଇ ଦେଖିବା ପରେ ରଖିବେ ବୋଲି କହିଛନ୍ତି।

ସେହିପରି ନୟାଗଡ଼ ଏବଂ ବଡମ୍ବା ସମବାୟ ଚିନିକଳ କ୍ରୟ ବିକ୍ରୟ ଚୁକ୍ତିନାମା ଅନୁଯାୟୀ ଯଥାକ୍ରମେ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଏବଂ ଲକ୍ଷ୍ମୀପତି ବାଲାଜୀ ସୁଗାର ଆଣ୍ଡ ଡିଷ୍ଟିଲେରିସ୍ ପ୍ରାଇଭେଟ ଲିଃକୁ ୨୦୦୪ ଏବଂ ୨୦୦୫ରେ ହସ୍ତାନ୍ତର କରାଯାଇଥିଲା। ହେଲେ ଏବେ ବରଗଡ଼ ଚିନିକଳକୁ ପରିଦର୍ଶନ ଲାଗି ନ୍ୟାଶ୍‌ନାଲ ସୁଗାର ଇନ୍‌ଷ୍ଟିଚ୍ୟୁଟ୍, କାନପୁରର ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ ଦଳ ଗତ ୧୬।୮।୨୦୨୧ ଏବଂ ୧୮।୯।୨୦୨୧ରେ ଆସିଥିଲେ। ବରଗଡ଼ ଚିନିକଳର ପୁନରୁଦ୍ଧାର ଲାଗି ୧୦୩ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। ଏହା ସରକାରଙ୍କ ବିଚାରାଧୀନ ଥିବା ମନ୍ତ୍ରୀ ନାଏକ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ମୋଟ ୫ ରାଜ୍ୟ ସମବାୟ ଭିତ୍ତିକ ଶିଳ୍ପ ମଧ୍ୟରୁ ୪ଟି ଅଚଳ ହେବା ନେଇ ରାଜ୍ୟ ସରକାରଙ୍କ ଉପରେ ବିରୋଧୀ ବର୍ଷିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ଏଥିପ୍ରତି ଆଗ୍ରହ ନାହିଁ। ଫଳରେ ରାଜ୍ୟରେ ଥିବା ଚିନିକଳଗଡ଼ିକ ଅକାମୀ ହୋଇ ପଡ଼ିରହିଛି ଏବଂ ସରକାର ଏହାର ପୁନରୁଦ୍ଧାର କରିବାରେ ବିଫଳ ହୋଇଛନ୍ତି। ଆଗରୁ ବରଗଡ଼ ଏବଂ ବଲାଙ୍ଗୀରରେ ଚାଷୀମାନେ ବହୁ ପରିମାଣରେ ଆଖୁ ଚାଷ କରୁଥିଲେ। ହେଲେ ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳିଲା ନାହିଁ। ଧାଡ଼ିରେ ଆଖୁଗାଡ଼ି ଧରି ଚାଷୀମାନେ ଠିଆ ହୁଅନ୍ତି। ହେଲେ ସେମାନଙ୍କଠାରୁ ୨ରୁ ୩ ଦିନ ପରେ ଆଖୁ ନେଲା ବେଳକୁ ସେଗୁଡ଼ିକର ଓଜନ କମିଯାଇଥାଏ। ସେହିପରି ସେମାନଙ୍କ ଜିନିଷ ଖରାପ ହେବା ଯୋଗୁ ତାଙ୍କୁ ଟଙ୍କା ମଧ୍ୟ କମ୍ ଦିଆଗଲା। ଅନେକ ସମୟରେ ଆଖୁଚାଷୀଙ୍କ ଟଙ୍କା ଦେବାରେ ମଧ୍ୟ ଅବହେଳା କରାଗଲା, ଯାହାଦ୍ୱାରା ବହୁ ଚାଷୀ ସେମାନଙ୍କ କାମ ବଦଳାଇବାକୁ ବାଧ୍ୟ ହେଲେ। ଯଦି ସେଥିପ୍ରତି ସରକାର ଧ୍ୟାନ ଦେବେ ପୁଣି ଚିନି କଳ ଭଲ ଚାଲିବ। ଡବ୍ଲ୍ୟୁଓଡିସି( ପଶ୍ଚିମ ଓଡ଼ିଶା ବିକାଶ ପରିଷଦ)ରୁ ମଧ୍ୟ ବିଜୟାନନ୍ଦ ଚିନିକଳ ଲାଗି ଟଙ୍କା ଦିଆଯାଇଥିଲା। ସେଥିରେ ବହୁ ଦୁର୍ନୀତି ଏବଂ ହେରଫେର ହେବା ଯୋଗୁ ତାହା ବୁଡ଼ିଗଲା ବୋଲି ସାଲୁଜା କହିଛନ୍ତି।

ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଏହା ସରକାରଙ୍କ ଅପାରଗତାକୁ ସ୍ପଷ୍ଟ କରିଛି। କେବଳ ଆର୍ଥିକ ଅନିୟମିତତା, ଭୁଲ୍ ପରିଚାଳନା ଏସବୁ ଚିନିକଳଗୁଡ଼ିକ ବୁଡ଼ିବାର ମୁଖ୍ୟ କାରଣ। ଏହି ସଂସ୍ଥା ଲାଗି ଯେତିକି ଋଣ ନେବା କଥା ସମବାୟ ବ୍ୟାଙ୍କ ଜରିଆରେ ନେଇଯାଇ ପରବର୍ତ୍ତୀ ସମୟରେ ସେଥିରେ ପରିଚାଳନାରେ ତ୍ରୁଟି ଏବଂ ଦୁର୍ନୀତି କରିବା କାରଣରୁ ବୁଡିଯାଇଛି। ଏହି ସଂସ୍ଥା ଜରିଆରେ ସମସ୍ତେ ଉପଭୋଗ କରିଛନ୍ତି ହେଲେ କେହି ଉତ୍ତରଦାୟୀ ରୁହନ୍ତି ନାହିଁ। ଯେଉଁଥିପାଇଁ ଏଗୁଡ଼ିକର ପୁନରୁଦ୍ଧାର ସରକାର କରିପାରୁନାହାନ୍ତି। ଯେତେଥର ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନ ପଚାରିଲେ ମଧ୍ୟ ସମାନ ଉତ୍ତର ମିଳେ ବୋଲି ସେ କହିଛନ୍ତି।

DSPL-112
ଓଡ଼ିଶା ସରକାର
ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ-୨୦୨୨
କୁଷ୍ଠ ରୋଗ ନିରାକରଣ ସମ୍ପର୍କରେ ଜାଣନ୍ତୁ
▸ କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁଲେ ବ୍ୟାପିନଥାଏ।
▸ ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଗୁଳି ସୃଷ୍ଟି ହେବା, ହାତ ଗୋଡ଼ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ।
▸ ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ।
▸ ଏମ୍.ଡି.ଟି. ଔଷଧ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ।
ଶୀଘ୍ର ଚିକିତ୍ସା ଆରମ୍ଭ କଲେ ରୋଗୀ ବିକଳାଙ୍ଗ ହେବ ନାହିଁ



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।
କୋଭିଡ୍ ନିୟମ ମାନନ୍ତୁ, ସୁରକ୍ଷିତ ରୁହନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ହାତକୁ ବାରମ୍ବାର ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
ଜନଗହଳି ଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ
ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକାର ଆବଶ୍ୟକ ମାତ୍ରା ନିଶ୍ଚୟ ନିଅନ୍ତୁ
OIPR-10003/13/0044/2223
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର, କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ- ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। -ଶ୍ରୀମା

# ଶୂନ ଉତ୍ତରଦାୟିତ୍ୱ

ପ୍ରତି ମୁହୂର୍ତ୍ତରେ ଘଟୁଥିବା ଘଟଣା ଉପରେ ଟିକିନିକି ରିପୋର୍ଟିଂ କରି ଜନସାଧାରଣଙ୍କ ନିକଟରେ ଖବର ପହଞ୍ଚାଇବାର ଦାୟିତ୍ୱ ମିଡିଆ ବା ଗଣମାଧ୍ୟମର ରହିଛି। ଗଣତନ୍ତ୍ରର ଏକ ଜାଗ୍ରତ ପ୍ରହରୀ ଭାବେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ଥିବାରୁ ସମାଜର ସବୁ ବର୍ଗଙ୍କ ପାଇଁ ବିଶ୍ୱସନୀୟ ବିଷୟବସ୍ତୁ ଭେଟି ଦିଆଯିବା କଥା। ହେଲେ କିଛିବର୍ଷ ହେବ ଦେଖାଯାଉଛି, ଇଲେକ୍‌ଟ୍ରୋନିକ୍ ମିଡିଆ ବା ବୈଦ୍ୟୁତିକ ଗଣମାଧ୍ୟମ ଲକ୍ଷ୍ମଣରେଖା ଅତିକ୍ରମ କରିଯାଉଛି। ଟେଲିଭିଜନ ଜରିଆରେ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କରାଗଲା ବେଳେ ଘଟଣା ଓ ଏହାର ପାରିପାର୍ଶ୍ୱିକ ବିଷୟ ଉପରେ ସୂଚନା ଦିଆଯିବା ପରିବର୍ତ୍ତେ ମତ ଦିଆଯାଉଛି। ଅର୍ଥାତ୍ ମିଡିଆ ଟ୍ରାଏଲ ବା ଗଣମାଧ୍ୟମରେ ବିଚାର କରାଯିବା ଯେଭଳି ଏକ ଧାରା ପାଲଟିଯାଇଛି। ଏସବୁକୁ ଲକ୍ଷ୍ୟ କରି ଝାଡ଼ଖଣ୍ଡର ରାଞ୍ଚିଠାରେ ୨୩ ଜୁଲାଇରେ ହାଇକୋର୍ଟ ବିଚାରପତି, ନ୍ୟାୟିକ ଅଧିକାରୀ ଓ ଆଇନ ଛାତ୍ରମାନଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କଲା ବେଳେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍. ଭି. ରମନା କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମ କଙ୍ଗାରୁ କୋର୍ଟ ଚଳାଇଛି। ଅଦାଲତରେ କୌଣସି ମାମଲାର ଶୁଣାଣି ପୂର୍ବରୁ ଗଣମାଧ୍ୟମରେ ତାହାର ବିଚାର କରିଦିଆଯାଉଛି। ଫଳରେ ଅଭିଜ୍ଞ ବିଚାରପତିମାନଙ୍କୁ ମଧ୍ୟ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି ବୋଲି ରମନା କହିଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ପ୍ରଫେଟ୍ ବିରୋଧୀ ଦେଇଥିବା ମତକୁ ନେଇ ସର୍ବୋଚ୍ଚ ଅଦାଲତ ଯେଉଁ ରାୟ ଦେଇଥିଲେ ତାହା ଉପରେ ଗଣମାଧ୍ୟମରେ ଜୋରଦାର ବିତର୍କ ହୋଇଥିଲା। ଏପରି କି ସୋସିଆଲ ମିଡିଆରେ ବିଚାରପତିଙ୍କ ବିରୋଧରେ ବିଭିନ୍ନ ପ୍ରକାର କଟୁ ମନ୍ତବ୍ୟ ଦିଆଯାଇଥିଲା। ପ୍ରଧାନ ବିଚାରପତି ଏଭଳି ସ୍ଥିତିକୁ ଦେଖି କହିଛନ୍ତି, ପ୍ରିଣ୍ଟ ବା ଛାପା ଗଣମାଧ୍ୟମର ଏକ ନିର୍ଦ୍ଦିଷ୍ଟ ଉତ୍ତରଦାୟିତ୍ୱ ଥିବା ବେଳେ ଇଲେକ୍‌ଟ୍ରୋନିକ ଗଣମାଧ୍ୟମଠାରେ ଶୂନ ଉତ୍ତରଦାୟିତ୍ୱ ଦେଖିବାକୁ ମିଳୁଛି ଏବଂ ସାମାଜିକ ଗଣମାଧ୍ୟମ ଆହୁରି ନିକୃଷ୍ଟ ସ୍ତରକୁ ଚାଲିଯାଉଛି।

ପ୍ରଧାନ ବିଚାରପତିଙ୍କ କ୍ଷୋଭ ଅନେକାଂଶରେ ଯଥାର୍ଥ ବୋଲି କୁହାଯାଇପାରେ। ତଥାପି ଆଜିର ସମୟରେ ଅନେକ ବିଚାରପତି ଭୟରେ ହେଉ ବା ଅନ୍ୟ କୌଣସି କାରଣ ଯୋଗୁ ମାମଲାର ଗତି ବଦଳାଇ ଦେଉଥିବା ଜନସାଧାରଣ ମଧ୍ୟ ଜାଣିପାରୁଛନ୍ତି। ଧରାଯାଉ କୌଣସି ଏକ ହତ୍ୟାକାଣ୍ଡକୁ ଏକ ଅଞ୍ଚଳର ଲୋକେ ସିଧାସଳଖ ଦେଖିଛନ୍ତି। ଯିଏ ଅଭିଯୁକ୍ତ ତାଙ୍କୁ ମଧ୍ୟ ସେମାନେ ଚିହ୍ନିଛନ୍ତି। ମାତ୍ର କିଛି ବର୍ଷ ପରେ ସେହି ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇ ଯଦି ଅଭିଯୁକ୍ତ ନିର୍ଦ୍ଦୋଷରେ ମୁକ୍ତ ହୋଇଯାଉଛନ୍ତି, ସେଭଳି ସ୍ଥଳେ ଘଟଣାକୁ ସ୍ୱଚକ୍ଷୁରେ ଦେଖିଥିବା ଲୋକଙ୍କର ନ୍ୟାୟବ୍ୟବସ୍ଥା ଉପରେ କଦାପି ବିଶ୍ୱାସ ରହିବ ନାହିଁ। ବିଚାରପତିମାନେ ବିନା ଭୟ ଓ ପକ୍ଷପାତିତାରେ ରାୟ ଶୁଣାଇବା କଥା। ହେଲେ ସେମାନଙ୍କ ସଂଖ୍ୟା କ୍ୱଚିତ। ତତ୍‌ସହିତ ବିଚାରପତିମାନେ ଅତ୍ୟଧିକ ସାମାଜିକ ଚାପର ଶିକାର ହେଉଛନ୍ତି। ଅପରପକ୍ଷରେ ଗଣମାଧ୍ୟମ ମଧ୍ୟ ଲକ୍ଷ୍ମଣରେଖା ଅତିକ୍ରମ କରିବା ଉଚିତ ନୁହେଁ। ତାହା ହେଲେ ଗଣତନ୍ତ୍ର ଦୁର୍ବଳ ହୋଇଯିବା ସ୍ୱାଭାବିକ। ତେବେ ସେହି ଲକ୍ଷ୍ମଣରେଖାକୁ କିଏ ଟାଣିବ। ଭାରତର ଆଇନ ବ୍ୟବସ୍ଥା କେବେ ହେଲେ ଅସହାୟ ଓ ପୀଡ଼ିତଙ୍କୁ ସାହାଯ୍ୟ କରେ ନାହିଁ। ହୁଏତ ଏହାର କାରଣ ଖୋଜିଲେ ଉପନିବେଶିକ ଶାସନରୁ ଆସିଥିବା ମାନସିକତାକୁ ଦାୟୀ କରାଯାଇପାରିବ। ସେତେବେଳେ ସମସ୍ତଙ୍କୁ ଦମନ କରି ରଖିବା ଥିଲା ମୁଖ୍ୟ କାର୍ଯ୍ୟ। ଏବେ ଦମନ ପରିବର୍ତ୍ତେ ଅସହାୟଙ୍କୁ ପାଟି ଫିଟାଇବାର ସୁରକ୍ଷା ଓ ସୁବିଧା ମିଳିବା ଉଚିତ। ଅନୁରୂପ ଆକାରରେ ଦେଖିଲେ ମିଡିଆର ମାଲିକାନା ସବୁବେଳେ କ୍ଷମତା ସହ ରହିବାକୁ ପସନ୍ଦ କରୁଛି। ତଥାପି ଛାପା ଗଣମାଧ୍ୟମର ଉତ୍ତରଦାୟିତ୍ୱ ଅନେକାଂଶରେ ବଜାୟ ରହିଛି ବୋଲି କେବଳ ଭାରତର ପ୍ରଧାନ ବିଚାରପତି ନୁହନ୍ତି, ସାଧାରଣରେ ମଧ୍ୟ ସେହି ବିଶ୍ୱାସ ରହିଛି। କିନ୍ତୁ ଟେଲିଭିଜନ ଓ ସୋସିଆଲ ମିଡିଆ ଏକ ଭିନ୍ନ ବାଟରେ ଯାଉଥିବାରୁ ସେମାନେ ସବୁ ସ୍ୱାଭାବିକ ରେଖାକୁ ଉଲ୍ଲଂଘନ କରିବାରେ ଧୂରନ୍ଧର ପାଲଟିଗଲେଣି। ସରକାର ଏବଂ ଶିଳ୍ପପତିଙ୍କୁ ସମର୍ଥନ କରିବାକୁ ଯାଇ ଟେଲିଭିଜନ ଚ୍ୟାନେଲଗୁଡ଼ିକ ନିଜର ଭାରସାମ୍ୟ ହରାଇ ବସୁଛନ୍ତି। ଉପଗ୍ରହ ସହ ଅପ୍‌ଲିଙ୍କ୍ ଓ ଡାଉନ୍‌ଲିଙ୍କ୍ ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳ ସବୁ ଟେଲିଭିଜନ୍ ଚ୍ୟାନେଲ ଏବେ ଏକଦିଗମୁହାଁ ହୋଇଯାଇଥିବା ଭଳି ଦର୍ଶକଙ୍କ ମନରେ ଛାପା ପଡ଼ିଲାଣି। ଭାରତରେ ଏହା ଦେଖାଯାଉଛି ଯେ, ଟେଲିଭିଜନରେ ଅନେକ ଉପସ୍ଥାପକ ନିଜ ସଂସ୍ଥାର ସମ୍ପାଦକୀୟ ନୀତିକୁ ନେଇ କୌଣସି ବିଷୟ ଉପରେ ଆଲୋଚନା କଲା ବେଳେ କୋର୍ଟ ଭଳି ସିଧାସଳଖ ଶୁଣାଣି କରି ରାୟ ଦେଉଥିବା ଭଳି ସ୍ଥିତି ସୃଷ୍ଟି କରୁଛନ୍ତି। ଏହାର ଏକ ଜଣାଶୁଣା ଉଦାହରଣ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଘଟଣା ଓ ତାହାକୁ ନେଇ ପରବର୍ତ୍ତୀ ସମୟରେ କରାଯାଇଥିବା ରାଜନୀତିକରଣ। ବାସ୍ତବରେ ଦେଖିଲେ ମମଲା ଅଦାଲତରେ ସବ୍-ଜୁଡିସ୍ ବା ଅର୍ଦ୍ଧନ୍ୟାୟ ଅବସ୍ଥାରେ ଥିବା ବେଳେ ତାହା ଉପରେ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ସୃଷ୍ଟି କରୁଥିବା ଚାପ ଯୋଗୁ ନ୍ୟାୟାଳୟ ମଧ୍ୟ ରାୟ ଦେବା ସକାଶେ ଏକପ୍ରକାର ବାଧ୍ୟ ହୋଇଯାଉଛନ୍ତି। ସାଧାରଣ ଲୋକଙ୍କଠାରେ ମତ ସୃଷ୍ଟି କରିବାରେ ଏହି ଗଣମାଧ୍ୟମଗୁଡ଼ିକର ମିଥ୍ୟା ସହାୟକ ହେଉଛି। ମଣିଷର ନୀଚ ପ୍ରକୃତିକୁ ଉସୁକାଇବା ଅତ୍ୟନ୍ତ ସହଜ ହୋଇଥିବାରୁ ତାହାର ସୁବିଧା ଉଠାଉଛନ୍ତି ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ ଲଗାତର ଚାଲିଥିବା ଆଲୋଚନା ଓ ବିତର୍କ। ଟେଲିଭିଜନ ଷ୍ଟୁଡିଓରେ ଆଲୋଚନା ପାଇଁ ଡକାଯାଉଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଧାରା ସମ୍ପର୍କରେ ସୂଚନା ଦିଆଯାଇ ନକଲି ଝଗଡ଼ା ବାରମ୍ବାର ରଚାଯାଏ। ଅନଭିଜ୍ଞ ଦର୍ଶକ ଏଗୁଡ଼ିକୁ ଦେଖି ଉତ୍ତ୍ୟକ୍ତ ହୁଅନ୍ତି। ଏଥିରୁ ବୃଦ୍ଧି ପାଏ ଟିଆର୍‌ପି। ସେହି ଟିଆର୍‌ପି ସଂଖ୍ୟା ବୃଦ୍ଧି ପାଇଲେ ବିଜ୍ଞାପନ ଆସିବାକୁ ଆରମ୍ଭ କରେ। ଭଲ ଟିଆର୍‌ପି ହେଲେ ରୋଜଗାର ବଢ଼ିଆ ହେବ। ଅନ୍ୟପଟେ ସୋସିଆଲ୍ ମିଡିଆ ବା ସାମାଜିକ ଗଣମାଧ୍ୟମରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ କେହି ପ୍ରଶ୍ନ କରିପାରନ୍ତି ନାହିଁ। ସପକ୍ଷ ଓ ବିପକ୍ଷରେ ମତ ଆସିବା ମାତ୍ରକେ ସେହି ମିଥ୍ୟା ବିବରଣୀଟି ଆଲୋଚନା ପରିସରଭୁକ୍ତ ହୋଇଯାଏ। ତାହା ହିଁ ସେମାନଙ୍କ ସଫଳତା।

ଶେଷରେ କୁହାଯାଇପାରିବ ଯେ, ଉଭୟ ଟେଲିଭିଜନ ଓ ସୋସିଆଲ୍ ମିଡିଆର ଅନେକ ମାରାତ୍ମକ ତ୍ରୁଟିଥିବା ସତ୍ତ୍ୱେ ଆଜିର ଯୁଗରେ ସେହି ବିକୃତ ମାନସିକତାକୁ ସାଥିରେ ନେଇ ବଞ୍ଚିବାକୁ ପଡ଼େ। ମନେରଖିବା ଦରକାର, ସମାଜରେ ଗଣମାଧ୍ୟମର ସାମାଜିକ ନ୍ୟାୟ ଓ ସନ୍ତୁଳନତା ବଜାୟ ରଖିବା ଦିଗରେ ଏକ ବିରାଟ ଭୂମିକା ରହିଛି। ଏହାକୁ ବୁଝି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସେହି ଧରଣର ଦାୟିତ୍ୱବୋଧ ଦେଖାଇବା ଦରକାର।

# ଜନଜାତି ସଶକ୍ତୀକରଣ ପାଇଁ ମୋଦିଙ୍କ ସଂକଳ୍ପର ପ୍ରତୀକ ଦ୍ରୌପଦୀ



ଅମିତ ଶାହା

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ଭାରତର ଗଣତନ୍ତ୍ର ପାଇଁ ଏକ ଐତିହାସିକ ଅବସର। ଅତ୍ୟନ୍ତ ଗରିବ ପୃଷ୍ଠଭୂମିର ଜନଜାତିମାନଙ୍କଠାରୁ ମଧ୍ୟ ସବୁଠୁ ପଛୁଆ ସାନ୍ତାଳୀ ପରିବାରରୁ ଆସିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନିଜ ସଂଘର୍ଷ ଏବଂ କଠିନ ପରିଶ୍ରମ ବଳରେ ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି। ଏହା ସବୁ ଦେଶବାସୀଙ୍କ ସହିତ ଜନଜାତି ସମାଜ ପାଇଁ ମଧ୍ୟ ଗୌରବମୟ ମୁହୂର୍ତ୍ତ। ଏପରି ସମାଜର କେହି ଜଣେ ଦେଶର ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି, ଏହି ବାସ୍ତବତାକୁ ଦେଖିବା ଲାଗି ଦେଶକୁ ସାତ ଦଶନ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଛି। ଆଜି ଆମ ଗଣତନ୍ତ୍ର ଏ ପ୍ରଶ୍ନଚିହ୍ନଠାରୁ ମୁକ୍ତ ହୋଇସାରିଛି।

ଦେଶର ମୋଟ ଜନସଂଖ୍ୟାରେ ଆଦିବାସୀ ସମାଜର ଯୋଗଦାନ ପ୍ରାୟ ୯ ପ୍ରତିଶତ। ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଏ ସମାଜର ଯୋଗଦାନ ଏବଂ ବଳିଦାନ ଅବିସ୍ମରଣୀୟ। କିନ୍ତୁ ସ୍ୱାଧୀନତା ପର ସରକାରଙ୍କ ଦ୍ୱାରା ଦୀର୍ଘ ସମୟ ଧରି ଜନଜାତି ସମାଜକୁ ବିକାଶର ମୁଖ୍ୟଧାରା ସହ ଯୋଗ ଏବଂ ସେମାନଙ୍କ ସାମାଜିକ ଓ ଆର୍ଥିକ ଉତ୍ଥାନ ସହିତ ରାଜନୈତିକ ପ୍ରତିନିଧିତ୍ୱ ପ୍ରଦାନ କରିବା ଲାଗି ଉପଯୁକ୍ତ ପ୍ରୟାସ କରାଯାଇ ନ ଥିଲା।

ଅଟଳଜୀଙ୍କ ନେତୃତ୍ୱରେ ପ୍ରଥମ ଥର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ ହେବା ପରେ ଏହି ସମାଜର ଆଶା ଓ ଆକାଂକ୍ଷାକୁ ବୁଝିବା ଲାଗି ଗମ୍ଭୀର ପ୍ରୟାସ ଆରମ୍ଭ ହୋଇଥିଲା। ଜନଜାତି ସମାଜର ଉତ୍ଥାନ ଏବଂ ସେମାନଙ୍କ ବିକାଶ ତଥା ସମୃଦ୍ଧି ଲାଗି ୧୯୯୯ରେ ଅଟଳଜୀଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଏକ ଭିନ୍ନ ମନ୍ତ୍ରଣାଳୟ ଗଠନ କରାଯାଇଥିଲା। ଏହାବ୍ୟତୀତ ୨୦୦୩ରେ ଅଟଳଜୀଙ୍କ ସରକାର ହିଁ ୮୯ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ପ୍ରତିଷ୍ଠା କରିବା ସହ ଆଦିବାସୀଙ୍କ କଲ୍ୟାଣ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଅଟଳଜୀ ଜନଜାତି ସମାଜର ଉତ୍ଥାନ ଏବଂ ସମ୍ମାନ ପାଇଁ ଯେଉଁ କାମ ଆରମ୍ଭ କରିଥିଲେ, ଗତ ୮ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହାକୁ ଆହୁରି ସଶକ୍ତ ଭାବେ ଆଗେଇ ନେବା ପାଇଁ ପଦକ୍ଷେପ ନେଇଛନ୍ତି।

'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'ର ସଂକଳ୍ପକୁ ନେଇ ଆଗକୁ ବଢୁଥିବା ମୋଦି ସରକାର ନିଜ ନୀତି ଓ ନିର୍ଣ୍ଣୟରେ ଜନଜାତି ସମୁଦାୟର ସବୁ ବର୍ଗଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ ଅନେକ ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରିଛନ୍ତି। ମୋଦିଜୀଙ୍କ ୮ବର୍ଷର କାର୍ଯ୍ୟକାଳ ମଧ୍ୟରେ ଜନଜାତିଙ୍କ ବିକାଶ ଲାଗି ଉଦ୍ଦିଷ୍ଟ ପ୍ରାୟତଃ ସବୁ ଯୋଜନାରେ ୨୦୧୩-୧୪ ତୁଳନାରେ ବ୍ୟାପକ ବୃଦ୍ଧି ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜନଜାତି ଉପଯୋଜନାର ବଜେଟକୁ ୨୦୨୧-୨୨ ଆର୍ଥିକବର୍ଷରେ ୨୧ ହଜାର କୋଟି ଟଙ୍କାରୁ ଚାରି ଗୁଣା ବୃଦ୍ଧି କରି ୮୬ ହଜାର କୋଟି ଟଙ୍କା କରିଦିଆଯାଇଛି। ଏହା ଅନ୍ତର୍ଗତ ମୋଦି ସରକାରଙ୍କ ଦ୍ୱାରା ଜନଜାତି ଭାଇଭଉଣୀଙ୍କ ପାଇଁ ଜଳ ଜୀବନ ମିଶନ ଅଧୀନରେ ୧.୨୮ କୋଟି ଘରକୁ ନଳ ମାଧ୍ୟମରେ ଜଳ ଯୋଗାଣ, ୧.୪୫ କୋଟି ଶୌଚାଳୟ ନିର୍ମାଣ, ୮୨ ଲକ୍ଷ ଆୟୁଷ୍ମାନ କାର୍ଡ ବିତରଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୩୮ ଲକ୍ଷ ଗୃହ ନିର୍ମାଣ ଭଳି ଅନେକ କାର୍ଯ୍ୟ କରାଯାଇଛି। ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବଜେଟ ୨୭୮ କୋଟି ଟଙ୍କାରୁ ବୃଦ୍ଧି କରି ୧୪୧୮ କୋଟି ଟଙ୍କା ଏବଂ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନିର୍ଦ୍ଧାରିତ ଛାତ୍ରବୃତ୍ତି ବଜେଟ ୯୭୮ କୋଟିରୁ ବୃଦ୍ଧି କରି ୨୫୪୬ କୋଟି ଟଙ୍କା କରି ଦିଆଯାଇଛି। ଏହାବ୍ୟତୀତ ଉଦ୍ୟମିତା ବିକାଶ ଉଦ୍ଦେଶ୍ୟରେ ନୂଆ ଯୋଜନାରେ ୩୨୭ କୋଟି ଟଙ୍କାର ବଜେଟରେ ୩୧୧୦ ବନ ଧନ ବିକାଶ କେନ୍ଦ୍ର ଏବଂ ୫୩ ହଜାର ବନ ଧନ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଷ୍ଠା କରାଯାଇଛି।



ଅଧିକାଂଶ ଖଣି ପ୍ରଭାବିତ କ୍ଷେତ୍ରରେ ଜନଜାତି ଲୋକମାନେ ରହୁଥିଲେ ବି ସେମାନଙ୍କୁ ଖଣିରୁ ହେଉଥିବା ଆୟରୁ କିଛି ଭାଗ ମିଳୁ ନ ଥିଲା। ମୋଦି ସରକାର ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠା କଲେ ଏବଂ ଏହି ବିସଙ୍ଗତିକୁ ଦୂର କଲେ। ଏହାଫଳରେ ଖଣିରୁ ହେଉଥିବା ଆୟର ୩୦% ସ୍ଥାନୀୟ ବିକାଶରେ ଖର୍ଚ୍ଚ ହୋଇପାରିଲା। ଏବେ ସୁଦ୍ଧା ଏହି ପାଣ୍ଠି ଜରିଆରେ ୫୭ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥରାଶି ସଂଗୃହୀତ ହୋଇଛି। ଜନଜାତି କ୍ଷେତ୍ରର ବିକାଶରେ ଏହି ଅର୍ଥ ବିନିଯୋଗ ହେଉଛି। ଏହାବ୍ୟତୀତ ଜନଜାତି ଉତ୍ପାଦର ବିପଣନ ଲାଗି ଗଠନ ହୋଇଥିବା ଟ୍ରାଇଫେଡ୍ ପରିଚାଳିତ 'ଟ୍ରାଇବ୍ସ ଇଣ୍ଡିଆ ଆଉଟଲେଟ' ସଂଖ୍ୟା ୨୯ରୁ ବୃଦ୍ଧି ପାଇ ୧୧୬ରେ ପହଞ୍ଚିଛି।

ଜନଜାତି ସମାଜର ସାମାଜିକ-ଆର୍ଥିକ ଉତ୍ଥାନ ସହିତ ସେମାନଙ୍କ ସାଂସ୍କୃତିକ ଐତିହ୍ୟକୁ ସମ୍ମାନପୂର୍ବକ ସର୍ବସମ୍ମୁଖକୁ ଆଣିବା ଲାଗି ମୋଦି ସରକାର ପଦକ୍ଷେପ ନେଉଛନ୍ତି। ଜନଜାତି କଳା, ସାହିତ୍ୟ, ପାରମ୍ପରିକ ଜ୍ଞାନ ଏବଂ କୌଶଳ ଭଳି ଜନଜାତି ବିଷୟକୁ ଜ୍ଞାନ-ବିଜ୍ଞାନର ଅଧ୍ୟୟନ-ଅଧ୍ୟାପନାରେ ସମ୍ମିଳିତ କରାଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଜନଜାତି ନାୟକ-ନାୟିକାଙ୍କ ବୀରଗାଥାକୁ ସାମ୍ନାକୁ ଆଣିବା ଏବଂ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଯୋଗଦାନକୁ ରେଖାଙ୍କିତ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ୧୫ ନଭେମ୍ବରକୁ ଏବେ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି। ସାରା ଦେଶରେ ୨୦୦ କୋଟି ଟଙ୍କା ବଜେଟରେ ଜନଜାତି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ମୋଦିଜୀ ଅଧିକାଂଶ ସମୟରେ ନିଜ ଭାଷଣରେ ମଧ୍ୟ ଜନଜାତି ନାୟକ-ନାୟିକାଙ୍କ ଯୋଗଦାନ ବିଷୟରେ ଆଲୋକପାତ କରିବା ସହ ସେମାନଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରି ଆସିଛନ୍ତି। ମୋଦି ସରକାର ଜନଜାତି ସମାଜର ବିକାଶ ଏବଂ ସମ୍ମାନ ପାଇଁ ମନ, ବଚନ ଓ କର୍ମ ସହିତ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଯେ କାର୍ଯ୍ୟ କରୁଛନ୍ତି ଏଥିରୁ ତାହାର ପ୍ରମାଣ ମିଳୁଛି।

ଭାରତରେ କଶ୍ମୀରଠାରୁ ଆରମ୍ଭ କରି ଉତ୍ତର-ପୂର୍ବାଞ୍ଚଳ ପର୍ଯ୍ୟନ୍ତ ଆମ ଜନଜାତି ଭାଇଭଉଣୀମାନେ ରହୁଛନ୍ତି। ବିଶେଷକରି ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟରେ ଅଧିକ ସଂଖ୍ୟାରେ ଜନଜାତି ସମୁଦାୟ ରହିଆନ୍ତି। ସ୍ୱାଧୀନତା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ କଂଗ୍ରେସ କେବଳ ସେମାନଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିଥିଲା। ଅଧିକ ଜନଜାତି ସମୁଦାୟ ରହୁଥିବା ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ରକୁ ମଧ୍ୟ କଂଗ୍ରେସ ଲଗାତର ଅବହେଳା କରିଆସିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ ଭାର ସମ୍ଭାଳିବା ପରେ ପରେ 'ଆକ୍ଟ ଇଷ୍ଟ' ନୀତି ମାଧ୍ୟମରେ ଉତ୍ତର-ପୂର୍ବାଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦିଆଗଲା। ଗତ ୮ ବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଦେଶ ବିକାଶର ମୁଖ୍ୟଧାରା ସହ ଯୋଡ଼ି ସେମାନଙ୍କୁ ଜାତୀୟ ପ୍ରଗତିରେ ସହଭାଗୀ କରାଯାଇଛି। ଆଜି ଉତ୍ତର-ପୂର୍ବାଞ୍ଚଳରେ ଯେତେବେଳେ ଶାନ୍ତି ସ୍ଥାପନ ହେବା ସହ ନିରନ୍ତର ବିକାଶ ଜାରି ରହିଛି, ଏହାର ସବୁଠୁ ବେଶି ଲାଭ ଆମ ଆଦିବାସୀ ଭାଇଭଉଣୀମାନଙ୍କୁ ମିଳୁଛି।

ବହୁ ଦଶନ୍ଧି ଧରି ଏ ଜନଜାତି ସମାଜ ପାଇଁ ଦାରିଦ୍ର୍ୟ ସହ ଅସୁରକ୍ଷା ସବୁଠୁ ବଡ଼ ବିପଦ ଥିଲା। ଏହାର ଫାଇଦା ଉଠାଇ ଅନେକ ଜନଜାତି କ୍ଷେତ୍ରରେ ବାମପନ୍ଥୀ ଉଗ୍ରବାଦୀମାନେ ସେମାନଙ୍କର ସ୍ଥିତି ସୁଦୃଢ଼ କରି ନେଇଥିଲେ। ଏମାନେ କେବଳ ଆମ ଆଦିବାସୀ ଯୁବକମାନଙ୍କୁ ବାଟବଣା କରି ନ ଥିଲେ ବରଂ କ୍ଷେତ୍ରୀୟ ବିକାଶରେ ବାଧା ସୃଷ୍ଟି କରିଥିଲେ। କିନ୍ତୁ ମୋଦି ସରକାର ଆସିବାର ୮ବର୍ଷ ମଧ୍ୟରେ ଏ ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଛି। ଉଗ୍ରବାଦ ଏବଂ ନକ୍ସଲବାଦ ଉପରେ ଜିରୋ ଟଲରାନ୍ସ ବା ଶୂନ୍ୟ ସହନଶୀଳତା ନୀତି କାରଣରୁ ଏସବୁର ପରିଧି ସଙ୍କୁଚିତ ହୋଇଛି। ନକ୍ସଲବାଦର ପ୍ରଭାବ ଏବେ ପ୍ରାୟତଃ ନ ଥିବା ବେଳେ ପ୍ରଭାବିତ କ୍ଷେତ୍ରରେ ଶାନ୍ତି ଏବଂ ବିକାଶର ପରିବେଶ ସୃଷ୍ଟି ହୋଇଛି। ଲୋକମାନଙ୍କ ମଧ୍ୟରେ ସୁରକ୍ଷା ଭାବନା ବଢ଼ିଛି। କହିବା ବାହୁଲ୍ୟ ଯେ, ଏ ପରିବର୍ତ୍ତନର ଲାଭ ଏ କ୍ଷେତ୍ରରେ ରହୁଥିବା ଜନଜାତି ସମାଜର ଲୋକମାନଙ୍କୁ ମିଳୁଛି ଓ ସେମାନେ ଖୁବ୍ ସହଜରେ ବିକାଶର ମୁଖ୍ୟଧାରାରେ ସାମିଲ ହେଉଛନ୍ତି।

ଜନଜାତି ସମାଜର ଉତ୍ଥାନ, ସେମାନଙ୍କ ପାଇଁ ଗରିମାପୂର୍ଣ୍ଣ ଜୀବନ, ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ, ସେମାନଙ୍କ ରାଜନୈତିକ ଭାଗୀଦାରି ସୁନିଶ୍ଚିତ କରିବା ଭାଜପା ବିଚାରଧାରାର ଏକ ଅଭିନ୍ନ ଅଙ୍ଗ ହୋଇ ରହିଛି। ଭାଜପା ସବୁବେଳେ ଜନଜାତି ସମାଜର ପ୍ରଗତି ପାଇଁ ସଂକଳ୍ପବଦ୍ଧ। ଆଜି ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଯେତେବେଳେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବାର ସମୟ ଆସିଛି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସମର୍ଥନରେ ଦେଶକୁ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ରୂପରେ ପ୍ରଥମ ଜନଜାତି ରାଷ୍ଟ୍ରପତି ମିଳିଛନ୍ତି। ଦେଶର ସବୁଠୁ ନିମ୍ନତମ ସୋପାନରେ ରହିଥିବା ସମାଜରୁ ଆସିଥିବା ଶ୍ରୀମତୀ ମୁର୍ମୁ ଆଜି ଯେତେବେଳେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି, ଏହା ନିଶ୍ଚିତ ଭାବେ ସାରା ଦେଶ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଜନଜାତିଙ୍କ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସଂକଳ୍ପର ଏହା ନିଶ୍ଚିତ ଭାବେ ଏକ ବିରଳ ଉଦାହରଣ।

**(ଲେଖକ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ)**

# ବାର୍ଦ୍ଧକ୍ୟର ଗତିରୋଧ



ଡା. ପ୍ରଫୁଲ୍ଲ କୁମାର ଦାସ

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦ୍‌ରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରିଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନରେ ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛିଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜଣେ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟ୍‌ରେ ସବିଶେଷ ସୂଚିତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ, ଯିଏ ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହର୍‌ମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୂଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାଲବ୍ଧ ତଥ୍ୟ ସୂଚିତ କରୁଛି ଯେ, ଖାଦ୍ୟରେ ଅତ୍ୟଧିକ ପ୍ରୋଟିନ୍‌ର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନ୍‌ର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ୍ ତରୁଣ ମୂଷାଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷାଙ୍କ କ୍ଷେତ୍ରରେ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛିଦିନ ରଖାଯାଇଥିଲା। ତାହା ପରେ ସେ ମୂଷାଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ତନ୍ୟପାୟୀ ପ୍ରାଣୀମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି, ଦେହର କର୍ଟିକଷ୍ଟେରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ, ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟାମେଟ୍‌ରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗାବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କମ୍ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟ୍‌ର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁମାନଙ୍କ ଉପରେ ନିଜ ପରୀକ୍ଷାଗୁଡ଼ିକୁ କରିଥିଲେ ମଧ୍ୟ ମାନବଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନ୍‌ର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ ଥିବା ହେତୁ ଏହା ହୃଦ୍‌ରୋଗର କାରଣଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିଥାଏ। କିନ୍ତୁ କମ୍ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜିଯୁକ୍ତ ଆହାର ବୟସ୍କମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜିଂ ଆଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି, ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରି ନ ଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

**କନସଲ୍‌ଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ- ୯୪୩୭୦୨୩୪୪୩**

## ଏଇ ଭାରତରେ

କ୍ୟାନ୍‌ସରରେ ନିଜ ଝିଅର ମୃତ୍ୟୁ ଘଟିବା ପରେ ତା' ସ୍ୱପ୍ନ ପୂରଣ କରିବା ଲାଗି କ୍ୟାନ୍‌ସର ରୋଗୀମାନଙ୍କୁ ସାହାଯ୍ୟ କରୁଛନ୍ତି ମୀନାକ୍ଷୀ ଧିଙ୍ଗ୍ରା। ମୀନାକ୍ଷୀଙ୍କ ଝିଅ ତନିଷା ୨୩ ବର୍ଷ ବୟସରେ ୨୦୧୬ରେ ଗୁଗଲରେ କାମ କରୁଥିବାବେଳେ ଓଭାରିଆନ କ୍ୟାନ୍‌ସରରେ ପୀଡ଼ିତ ହୋଇଥିଲେ ଓ ୨୦୨୧ ଡିସେମ୍ବରରେ ତାଙ୍କର ଦେହାନ୍ତ ଘଟିଥିଲା। ସେ ଏହି ରୋଗରେ ପୀଡ଼ିତ ହୋଇ ମଧ୍ୟ ତାଙ୍କ ମା'ଙ୍କ ସହ କ୍ୟାନ୍‌ସର ସୋସାଇଟିରେ ସେଚ୍ଛାସେବୀ ଭାବେ ଯୋଗ ଦେଇଥିଲେ। ସେମାନେ ଉଭୟ ବିଭିନ୍ନ ହସ୍ପିଟାଲ ଯାଇ ରୋଗୀମାନଙ୍କୁ ଭାବଗତ ସମର୍ଥନ ଦେବା ସହ ଦିଲ୍ଲୀ ଏନ୍‌ସିଆରରେ କ୍ୟାନ୍‌ସର ପୀଡ଼ିତମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। 'ବ୍ରେକ୍ ଫ୍ରି ଫ୍ରମ୍ କ୍ୟାନ୍‌ସର' କାର୍ଯ୍ୟକ୍ରମ ମାଧ୍ୟମରେ ତନିଷା ରୋଗୀମାନଙ୍କ ପାଇଁ ହସ କ୍ଲବ୍, କମେଡ଼ି ଶୋ' ଓ ଫଟୋଶୁଟ୍‌ର ଆୟୋଜନ କରୁଥିଲେ। ହେୟାର ଡୋନେଶନ ଉପରେ ଗୁରୁତ୍ୱ ଦେଉଥିଲେ। ୨୦୧୭ରୁ ୨୦୧୯ ମଧ୍ୟରେ ସେ ୧୦୦୦ ରୋଗୀ ଓ ତାଙ୍କ ପରିବାରକୁ ସକାରାତ୍ମକ ଭାବେ ପ୍ରଭାବିତ କରିବାକୁ ସକ୍ଷମ ହୋଇଥିଲେ। ତେବେ ତନିଷା ଆରମ୍ଭ କରିଥିବା କାର୍ଯ୍ୟକୁ ଜାରି ରଖିବା ଲାଗି ତାଙ୍କ ମା' ମୀନାକ୍ଷୀ 'ତନିଷା ଫାଉଣ୍ଡେଶନ' ଗଠନ କରି ତା' ମାଧ୍ୟମରେ ୨୫୦୦ ରୋଗୀଙ୍କୁ ସାହାଯ୍ୟ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜୁଲାଇ ୧୯୯୭

- ଇଜିପ୍ଟର ରାଷ୍ଟ୍ରପତି ମହମ୍ମଦ ହୋସନି ମୁବାରକ ସମ୍ମାନଜନକ ଜବାହରଲାଲ ନେହେରୁ ପୁରସ୍କାରରେ ସମ୍ମାନିତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଆସଫ ଅଲ୍ଲୀଙ୍କୁ ମରଣୋତ୍ତର ଭାବେ ଏବଂ କାମଚଳା ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରି ଲାଲ ନନ୍ଦାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ପ୍ରଦାନ।

## ଚିରନ୍ତନୀ

ସନ୍ଧ୍ୟା ଆସେ
ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା।
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚେଇଁ ଶୋଇଛନ୍ତି ସରକାର

ମହାଶୟ,

୨୦୧୮ରେ ପରିଚାଳନା କମିଟି ବୈଠକରେ ରତ୍ନ ଅଳଙ୍କାର ଗଣନା ପାଇଁ ସରକାରଙ୍କ ଦ୍ୱାରା ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ କାଳକ୍ଷେପଣ ନୀତି ଯୋଗୁ ୪ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଗଣତି ସମ୍ଭବପର ହୋଇନାହିଁ। ପରିଚାଳନା କମିଟିର ନିଷ୍ପତ୍ତି ଏବଂ ମତାମତ ଅନୁଯାୟୀ ଶ୍ରୀମନ୍ଦିରର ସ୍ୱତ୍ୱଲିପି କ୍ରମରେ ସମସ୍ତ ରତ୍ନ ଅଳଙ୍କାର ପ୍ରତି ୩ ବର୍ଷରେ ଗଣତି ପାଇଁ ନିୟମ ରହିଛି। କେବଳ ସରକାରଙ୍କର ଉଦାସୀନତା ପାଇଁ ଏହା ଆଜିପର୍ଯ୍ୟନ୍ତ ସମ୍ଭବପର ହୋଇପାରୁ ନାହିଁ। ରତ୍ନଭଣ୍ଡାରରେ ମହଣ ମହଣ ସୁନା ଗଚ୍ଛିତ ଥିବା କିମ୍ବଦନ୍ତୀ ରହିଛି। ଏହି ରତ୍ନଭଣ୍ଡାରରେ ଏବେ କେଉଁ ଅଳଙ୍କାର ରହିଛି ଓ କେଉଁ ଅଳଙ୍କାର ନାହିଁ ତାହା ଜଣାପଡୁ ନାହିଁ। ସରକାର କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନେଇ ପାରୁନାହାନ୍ତି। ଏହା ସରକାରଙ୍କ ଚେଇଁ ଶୋଇବାର ସୂଚନା ଦିଏ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | 5 |
| 9 | | 2 | | | | 6 | | |
| | 6 | | | | | | | |
| 3 | | | 8 | | | | | |
| | | | | | | 8 | | 4 |
| 4 | | 8 | 3 | 6 | | | | 9 |
| | 7 | | | 4 | | | | 2 |
| 1 | | | | 2 | | | 4 | 6 |
| | | | | | 9 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 6 | 1 | 9 | 3 | 5 | 8 | 2 |
| 5 | 1 | 9 | 2 | 4 | 8 | 7 | 3 | 6 |
| 2 | 8 | 3 | 6 | 7 | 5 | 1 | 4 | 9 |
| 4 | 9 | 1 | 8 | 2 | 7 | 3 | 6 | 5 |
| 6 | 5 | 2 | 4 | 3 | 1 | 8 | 9 | 7 |
| 8 | 3 | 7 | 5 | 6 | 9 | 2 | 1 | 4 |
| 9 | 7 | 4 | 3 | 1 | 2 | 6 | 5 | 8 |
| 1 | 2 | 5 | 9 | 8 | 6 | 4 | 7 | 3 |
| 3 | 6 | 8 | 7 | 5 | 4 | 9 | 2 | 1 |

ଗତକାଲିର ଉତ୍ତର

## ୯ ବର୍ଷର ଝିଅଙ୍କ ମୃତ୍ୟୁକୁ ନେଇ ବିବାଦ

ଢେଙ୍କାନାଳ ଅଫିସ, ୨୪।୭: ଢେଙ୍କାନାଳ ସଦର ଥାନା ସିମିନେଇ ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ପ୍ରତାପ ସାହୁଙ୍କ ୯ବର୍ଷର ଝିଅ ଶ୍ରୀୟାଶ୍ରଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଛି। ମୋବାଇଲ ପାଇଁ ଝଗଡ଼ା ହେବାରୁ ଝିଅ ଆତ୍ମହତ୍ୟା କରିଥିବା ବାପା ପ୍ରତାପ କହୁଥିବାବେଳେ ହତ୍ୟା କରି ଶ୍ରୀୟାଶ୍ରଦ୍ଧାଙ୍କୁ ମାରି ଝୁଲାଇ ଦିଆଯାଇଥିବା ଅଜା ବିଷ୍ଣୁଚରଣ ରଣା ଓ ମାମୁ ବିଶ୍ୱଜିତ୍ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ମୃତଦେହକୁ ଶେଷକୃତ୍ୟ କରିବାକୁ ନିଆଯାଉଥିବାବେଳେ ପୋଲିସ ମରଶରୀର ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜୁ'ରେ ହୀନସ୍ତା ଜଙ୍ଗଲୀଜୀବ

- କପିଳାସ ପ୍ରାଣୀ ଉଦ୍ୟାନରେ ନାହିଁ ଭେଟେରିନାରି
- ଠିକା ଡାକ୍ତରରେ ଚାଲିଛି ୨୬୦ ବନ୍ୟପ୍ରାଣୀଙ୍କ ଚିକିତ୍ସା
- ହୋଇପାରୁନି ନମୁନା ପରୀକ୍ଷଣ, ମିଳୁନି ଜରୁରୀ ସେବା



ପ୍ରାଣୀ ଉଦ୍ୟାନରେ ଥିବା ହରିଣ।

ଢେଙ୍କାନାଳ ଅଫିସ, ୨୪।୭

ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ଢେଙ୍କାନାଳର କପିଳାସ ପ୍ରାଣୀ ଉଦ୍ୟାନ। ଜୁ'ରେ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ଏହାର ଗୁରୁତ୍ୱ ଅନେକାଂଶରେ ବଢ଼ିଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଏଠାକୁ ଆସୁଛନ୍ତି ମା' ଦ୍ୱାରା ପରିତ୍ୟକ୍ତ ଏବଂ ଅସୁସ୍ଥ ହାତୀ। ଏଥିସହ ବିଭିନ୍ନ ପ୍ରଜାତିର ୨୬୦ରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ମଧ୍ୟ ଏଠାରେ ରହୁଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଜଙ୍ଗଲୀଜୀବଙ୍କ ଚିକିତ୍ସା ପାଇଁ ନାହିଁ ଭେଟେରିନାରି ସୁବିଧା। ଫଳରେ ଜରୁରୀ ସମୟରେ ନା ମିଳିପାରୁଛି ଚିକିତ୍ସା ସେବା ନା ଆବଶ୍ୟକ ସମୟରେ ହୋଇପାରୁଛି ନମୁନା ପରୀକ୍ଷା। ଏହି କାରଣରୁ ଅନେକ ସମୟରେ ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ବନ୍ୟପ୍ରାଣୀପ୍ରେମୀ।

ଢେଙ୍କାନାଳ ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହୋଇଛି କପିଳାସ ବନ୍ୟପ୍ରାଣୀ ଉଦ୍ୟାନ। ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏଠାକୁ ଆସିବାକୁ ଭୁଲି ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜୁ'ର କଳେବର ବଦଳାଇବାକୁ ଉଦ୍ୟମ ଚାଲିଛି। ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏକାଧିକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ପଡ଼ିରହିଛି। ଏପରି କି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନୂଆ ଜୀବଜନ୍ତୁଙ୍କୁ ଆଣିବା ଲାଗି ଯୋଜନା ରହିଛି। ହେଲେ ଜୀବଜନ୍ତୁଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପାଇଁ ଏକ ସ୍ଥାୟୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ଯେଉଁଭଳି ତତ୍ପରତା ପ୍ରକାଶ ପାଇବା କଥା, ତାହା ଦେଖିବାକୁ ମିଳୁନାହିଁ। ଏତେ ବନ୍ୟପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ପାଇଁ ବନ ବିଭାଗ ପକ୍ଷରୁ ମାତ୍ର ଜଣେ ବିଶେଷଜ୍ଞ ଏବଂ ଅନ୍ୟ ଜଣେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, ତାହା ମଧ୍ୟ ଠିକାରେ। କିନ୍ତୁ ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ଅଭାବ ଅନ୍ୟ ଏକ ପ୍ରମୁଖ ସମସ୍ୟା ହୋଇଛି। ରୋଗାକ୍ରାନ୍ତ ପ୍ରାଣୀଙ୍କ ନମୁନା ପରୀକ୍ଷଣ ପାଇଁ କୌଣସି ସୁବିଧା ନାହିଁ। ଆବଶ୍ୟକ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)କୁ ନମୁନା ପଠାଯାଉଛି। ଏହାର ରିପୋର୍ଟ ଆସିବାକୁ ବହୁ ଦିନ ଲାଗିଯାଉଛି। ରୋଗ ଚିହ୍ନଟରେ ସମସ୍ୟା ଉପୁଜିଲେ ଆବଶ୍ୟକସ୍ଥଳେ ନନ୍ଦନକାନନ, ସାତକୋଶିଆରୁ ବିଶେଷଜ୍ଞ ଆସୁଛନ୍ତି। ଏହା ସମୟସାପେକ୍ଷ ହେଉଥିବାବେଳେ ବନ୍ୟପ୍ରାଣୀଙ୍କ ଜୀବନ ଚାଲିଯାଉଛି। ଅଧିକାଂଶ ସମୟରେ ଏଭଳି ସମସ୍ୟା ଉପୁଜୁଥିବାବେଳେ କପିଳାସ ଚିଡ଼ିଆଖାନାରେ ନନ୍ଦନକାନନ, ସାତକୋଶିଆ ଭଳି ସ୍ଥାୟୀ ବନ୍ୟପ୍ରାଣୀ ଚିକିତ୍ସାକେନ୍ଦ୍ର ଖୋଲିବା, ରୋଗ ପରୀକ୍ଷା ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇଦେବା, ସ୍ଥାୟୀ କର୍ମଚାରୀ ନିଯୁକ୍ତି ଦେବାକୁ ଦାବି ହେଉଛି।

### ରେସ୍କ୍ୟୁ ସେଣ୍ଟରରେ ଗଲାଣି ୫ ହାତୀଙ୍କ ଜୀବନ

୧୯୭୯ ଜାନୁୟାରୀ ୨୬ରେ କପିଳାସ ପାଦଦେଶରେ ୫ ହେକ୍ଟର ଜାଗାରେ ଡିଅର ପାର୍କ ପଡ଼ିଥିଲା କପିଳାସ ପ୍ରାଣୀ ଉଦ୍ୟାନର ଭିତ୍ତି। ୧୯୮୬ ଏପ୍ରିଲ ୧ରେ ଏହାକୁ ମିଳିଥିଲା ଜୁ'ର ମାନ୍ୟତା। ୨୬.୬୪ ଏକର ବିଶିଷ୍ଟ ଏହି ଚିଡ଼ିଆଖାନାକୁ ୧୯୯୫ ଏପ୍ରିଲ୍ ୧ରେ ସେଣ୍ଟ୍ରାଲ ଜୁ' ଅଥରିଟି ଅଫ୍ ଇଣ୍ଡିଆର ମାନ୍ୟତା ମିଳିଛି। ଏଠାରେ ହାତୀ, କୁମ୍ଭୀର, ହରିଣ, ଭାଲୁ, ସମ୍ବର, ମିଥୁନ ଗାଈ, ଠେକୁଆ, ଅହିରାଜ, ଅଜଗର ସାପ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ଅଛନ୍ତି। ୨୦୦୭ରୁ ଆରମ୍ଭ ହୋଇଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଢେଙ୍କାନାଳ, ଅନୁଗୋଳ, ବ୍ରହ୍ମପୁର, ସମ୍ବଲପୁର, ବରଗଡ଼, କେନ୍ଦୁଝରରୁ ଉଦ୍ଧାର ହୋଇ ଆସିଥିବା ୭ ହାତୀ ଅଛନ୍ତି। ଆବଶ୍ୟକ ଚିକିତ୍ସା ଅଭାବରୁ ବିଭିନ୍ନ ସମୟରେ ୫ ହାତୀ ଛୁଆଙ୍କ ମୃତ୍ୟୁ ଘଟିସାରିଛି।

### ୧୫ଦିନରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି

କପିଳାସ ଜୁ'ରେ ବନ୍ୟପ୍ରାଣୀଙ୍କ ଚିକିତ୍ସା ପାଇଁ ଅଭିଜ୍ଞତା ସମ୍ପନ୍ନ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ସହଯୋଗୀ କର୍ମଚାରୀଙ୍କୁ ଠିକାରେ ରଖାଯାଇଛି। ପ୍ରତି ୧୫ଦିନରେ ଥରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସ୍ଥାୟୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଇଁ ନିର୍ଦ୍ଦେଶନାମା ଆସିନାହିଁ। ମିଳିଥିବା ୩୦ଲକ୍ଷ ଟଙ୍କା ଅନୁଦାନରେ ଚିକିତ୍ସା ସରଞ୍ଜାମ କିଣାଯାଉଛି। ଖୁବ୍‌ଶୀଘ୍ର ଏଥିଲାଗି ଏକ ସ୍ୱତନ୍ତ୍ର ଘର ନିର୍ମାଣ କରାଯିବ।

–ଡ. ପ୍ରକାଶଚାନ୍ଦ ଗୋଗିନେନି
ଜିଲା ବନଖଣ୍ଡ ଅଧିକାରୀ

# ପାର୍ଥ ଚାଟାର୍ଜୀଙ୍କୁ ଭୁବନେଶ୍ୱର ଏମ୍ସ ଅଣାଯିବ

- ଚିକିତ୍ସା ପାଇଁ ଡାକ୍ତରୀ ଟିମ୍ ଗଠନ
- ନିର୍ଦ୍ଦେଶ ଦେଲେ କାଲ୍‌କାଟା ହାଇକୋର୍ଟ

କୋଲକାତା, ୨୪।୭

ପଶ୍ଚିମବଙ୍ଗ ବିଦ୍ୟାଳୟ ସେବା ଆୟୋଗ (ଡବ୍ଲ୍ୟୁବିଏସ୍‌ଏସ୍‌ସି) ଅଧୀନରେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଥିବା ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯିବ। ପାର୍ଥଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଯିବା ପରେ ରବିବାର କାଲ୍‌କାଟା ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତା ପାର୍ଥଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ହିସାବ ବହିର୍ଭୂତ ୨୧ କୋଟି ଟଙ୍କା ଜବତ କରିବା ପରେ ଉଭୟଙ୍କୁ ଶନିବାର ଗିରଫ କରିଥିଲା। ଗିରଫ ପରେ ପାର୍ଥଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରି ଇଡି ଦୁଇଦିନିଆ ରିମାଣ୍ଡରେ ନେଇଥିଲା। ମେଟ୍ରୋ ପଲିଟାନ୍ ମାଜିଷ୍ଟ୍ରେଟ୍ ନମ୍ରତା ସିଂ ପାର୍ଥଙ୍କୁ ସୋମବାର କୋର୍ଟରେ ହାଜର କରିବାକୁ ଇଡିକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ହଠାତ୍ ଅସୁସ୍ଥ ହୋଇଯିବାରୁ ତାଙ୍କୁ କୋଲକାତା ସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଟିଏମ୍‌ସି ଏହି ମାମଲାର ସମୟବଦ୍ଧ ଶୁଣାଣି ଦାବି କରିଥିବାବେଳେ ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ପାର୍ଥ ଚିକିତ୍ସିତ ହେଲେ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରନ୍ତି ବୋଲି ଆଶଙ୍କା କରି ଇଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଇଡି ପକ୍ଷରୁ ଦାଏର ରିଭିଜନ୍ ପିଟିଶନର ଶୁଣାଣି କରି ଜଷ୍ଟିସ୍ ବିବେକ ଚୌଧୁରୀଙ୍କ ଖଣ୍ଡପୀଠ କହିଛନ୍ତି, ପାର୍ଥଙ୍କୁ ସୋମବାର ଭୋର୍ ସମୟରେ ଏୟାର ଆମ୍ବୁଲାନ୍ସରେ କୋଲକାତାରୁ ଭୁବନେଶ୍ୱରରେ ନିଆଯିବ। ତାଙ୍କୁ ଏମ୍ସରେ ଚିକିତ୍ସା କରାଯିବ। ସେଠାରୁ ଭର୍ଚୁଆଲ ମୋଡ୍‌ରେ ଅପରାହ୍ନ ୪ଟାରେ ସ୍ୱତନ୍ତ୍ର ଇଡି କୋର୍ଟରେ ହାଜର କରାଯିବ। ପାର୍ଥଙ୍କ ଚିକିତ୍ସା ପାଇଁ ଏମ୍ସ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରିବେ। ଉକ୍ତ ଟିମ୍‌ରେ କାର୍ଡିଓଲୋଜି, ନେଫ୍ରୋଲୋଜି, ରେସ୍ପିରେଟୋରି ମେଡିସିନ ଏବଂ ଏଣ୍ଡୋକ୍ରାଇନୋଲୋଜି ବିଭାଗର ବିଶେଷଜ୍ଞମାନେ ଚିକିତ୍ସା କରିବେ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଜଷ୍ଟିସ୍ ଚୌଧୁରୀ ଏମ୍ସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ପାର୍ଥ ଚାଟାର୍ଜୀ

ପ୍ରକାଶ ଯେ, ପାର୍ଥ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଶିକ୍ଷାମନ୍ତ୍ରୀ ଥିବାବେଳେ ଡବ୍ଲ୍ୟୁବିଏସ୍‌ଏସ୍‌ସି ଅଧୀନରେ ଶିକ୍ଷକ ନିଯୁକ୍ତି ବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଥିଲା। ୨୦୧୬ରେ ଡବ୍ଲ୍ୟୁବିଏସ୍‌ଏସ୍‌ସିଙ୍କ ସୁପାରିସ କ୍ରମେ ସରକାରୀ ଓ ସରକାରଙ୍କ ପକ୍ଷରୁ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ଗ୍ରୁପ୍-ସି, ଗ୍ରୁପ୍-ଡି ଷ୍ଟାଫ୍ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ମାମଲା କାଲ୍‌କାଟା ହାଇକୋର୍ଟରେ ପହଞ୍ଚିଲା। ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗତ ଏପ୍ରିଲ ଓ ମେ'ରେ ପାର୍ଥଙ୍କୁ ସିବିଆଇ ଜେରା କରିଥିଲା। ଇଡି ମଧ୍ୟ ଏହାର ଆର୍ଥିକ ଅନିୟମିତତା ଦିଗକୁ ନେଇ ତଦନ୍ତ ଚଳାଇଥିଲା। ଶୁକ୍ରବାର ଇଡି ପକ୍ଷରୁ ପାର୍ଥ ଓ ତାଙ୍କ ଘନିଷ୍ଠ କୁହାଯାଉଥିବା ଅର୍ପିତାଙ୍କ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଅର୍ପିତାଙ୍କ ଘରୁ ବିପୁଳ ଅର୍ଥ, କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଓ ଅନେକ ଦସ୍ତାବିଜ ଜବତ ହୋଇଥିଲା।

# ସେକ୍ସ ରାକେଟ ଚଳାଉଥିଲେ ଭାଜପା ନେତା

- ୬ ନାବାଳିକା ଉଦ୍ଧାର, ୭୩ ଗିରଫ
- ବିପୁଳ ଆପତ୍ତିଜନକ ସାମଗ୍ରୀ ଜବତ



ନୂଆଦିଲ୍ଲୀ, ୨୪।୭

ମେଘାଳୟ ଭାଜପା ଉପାଧ୍ୟକ୍ଷ ବର୍ନାର୍ଡ ଏନ୍. ରିମ୍ପୁ ମରାକ୍‌ଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆସିଛି। ୱେଷ୍ଟଗାରୋ ହିଲ୍ସ ଜିଲା ସଦର ମହକୁମା ତୁରା ସ୍ଥିତ ଏକ ଫାର୍ମ ହାଉସ୍‌ରେ ସ୍ଥାନୀୟ ପୋଲିସ ଚଢ଼ାଉ କରିଛି। ମରାକ୍ ସେଠାରେ ଗଣିକାଳୟ ଖୋଲି ସେକ୍ସ ରାକେଟ ଚଳାଉଥିବା ପୋଲିସ ଜାଣିବାକୁ ପାଇ ୬ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ୭୩ ଜଣଙ୍କୁ ଗିରଫ କରାଯାଇଛି। ସେଠାରୁ ୩୬ ଗାଡ଼ି, ୪୧୪ ବୋତଲ ମଦ, ୪୯ ମୋବାଇଲ ଫୋନ, ଧାରୁଆ ଅସ୍ତ୍ର ଓ କେତେକ ଅବ୍ୟବହୃତ ଆପତ୍ତିଜନକ ସାମଗ୍ରୀ ଜବତ କରିଥିବା ଏସ୍‌ପି ବିବେକାନନ୍ଦ ସିଂ ରାଥୋଡ ସୂଚନା ଦେଇଛନ୍ତି।

ବର୍ନାର୍ଡ ଏନ୍. ରିମ୍ପୁ ମରାକ୍ ହେଉଛନ୍ତି ଅଚିକ୍ ନ୍ୟାଶନାଲ ଭଲିଣ୍ଟିୟର କାଉନ୍‌ସିଲ(ଏଏନ୍‌ଭିସି)ର ପୂର୍ବତନ ସଦସ୍ୟ। ଏହି ନିଷିଦ୍ଧ ଘୋଷିତ ଉଗ୍ରପନ୍ଥୀ ସଙ୍ଗଠନ ଅନେକ ହିଂସାତ୍ମକ କାର୍ଯ୍ୟରେ ଜଡ଼ିତ। ମରାକ୍ ୨୦୧୪ରେ ଭାଜପାରେ ସାମିଲ ହେବା ପରେ ଦଳ ତାଙ୍କୁ ମେଘାଳୟ ଉପାଧ୍ୟକ୍ଷ ନିଯୁକ୍ତ କରିଥିଲା। ତାଙ୍କ ବିରୋଧରେ ୨୫ ଆପରାଧିକ ମାମଲା ରହିଛି। ପୋଲିସ ତାଙ୍କ କଳା କାରନାମା ସମ୍ପର୍କରେ ସୂଚନା ପାଇ ଫାର୍ମ ହାଉସରେ ଚଢ଼ାଉ କରିଥିଲା। ୩ ମହଲା ବିଶିଷ୍ଟ ଉକ୍ତ ଫାର୍ମ ହାଉସ୍‌ରେ ପ୍ରାୟ ୩୦ କୋଠରୀ ରହିଛି। ଚଢ଼ାଉ ପରେ ପୋଲିସ ଫାର୍ମହାଉସ ମ୍ୟାନେଜର, କେୟାର ଟେକର ଏବଂ ଅନ୍ୟ ୩ କର୍ମଚାରୀଙ୍କୁ ଗିରଫ କରିଥିବାବେଳେ ମରାକ୍ ଫେରାର ଅଛନ୍ତି। ପୋଲିସ ତାଙ୍କୁ ଆତ୍ମସମର୍ପଣ ପାଇଁ କହିଛି। ମରାକ୍ ଏକ ଭିଡିଓ ଜାରି କରି କହିଛନ୍ତି, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମାଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇଛି। ସାଙ୍ଗମା ତାଙ୍କଠାରୁ ତୁରା ଆସନରୁ ନିର୍ବାଚନ ହାରିଯିବା ଭୟରେ ତାଙ୍କୁ ଗୁଳି କରି ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ମରାକ୍ କହିଛନ୍ତି।

# ହାଇୱାକୁ ପଛରୁ ପିଟିଲା କାର୍: ୨ ବଙ୍ଗୀୟ ମୃତ



ଦୁର୍ଘଟଣାଗ୍ରସ୍ତ କାର୍।

### ପଶ୍ଚିମବଙ୍ଗରୁ ପୁରୀ ଯାଉଥିଲେ

ଭଦ୍ରକ ଅଫିସ, ୨୪।୭

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱାକୁ ପଛପଟୁ କାର୍ ପିଟିବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ପଶ୍ଚିମବଙ୍ଗର ଶୁଭଜିତ୍ ବିଶ୍ୱାସ ଓ ଅରୁଣ ମୁଖାର୍ଜୀ। ଦୁଇ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନେ ଜଗନ୍ନାଥଙ୍କ ଦର୍ଶନ ଲାଗି ପଶ୍ଚିମବଙ୍ଗରୁ ପୁରୀ ଯାଉଥିଲେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁଭଜିତ୍, ଅରୁଣଙ୍କ ସମେତ ପଶ୍ଚିମବଙ୍ଗର ସଞ୍ଜୀବ ଶାହା ଓ ଅର୍ଜିତ ଦତ୍ତ କାର୍ (ନଂ.ଡବ୍ଲ୍ୟୁ ବି ୦୨ଏଏନ୍ ୭୯୪୫)ରେ ପୁରୀ ଯାଉଥିଲେ। ବିଷ୍ଣୁପୁର ନିକଟରେ ଆଗରେ ଯାଉଥିବା ଏକ ହାଇୱାର ଚକା ଫାଟିଯିବାରୁ ଚାଳକ ବାମପାର୍ଶ୍ୱକୁ ସାଇଡ୍ କରୁଥିଲେ। ଏହି ସମୟରେ କାର୍‌ଟି ହାଇୱା ପଛପଟେ ଖୁବ୍ ଜୋରରେ ପିଟି ହୋଇଯାଇଥିଲା। କାର୍‌ରେ ଥିବା ଚାଳକଙ୍କ ସମେତ ୪ଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଶୁଭଜିତ୍ ଓ ଅରୁଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅର୍ଜିତ ଓ ସଞ୍ଜୀବ ଚିକିତ୍ସାଧୀନ ଅଛନ୍ତି। ଧାମନଗର ଥାନା ପୋଲିସ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ପୂର୍ବତନ ଲୋକ ସଭା ସଦସ୍ୟ ସୁବାସ ଚନ୍ଦ୍ର ନାୟକଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ



ସୁବାସ ଚନ୍ଦ୍ର ନାୟକ

ଭବାନୀପାଟଣା, ୨୪।୭(ସ୍ୱ.ପ୍ର.)

କଳାହାଣ୍ଡିର ପୂର୍ବତନ ଏମ୍‌ପି, ସଂଗ୍ରାମୀ ନେତା ତଥା ଖବରଦାତା ସୁବାସ ଚନ୍ଦ୍ର ନାୟକଙ୍କ ହୃଦ୍‌ଘାତରେ ରବିବାର ଭବାନୀପାଟଣାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଜିଲାର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ସୁବାସ ୧୯୯୧ରେ କଳାହାଣ୍ଡି ଲୋକ ସଭା ଆସନରୁ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ପରେ ପ୍ରଥମ ଦିନ ସଂସଦ ଭବନର ପାହାଚକୁ ମୁଣ୍ଡିଆ ମାରିଥିଲେ। ସଂସଦକୁ ମନ୍ଦିର ବୋଲି ବର୍ଣ୍ଣନା କରି ସେ ସମୟରେ ସୁବାସ ବେଶ୍ ଚର୍ଚ୍ଚିତ ହୋଇଥିଲେ। ପରେ ପାର୍ଲାମେଣ୍ଟକୁ ସାଇକେଲରେ ଆସି ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ହସ୍ପିଟାଲର କର୍ମଚାରୀ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିବା ସୁବାସ କର୍ମଚାରୀ ସଂଘର ସମ୍ପାଦକ ରହି କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ଲଢୁଥିଲେ। ପରେ ଚାକିରି ଛାଡ଼ି ସାମ୍ବାଦିକତା ଓ ପ୍ରିଣ୍ଟିଙ୍ଗ ପ୍ରେସ୍ କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଗଠନ ହୋଇଥିବା ଆଞ୍ଚଳିକ ଦଳ 'ଜାଗ୍ରତ ଓଡ଼ିଶା'ର ସୁବାସ କନ୍‌ଭେନର୍ ଥିଲେ। ସେ ରାଜୀବ ଗାନ୍ଧୀଙ୍କ କଳାହାଣ୍ଡି ଗସ୍ତ ସମୟରେ ଭିନ୍ନକ୍ଷମମାନଙ୍କୁ ନେଇ ରାଜୀବଙ୍କୁ ସ୍ୱାଗତ କରି ତାଙ୍କ ନଜରକୁ ଆସିଥିଲେ। ଏହା ପରେ ଅନ୍ୟ ନେତାଙ୍କୁ ପଛରେ ପକାଇ ଲୋକ ସଭା ସଦସ୍ୟ ଭାବେ ଟିକେଟ ପାଇଥିଲେ। ରାଜୀବ ଗାନ୍ଧୀ ହିଁ ତାଙ୍କୁ ୧୯୯୧ ଲୋକ ସଭା ନିର୍ବାଚନ ପାଇଁ ଟିକେଟ ଦେଇଥିଲେ। ସେ ଶ୍ରୀମା ଅରବିନ୍ଦଙ୍କ ଭକ୍ତ ଥିଲେ। ୨୦୦୯ରେ କଳାହାଣ୍ଡି ଲୋକ ସଭା ଆସନ ପାଇଁ ତାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଟିକେଟ ଦିଆଯାଇଥିଲା। ମାତ୍ର ସେ ନିର୍ବାଚନରେ ପରାସ୍ତ ହୋଇଥିଲେ। ସୁବାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ କରି ଶୋକ ପ୍ରକାଶ କରିଛନ୍ତି। ବିରୋଧୀଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ଅନେକ ନେତା ଶୋକପ୍ରକାଶ କରିଛନ୍ତି।

# କାଶୀପୁରରେ ୫ ଶିଶୁ କଲେରାରେ ଆକ୍ରାନ୍ତ

- ଲୋକଙ୍କୁ ଅଧିକ ସଚେତନ କରିବା ଜରୁରୀ: ସ୍ୱାସ୍ଥ୍ୟ ଅଧିକାରୀ

ରାୟଗଡ଼ା ଅଫିସ/ଟିକିରି, ୨୪।୭

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କଲେରା ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ଏବେ ଛୋଟ ପିଲାମାନେ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେଣି। ଶନିବାର ୩ ରୁ ୧୨ ବର୍ଷ ବୟସର ୫ ପିଲା ଆକ୍ରାନ୍ତ ହୋଇ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବା ଡାକ୍ତରୀ ଟିମ୍‌କୁ ଚିନ୍ତାରେ ପକାଇଛି। ୫ ଆକ୍ରାନ୍ତ ହେଲେ ଟିକିରି ଏବଂ ଶଙ୍କରଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋବରଘାଟି ଗାଁର କବର ମାଝି, ପାଞ୍ଚାଳିର ନୟନା ମାଝି, ତାଣାବନ୍ଧ ଗାଁର ବବିଲି ମାଝି, ପଣସପଦର ଗ୍ରାମର ସୋନାଲି କୁମାରୀ ଏବଂ ଟିକିରି ସଦର ଗ୍ରାମର ବଗଲା ମାଝି। ଏମାନଙ୍କୁ ବାରମ୍ବାର ଝାଡ଼ାବାନ୍ତି ହେବାରୁ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ କେବଳ ସ୍ୱାସ୍ଥ୍ୟ ବିଭାଗ ଚାହିଁଲେ କଲେରା ନିୟନ୍ତ୍ରଣକୁ ଆସିବନି। ଏହାର ମୁକାବିଲା କରିବାକୁ ହେଲେ ଲୋକଙ୍କୁ ସଚେତନ ହେବାକୁ ପଡ଼ିବ। ଲୋକଙ୍କୁ ସଚେତନ କରିବାକୁ ଅନ୍ୟ ବିଭାଗ ମଧ୍ୟ ଆଗେଇ ଆସିବାକୁ ପଡ଼ିବ ବୋଲି ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ର।ମ।ର।ଓ କହିଛନ୍ତି।


ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଝାରସୁଗୁଡା
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION DIVISION,JHARSUGUDA
Inside Collectorate Campus,OMP Line,Jharsuguda-768204,
Ph:06645-270219 (Off), Fax:06645-270219,Email:eerwss_jha@nic.in
Quotation Call Notice No.05/RWS&S, Dt.20.07.22

No.O-705:1.Hiring of A/C Diesel driven Bolero/Vehicle TUV 300 (Preferably Petrol) for RWS&S Division, Jharsuguda under Jharsuguda District.
2. Total Number of Vehicle : 01 No.
3. Estimated Hire Cost : Rs.31,000/- per Month per Vehicle
4. Period of Contract : 24 Months
5. Quotation Paper dropping Last date & Time : 10.08.2022 by 11.00 A.M.
6. Quotation Paper opening date and time : 10.08.2022 by 11.30 A.M.

| Procurement Officer | Quotation Call Notice Number | Availability of tender Papers for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Jharsuguda | 05 of 2022-23 dt.20.07.2022 | 28.07.2022 at 10.00 A.M. | 08.08.2022 upto 5.30 P.M. |

OIPR-25008/11/0006/2223
Sd./-Superintending Engineer
RWS&S Division,Jharsuguda



ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMGSUBBS 2022070, ତା.15.07.2022ରିଖ
କାର୍ଯ୍ୟର ନାମ : MCL ର ତାଳଚେର କୋଲ୍‌ଫିଲ୍ଡସ୍ ଠାରେ ସର 7 ଏବଂ 8 ନିମନ୍ତେ ପ୍ରବେଶ (Approach) ନିକଟରେ ସିଏଚ୍.11237 F/CSB ଠାରେ 1x36m ସ୍ପାନ୍ କମ୍ପୋଜିଟ୍ ଗର୍ଡର ଥିବା ରୋଡ୍ ଓଭର ବ୍ରିଜ୍ (ROB) ନଂ.29 ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 622.54 ଲକ୍ଷ, EMD (ଟଙ୍କାରେ): 4,61,300/-, କାର୍ଯ୍ୟ ଶେଷ ହେବା ଅବଧି : 15 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.08.2022 ରିଖ 1200 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚର୍ଟ୍ର ଆକାଉଣ୍ଟେଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-60/CF/22-23


# ପୁଣି ମାଛଧରା ବୋଟ୍‌ରେ ନିଆଁ ଲାଗିଲା



ସମୁଦ୍ର ମଝିରେ ମା'ଭଗବତୀ –୩ ବୋଟ୍‌ରେ ନିଆଁ ଲାଗିଛି।

### ଘଣ୍ଟାଏ ଜଳିବା ପରେ ସମୁଦ୍ରରେ ବୁଡ଼ିଗଲା

ପାରାଦୀପ, ୨୪।୭(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦରରୁ ଶୁକ୍ରବାର ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ମା'ଭଗବତୀ-୩ ନାମକ ବୋଟ୍‌ରେ ରବିବାର ନିଆଁ ଲାଗି ପୋଡ଼ିଯିବା ପରେ ପାଣିରେ ବୁଡ଼ିଯାଇଛି। ସେଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି। ପାରାଦୀପ ମାଛଧରା ବନ୍ଦରଠାରୁ ୮୧ ମାଇଲ ଦୂର (୧୪୫କିମି) ଅର୍ଥାତ୍ ଚିଲିକା ସମୁଦ୍ର ସୀମାରେ ଏହି ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଏହି ବୋଟ୍‌ର ମାଲିକ ହେଲେ ଗୋବର୍ଦ୍ଧନ ବେହେରା। ଏହାର ପଞ୍ଜୀକୃତ ନମ୍ବର ହେଲା ଆଇଏମଡିଓଆର ଏମ୍‌ଏମ୍ ୩୪୬। ରବିବାର ଅପରାହ୍ନ ୪ଟା ୩୦ ରୁ ୫ଟା ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିକଟରେ ଥିବା ଲୋକନାଥ ଓ ମୁକ୍ତିମଣ୍ଡପ ବୋଟ୍‌ର ମତ୍ସ୍ୟଜୀବୀମାନେ ଏହାଦେଖି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ କୋଷ୍ଟଗାର୍ଡ ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିବାବେଳକୁ ବୋଟ୍‌ଟି ବୁଡ଼ି ସାରିଥିଲା। ଶନିବାର କୋଣାର୍କ-ଚନ୍ଦ୍ରଭାଗା ସୀମା କୂଳଠାରୁ ୧୫ ମାଇଲ (୨୭ କି.ମି.) ସମୁଦ୍ର ମଝିରେ ଲକ୍ଷ୍ମୀନାରାୟଣ ନାମକ ଏକ ମାଛଧରା ବୋଟ୍ ନିଆଁ ଲାଗି ପୋଡ଼ିଯାଇଥିଲା। ସେଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଅନ୍ୟ ଏକ ବୋଟ୍ ଉଦ୍ଧାର କରିଥିଲା। ଉକ୍ତ ମତ୍ସ୍ୟଜୀବୀମାନେ ଆସି ରବିବାର ପାରାଦୀପ ମାଛଧରା ବନ୍ଦର ପରିସରରେ ପହଞ୍ଚିଛନ୍ତି। ଏହି ଦୁର୍ଘଟଣାର ୨୪ ଘଣ୍ଟା ନ ପୂରୁଣୁ ପୁଣି ଏକ ବୋଟ୍‌ରେ ନିଆଁ ଲାଗିଥିବାରୁ ମାଲିକମାନଙ୍କ ଚିନ୍ତା ବଢ଼ିଯାଇଛି। ଲକ୍ଷ୍ମୀନାରାୟଣ ବୋଟ୍‌ରେ ନୋଳିଆ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଥିବାବେଳେ ଭଗବତୀରେ ବେଙ୍ଗଲୀ ମତ୍ସ୍ୟଜୀବୀ ଥିଲେ।


e-Procurement Notice for Building Works Identification No. 06/SERW/BLS/2022-23

No.O-707:1.Name of the Work : Buildings. 2. Total No. of Works: 2 Nos. 3. Estimated Cost : Estimated Cost Rs.4.24 Lakh to 35.33 Lakh. 4. Class of Contractor : 'D', 'C' & 'B' Class. 5. Time of Completion : 1 & 3 Month (One and Three Calendar Month). 6. Other Details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 06/ SERW/ BLS/ 2022-23 | 29.07.2022 at 11.00 A.M. | 06.08.2022 upto 5.00 P.M. | 06.08.2022 upto 1.00 P.M. | 08.08.2022 at 11.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Balasore
OIPR-25108/11/0005/2223

## ସଂକ୍ଷେପରେ

### ହେଲ୍ମେଟ୍ ପକ୍ଷରୁ ଜାତୀୟ ଅଭିଭାବକ ଦିବସ

ଭୁବନେଶ୍ୱର,୨୪।୭ (ବ୍ୟୁରୋ): ହେଲ୍ମେଟ ତରଫରୁ ଜାତୀୟ ଅଭିଭାବକ ଦିବସ ଭର୍ଚୁଆଲ ମିଡ଼ିଆ ମାଧମରେ ରବିବାରପାଳିତ ହୋଇଯାଇଛି। ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଉପନ୍ୟାସ "ଜେଜେ ମଲା ପରେ" ଆଲୋଚନା କରାଯାଇଛି। ଯାହାକି ସମାଜକୁ ଆଧୁନିକ ସାହିତ୍ୟ ଉପରେ ଜ୍ଞାନ ଦେବା ସହ ବୈଜ୍ଞାନିକ ତଥ୍ୟର ଆବିଷ୍କାର ଉପରେ ସମାଜକୁ ସଚେତନ କରାଇବ । ସାହିତ୍ୟ ହିଁ ଭବିଷ୍ୟତ କହିବ ବୋଲି ମତ ରଖିଛନ୍ତି ଆଚାର୍ଯ୍ୟ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ପରିଚାଳନା କରି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ପରବର୍ତ୍ତୀସମୟରେ ,"ଆସଲେଖକଙ୍କୁ ଭେଟିବା" ଶିର୍ଷକ ଉପରେ ଭାରତର ପ୍ରତିଟି ସ୍ଥାନରୁ ଲେଖକ ମାନଙ୍କୁ ନିମନ୍ତ୍ରଣ କରାଯାଇ ତାଙ୍କର ପୁସ୍ତକ ଆଲୋଚନା କରାଯାଇ ପ୍ରଚାର ପ୍ରସାର କରାଯିବ । ଅନୁଷ୍ଠାନର ସହ ସମ୍ପାଦିକା ଲିନା ମିଶ୍ର କର୍ଯର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଳାକାର ଦିବସରେ ଦିଆଗଲା ବୁଷ୍ଟର ଡୋଜ୍

ଭୁବନେଶ୍ୱର,୨୪।୭(ବ୍ୟୁରୋ): ଓଡ଼ିଆ କଳାକାରଙ୍କ ସ୍ୱର ଅନୁଷ୍ଠାନ ପକ୍ଷରୁ କଳାକାର ଦିବସ ରବିବାର ଉତ୍କଳ ସାମ୍ବାଦିକ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାକେନ୍ଦ୍ର ସହ ୧୦୦ଜଣ କଳାକାରଙ୍କ ପାଇଁ ବୁଷ୍ଟର ଡୋଜର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀପ ହାଲି, ପରାଗ ପଟ୍ଟନାୟକ, ବରଦା ପ୍ରସନ୍ନ ପାତ୍ର, ମୃତ୍ୟୁଞ୍ଜୟ ପଣ୍ଡା, ଲିପିକା ମହାନ୍ତି, ଶିବପ୍ରସାଦ ପୂଜାପଣ୍ଡା, ନିଶାନ୍ତ ମାଝିଟିଆ ଓ ଅନ୍ୟାନ୍ୟ କଳାକାରମାନେ ଉପସ୍ଥିତ ଥିଲେ।

### ମାରଣାସ୍ତ୍ର ଦେଖାଇ ଦାଦାବଟି ମାଗୁଥିଲେ

#### ବଡ଼ଭାଇକୁ ବାନ୍ଧିଲା ପୋଲିସ, ସାନଭାଇ ଫେରାର

ଭୁବନେଶ୍ୱର,୨୪।୭(ବ୍ୟୁରୋ) : ଛୁରି ଓ ବନ୍ଧୁକ ଦେଖାଇ ରେଷ୍ଟୁରାଣ୍ଟ ମାଲିକଙ୍କଠାରୁ ଦାଦା ବଟି ମାଗୁଥିଲେ। ଘଟଣାର ୨ ମାସ ପରେ ଭରତପୁର ଥାନା ପୋଲିସ ବଡ଼ଭାଇକୁ ଗିରଫ କରିଥିବାବେଳେ ସାନଭାଇ ଏବେ ବି ଫେରାର୍ ଅଛନ୍ତି। ତେବେ ଗିରଫ ବଡ଼ଭାଇ ହେଲେ ଦିଲୀପ କୁମାର ନାୟକ ଓରଫ ଦିଲୁ (୩୨)। ମାମଲା ନଂ.୨୦୦/୨୨ରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଲୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୋଗକାରୀଙ୍କର ଭରତପୁର ଅଞ୍ଚଳରେ ଏକ ଫ୍ୟାମିଲି ରେଷ୍ଟୁରାଣ୍ଟ ରହିଛି। ଅଭିଯୁକ୍ତ ଦୁଇଭାଇ ଦିଲୁ ଓ ନିଲୁ ବିଭିନ୍ନ ସମୟରେ ଉକ୍ତ ରେଷ୍ଟୁରାଣ୍ଟ ମାଲିକଙ୍କଠାରୁ ଛୁରି ଓ ବନ୍ଧୁକ ଦେଖାଇ ୫୦ ହଜାର ଟଙ୍କା ଦାଦାବଟି ନେଇଥିଲେ। ପରେ ନିଲୁ ପୁନର୍ବାର ଉକ୍ତ ରେଷ୍ଟୁରାଣ୍ଟକୁ ଯାଇ ୧ ଲକ୍ଷ ଟଙ୍କା ମାଗିବା ସହ ରାତି ୧୦ଟା ସୁଦ୍ଧା ଦେଇ ଆସିବାକୁ ଚେତାବନୀ ଦେଇଥିଲେ। ଏନେଇ ରେଷ୍ଟୁରାଣ୍ଟ ମାଲିକ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ମାର୍କେଟ ବିଲ୍ଡିଂରୁ ଉଠିଲେ ଉଠା ଦୋକାନୀ

- ବଜାର ଯାଞ୍ଚ ସହ ତାଗିଦ କଲେ ମେୟର, କମିଶନର
- 'ଭେଣ୍ଡର୍ସ ଅନ୍ ହ୍ୱିଲ୍' ପାଇଁ ସଚେତନ କରାଯିବ

ଭୁବନେଶ୍ୱର, ୨୪।୭ (ବ୍ୟୁରୋ)

ଯେତେ ଯାହା କଲେ ବି ୟୁନିଟ-୨ ମାର୍କେଟର ଅବସ୍ଥା ସୁଧୁରି ପାରୁନାହିଁ। ଉଠାଦୋକାନୀଙ୍କ କବ୍‌ଜାରେ ରହୁଛି ମାର୍କେଟ ବିଲ୍ଡିଂ। ଫଳରେ ଯାତାୟାତଠାରୁ ଆରମ୍ଭ କରି ମାର୍କେଟର ପରିମଳ ବ୍ୟବସ୍ଥା ମଧ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ମାର୍କେଟ ବିଲ୍ଡିଂର ଜବରଦଖଲ ଉଚ୍ଛେଦ କରିବା ପାଇଁ ଅଣ୍ଟା ଭିଡିଛି ବିଏମ୍‌ସି। ରବିବାର ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ବିଏମ୍‌ସି ଟିମ୍ ମାର୍କେଟ ବିଲ୍ଡିଂ ପରିଦର୍ଶନ କରିଥିଲେ। ଏହି ସମୟରେ ମାର୍କେଟରେ ଉଠା ଦୋକାନୀମାନଙ୍କୁ ସେଠାରୁ ଉଠିବା ପାଇଁ ନିର୍ଦ୍ଦେଶ ଦିଆଯିବା ପରେ ସନ୍ଧ୍ୟାରେ ଉଠାଇ ଦିଆଯାଇଛି। ତେବେ ଉଠା ଦୋକାନୀମାନେ ଯେପରି ବେସାହାରା ନ ହୋଇ ନିଜର ରୋଜଗାର କରିପାରିବେ ସେ ନେଇ ବିଏମ୍‌ସି ପକ୍ଷରୁ ସୁଚିନ୍ତିତ ଯୋଜନା 'ଭେଣ୍ଡର୍ସ ଅନ୍ ହ୍ୱିଲ୍' କରାଯିବ। ଏଥିରେ ଉଠା ଦୋକାନ ବି ରହିବ ଏବଂ ଜବରଦଖଲ ବି ହେବ ନାହିଁ। ବ୍ୟବସାୟୀମାନେ ନିଜ ନିଜ ଚକା ଗାଡ଼ି ବା ଠେଲାଗାଡ଼ି ଆଣି ଗୋଟେ ସ୍ଥାନରେ ଲଗାଇବେ ଏବଂ ବ୍ୟବସାୟ ସରିଲେ ଗାଡ଼ିକୁ ସେଠାରୁ ନେଇଯିବେ। ତେବେ ଏଥିପାଇଁ ବିଏମ୍‌ସି ପକ୍ଷରୁ କୌଣସି ସହାୟତା ମିଳିବ ନାହିଁ, କେବଳ ଲୋକମାନଙ୍କୁ ସଚେତନ କରାଯିବ ବୋଲି କମିଶନର କହିଛନ୍ତି। ବ୍ୟବସାୟୀମାନେ ନିଜ ଖର୍ଚ୍ଚରେ ଠେଲାଗାଡ଼ିର ବ୍ୟବସ୍ଥା କରିବେ। ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀମାନେ ଜବରଦଖଲ କରି ଆସୁଥିବାରୁ ବଡ ବଡ ଦୋକାନୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଛି। ବିଶେଷକରି ପାର୍କିଂ ସମସ୍ୟା ଦେଖା ଦେବା ସହିତ ପରିମଳ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ତେଣୁ ତୁରନ୍ତ ଉଠା ଦୋକାନୀମାନେ ଜାଗା ଖାଲି କରିବାକୁ ବିଏମ୍‌ସି ତାଗିଦ୍ କରିଛି। ଅପରପକ୍ଷେ ମାର୍କେଟ ପରିଦର୍ଶନ ସମୟରେ ପରିମଳ ବ୍ୟବସ୍ଥା ଏବଂ ପ୍ଲାଷ୍ଟିକ୍ ଚେକିଂ ମଧ କରାଯାଇଥିଲା। ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ତାଗିଦ୍ କରାଯାଇଥିଲା। ଏ ସମ୍ପର୍କରେ କମିଶନର କୁଲାଙ୍ଗେ କହିଛନ୍ତି, ଯେ କୌଣସି କାମ କଲେ ତାହା କିଛି ଲୋକଙ୍କ ପାଇଁ ଭଲ ଏବଂ ଅନ୍ୟ କେତେକଙ୍କ ପାଇଁ ଖରାପ ହେବ। ତେଣୁ ଆମକୁ ଜନସାଧାରଣଙ୍କର ସ୍ୱାର୍ଥକୁ ଦେଖିବାକୁ ପଡୁଛି। ଯେଉଁଥିରେ ଅଧିକ ଲୋକ ଉପକୃତ ହେବେ ତାହା କରାଯାଉଛି। ମାର୍କେଟରେ ବ୍ୟବସାୟୀମାନଙ୍କୁ ଦୋକାନ ଦିଆଯାଇଛି। ତେବେ ଅଧିକାଂଶ ଉଠା ଦୋକାନୀମାନେ ମାର୍କେଟରେ ଜବରଦଖଲ କରି ବସୁଛନ୍ତି। ଏପରିକି ବିଏମ୍‌ସିର ବହୁତଳ ପାର୍କିଂ ଆଗରେ ରାସ୍ତା ଉପରେ ବସି ଲୁଗା ଏବଂ ଅନ୍ୟାନ୍ୟ ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଲୋକଙ୍କ ଯାତାୟାତରେ ଅସୁବିଧା ହେବା ସହ ଦୁର୍ଘଟଣାର ଭୟ ରହୁଛି। ସେହିପରି ଡ୍ରେନ ଉପରେ ରାସ୍ତାକଡ଼ରେ ଜବରଦଖଲ କରିବା ଦ୍ୱାରା ସଫେଇ କର୍ମୀମାନେ ଠିକ୍ ଭାବେ ସଫେଇ କରି ପାରୁନାହାନ୍ତି। ତେଣୁ ଏସବୁର ସମାଧାନ ହେବା ଦରକାର।



ପଦକ୍ଷେପ ପରେ ଜଣେ ଉଠା ଦୋକାନୀ ସାମଗ୍ରୀ ଧରି ବଜାର ଛାଡୁଛନ୍ତି।

## ୨ ମୋବାଇଲ ଲୁଟେରା ଗିରଫ

ଭୁବନେଶ୍ୱର,୨୪।୭ (ବ୍ୟୁରୋ)

ଭୁବନେଶ୍ୱରରେ ମାତିଛନ୍ତି ମୋବାଇଲ ଲୁଟେରା। କେତେବେଳେ ସମୟ ତ ପୁଣି କେତେବେଳେ ଠିକଣା ପଚାରିବା ନାଁରେ ଆଖି ପିଛୁଳାକେ ମୋବାଇଲ ନେଇ ଚମ୍ପଟ ମାରୁଛନ୍ତି। ଏଭଳି ଢଙ୍ଗରେ ରବିବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକରେ ଛିଡା ହୋଇଥିବା ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଝାମ୍ପି ନେଇ ଫେରାର ହୋଇଯାଇଥିବା ୨ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ର ବିଜୁ ନାୟକ (୩୨) ଓ ସନ୍ତୋଷ କୁମାର ଜେନା (୩୪)। ସେମାନଙ୍କଠାରୁ ମୋବାଇଲ ଜବତ ହୋଇ ନ ଥିବାବେଳେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏନେଇ ପୋଲିସ ମାମଲା (ନଂ .୪୨୧/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତ ବିଜୁଙ୍କ ନାମରେ ଖାରବେଳନଗର ଥାନାରେ ୨ଟି ଓ ବଡଗଡ ଥାନାରେ ଗୋଟିଏ ଚୋରି ଓ ଛିନ୍‌ତାଇ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।




ଓଡ଼ିଆ କଳାକାରଙ୍କ ସ୍ୱର ପକ୍ଷରୁ ରବିବାର ଉତ୍କଳ ସାମ୍ବାଦିକ ସଂଘଠାରେ କଳାକାର ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ କଳାକାର।

## ୱାର୍ଡ଼-୧୧ରେ 'ମୋ ୱାର୍ଡ଼ ବୈଠକ'

ଭୁବନେଶ୍ୱର, ୨୪।୭ (ବ୍ୟୁରୋ)

ବିଏମସି ପକ୍ଷରୁ ଆରମ୍ଭ ହୋଇଥିବା 'ମୋ ୱାର୍ଡ଼' ଅଭିଯାନ କ୍ରମରେ ରବିବାର ୱାର୍ଡ଼-୧୧ରେ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବିଶେଷକରି ୱାର୍ଡ଼କୁ ସ୍ୱଚ୍ଛ ଓ ସୁନ୍ଦର କରିବା ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଭିଏସ୍‌ଏସ୍ ନଗର କଲ୍ୟାଣ ମଣ୍ଡପରେ ଜୋନାଲ ଡ଼େପୁଟି କମିଶନର ପୁରନ୍ଦର ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି ଉପସ୍ଥିତ ରହି ବୈଠକର ସଂଯୋଜନା କରିଥିଲେ। ପ୍ରାୟ ୪୦ଜଣ ନାଗରିକ ଏଥିରେ ଯୋଗଦେଇ ବିଭିନ୍ନ ସମସ୍ୟା ତଥା ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଲୋକଙ୍କ ଘରେ କିପରି ବିଏମସି ସେବା ପ୍ରଦାନ କରିପାରିବ ଏବଂ ଲୋକଙ୍କୁ ବିଏମସି କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିବ ନାହିଁ ସେ ଦିଗରେ ଆଲେଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ଼ ଅଫିସର୍ ପ୍ରତାପ ପଟ୍ଟନାୟକ, ପରିମଳ ନୀରିକ୍ଷକ ତଥା ପରିମଳ ବିଶେଷଜ୍ଞ, ସଫେଇ ଏଜେନ୍ସି 'ଜାଗୃତି'ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆଗାଁ ଛକରୁ ଲିଙ୍ଗିପୁର ଛକ ମଝିରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍

ଭୁବନେଶ୍ୱର, ୨୪।୭ (ବ୍ୟୁରୋ)

ନୂଆଗାଁ ଛକରୁ ଲିଙ୍ଗିପୁର ଛକ (ଦୟାବ୍ରିଜ୍)ପର୍ଯ୍ୟନ୍ତ ରାସ୍ତା ନୂଆ ରୂପ ପାଇଛି। ରବିବାର ଏହି ରାସ୍ତାର ଆଲୋକୀକରଣ ପ୍ରକଳ୍ପକୁ ବିଜ୍ଞାନ ଓ କାରୀଗରି କୌଶଳ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ୨୪ ଲକ୍ଷ ଟଙ୍କା ବ୍ୟୟ ବରାଦରେ ରାସ୍ତାର ମିଡିଆନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ସମ୍ପୂର୍ଣ୍ଣ ରାସ୍ତାରେ ପ୍ରାୟ ୪୪ଟି ଏଲଇଡ଼ି ଲଗାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଏମସି ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ତଥା ଷ୍ଟାଣ୍ଡି କମିଟି (ଇଲେକ୍ଟ୍ରି)ର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାରଙ୍କ ସମେତ ଜିଲା ପରିଷଦ ସୁବାଷ ସୁନ୍ଦରାୟ, ଧଉଳି ସରପଞ୍ଚ ଚନ୍ଦନ ମଲିକ, ଲିଙ୍ଗିପୁର ଏବଂ ଶିଶୁପାଳଗଡର ସରପଞ୍ଚ, ନୋମିନି ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଲୋକୀକରଣ ବ୍ୟବସ୍ଥା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଏହି ରାସ୍ତାଦେଇ ଯାତ୍ରା କରୁଥିବା ହଜାର ହଜାର ଯାତ୍ରୀ ମଧ ଉପକୃତ ହେବେ ବୋଲି ଆଶା କରାଯାଉଛି।




ନୂଆଗାଁ ଛକରୁ ଲିଙ୍ଗିପୁର ଛକ (ଦୟାବ୍ରିଜ୍)ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣକୁ ମନ୍ତ୍ରୀ ଅଶୋକ ପଣ୍ଡା ଅନ୍ୟମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରୁଛନ୍ତି।

## କଳା ପ୍ରଗତିରେ କାଳିଚରଣ ପ୍ରମୁଖ ଭୂମିକା ନେଇଥିଲେ

### କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨୪।୭ (ବ୍ୟୁରୋ)

ଓଡ଼ିଶାର ରାସ, ମଞ୍ଚନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତିରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର ପ୍ରମୁଖ ଭୂମିକା ଥିଲଶ। ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବା ଦିଗରେ ତାଙ୍କ ଉଦ୍ୟମ ଅବର୍ଣ୍ଣନୀୟ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବିବାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୪୪ତମ ଶ୍ରାଦ୍ଧୋତ୍ସବ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ମଞ୍ଚ ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିବା ସହ ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ ଡ଼ମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧୀବାଦୀ ଅଧ୍ୟାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ଗିରିଜା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାଲା ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ଚାରା ରୋପଣ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୨୪।୭(ଡି.ଏନ୍.ଏ.)

ଏକାମ୍ର ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତିକ୍ରମେ ଚାରା ରୋପଣ କାର୍ଯ୍ୟକ୍ରମ କଲ୍ୟାଣପୁର ସ୍ଥିତ ୟୁଏସ୍ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହୃଷୀକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ସଭ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷ, କର୍ମଚାରୀଙ୍କୁ ନେଇ ବୃକ୍ଷର ଉପକାରିତା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଉପେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଏହି ସ୍କୁଲକୁ ସବୁଜିମାରେ ପରିଣତ କରିବା ନିମନ୍ତେ ସଭ୍ୟମାନେ ସଙ୍କଳ୍ପ ନେଇଥିଲେ।

## ଦି ନ୍ୟାଶନାଲ ଏଡୁ କନ୍‌ଫରେନ୍ସ




ଜାତୀୟ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ଇଷ୍ଟର୍ନ ଓଡ଼ିଶା ଚ୍ୟାପ୍ଟର ଆନୁକୂଲ୍ୟରେ ଏବଂ ସେଣ୍ଟର ଅଫ୍ ଏଜୁକେସନ୍ ଡେଭେଲପମେଣ୍ଟ (ସିଇଡି) ସହଯୋଗରେ ରବିବାର ଗୀତଗୋବିନ୍ଦ ସଦନଠାରେ ଦି ନ୍ୟାଶନାଲ ଏଡୁ କନ୍‌ଫରେନ୍ସ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପବ୍ଲିକ ଅଫ୍ ମାଲଦ୍ୱୀପର ଶିକ୍ଷା ମନ୍ତ୍ରୀ ଡ. ଅବଦୁଲ୍ଲା ରସିଦ୍ ମହମ୍ମଦ, ସମ୍ମାନିତ ଅତିଥି ସିବିଏସ୍‌ଇର ରିଜିଓନାଲ ଅଫିସର କେ. ଶ୍ରୀନିବାସନ୍ ରାଓ, ମୁଖ୍ୟବକ୍ତା ଏନ୍‌ଆଇଓଏସ୍‌ର ପୂର୍ବତନ ଚେୟାରମ୍ୟାନ୍ ପ୍ରଫେସର ସି.ବି. ଶର୍ମା, ପୁନେ ୟୁନିଭରସିଟିର ଆସୋସିଏଟ୍ ପ୍ରଫେସର ମାଧୁରୀ ଇସାବେ ପ୍ରମୁଖ ଯୋଗ ଦେଇଥିଲେ। ଏହି କନ୍‌ଫରେନ୍ସରେ ଭୁବନେଶ୍ୱରର ୫୦ରୁ ଉର୍ଦ୍ଧ୍ୱ ସିବିଏସ୍‌ଇ ସ୍କୁଲରୁ ୨୦୦ ପ୍ରିନ୍ସିପାଲ, ଭାଇସ୍ ପ୍ରିନ୍ସିପାଲ, ଶିକ୍ଷାବିତ୍, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନ୍ୟାଶନାଲ ଏଜୁକେସନ୍ ପଲିସି-୨୦୨୦ରେ ଆବଶ୍ୟକ ମୌଳିକ ଗାଇଡ୍‌ଲାଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାରମ୍ୟାନ ଡ. ପ୍ରିୟଦର୍ଶୀ ନାୟକ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ଏସ୍‌ଏସ୍‌ସି ଇଷ୍ଟର୍ନ ଓଡ଼ିଶା ଅଧ୍ୟକ୍ଷ ଡ. ପ୍ରଦୀପ ତ୍ରିପାଠୀ ସଂଯୋଜନା କରିଥିବାବେଳେ ସାଧାରଣ ସମ୍ପାଦକ ଡ. ଅଭିରାମ ସାହୁ ଧନ୍ୟବାଦ ଜଣାଇଥିଲେ।

## ଏଜେନ୍ସି, ସଫେଇ କର୍ମୀ ସହ ଆଲୋଚନା କରିବେ କମିଶନର

### ବିଏମ୍‌ସିର ରାତି ସଫେଇ ଅଭିଯାନ ବିବାଦ

ଭୁବନେଶ୍ୱର, ୨୪।୭ (ବ୍ୟୁରୋ)

ଗଞ୍ଜାମ ଢାଞ୍ଚାରେ ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ରାତ୍ରିକାଳୀନ ସଫେଇ। ମାତ୍ର ଅଭିଯାନ ଆରମ୍ଭ ହେବା ଦିନଠାରୁ ଏହାକୁ ନେଇ ବିବାଦ ଏବଂ ସମସ୍ୟା ଲାଗି ରହିଛି। ବିଶେଷକରି ସଫେଇ କର୍ମୀମାନେ ବିଭିନ୍ନ ଦାବିକୁ ନେଇ ଅଡି ବସିଥିବାବେଳେ ଏହାର ସମାଧାନ ହୋଇ ପାରୁନାହିଁ। ଏଥିସହ ସଫେଇ କର୍ମୀମାନେ ଏଜେନ୍ସି ଦ୍ୱାରା ଦିଆଯାଉଥିବା ପାରିଶ୍ରମିକକୁ ନେଇ ଖୁସି ନାହାନ୍ତି। ଶ୍ରମ ନିୟମ ଅନୁଯାୟୀ ଦୈନିକ ମଜୁରୀ ୩୨୬ ଟଙ୍କା ହୋଇଥିବାବେଳେ ଏମାନଙ୍କୁ ୨୩୦ଟଙ୍କା ପ୍ରଦାନ କରାଯାଉଛି। ଫଳରେ ମଜୁରି ବୃଦ୍ଧି କରିବା ପାଇଁ ଦାବି କରାଯାଉଛି। ତେବେ ଏସବୁର ପ୍ରଭାବ ବିଏମ୍‌ସିର ସଫେଇ ଯୋଜନା ଉପରେ ପଡୁଛି। ତେଣୁ ଏସବୁ ଉପରେ ଆଲୋଚନା କରିବା ପାଇଁ ସୋମବାର ୩ଟି ଯାକ ଏଜେନ୍ସି ଯଥା ଜାଗୃତି, ରାମ୍‌କୀ, ପିଏମ୍‌ଆର ଏବଂ ଭୁବନେଶ୍ୱର ମହାନଗର ନିଗମ ସଫେଇ ମଜଦୁର ସଂଘକୁ ବିଏମ୍‌ସି ପକ୍ଷରୁ ଡକା ଯାଇଛି। କମିଶନର ନିଜେ ଏମାନଙ୍କ ସହ ଆଲୋଚନା କରି ସମାଧାନର ବାଟ ଫିଟାଇବା ପାଇଁ ଚେଷ୍ଟା କରିବେ।

ଅପରପକ୍ଷେ ରାତ୍ରିକାଳୀନ ସଫେଇକୁ ଅନ୍ୟ ଦୁଇ ଏଜେନ୍ସି ପାଳନ କରିବାକୁ ରାଜି ହୋଇଥିବାବେଳେ ରାମ୍‌କୀ ଏଥିରେ ଅସହଯୋଗ କରୁଛି। ଭୁବନେଶ୍ୱରରେ ସଫେଇ କରିବା ପାଇଁ ବିଏମ୍‌ସି ପକ୍ଷରୁ ୩ଟି ଏଜେନ୍ସି ସହ ଚୁକ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜାଗୃତି ଅଧିନରେ ୧୨୫୦ଜଣ ସଫେଇ କର୍ମୀ ଥିବାବେଳେ ପିଏମ୍‌ଆର ଅଧିନରେ ପ୍ରାୟ ୪ଶହ ଜଣ ଏବଂ ରାମ୍‌କୀ ଅଧିନରେ ୭୫୦ଜଣ କର୍ମୀ ଅଛନ୍ତି। ରାମ୍‌କୀରେ ଅଧାରୁ ଅଧିକ ମହିଳା କର୍ମୀ ଅଛନ୍ତି। ତେଣୁ ରାତି ସମୟରେ ସେମାନେ ବାହାରେ କାମ କଲେ ସେମାନଙ୍କୁ କିଏ ସୁରକ୍ଷା ଦେବ ବୋଲି ଏଜେନ୍ସି ପ୍ରଶ୍ନ ଉଠାଇବା ସହ ଏହା କରିବାକୁ ମନା କରି ଦେଇଛି। ଯାହାକୁ ନେଇ କମିଶନର ଏବଂ ରାମ୍‌କୀ ମୁହାଁମୁହିଁ ହୋଇଛନ୍ତି। ସେହିପରି ଦୈନିକ ମଜୁରୀକୁ ନେଇ ମଧ ବିଏମ୍‌ସି ହରଡ଼ ଘଣାରେ ପଡିଛି। ଗୋଟେପଟେ ଜାଗୃତି ସଫେଇ କର୍ମୀଙ୍କୁ ୩୨୬ ଟଙ୍କା ଦେବାକୁ ରାଜି ହୋଇଥିବାବେଳେ ଅନ୍ୟ ଦୁଇ ଏଜେନ୍ସି ଏଥିରେ ରାଜି ହେଉ ନାହାନ୍ତି। ସେମାନେ ମଜୁରୀ ବୃଦ୍ଧି କରି ୩୧୧ଟଙ୍କା ଦେବାକୁ ରାଜି ହୋଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ତେବେ ପ୍ରାପ୍ୟ ମଜୁରୀରୁ ପୁଣି ୧୫ଟଙ୍କା କାଟିବା କଥାକୁ ସଫେଇ କର୍ମୀମାନେ ବିରୋଧ କରିଛନ୍ତି। ଏଥିସହ ଇପିଏଫ୍, ଇଏସ୍‌ଆଇ, ପେ ସ୍ଲିପ୍ ଆଦି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସୋମବାର ହେବାକୁ ଥିବା ଆଲୋଚନାରେ ଏ ସବୁର ସମାଧାନ ନ ହେଲେ ସୋମବାରଠାରୁ ସଫେଇ କର୍ମୀ ରାତ୍ରି ସଫେଇ କରିବାକୁ ଯିବେ ନାହିଁ ଏବଂ ଆନ୍ଦୋଳନ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ବିଏମ୍‌ସି ୪୦ନଂ ୱାର୍ଡରେ ପରୀକ୍ଷାମୂଳକ ଭାବେ ରାତି ସଫେଇ ଆରମ୍ଭ କରିଥିଲା। ୟୁନିଟ୍-୧ ଓ ୨ ଅଞ୍ଚଳରେ ସଫେଇ କାର୍ଯ୍ୟ ଆରମ୍ଭବେଳେ ସଫେଇ କର୍ମଚାରୀଙ୍କ ଅସହଯୋଗ ଫଳରେ ଅଧାରୁ କାମ ବନ୍ଦ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶା ସାହିତ୍ୟ ଏକାଡେମୀର ୬୫ତମ ସ୍ୱନକ୍ଷତ୍ର ଦିବସ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ଜଳବୁଡ଼ି ନିରୋଧ ଦିବସ, କଳିଙ୍ଗ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ସୁଇମିଂ ପୁଲ କମ୍ପ୍ଲେକ୍ସ, ପୂର୍ବାହ୍ନ ୧୧ଟା ୩୦।
- ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ, ଦି ନ୍ୟୁ ମାରିୟନ୍, ରାମ ମନ୍ଦିର ସମ୍ମୁଖ, ଅପରାହ୍ନ ୪ଟା।
- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୨୨ତମ ଭାରତ ରଙ୍ଗ ମହୋତ୍ସବ, କିଟ୍ କ୍ୟାମ୍ପସ୍, ଅଡିଟୋରିୟମ ହଲ୍, ସନ୍ଧ୍ୟା ୬ଟା ୩୦।
- ସିକନ୍ଦର ଆଲାମ ଜୟନ୍ତୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଆଜାଦୀ କା ଅମୃତ ମହୋତ୍ସବ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୫ଟା।
- କଟକ ଜିଲା ସର୍ବୋଦୟ ମଣ୍ଡଳ ଗଠନ, ଗାନ୍ଧୀଭବନ, ବାଖରାବାଦ, ଅପରାହ୍ନ ୫ଟା ୩୦।

ତିଗିରିଆ
- କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର, ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

ପୁରୀ
- ରାଷ୍ଟ୍ରପତିଙ୍କ ଦାୟିତ୍ୱ ଗ୍ରହଣ ପରିପ୍ରେକ୍ଷୀରେ ଅକ୍ଷୟ ଜୟସିଂହଙ୍କ ପକ୍ଷରୁ ୧ ହଜାର ରସଗୋଲା ବଣ୍ଟନ, ଟାଉନ ହଲ୍ ଛକ, ପୂର୍ବାହ୍ନ ୧୦ଟା।
- ସୁରଜ ମଲ୍ଲ ଶାହା କଲେଜ ପକ୍ଷରୁ ଅଗ୍ନିପଥ ସଚେତନତା କାର୍ଯ୍ୟକ୍ରମ, କଲେଜ ପରିସର, ପୂର୍ବାହ୍ନ ୧୧ଟା
- ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ, ଅବକାଶ ଲେନ୍ ଭୁବନେଶ୍ୱରୀ ମନ୍ଦିର, ପୂର୍ବାହ୍ନ ୧୧ଟା ୩୦।

# ଦୁର୍ଲଭ ବୃକ୍ଷ ଗବେଷଣାରେ ୨ ଯୁବ ଓଡ଼ିଆ

## ହିମାଳୟର ଘଞ୍ଚ ଜଙ୍ଗଲରେ ଚାଲିଛି ଅନୁସନ୍ଧାନ

ପୁରୀ ଅଫିସ,୨୪।୭

ହିମାଳୟ ପାଦଦେଶର ଘଞ୍ଚ ଜଙ୍ଗଲରେ ବିଲୁପ୍ତ ପ୍ରାୟ ଔଷଧୀୟ ବୃକ୍ଷରାଜିର ଅନୁସନ୍ଧାନ କରୁଛନ୍ତି ଦୁଇଜଣ ଓଡ଼ିଆ ଯୁବ ଗବେଷକ। ସେମାନେ ହେଲେ ପୁରୀର ବିଭୂତି ଭୂଷଣ ଚମ୍ପତି ଓ ଯାଜପୁରର ପ୍ରଭାତ କୁମାର ଦାସ। ଭାରତ ସରକାରଙ୍କ ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗର ଏକ ପ୍ରକଳ୍ପ ଅଧୀନରେ ଏହି ଗବେଷଣା କରାଯାଉଛି। ଏହି ପ୍ରକଳ୍ପ ଅନ୍ତର୍ଗତ ପ୍ରଥମ ସୋପାନରେ ହିମାଳୟର ପାର୍ବତ୍ୟାଞ୍ଚଳରୁ ଗବେଷକମାନେ ବୃକ୍ଷ ନମୁନା ସଂଗ୍ରହ କରିଛନ୍ତି। ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଏହି ଦୁଇ ଯୁବ ଗବେଷକଙ୍କୁ ପ୍ରକଳ୍ପର ଏକ ସହଯୋଗୀ କେନ୍ଦ୍ରୀୟ ଅନୁଷ୍ଠାନ ହିମାଳୟ ବନ ଅନୁସନ୍ଧାନ ପ୍ରତିଷ୍ଠାନ ସହାୟତା ଯୋଗାଇ ଦେଉଛି। ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପଟି ଚାଲିଛି। ସମ୍ପୃକ୍ତ ଔଷଧୀୟ ବୃକ୍ଷର ସନ୍ଧାନ ପରେ ଏହାର ସଂରକ୍ଷଣ ଉପରେ କାର୍ଯ୍ୟ କରାଯିବ। ବିଭିନ୍ନ ଋତୁରେ ଏହି ବୃକ୍ଷର ସ୍ଥିତି ଓ ପରିବର୍ତ୍ତନ ସମ୍ପର୍କରେ ପ୍ରଥମେ ଜାଣିବାକୁ ଚେଷ୍ଟା କରାଯାଉଛି। ଋତୁ ଅନୁଯାୟୀ ଏହି ବୃକ୍ଷର ସହନଶୀଳତା ମାତ୍ରା କମ୍, ବେଶୀ ହୋଇଥାଏ। ଏଣୁ ଏ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଏହି ବୃକ୍ଷ ହିମାଳୟର ପ୍ରାକୃତିକ ପରିବେଶରେ ବଢ଼ିଥାଆନ୍ତି। ଏହାର କଳ୍ପନାତୀତ ଔଷଧୀୟ ଗୁଣ ରହିଛି। ଏବେ ଏସବୁ ଦୁର୍ଲଭ ହେଲାଣି। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ବ୍ୟବହୃତ ଔଷଧରେ ଏହାର ମିଶ୍ରଣ କରାଯାଏ। ମଧୁମେହ ଏବଂ କର୍କଟ ରୋଗର ପ୍ରତିରୋଧକ ଓ ପ୍ରତିଷେଧକ ପ୍ରସ୍ତୁତିରେ ଏହି ବୃକ୍ଷର ଅଂଶବିଶେଷ ବ୍ୟବହାର ହୋଇଥାଏ। ଏହି ବୃକ୍ଷ ବିଶ୍ୱସ୍ତରରେ ମାନ୍ୟତାପ୍ରାପ୍ତ ହୋଇଥିଲେ ମଧ୍ୟ ଏହାର ନାମକୁ ସାର୍ବଜନୀନ କରାଯାଇପାରିବ ନାହିଁ। ଜୈବ ପ୍ରଯୁକ୍ତି ବିଜ୍ଞାନର ବିନା ଅନୁମତିରେ ଗବେଷଣା ସମୟରେ ବୃକ୍ଷ ସମ୍ପର୍କରେ କୁହାଯାଇପାରିବ ନାହିଁ ବୋଲି ବିଭୂତି କହିଛନ୍ତି।



ଦୁର୍ଲଭ ଔଷଧୀୟ ଚାରା ସହ ଗବେଷକ ବିଭୂତି ଭୂଷଣ ଚମ୍ପତି ଓ ପ୍ରଭାତ କୁମାର ଦାସ।

# ଦର୍ପଦଳନ ରଥ ଭଙ୍ଗାଗଲା


ଦର୍ପଦଳନ ରଥର ଉପର ଭାଗ ଭଙ୍ଗାଯାଉଛି।

ପୁରୀ ଅଫିସ, ୨୪।୭

କରୋନାଜନିତ କଟକଣା କୋହଳ ହେବା ପରେ ଚଳିତବର୍ଷ ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସମ୍ପନ୍ନ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରଥରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ତିନୋଟି ରଥ ଦଣ୍ଡାୟମାନ ରହିଥିଲା। ରବିବାର ତିନି ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ଭୋଇ ସେବାୟତମାନେ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୮ ଜଣ ଭୋଇ ସେବାୟତ ଏହି କାମରେ ନିୟୋଜିତ ହୋଇଛନ୍ତି।

ପରମ୍ପରା ଅନୁଯାୟୀ, ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଭଙ୍ଗା କାମ ଆରମ୍ଭ କରାଯାଇଛି। ପର୍ଯ୍ୟାୟ କ୍ରମେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭଙ୍ଗାଯିବ। ପ୍ରଥମ ଦିନରେ ଦର୍ପଦଳନ ରଥର ଉପରି ଭାଗରେ ଥିବା କଳସ, ଭୂଇଁ ପାଖୁଡ଼ା, ଦୁଆରବେଢ଼ା, ଓରା, ପ୍ରଭା, ପୋଟଳ ପ୍ରଭୃତି ଭଙ୍ଗାଯାଇଛି। ଭୋଇ ସେବାୟତମାନେ ସାବଧାନତାର ସହ ବିଭିନ୍ନ ଅଂଶ ଭାଙ୍ଗିଛନ୍ତି। ସୋମବାର ଏହି ରଥର ସିଂହାସନ, ଚଉଦ ନାହାକା, ଯୋଖା ସହ ଅନ୍ୟ ଅଂଶ ଖୋଲାଯିବ ବୋଲି ନନ୍ଦିଘୋଷ ରଥର ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇ ସୂଚନା ଦେଇଛନ୍ତି। ଲୋକକଥା ଅନୁଯାୟୀ, ଦାରୁଦିଅଁଙ୍କ ନୀଳାଦ୍ରି ବିଜେ ନୀତି ପରେ ତିନିରଥକୁ ମୃତ ଭାବେ ବିବେଚନା କରାଯାଏ। ତେଣୁ ଘୋଷଯାତ୍ରା ପରେ ତିନି ରଥକୁ ଭାଙ୍ଗି ଦିଆଯାଇଥାଏ। ତେବେ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତିରେ ରଥ କାଠଗୁଡ଼ିକୁ ବ୍ୟବହାର କରାଯାଏ। ସେହିଭଳି ରଥର ଚକଗୁଡ଼ିକୁ ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନଠାରୁ କିଣି ନେଇଥାନ୍ତି।

## ନନ୍ଦନକାନନରେ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର

ବାରଙ୍ଗ,୨୪।୭(ଡି.ଏନ୍.ଏ.)

ବିବାଦ ନନ୍ଦନକାନନର ପିଛା ଛାଡୁନାହିଁ। ରବିବାର ବ୍ୟାଟେରିଚାଳିତ ଅଟୋରେ ବସାଇବାକୁ ନେଇ କେତେଜଣ ବରିଷ୍ଠ ନାଗରିକ (ପର୍ଯ୍ୟଟକ)ଙ୍କୁ ଦୁର୍ବ୍ୟବହାର କରାଯାଇଥିବା ସିକ୍ୟୁରିଟି ରେଞ୍ଜରଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉତ୍ତରପ୍ରଦେଶର ଆଗ୍ରା ଅଞ୍ଚଳରୁ ୧୦ଜଣ ବରିଷ୍ଠ ନାଗରିକ ଅପରାହ୍ନରେ ନନ୍ଦନକାନନ ବୁଲିବାକୁ ଆସିଥିଲେ। ଟିକେଟ କାଟି ନନ୍ଦନକାନନ ଭିତରକୁ ପ୍ରବେଶ କରିଥିଲେ। ଜୀବଜନ୍ତୁଙ୍କୁ ଦେଖିବା ପାଇଁ ବ୍ୟାଟେରି ଚାଳିତ ଗାଡ଼ିର ଟିକେଟ କରି ବୁଲୁଥିଲେ। ବାଘ ଦେଖିସାରିବା ପରେ ପୁଣି ଅନ୍ୟ ଏକ ବ୍ୟାଟେରି ଗାଡ଼ିରେ ବସିବାକୁ ଯାଇଥିବା ବେଳେ ସେଠାରେ ଥିବା ଗାଡ଼ି କର୍ମଚାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ପର୍ଯ୍ୟଟକମାନେ ନନ୍ଦନକାନନ ମୁଖ୍ୟ ଫାଟକ ଦାୟିତ୍ୱରେ ଥିବା ସିକ୍ୟୁରିଟି ବିଭାଗ ରେଞ୍ଜର ଜି.ଏଫ୍. ଖାନ୍‌ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଖାନ୍ ବ୍ୟାଟେରିଚାଳିତ ଗାଡ଼ି ମାଲିକଙ୍କୁ ଡାକି ଉଭୟଙ୍କ ମଧ୍ୟରେ ସମାଧାନ କରିଥିଲେ। ପରେ ପର୍ଯ୍ୟଟକମାନେ ନନ୍ଦନକାନନ ଅଭିଯୋଗ ବାକ୍ସରେ ସେମାନଙ୍କ ଅଭିଯୋଗ ପତ୍ର ପକାଇ ଫେରିଯାଇଥିଲେ।

## ଲୁଟ୍ ଗ୍ୟାଙ୍ଗର ୨ ଗିରଫ, ପିସ୍ତଲ ଜବତ




ଭୁବନେଶ୍ୱର,୨୪।୭(ବ୍ୟୁରୋ) : ବନ୍ଧୁକ ଦେଖାଇ ରାଜଧାନୀର ବିଭିନ୍ନ ସ୍ଥାନରୁ ଲୁଟ୍‌ପାତ କରୁଥିବା ଗ୍ୟାଙ୍ଗ୍‌ର ୨ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀ କେନାଲ୍ ରୋଡ୍‌ରେ ରହୁଥିବା ସୁନ୍ଦରଗଡର ମଣ୍ଟୁ ଓରଫ୍ ମାମୁ ଓରଫ୍ ସୁମନ୍ତ କୁମ୍ଭାକାର(୨୪) ଓ ଲକ୍ଷେଶ୍ୱର ମନ୍ଦିର ନିକଟ ବରିମୁଣ୍ଡାରେ ରହୁଥିବା ଜଗତ୍‌ସିଂହପୁରର କୁନୁ ଓରଫ୍ ସ୍ୱାଧୀନ କୁମାର ଦାଶ(୨୮)। ସେମାନଙ୍କଠାରୁ ପୋଲିସ ଲୁଟ୍‌ରେ ବ୍ୟବହୃତ ପିସ୍ତଲ ଓ ମୋବାଇଲ୍ ଜବତ କରିଛି। ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କଟକ ଜିଲା ନରସିଂହପୁରରେ ରହୁଥିବା ମନୋଜ କୁମାର ପାତ୍ର ଗତ ୨୨ ଜୁଲାଇ ସକାଳ ପ୍ରାୟ ୭ ଟା ୩୦ରେ ଘରକୁ ଯିବା ନିମନ୍ତେ ରସୁଲଗଡ ଛକରେ ଛିଡା ହୋଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ତାଙ୍କୁ ବନ୍ଧୁକ ଦେଖାଇ ମାଡ଼ମାରି ତଳେ ପକାଇଦେବା ସହ ମୋବାଇଲ୍ ଫୋନ୍ ଝାମ୍ପି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ଦୁଇଜଣ ଯୁବକ ସନ୍ଦେହଜନକ ଭାବେ ହାଇଟେକ୍ ହସ୍ପିଟାଲ ଛକରେ ବୁଲୁଥିବା ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ପିସ୍ତଲ ଦେଖାଇ ସହରର ବିଭିନ୍ନ ସ୍ଥାନରେ ଲୁଟ୍ କରିବା ସ୍ୱୀକାର କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ତ୍ରିନାଥ


@ ନନ୍ଦ


@ ଫାଲଗୁନ


@ ସୁଶାନ୍ତ


@ ଅନନ୍ତ

# ସେମିକଣ୍ଡକ୍ଟର ନିର୍ମାଣ କରିବ ଆଇଆଇଟି ଭୁବନେଶ୍ୱର

ଭୁବନେଶ୍ୱର,୨୪।୭ (ବ୍ୟୁରୋ)



ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଆଇଆଇଟି ଭୁବନେଶ୍ୱର ଗସ୍ତରେ ଆସି ଛାତ୍ରୀଛାତ୍ରମାନଙ୍କୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିଛନ୍ତି। ଏପରିକି ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରି ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ଭାରତରେ ୭୪ହଜାର ଷ୍ଟାର୍ଟଅପ୍ ରହିଛି। ୨୦୧୪-୧୫ରେ ଏହା ମାତ୍ର ୪ଶହ ରହିଥିଲା। ଏହାପୂର୍ବରୁ ବୈଷ୍ଣବ ଆଇଆଇଟି-ଭୁବନେଶ୍ୱର ଲାବୋରେଟୋରି ପରିଦର୍ଶନ କରି ଖୁସିବ୍ୟକ୍ତ କରିବା ସହ ଆଜାଦୀ କା ଅମୃତ ମହୋତ୍ସବ କାଳରେ ନୂତନ ଚିନ୍ତାଧାରା ଏବଂ ନୂତନତ୍ୱ ଆଣିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ଇଲେକ୍ଟ୍ରୋନିକ୍ସ ଚିପ୍ସକୁ ଷ୍ଟାର୍ଟଅପ୍ ପ୍ରୋଗ୍ରାମ୍ ଅନ୍ତର୍ଭୁକ୍ତ କରିବା ପାଇଁ ବୈଷ୍ଣବ ଆଇଆଇଟି ଭୁବନେଶ୍ୱରକୁ ଭାରତ ସରକାରଙ୍କ ଅନୁମୋଦନ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଫଳରେ ସେମିକଣ୍ଡକ୍ଟର ପ୍ରସ୍ତୁତି ପାଇଁ ଭୁବନେଶ୍ୱର ଆଇଆଇଟି ଦେଶର ୩୧ତମ ଅନୁଷ୍ଠାନ ହେବ ବୋଲି କୁହାଯାଇଛି। ଆଇଆଇଟି ଭୁବନେଶ୍ୱରରେ ଛାତ୍ରୀଛାତ୍ରମାନଙ୍କୁ ଚ୍ୟାଲେଞ୍ଜ କରି ବୈଷ୍ଣବ କହିଛନ୍ତି, ଯଦି ଛାତ୍ରୀଛାତ୍ରମାନେ ୫ଜି ପାଇଁ ଅତି କମରେ ୧୦ଟି କୌଶଳର ପରିକଳ୍ପନା ଯୋଗାଇ ଦେବେ, ତେବେ ଆଇଆଇଟି ଭୁବନେଶ୍ୱରକୁ ୫ଜି ବ୍ୟବହାରର ପ୍ରସ୍ତୁତି ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା ଦିଆଯିବ। ଭୁବନେଶ୍ୱରରେ ଆଇଆଇଟିଆନଙ୍କ ସହ ଜ୍ଞାନକୌଶଳ ବିନିମୟ କରି ବୈଷ୍ଣବ ଏହା ମଧ୍ୟ କହିଛନ୍ତି, ଯଦି ପ୍ରସ୍ତାବ ଦିଆଯିବ ତେବେ ଆଇଆଇଟି ଭୁବନେଶ୍ୱରକୁ ରେଳ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଗତିଶକ୍ତି ସହ ନିବନ୍ଧନ କରାଯିବ।

# ସିପିଆଇକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୨୪।୭ (ବ୍ୟୁରୋ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଭୁବନେଶ୍ୱର ଜୋନ ଆଞ୍ଚଳିକ ସମ୍ମିଳନୀ ରବିବାର ଭଗବତୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସହସମ୍ପାଦକ ସତୀଶ ମିଶ୍ର ସମ୍ମିଳନୀକୁ ଉଦ୍‌ଘାଟନ କରି ସମୟର ଆବଶ୍ୟକତା ଦୃଷ୍ଟିରୁ କମ୍ୟୁନିଷ୍ଟ ପାର୍ଟିର ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ ଜୋନ୍ କମିଟି ପକ୍ଷରୁ ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଆଗତ କରାଯାଇଥିଲା। ଏଥିରେ ବିଶ୍ୱ, ଦେଶ ଓ ରାଜ୍ୟର ରାଜନୈତିକ ପରିସ୍ଥିତିର ବିଶ୍ଳେଷଣ କରାଯାଇ ସାମ୍ପ୍ରଦାୟିକ ଫାସିବାଦୀ ଶକ୍ତିଙ୍କୁ ପରାସ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହିତ ଆସନ୍ତା ୩ବର୍ଷ ପାଇଁ ଏକ ୧୮ ଜଣିଆ ଜୋନ୍ କମିଟି ଗଠନ କରାଯାଇଥିଲା। ସୁର ଜେନା ଭୁବନେଶ୍ୱର ଜୋନ୍ ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଥିବାବେଳେ କୈଳାସ ପୁହାଣ ଓ ସୁନୀଲ ବଟୁ ସହସମ୍ପାଦକ ରହିଛନ୍ତି। ସମ୍ମିଳନୀ ପୂର୍ବରୁ ଲୋକନାଥ ଭୋଇ ପାର୍ଟିର ଲାଲ୍ ପତାକାକୁ ଉତ୍ତୋଳନ କରିଥିଲେ। ଅଶୋକ ସାହୁ, କୈଳାସ ପୁହାଣ, ନମିତା ସାହୁ ଓ ପାର୍ବତୀ ଲାଗୁରିଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ସମ୍ମିଳନୀକୁ ପରିଚାଳନା କରିଥିଲେ।



ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ରବିବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।


ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ ଅବସରରେ ରବିବାର ଶ୍ରୀମନ୍ଦିରରୁ ଚକ୍ର ନାରାୟଣଙ୍କୁ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା ନିମନ୍ତେ ଶୋଭାଯାତ୍ରାରେ ନିଆଯାଉଛି।



ଭୁବନେଶ୍ୱର ଭଗବତୀ ଭବନଠାରେ ରବିବାର ଅୟୋଜିତ ସିପିଆଇର ୧୫ଶହ ଭୁବନେଶ୍ୱର ଆଞ୍ଚଳିକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ଜେଡ୍ ବ୍ଲାକ୍ ପକ୍ଷରୁ ସିଆନ୍ ଧୂପକାଠି ଓ ଦୀପ୍ ସିରିଜ ଉନ୍ମୋଚିତ



'ଜେଡ୍ ବ୍ଲାକର ଓଡିଆ ଫ୍ଲାଗ୍‌ଶିପ୍ ରେଞ୍ଜ୍‌କୁ କମ୍ପାନୀର ଓଡ଼ିଶା ବ୍ରାଣ୍ଡ ଆମ୍ବାସାଡର ବର୍ଷା ପ୍ରିୟଦର୍ଶନୀ,ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଇଂ. ଅଂଶୁଲ୍ ଅଗ୍ରୱାଲ ଶୁଭାରମ୍ଭ କରୁଛନ୍ତି ।

ଭୁବନେଶ୍ୱର,୨୪।୭

ଦେଶର ପ୍ରମୁଖ ଧୂପକାଠି ନିର୍ମାତା ମହୀଶୂର ଦୀପ୍ ପର୍ଫ୍ୟୁମେରୀ ହାଉସ(ଏମ୍‌ଡିପିଏଚ୍)ର ଫ୍ଲାଗ୍‌ଶିପ୍ ଅଗରବତି ବ୍ରାଣ୍ଡ 'ଜେଡ୍ ବ୍ଲାକ୍' ପକ୍ଷରୁ ଓଡ଼ିଶାର ପୁରୀ ସହରରେ ଏହାର ସିଆନ୍ ସିରିଜ୍ ଓ ଜେଡ୍ ବ୍ଲାକ୍ ଓଡ଼ିଆ ରେଞ୍ଜ୍ ଧୂପକାଠିର ଶୁଭାରମ୍ଭ କରାଯାଇଛି । ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ,ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଇଂ. ଅଂଶୁଲ୍ ଅଗ୍ରୱାଲ ଏବଂ ଓବ୍‌ରୟ ଆଇବିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆନନ୍ଦ ଓବ୍‌ରୟ ପ୍ରମୁଖଙ୍କ ଉପସ୍ଥିତିରେ କମ୍ପାନୀର ବିଭିନ୍ନ ଉତ୍ପାଦର ଉନ୍ମୋଚନ କରାଯାଇଥିଲା । ଦେଶର ଶୀର୍ଷ ୩ ଅଗରବତି ନିର୍ମାତା ମଧ୍ୟରୁ ଅନ୍ୟତମ ଏହି କମ୍ପାନୀ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ସହ ଏହାର ବିତରଣ ନେଟ୍‌ୱର୍କକୁ ବିସ୍ତାର ଲାଗି ନିବେଶ ମଧ୍ୟ କରୁଛି । ଏହି ନୂଆ ରେଞ୍ଜ୍‌ର ସିଆନ୍ ଧୂପକାଠିକୁ ୫ଟି ଆକର୍ଷଣୀୟ ସୁଗନ୍ଧ ଯେପରିକି ଇଭୋରି, ମାରାଇନ୍, ମ୍ୟାରିଗୋଲ୍ଡ, ରୋଜ୍ ଓ ଲାଭେଣ୍ଡରର ଶୁଭାରମ୍ଭ କରାଯାଇଛି । ସିଆନ୍ ହେଉଛି ଜେଡ୍ ବ୍ଲାକ୍‌ର ନୂଆ ସର୍ବଭାରତୀୟ ଫ୍ଲାଗ୍‌ଶିପ୍ ସିରିଜ୍ । ଏହା ପାରମ୍ପରିକ ଗୋଲାପଠାରୁ ଆରମ୍ଭକରି ଲାଭେଣ୍ଡର ସୁଗନ୍ଧ ଭଳି ବିବିଧ ସୁଗନ୍ଧ ରେଞ୍ଜ୍ ସହ ଭାରତୀୟ ଘରଗୁଡ଼ିକର ପୂଜା ଅନୁଭୂତିକୁ ସମୃଦ୍ଧ କରିବା ଲାଗି ଦେଶର ବିବିଧ ସଂସ୍କୃତିକୁ ପାଳନ କରୁଛି ବୋଲି ଅଂଶୁଲ୍ ମତବ୍ୟକ୍ତ କରିଛନ୍ତି ।

# ଆଇଟି ଷ୍ଟାର୍ଟଅପ୍ 'ଉବଲ୍' ଶୁଭାରମ୍ଭ

ଭୁବନେଶ୍ୱର୨୪।୭

ସରକାରଙ୍କ ଷ୍ଟାର୍ଟଅପ୍ ଯୋଜନା ମାଧ୍ୟମରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଇଟି ଷ୍ଟାର୍ଟଅପ୍ 'ଉବଲ୍' ନିକଟରେ ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ ହବ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ବିଶେଷକରି ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ବିଭାଗର ଅନୁମୋଦନକ୍ରମେ ଯୁବ ଇଞ୍ଜିନିୟରମାନେ ଏଭଳି କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ଅବସରରେ ଟିମ୍ ହାଇଟେକର ଫାଉଣ୍ଡର ଉଦ୍ୟୋଗପତି ରାଜେନ୍ଦ୍ର ଜୟସ୍ୱାଲ୍, ଲୋକପ୍ରିୟ ଷ୍ଟୋରି ଟେଲର୍ ମୀରା ଦାସ, ନିସ୍ ଭୁବନେଶ୍ୱର ଡେପୁଟି ଡାଇରେକ୍ଟର ଦୁଷ୍ମନ୍ତ ପଟ୍ଟନାୟକ, ଷ୍ଟାର୍ଟଅପ୍ ଓଡ଼ିଶାର ଡ. ସଞ୍ଜୁକ୍ତା ବଡ଼ାଇ, କିଟ୍ ୟୁନିଭରସିଟିର ଡ. ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଜିର ଇଣ୍ଟରନେଟ ଯୁଗରେ ନିଜ ଭିତରେ ଥିବା ପ୍ରତିଭାକୁ ପ୍ରଚାର ପ୍ରସାର କରିବା ସହ ଯୁବବର୍ଗଙ୍କୁ ଆତ୍ମନିର୍ଭର କରାଇବା ପାଇଁ ଉବ୍‌ଲେ ସର୍ଭିସ ଅନେକ ସହଜ ଓ ସରଳ ଉପାୟ ଆଣିଛି । ଏପରିକି ଭାରତର ପ୍ରଥମ ଆତ୍ମନିର୍ଭରଶୀଳଭିଡ଼ିକ ୱେବସାଇଟ୍ 'ଉବଲ୍' ଡଟ୍ ଓଆରଜିର ଲୋକାର୍ପଣ ମହାଆଡମ୍ବର ସହକାରେ ହୋଇଯାଇଛି । ଏହି ସାଇଟ୍ ମାଧ୍ୟମରେ ନିଜ ଭିତରେ ଥିବା ଦକ୍ଷତା ଓ ପ୍ରତିଭାକୁ ଆପଣ ଘରେ ବସି ସାରାବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇପାରିବେ, ଯାହା ବଜାରରେ ନୂଆ ଆତ୍ମନିଯୁକ୍ତିର ଚାହିଦାକୁ ପୂରଣ କରିବାରେ ବେଶ୍ ସହାୟକ ହେବ ବୋଲି 'ଉବଲ୍'ର ସିଇଓ ଆକାଶ ଜୟସ୍ୱାଲ୍ କହିଛନ୍ତି । ଏହି ୱେବସାଇଟ୍ ଭାରତ ସରକାରଙ୍କ ଆଇଏସଓ ସାର୍ଟିଫିକେଟ୍ ଅନୁମୋଦନ ହାସଲ କରିବା ସହ ବହୁ ଅନୁଭବୀ ଆଇଟି ଟେକ୍ନିକାଲ ଟିମ୍‌ଙ୍କ ପରିଚାଳାନରେ କାର୍ଯ୍ୟରତ ବୋଲି କମ୍ପାନୀର ଷ୍ଟ୍ରାଟେଜିଷ୍ଟ ରିସର୍ଚ୍ଚରେ ସିଦ୍ଧି ସିଂହ ସୂଚନା ଦେଇଛନ୍ତି ।

# ଗୁଣାତ୍ମକ ସାମଗ୍ରୀ ଓ ଗ୍ରାହକ ଚାହିଦା ପୂରଣକୁ ଗୁରୁତ୍ୱ

**ସାରା ଦେଶ ଏପରିକି ବିଦେଶରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା 'ଜେଡ୍ ବ୍ଲାକ୍' ଅଗରବତି ଉତ୍ପାଦ ଏକ ଭିନ୍ନ ପରିଭାଷାରେ ବ୍ୟବସାୟ କରିଥାଏ। ବହୁ ସଂଘର୍ଷ ଓ ସଙ୍ଗଠିତ ଉପାୟରେ ନିଜକୁ ବଜାରରେ ପ୍ରତିଷ୍ଠିତ କରାଇ ଉପଭୋକ୍ତାଙ୍କ ବିଶ୍ୱାସଭାଜନ ହୋଇଥିବା 'ଜେଡ୍ ବ୍ଲାକ୍' ମୁଖ୍ୟତଃ ଗୁଣାତ୍ମକ ସାମଗ୍ରୀ ଓ ଗ୍ରାହକ ଚାହିଦା ପୂରଣକୁ ଗୁରୁତ୍ୱ ଦେଇଆସିଛି। ବିଶେଷକରି ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ 'ଆଇଆଇଟି'ରୁ ଉଚ୍ଚତର ଶିକ୍ଷା ଶେଷ କରି ପାରିବାରିକ ବ୍ୟବସାୟରେ ପ୍ରବେଶ କରିବା ସହ କିଛି ବର୍ଷର କାର୍ଯ୍ୟଦକ୍ଷତା ଓ ଦୃଢ଼ ମନୋବଳ ଯୋଗୁ ଏକ କ୍ଷୁଦ୍ର ପ୍ରତିଷ୍ଠାନକୁ ବୃହତ୍ ବ୍ୟବସାୟିକ ସଂସ୍ଥାରେ ପରିଣତ କରିଥିବା ଯୁବ ଶିଳ୍ପୋଦ୍ୟୋଗୀ ତଥା ମହୀଶୂର ଦୀପ୍ ପର୍ଫ୍ୟୁମେରୀ ହାଉସ (ଏମ୍‌ଡିପିଏଚ୍) ର ନିର୍ଦ୍ଦେଶକ ଇଂ. ଅଂଶୁଲ୍ ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...**



ଇଂ. ଅଂଶୁଲ୍ ଅଗ୍ରୱାଲ

**➡ଆଇଆଇଟିରୁ ଅଗରବତି ବ୍ୟବସାୟର ଯାତ୍ରା କିଭଳି ରହିଥିଲା?**

➤ମୁଁ ସ୍କୁଲରେ ପଢ଼ିବା ସମୟରେ ମୋ ବାପା ଅଗରବତି ବ୍ୟବସାୟ କରୁଥିଲେ । ୧୯୯୨ରୁ ଇନ୍ଦୋର ସହରରେ ଆମର ଅଗରବତି ବ୍ୟବସାୟ ଥିଲା । ମୁଁ ୨୦୦୮ରେ ଆଇଆଇଟି ଦିଲ୍ଲୀରୁ ଉଚ୍ଚଶିକ୍ଷା ଶେଷକରି କିଛି ବର୍ଷ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଘରୋଇ କମ୍ପାନୀରେ କାର୍ଯ୍ୟ କରିଥିଲି । ଏପରିକି ନିଜର କାର୍ଯ୍ୟଦକ୍ଷତା ଅଭିବୃଦ୍ଧି ସହ ବ୍ୟବସାୟିକ ଜ୍ଞାନ ଆହରଣ କରି ୨୦୧୧ରେ ନିଜର ପାରିବାରିକ ବ୍ୟବସାୟରେ ଯୋଗ ଦେଇଥିଲି । ନିଜର କଠିନ ପରିଶ୍ରମ ଓ କାର୍ଯ୍ୟଦକ୍ଷତା ଯୋଗୁ ଏକ କ୍ଷୁଦ୍ର ସଂସ୍ଥାକୁ ବୃହତ୍ ପ୍ରତିଷ୍ଠାନରେ ସମସ୍ତଙ୍କ ସହଯୋଗରେ ପରିଣତ କରିପାରିଛି । ଦୀର୍ଘ ୩୦ ବର୍ଷ ମଧ୍ୟରେ କମ୍ପାନୀ ଅନେକ ସଂଘର୍ଷ ଓ ସଂଗଠିତ ଭାବେ କାର୍ଯ୍ୟକରି ଆଜି ଅନେକ ସଫଳତା ହାସଲ କରିଛି । ଆଗକୁ ମଧ୍ୟ ଏହି ସଫଳତା ଜାରି ରଖିବା ପାଇଁ ଏକ ପରିବାର ଭଳି ବ୍ୟବସାୟକୁ ପରିଚୟ ଦେଇ ଚାଲିଛୁ ।

**➡କମ୍ପାନୀର ଆଗାମୀ ଯୋଜନା କ'ଣ ରହିଛି, ବିଶେଷ କରି ଓଡ଼ିଶା ବଜାର ପାଇଁ କି ପଦକ୍ଷେପ ନେଇଛନ୍ତି?**

➤ କମ୍ପାନୀ ବର୍ତ୍ତମାନ ସାରା ଦେଶରେ ୩ ନମ୍ବର ଅଗରବତି ନିର୍ମାତା ଭାବେ ସ୍ୱୀକୃତି ଲାଭ କରିଛି । ଆଗକୁ ଏହା କିଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଅନେକ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରାଯାଇଛି । ବିଶେଷକରି କାରଖାନାର ସମ୍ପ୍ରସାରଣ ଓ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପ୍ରମୁଖ ରହିଛି । ସେହିଭଳି ଓଡ଼ିଶା ବଜାର ପାଇଁ ମଧ୍ୟ ଅନେକ ଯୋଜନା ଓ ପଦକ୍ଷେପ ହାତକୁ ନିଆଯାଇଛି । ବିଶେଷକରି କମ୍ପାନୀର କଟକ କାରଖାନା (ୟୁନିଟ୍)ର ସମ୍ପ୍ରସାରଣ ସାଙ୍ଗକୁ କର୍ମଚାରୀ ସଂଖ୍ୟା ବୃଦ୍ଧି , ନୂତନ ଉତ୍ପାଦର ବଜାର ପ୍ରବେଶ ଭଳି ପ୍ରମୁଖ କାର୍ଯ୍ୟ କରାଯିବ । ଅପରପକ୍ଷରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୦୦ ବଦଳରେ ୨୫୦ ମହିଳାଙ୍କୁ ଆଗାମୀ ଦିନରେ ନିଯୁକ୍ତି ଦିଆଯିବ ।

**➡ଜେଡ୍ ବ୍ଲାକ୍‌ର ବିଶେଷତ୍ୱ କ'ଣ, କାହିଁକି ଗ୍ରାହକ ଜେଡ୍ ବ୍ଲାକ୍‌କୁ ଅଗ୍ରାଧିକାର ଦେବେ?**

➤ଜେଡ୍ ବ୍ଲାକ୍‌ରେ ଅନେକ ବିଶେଷତ୍ୱ ରହିଛି । ଯେପରି ଏହାର ସମସ୍ତ ଉତ୍ପାଦ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଇଥାଏ । ଫଳରେ ଏହାର ସୁଗନ୍ଧ ଅନ୍ୟ କମ୍ପାନୀର ଉତ୍ପାଦଠାରୁ ଭିନ୍ନ ଓ ବେଶି ସମୟ ରହିଥାଏ । ସେହିପରି ଜେଡ୍ ବ୍ଲାକ୍‌ରେ ଗୁଣାତ୍ମକ ସାମଗ୍ରୀର ଏକ ବୃହତ ସମ୍ମିଶ୍ରଣ କରାଯାଇ ନୂଆ ନୂଆ ଉତ୍ପାଦ ବଜାରକୁ ଛଡାଯାଇଥାଏ । ଯାହା ଅନ୍ୟ କୌଣସି କମ୍ପାନୀର ପ୍ରଡକ୍ଟରେ ଦେଖିବାକୁ ମିଳେନାହିଁ । ଯେହେତୁ ଏହା ଉପଭୋକ୍ତାଙ୍କ ଭାବାବେଗ ଓ ଠାକୁରଙ୍କ କାର୍ଯ୍ୟରେ ସିଂହଭାଗ ବ୍ୟବହାର ହୋଇଥାଏ ସେଥିପାଇଁ ଗ୍ରାହକଙ୍କ ବିଶ୍ୱାସଭାଜନ ଓ ଚାହିଦ ପୂରଣ ପାଇଁ କମ୍ପାନୀ ଗୁଣାତ୍ମକ ସାମଗ୍ରୀ ଓ ଗ୍ରହକ ଚାହିଦା ପୂରଣକୁ ଗୁରୁତ୍ୱ ଦେଇଥାଏ । ସେଥିପାଇଁ ଭାରତୀୟ ଗ୍ରାହକଙ୍କ ସର୍ବାଧିକ ଓ ଅଗ୍ରାଧିକାର ରହିଥାଏ । ଯେଉଁମାନେ ଥରେ ଏହାର ପ୍ରଡକ୍ଟକୁ ବ୍ୟବହାର କରିଛନ୍ତି ସେମାନେ କେବେହେଲେ ଅନ୍ୟ କୌଣସି କମ୍ପାନୀର ପ୍ରଡକ୍ଟ ବ୍ୟବହାର କରିବେ ନାହିଁ ।

**➡ଓଡ଼ିଶା ବଜାରକୁ କିଭଳି ଦେଖୁଛନ୍ତି, ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସାମ୍ନା କରିବା ପାଇଁ କ'ଣ ଯୋଜନା କରିଛନ୍ତି?**

➤କମ୍ପାନୀ ପାଇଁ ଓଡ଼ିଶା ହେଉଛି ଏକ ପ୍ରମୁଖ ବଜାର, କାରଣ ଓଡ଼ିଶାରେ ବାରମାସରେ ତେର ପୂଜା ପଡିଥାଏ । ବିଶେଷକରି ଓଡ଼ିଶା ହେଉଛି ଏକ ପାର୍ବଣ ଓ ସଂସ୍କୃତିସମ୍ପନ୍ନ ରାଜ୍ୟ, ସେଥିପାଇଁ କମ୍ପାନୀ ତା'ର ସ୍ଥାନୀୟ ୟୁନିଟରୁ ବିଭିନ୍ନ ସମୟରେ ଭିନ୍ନ ସୁଗନ୍ଧର ଉତ୍ପାଦକୁ ବଜାର ପ୍ରବେଶ କରାଇଥାଏ । ସେହିଭଳି ବଜାର ଲିଡର ହେବା ପାଇଁ ୧୨୫ରୁ ଉର୍ଦ୍ଧ୍ୱ ସହର ସାଙ୍ଗକୁ ଗ୍ରାମାଞ୍ଚଳର ଶେଷ ମୁଣ୍ଡରେ ଥିବା ଗାଁର ପ୍ରମୁଖ ବ୍ୟବସାୟିକ ଅନୁଷ୍ଠାନ ସହ ସମ୍ପର୍କ ପ୍ରତିଷ୍ଠା ଓ ପ୍ରଡକ୍ଟ ଉପଲବ୍ଧକୁ ଶତ ପ୍ରତିଶତ କରିଥାଏ । ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱୀ ସବୁ ସମୟରେ ରହିଥାନ୍ତି, ହେଲେ ପ୍ରତିଦ୍ୱନ୍ଦ୍ୱୀଙ୍କ ପଛରେ ରଖି ପ୍ରଡକ୍ଟ ଓ ଗ୍ରାହକ ସମ୍ପର୍କକୁ ଗୁରୁତ୍ୱ ଦେବା ଆବଶ୍ୟକ । ବିନା ଗ୍ରାହକରେ ବ୍ୟବସାୟ କରିବା କଷ୍ଟକର ହୋଇଥାଏ ।

**➡ବ୍ୟବସାୟିକ ବୃଦ୍ଧି ପାଇଁ କ'ଣ ସବୁ ଯୋଜନା ଆପଣେଇଛନ୍ତି?**

➤କମ୍ପାନୀର ବ୍ୟବସାୟରେ ଅଭିବୃଦ୍ଧି ପାଇଁ ସବୁ ସ୍ତରରେ ଯୋଜନା କରାଯାଉଛି । ଯେପରି ଗ୍ରାହକଙ୍କ ନିକଟତର ହେବା ପାଇଁ ପ୍ରତି ବର୍ଷ, ଏପରିକି ବିଶେଷ ପର୍ବପର୍ବାଣିରେ ନୂତନ ଉତ୍ପାଦ ପ୍ରସ୍ତୁତି ସାଙ୍ଗକୁ ବିଭିନ୍ନ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବାର ବୃହତ ଯୋଜନା ରହିଛି । ସେହିଭଳି ସ୍ଥାନୀୟ ପ୍ରତିଭାଙ୍କୁ ନେଇ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡାର କରାଇବା ସହ ପ୍ରଡକ୍ଟର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ବିଶେଷ କରି ଓଡ଼ିଶା କ୍ଷେତ୍ର ପାଇଁ ଓଲିଉଡ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରୁଥିବା ବେଳେ ଜାତୀୟସ୍ତର ପାଇଁ ଭାରତୀୟ କ୍ରିକେଟ୍‌ର ମହେନ୍ଦ୍ର ସିଂହ ଧୋନୀ,ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରୁଛନ୍ତି ।

**➡ଅବସର ସମୟରେ କ'ଣ କରିବାକୁ ପସନ୍ଦ କରିଥାନ୍ତି ?**

➤ବ୍ୟବସାୟ ପାଇଁ ବ୍ୟବସାୟୀ ହୋଇଗଲା ପରେ ଅବସର ସମୟ କମ୍ ମିଳିଥାଏ । ତା ଭିତରୁ କିଛି ସମୟ ପରିବାର ପରିଜନଙ୍କୁ ମଧ୍ୟ ଦେବାକୁ ପଡିଥାଏ । ବାକି ସମୟ ବ୍ୟବସାୟିକ ଆଲୋଚନ ଚକ୍ରରେ ବକ୍ତା ଭାବେ ଯୋଗଦେବା, ସାଙ୍ଗସାଥୀଙ୍କ ସହ ପରିଭ୍ରମଣ କରିବା ଖବର ସହ ଯୋଡି ରହିବା, ମାନସିକ ଅବସାଦରୁ ଦୂରେଇ ରହିବା ପାଇଁ ସଙ୍ଗୀତ ଓ ଶାନ୍ତ ପରିବେଶରେ ଜୀବନ ଅତିବାହିତ କରିବାକୁ ବହୁତ ଭଲ ଲାଗେ ।

## ଫୁର୍‌ସତ୍

# ବୟସ ପାଇଁ ହାତଛଡ଼ା ହେଲା ୩୩ ଲକ୍ଷର ଚାକିରି

ନାଗପୁର



ମହାରାଷ୍ଟ୍ର ନାଗପୁରର ୧୫ ବର୍ଷୀୟ ବେଦାନ୍ତ ଦେଓକାଟେ ଆମେରିକାରେ ଆୟୋଜିତ ୱେବ୍ ଡେଭଲପ୍‌ମେଣ୍ଟ କମ୍ପିଟିଶନରେ ଯୋଗ ଦେଇଥିଲେ । ଦୁଇଦିନରେ ବେଦାନ୍ତ ୨,୦୬୬ ଲାଇନ୍‌ର କୋଡ୍ ଲେଖି ପ୍ରତିଯୋଗିତା ଜିତିଥିଲେ । ଏହାପରେ ନ୍ୟୁଜର୍ସିର ବିଜ୍ଞାପନ କମ୍ପାନୀର ଏଚ୍‌ଆର୍‌ଡି ଟିମ୍ ବେଦାନ୍ତଙ୍କୁ ବାର୍ଷିକ ୩୩ ଲକ୍ଷ ଟଙ୍କାର ଜବ୍ ଅଫର୍ କରିଥିଲେ । କିନ୍ତୁ ବେଦାନ୍ତଙ୍କ ବୟସ ମାତ୍ର ୧୫ ବର୍ଷ ବୋଲି ଜାଣିବା ପରେ ଆଡ୍ କମ୍ପାନୀ ଅଫର୍ ଫେରାଇ ନେଇଥିଲା । ଏଥିରେ ମୋଟ ୧ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ । ବେଦାନ୍ତ ବର୍ତ୍ତମାନ ୧୦ମ ଶ୍ରେଣୀରେ ପାଠ ପଢୁଛନ୍ତି । ତେବେ ବେଦାନ୍ତ ଆବଶ୍ୟକୀୟ ପାଠପଢ଼ା ସାରିବା ପରେ କମ୍ପାନୀ ସହ ଯୋଗାଯୋଗ କରିବା ନେଇ ଆଡ୍ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି । ମା'ଙ୍କ ଲାପ୍‌ଟପ୍‌ରେ ବେଦାନ୍ତ କୋଡିଂ ଅଭ୍ୟାସ କରୁଥିବାବେଳେ ଏ ନେଇ ସେ କୌଣସି ପ୍ରଶିକ୍ଷଣ ନେଇ ନ ଥିବା କହିଛନ୍ତି । ନାଗପୁରର ଏକ ଇଞ୍ଜିନିୟରିଂ କଲେଜରେ ବେଦାନ୍ତଙ୍କ ବାପା ରାଜେଶ ଏବଂ ମା' ଅଶ୍ୱିନୀ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରନ୍ତି । ଜବ୍ ଅଫର୍ ବିଷୟରେ ସେମାନେ କିଛି ଜାଣି ନ ଥିବା କହିଥିବାବେଳେ ସ୍କୁଲରୁ ଫୋନ୍ ଆସିବା ପରେ ସେ ଏ ବିଷୟରେ ଅବଗତ ହୋଇଥିବା କହିଛନ୍ତି ତାଙ୍କ ବାପା ରାଜେଶ ।

# ଇତିହାସପ୍ରେମୀ ଜାହ୍ନବୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଫିଲ୍ମ ପ୍ରଯୋଜକ ବୋନି କପୁରଙ୍କ ଝିଅ ଜାହ୍ନବୀଙ୍କର ଇତିହାସ ପ୍ରତି ରୁଚି ଥିବା ନିଜର ଏକ ସାକ୍ଷାତ୍‌କାରରେ କହିଛନ୍ତି । ସ୍କୁଲରେ ପଢ଼ିବା ସମୟରେ ଇଂଲିଶ, ଇତିହାସ ଭଳି ବିଷୟ ପଢ଼ିବାକୁ ତାଙ୍କୁ ପସନ୍ଦ ଥିଲା । କିନ୍ତୁ ଗଣିତ ତାଙ୍କର ଭଲ ହେଉ ନଥିବା ସେ ପ୍ରକାଶ କରିଛନ୍ତି । ସାହିତ୍ୟ, ଇତିହାସ ବ୍ୟକ୍ତିଙ୍କୁ ପାରମ୍ପରିକ ବ୍ୟକ୍ତି ବିଶେଷ ଭାବେ ଗଢ଼ିବାରେ ସାହାଯ୍ୟ କରୁଥିବାବେଳେ ଗଣିତ ବ୍ୟକ୍ତିଙ୍କୁ ଅର୍ଦ୍ଧ ବିକଶିତ କରିଥାଏ ବୋଲି ଜାହ୍ନବୀ କହିଛନ୍ତି । କାଲକୁଲେଟର ଆବିଷ୍କାର ହେବାପରଠାରୁ ସେ ନିଜ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର କରି ନ ଥିବାବେଳେ ସେ କ'ଣ ପାଇଁ ଗଣିତ କଷି ତାଙ୍କ ମୁଣ୍ଡ ଖରାପ କରିବେ ବୋଲି କହିକଛନ୍ତି । ତେବେ ଏହି ସାକ୍ଷାତ୍‌କାରର ଏକ ଭିଡିଓ କ୍ଲିପ୍ ଟୁଇଟରରେ ଭାଇରାଲ ହେଉଛି । ଗଣିତକୁ ନାପସନ୍ଦ କରି ଜାହ୍ନବୀଙ୍କ ମନ୍ତବ୍ୟ ସୋସିଆଲ ମିଡିଆ ୟୁଜରଙ୍କୁ ଆଘାତ ଦେଇଛି । ଏ ନେଇ ନାୟିକା ଜଣଙ୍କୁ ସାମାଜିକ ଗଣମାଧ୍ୟମରେ ଟ୍ରୋଲ୍ ହେବାକୁ ପଡ଼ିଛି । ଧଡକ୍‌ରୁ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିବା ଜାହ୍ନବୀ ବର୍ତ୍ତମାନ ନିଜ ଆଗାମୀ ଫିଲ୍ମ 'ଗୁଡ୍ ଲକ୍ ଜେରୀ'ର ପ୍ରମୋଶନ୍‌ରେ ବ୍ୟସ୍ତ । ଫିଲ୍ମଟି ଆସନ୍ତା ୨୯ ତାରିଖରେ ରିଲିଜ୍ ହେବ । ଜାହ୍ନବୀ ଜେରୀ ଭୂମିକାରେ ନଜରକୁ ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ସେନ୍‌ଗୁପ୍ତା ।

# ସ୍ତ୍ରୀ ପାଇଁ ୧୦୦ ଫୁଟ୍ ଟାୱାରରେ ଚଢ଼ିଲେ ସ୍ୱାମୀ

ମୁମ୍ବାଇ



ଘରୋଇ କଳହକୁ କେନ୍ଦ୍ର କରି ଦୀର୍ଘଦିନ ଧରି ସ୍ତ୍ରୀ ଶାଶୁଘର ଛାଡ଼ି ବାପ ଘରେ ଯାଇ ରହୁଥିଲେ । ତାଙ୍କୁ ନିଜ ପାଖକୁ ଫେରାଇ ଆଣିବା ପାଇଁ ସ୍ୱାମୀ ଗନପତ ବକଲ ବହୁ ପ୍ରଚେଷ୍ଟା କରିଥିଲେ ହେଁ ସ୍ତ୍ରୀ ତାଙ୍କ ପାଖକୁ ଫେରି ନ ଥିଲେ । ଘଟଣାଟି ମହାରାଷ୍ଟ୍ର ଜଲନା ଜିଲା ଦଧାଡି ଗ୍ରାମର । ତେବେ ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଗତ ଗୁରୁବାର ଗନପତ ନିଶାସକ୍ତ ଅବସ୍ଥାରେ ଶ୍ୱଶୁର ଘରେ ଯାଇ ପହଞ୍ଚିଥିଲେ । ନିଜ ସହ ସ୍ତ୍ରୀଙ୍କୁ ଘରକୁ ନେବା ପାଇଁ ବହୁ ବୁଝାଶୁଝା କରିଥିଲେ । ହେଲେ ସ୍ତ୍ରୀ ନିଜ ଜିଦ୍‌ରେ ଅଟଳ ଥିଲେ । ଯୁବକ ଜଣକ ରାଗିଯାଇ ଶ୍ୱଶୁର ଘର ନିକଟରେ ଥିବା ୧୦୦ ଫୁଟ ମୋବାଇଲ ଟାୱାରରେ ଚଢ଼ିଯାଇଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଲୋକେ ପୋଲିସକୁ ସୂଚନା ଦେବାପରେ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚିଥିଲା । ଗନପତ ଟାୱାରରୁ ଓହ୍ଲାଇବାକୁ ଅରାଜି ହୋଇଥିବାବେଳେ ପୋଲିସ ଯେତେବେଳେ ତାଙ୍କ ପାରିବାରିକ କଳହର ସମାଧାନ କରି ସ୍ତ୍ରୀଙ୍କୁ ତାଙ୍କ ସହ ପଠାଇବାର ପ୍ରତିଶ୍ରୁତି ଦେଲେ ସେତେବେଳେ ସେ ଟାୱାରରୁ ଓହ୍ଲାଇ ଥିଲେ । ପୋଲିସ ସୂଚନାନୁସାରେ ଦୀର୍ଘ ୪ ଘଣ୍ଟା ପର୍ଯ୍ୟନ୍ତ ଗନପତ ଟାୱାର ଉପରେ ଚଢ଼ି ରହିଥିଲେ ।

# ଡାକ୍ତର ନ ପାଇ ୧୩ଟି ଦାନ୍ତ ଉପାଡ଼ିଦେଲେ ମହିଳା

**ଲଣ୍ଡନ:** ବ୍ରିଟେନ୍‌ର ଜଣେ ମହିଳା ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍)ରେ ଦାନ୍ତ ଡାକ୍ତର ନ ପାଇବାରୁ ନିଜର ୧୩ଟି ଦାନ୍ତ ଉପାଡ଼ି ଦେଇଥିବା ଖବର ପ୍ରକାଶ ପାଇଛି । ୪୨ ବର୍ଷୀୟା ଡାନିଏଲ ୱାଟ କ୍ରୋନିକ୍ ଗମ୍ ରୋଗରେ ଆକ୍ରାନ୍ତ । ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ଲାଗି ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନ ଥିବା କାରଣରୁ ସେ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ସ୍ଥାନୀୟ ଅଞ୍ଚଳରେ ଜଣେ ଦାନ୍ତ ଡାକ୍ତର ଥିବାବେଳେ ଗତ ୭ ବର୍ଷ ଧରି ସେ କାମ ବନ୍ଦ କରିଦେଇଛନ୍ତି । ବର୍ତ୍ତମାନ ୱାଟ୍‌ଙ୍କର ୧୪ଟି ଦାନ୍ତ ଥିବାବେଳେ ସେଥିରୁ ୮ଟି ବାହାର କଲା ପରେ ଯାଇ ସେ ଡେନ୍‌ଚର୍ସ ଫିଟ୍ କରିପାରିବେ । ଦାନ୍ତ ନ ଥିବା କାରଣରୁ ୱାଟ୍ ହସିବା ବନ୍ଦ କରି ଦେଇଥିବା କହିଛନ୍ତି । ଏଥିସହ ପ୍ରତ୍ୟେକ ଦିନ ସେ ପେନ୍ କିଲର ନେଉଥିବା କହିଛନ୍ତି । ନିଜ ଦାନ୍ତ ଚିକିତ୍ସା ପାଇଁ ସ୍ଥାନୀୟ କାଉନସିଲ ତାଙ୍କୁ ସାହାଯ୍ୟ କରୁଥିବା ଖବର ପ୍ରକାଶ ପାଇଛି ।

# ରୋବୋ ଭାଙ୍ଗିଦେଲା ପ୍ରତିଯୋଗୀଙ୍କ ଅଙ୍ଗୁଳି



**ମସ୍କୋ:** ରୁଷିଆର ମସ୍କୋରେ ଅନୁଷ୍ଠିତ ଏକ ଚେସ୍ ପ୍ରତିଯୋଗିତାରେ ଏକ ରୋବୋ ଚେସ୍ ଖେଳୁଥିବା ଜଣେ ନାବାଳକ ପ୍ରତିଯୋଗୀଙ୍କ ଅଙ୍ଗୁଳି ଭାଙ୍ଗିଦେଇଥିବାର ଖବର ସାମ୍ନାକୁ ଆସିଛି । ଜୁଲାଇ ୧୯ରେ ମସ୍କୋରେ ଆୟୋଜିତ ମସ୍କୋ ଚେସ୍ ଓପନ ଟୁର୍ଣ୍ଣାମେଣ୍ଟରେ ଏ ଘଟଣା ଘଟିଥିବା ଜଣାପଡ଼ିଛି । ରୋବୋ ଓ ୭ ବର୍ଷୀୟ ନାବାଳକଙ୍କ ମଧ୍ୟରେ ଖେଳ ଜାରି ଥିବାବେଳେ ବାଳକ ଜଣକ ଯେତେବେଳେ ନିଜ ଚାଲ୍ ଚଳାଇ ଥିଲେ ସେ ସମୟରେ ତାଙ୍କ ଅଙ୍ଗୁଳି ରୋବୋ ହାତରେ ଫସି ରହିଥିଲା । ଏହାପରେ ସେଠାରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତି ଫସିଥିବା ଅଙ୍ଗୁଳିକୁ ବାହାର କରିଥିଲେ । ବାଳକଙ୍କ ନାମ କ୍ରିଷ୍ଟୋଫର । ସେ ଜଣେ ଭଲ ଉତ୍ତମ ଚେସ୍ ପ୍ଲେୟର । ଅଙ୍ଗୁଳିର ବ୍ୟାଣ୍ଡେଜ୍ ପରେ ବାଳକ ଜଣକ ପୁଣିଥରେ ଖେଳିବା ଆରମ୍ଭ କରିଥିଲେ ।

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରୁ ମୃତଦେହ ମିଳିଲା

**ଫୁଲନଖରା, ୨୪।୭(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ଭାଣପୁର ନିକଟରୁ ଶନିବାର ବିଳମ୍ବିତ ରାତିରେ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ସୁଶାନ୍ତ ରାଉତ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ରାସ୍ତାପାର୍ଶ୍ୱରେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଖବର ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ନେଇଥିଲେ। କଟକ ସଦର ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୨) ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି।

### ୧୦୪ କେଜି ଗଞ୍ଜେଇ ଜବତ, ୩ ଗିରଫ

**କଟକ ଅଫିସ, ୨୪।୭:** କଟକ ଜିଲା ଟାଙ୍ଗୀ ଟୋଲ୍‌ପ୍ଲାଜା ନିକଟରେ ଏକ ଗାଡିରୁ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ୧୦୪ କେଜି ଗଞ୍ଜେଇ ରବିବାର ଜବତ କରିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ରାଜ୍ୟର ସଇନୁର ମୁଲ୍ଲା, ଅମିନୁର ମୁଲ୍ଲା ଓ ଆଲମ ମଣ୍ଡଳଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଏକ ମାମଲା (ନଂ.୨୩୭/୨୨) ରୁଜୁ ହୋଇଛି। ବୌଦ୍ଧ ଜିଲାରୁ ପଶ୍ଚିମବଙ୍ଗକୁ ଉକ୍ତ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗ ଖବର ପାଇଥିଲା। ପରେ ବିଭାଗର ଏକ ଟିମ୍ ଟାଙ୍ଗୀ ଟୋଲ୍ ପ୍ଲାଜା ନିକଟରେ ପାଟ୍ରୋଲିଂ କରୁଥିଲା। ଗାଡିଟି ସେଠାରେ ପହଞ୍ଚିବା ପରେ ଟିମ୍ ପକ୍ଷରୁ ଯାଞ୍ଚ କରାଯିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା।

### ପୋଖରୀରେ ବୁଡ଼ି ଯୁବକ ମୃତ

**ଟାଙ୍ଗୀ(ଖୋର୍ଦ୍ଧା),୨୪।୭(ଡି.ଏନ୍.ଏ.):** ଟାଙ୍ଗୀ ଥାନା ହାଟବରଡ଼ି ପଞ୍ଚାୟତ ଅଧୀନ ତରାପି ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତପନ ବିଶ୍ୱାଳ। ସୂଚନା ମୁତାବକ, ଗତ ଦୁଇଦିନ ପୂର୍ବେ ତପନ ଗ୍ରାମ ନିକଟ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ତେବେ କୌଣସି କାରଣରୁ ସେ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ କିଛି ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ଉକ୍ତ ପୋଖରୀରେ ତପନଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା।

# ଜେଲଫେରନ୍ତାଙ୍କ ପରେଡ୍

**କଟକ ଅଫିସ,୨୪।୭**

**କାର୍ଯ୍ୟକଳାପ ସମ୍ପର୍କରେ ପଚାରି ବୁଝିଲା ପୋଲିସ**

ଜେଲଫେରନ୍ତା ଅପରାଧୀଙ୍କୁ କଟକ ସହରର ସମସ୍ତ ଥାନାରେ ରବିବାର ପରେଡ୍ କରାଯାଇଛି। ଜେଲ୍‌ରୁ ଫେରିଥିବା ଅପରାଧୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଅପରାଧ କରି ଜେଲ୍‌ରୁ ଫେରିଥିବା ଅପରାଧୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସୁସ୍ଥ ସମାଜରେ ରଖିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଏଭଳି ପ୍ରୟାସ କରାଯାଉଛି ବୋଲି ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି। ଜେଲ୍‌ରେ ଅପରାଧୀଙ୍କ ପରେଡ୍ କରାଯାଇଥାଏ। ସେହି ଢାଞ୍ଚାରେ ଜେଲ୍ ଫେରନ୍ତାଙ୍କର ଥାନାଓ୍ୱାରୀ ପରେଡ୍ କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳର ଅପରାଧୀଙ୍କୁ ଡକାଯାଇ ଥାନାଧିକାରୀ ଓ ଅନ୍ୟ ଅଫିସରଙ୍କ ଉପସ୍ଥିତିରେ ପରେଡ୍ କରାଯାଇଥିଲା। ଏଥିସହ ସେମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସ ପଚାରି ବୁଝିଥିଲା।

ଜେଲ୍‌ରୁ ଫେରନ୍ତା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରି ଏକ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ସେମାନେ ଏବେ କ'ଣ କରୁଛନ୍ତି। କେଉଁଠାରେ ରହୁଛନ୍ତି। କିଭଳି ଚଳୁଛନ୍ତି ସବୁ କିଛିକୁ ନେଇ ଥାନାଧିକାରୀ ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୁକ୍ତମାନେ କିଭଳି ଅପରାଧ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ତାହା କମିଶନରେଟ୍ ପୋଲିସ ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି ଜେଲ୍ ଫେରନ୍ତାଙ୍କ ଗତିବିଧି ଉପରେ ନଜର ରଖିବା ସହ ତାଙ୍କର ସୁବିଧା ଅସୁବିଧା ବୁଝିବା ପାଇଁ ପୋଲିସ ଦ୍ୱାରା ଯାହା ସମ୍ଭବ କରାଯିବ। ଏଥିସହ ଜେଲରୁ ଫେରିଥିବା ଅପରାଧୀଙ୍କୁ କୋର୍ଟ ବେଲ୍ ଦେବା ସମୟରେ ରଖିଥିବା ସର୍ତ୍ତ ମାନୁଛନ୍ତି କି ନାହିଁ ତାହାକୁ ମଧ୍ୟ ଯାଞ୍ଚ କରାଯାଇଛି। ଆଗକୁ ନିୟମିତ ବ୍ୟବଧାନରେ ଏଭଳି କରାଯିବ ବୋଲି ଏସିପି କହିଛନ୍ତି।



କଟକ ବିଡାନାସୀ କୁମ୍ଭାରସାହି ତ୍ରିନାଥ ଯୁବକ କାଉଡିଆ ସଂଘ ପକ୍ଷରୁ ୩୫ ଫୁଟ ଲମ୍ବ ଓ ୨୦ ଫୁଟ ଉଚ୍ଚତାର ବାହୁଙ୍ଗୀରେ ୪୦ ଲିଟର କ୍ଷୀର ଏବଂ ୨୦ ଲିଟର ଜଳ ନେଇ ରବିବାର ଚହଟା ମହାନଦୀ ତଟରୁ ଆଠଗଡ଼ର ସର୍ପେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

# ପୋତା ହେଲା ୧୦ ଲକ୍ଷ ଟଙ୍କାର ନକଲି ସାମଗ୍ରୀ

**କଟକ ଅଫିସ,୨୪।୭**

**ଅପମିଶ୍ରିତ ଡାଲି, ନକଲି ଜର୍ଦ୍ଦା ଓ ପାନମସଲା ଜବତ ହୋଇଥିଲା**

ନକଲି ଓ ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତିର ପେଣ୍ଠସ୍ଥଳ ପାଲିଟିଛି କଟକ। କଟକ ଜଗତ୍‌ପୁର ଓ ମାଲଗୋଦାମ ଅଞ୍ଚଳ ସମେତ ଅନେକ ସ୍ଥାନରେ ସିଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଉକ୍ତ ସାମଗ୍ରୀ ଜବତ କରାଯାଇଛି। ୪ ମାସ ପୂର୍ବରୁ ମାଲଗୋଦାମ ଅଞ୍ଚଳରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫୦ ବସ୍ତା ଅପମିଶ୍ରିତ ଡାଲି ଜବତ କରାଯାଇଥିଲା। ସେହିପରି ବାଦାମବାଡି ଥାନା ଅଞ୍ଚଳରୁ ନକଲି ଜର୍ଦ୍ଦା ଓ ଜଗତ୍‌ପୁର ଥାନା ଅଞ୍ଚଳରୁ ନକଲି ପାନ ମସଲା ଜବତ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜବତ ସାମଗ୍ରୀକୁ ସିଏମ୍‌ସି ପକ୍ଷରୁ ରବିବାର ଜଗତ୍‌ପୁରସ୍ଥିତ ଇଡ୍‌କୋ ପଡିଆରେ ପୋତି ଦିଆଯାଇଛି। ଏସବୁ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଉପରୋକ୍ତ ସ୍ଥାନରୁ ଜବତ ହୋଇଥିବା ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଥିଲା। ପରୀକ୍ଷା ପରେ ଏହା ଖାଦ୍ୟ ଉପଯୋଗୀ ନୁହେଁ ବୋଲି ଜଣାପଡିଥିଲା। ଏ ସମ୍ପର୍କରେ ରିପୋର୍ଟ ଆସିବା ପରେ ହାଇକୋର୍ଟ ଏହାକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଦେଶୀ ମଦ ଜବତ: ବାପା, ପୁଅ ଗିରଫ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

ବେଆଇନ ଭାବେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ବାପା ଓ ପୁଅଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୋଲିସ। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଶିଖରଚଣ୍ଡି ଅଞ୍ଚଳର ଏ. ଉମାପତି ରେଡ୍ଡୀ ଓ କାମେଶ ରେଡ୍ଡୀ। ତାଙ୍କଠାରୁ ୫୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ପୋଲିସ ଅଭିଯୁକ୍ତ ବାପା ଓ ପୁଅଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୨୬୧ ଉଲ୍ଲଂଘନକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

**ଭୁବନେଶ୍ୱର ଟ୍ରାଫିକ ପୋଲିସ**

ଟ୍ରାଫିକ ନିୟମକୁ ଅବମାନନା କରି ଗାଡି ଚଳାଉଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ବିନା ହେଲ୍‌ମେଟରେ ଗାଡି ଚଳାଇବା, ବିପରୀତ ଦିଗରେ ଗାଡି ଚାଳନା, ଗାଡି ଚଳାଉଥିବା ସମୟରେ ମୋବାଇଲରେ କଥା ହେବା, ଗୋଟିଏ ଗାଡିରେ ୩ଜଣ ବସି ଯାତାୟତ କରିବା, ବେଆଇନ ଗାଡି ପାର୍କିଂ ଓ ନିୟମ ଉଲ୍ଲଘଂନ କରୁଥିବା ସ୍କୁଲ ବସ୍‌ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଲାଣ କଟାଯାଇଛି। ଜୁଲାଇ ୧୭ରୁ ୨୩ ତାରିଖ ମଧ୍ୟରେ ଟ୍ରାଫିକ ନିୟମ ଖିଲାପ କରିଥିବା ୩ ହଜାର ୪୫୫ ଜଣଙ୍କ ନାମରେ ଚାଲାଣ ପଠାଯାଇଛି । ୨୬୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ନିବେଦନ କରାଯାଇଛି। ଏପରି ଚଢାଉ ଆଗକୁ ଅଧିକ କଡାକଡି ଭାବେ ପାଳନ କରାଯିବ ବୋଲି ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣକାରୀ ବିଧାୟକ ଏକାଦଶ ଏବଂ ଯୁବ-ଛାତ୍ର ଏକାଦଶର ସଦସ୍ୟବୃନ୍ଦ।

# ଯୁବଛାତ୍ର ଏକାଦଶକୁ ହରାଇଲା ବିଧାୟକ ଏକାଦଶ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

**ବିଜେଡିର ୨୫ ବର୍ଷ ପୂର୍ତ୍ତି**

ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଯୁବ ସଭାପତି ବ୍ୟୋମକେଶ ରାୟ ଏବଂ ଛାତ୍ର ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ମ୍ୟାଚ୍ ବିଜେଡିର ବିଧାୟକ ଏକାଦଶ ଏବଂ ଯୁବଛାତ୍ର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ମ୍ୟାଚ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଏକାଦଶ ୨-୧ ଗୋଲ୍‌ରେ ଯୁବଛାତ୍ର ଏକାଦଶକୁ ପରାସ୍ତ କରିଛି। ବିଧାୟକ ଏକାଦଶର ଅଧିନାୟକ ଭାବେ ଦିବ୍ୟଶଙ୍କର ମିଶ୍ର ଦାୟିତ୍ୱ ତୁଲାଉଥିବା ବେଳେ ଯୁବଛାତ୍ର ଏକାଦଶ ବିଧାୟକ ଭାବେ ବ୍ୟୋମକେଶ ରାୟ ଅଧିନାୟକତ୍ୱ କରିଛନ୍ତି। ଏହାପରେ ପ୍ରତି ବ୍ଲକ ଏବଂ ଓ୍ୱାର୍ଡସ୍ତରରେ ଫୁଟବଲ୍ ମ୍ୟାଚ୍ ଆୟୋଜନ କରାଯିବ ବୋଲି ଦଳର ଯୁବଛାତ୍ର ନେତୃତ୍ୱମାନଙ୍କ ତରଫରୁ କୁହାଯାଇଛି। ଏହି ମ୍ୟାଚ୍‌ରେ ବିଜୁ ଜନତା ଦଳ ବିଧାୟକମାନେ ଏବଂ ଯୁବଛାତ୍ର ଏକାଦଶରେ ସାମିଲ ଥିବା ସମସ୍ତେ ଭଲ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଟାଏ ଲେଖା ଗୋଲ୍ ପରସ୍ପରକୁ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ବିଧାୟକ ଏକାଦଶ ଆଉ ଏକ ଗୋଲ୍ କରି ମ୍ୟାଚ୍‌କୁ ୨-୧ରେ ଜିତିଥିଲା। ବିଧାୟକ ଅରୁଣ କୁମାର ସାହୁ ଏବଂ ଦିବ୍ୟଶଙ୍କର ମିଶ୍ର ଗୋଟାଏ ଲେଖା ଗୋଲ୍ କରିଥିଲେ। ଯୁବଛାତ୍ର ଏକାଦଶ ପକ୍ଷରୁ ସ୍ମୃତି ନାଏକ ଗୋଟିଏ ଗୋଲ୍ ଦେଇଥିଲେ। ତେବେ ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ଜର୍ସି ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। ବିଧାୟକ ଏବଂ ମନ୍ତ୍ରୀମାନେ ବ୍ଲୁ ରଙ୍ଗର ଜର୍ସିରେ ମଇଦାନକୁ ଓହ୍ଲାଇଥିବା ବେଳେ ଯୁବଛାତ୍ର ଏକାଦଶ ସବୁଜ ରଙ୍ଗର ଜର୍ସି ପିନ୍ଧିଥିଲା।

# ୪ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା

**ଏଡୁ ମିଟ୍-୨୦୨୨ର ପ୍ରଥମ ସଂସ୍କରଣ**



**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

ଶିକ୍ଷା ସମ୍ମିଳନୀ ଏଡୁ ମିଟ୍-୨୦୨୨ର ପ୍ରଥମ ସଂସ୍କରଣ ରବିବାର କିଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କୋଲ୍‌କାତାର ବ୍ରିଟିଶ୍ ଡେପୁଟି ହାଇ କମିଶନ ତଥା ଡେପୁଟି ହେଡ୍ ଅଫ୍ ମିଶନ ୟେମି ଓଡାନ୍ୟେ, ଓଡିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ୍ ପୁଜାରୀ, ପୂର୍ବତନ ଭାରତୀୟ କ୍ରିକେଟର ତଥା କମେଣ୍ଟେଟର୍ ଅରୁଣ ଲାଲ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଅଧ୍ୟକ୍ଷା ଡ. ମୋନାଲିସା ବଳ, ଟ୍ରାନ୍ସଜେଣ୍ଡର୍ ରାଇଟ୍‌ସ ଆକ୍ଟିଭିଷ୍ଟ ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ନ୍ୟାଶନାଲ କୋ-ଚେୟାର ଆଇଏନ୍‌ଡବ୍ଲ୍ୟୁଇସି ସୁକ୍ରିତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଜଳବାୟୁ ପରିବର୍ତ୍ତନ, ସାମାଜିକ ଶିକ୍ଷା ଆବଶ୍ୟକତା, ଲିଙ୍ଗଗତ ଭେଦଭାବ ଓ ଭାରତରେ କ୍ରୀଡାର ଭବିଷ୍ୟତ ପ୍ରମୁଖ ୪ଟି ବିଷୟରେ ଆଲୋଚନା କରାଯାଇଥିଲା।

ପ୍ରଥମ ପ୍ୟାନେଲରେ 'ଗ୍ରୀନ୍ କ୍ଲାଇମେଟ୍ ଆଣ୍ଡ ଏଜୁକେଶନ-ଇମ୍ପାକ୍ଟସ୍, ପଲିସିଜ୍ ଆଣ୍ଡ ଆକ୍ସନ୍‌ସ' ଜଳବାୟୁ ପରିବର୍ତ୍ତନ ନେଇ ଆଲୋଚନା ହୋଇଥିଲା। ଏଥିରେ ଦ କ୍ଲାଇମେଟ୍ ରିୟଲିଟି ଫାଉଣ୍ଡେଶନ ସାଉଥ୍ ଏସିଆର ନିର୍ଦ୍ଦେଶକ ଆଦିତ୍ୟ ପୁଣ୍ଡିର, ସାଉଥ୍ ଏସିଆନ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ରିଜିତ୍ ଚାଟାର୍ଜୀ ଓ ସୋଲାର ଇନ୍‌ଫ୍ରାର ମ୍ୟାନେଜିଂ ପାର୍ଟନର୍ ଓ ଇସି ହେଡ୍ ଆଇଏନ୍‌ଡବ୍ଲ୍ୟୁଇସି ସାଇକ୍ରିଷ୍ଟା ମହାନ୍ତି ପ୍ରମୁଖ ଉକ୍ତ ପ୍ରସଙ୍ଗ ଉପରେ ମତ ରଖିଥିଲେ। ପରେ 'ବାଳିକା ଶିକ୍ଷା, ଲିଙ୍ଗଗତ ସମାନତା ଓ ସ୍ୱତନ୍ତ୍ର ଶିକ୍ଷା' ଶୀର୍ଷକ ଆଲୋଚନାରେ ଦୀପା ସୁନ୍ଦରା ରାଜନ୍, ଡ. ମୋନାଲିସା ବଳ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ମେରୀ ବାରୁଆ ପ୍ରମୁଖ ନିଜ ମତ ରଖିଥିଲେ। ତୃତୀୟ ଅଧିବେଶନ 'ଚକ୍ ଦେ ଇଣ୍ଡିଆ' ଭାରତରେ କ୍ରୀଡାର ମୂଳ ପରିଦୃଶ୍ୟ ଓ ଏହାର ଭବିଷ୍ୟତ ଉପରେ ଗୁରୁତ୍ୱାରୋପ କରିଥିଲା। ଏହି ଅଧିବେଶନରେ ପୂର୍ବତନ ଭାରତୀୟ କ୍ରିକେଟର ଓ କ୍ରିକେଟ୍ କମେଣ୍ଟେଟର୍ ଅରୁଣ ଲାଲ୍, ଭାରତୀୟ ଫୁଟ୍‌ବଲର୍ ପ୍ରଶାନ୍ତ ବାନର୍ଜୀ ଏବଂ ୱାର୍ଲ୍ଡ କରାଟେ ଫେଡେରେଶନର ରେଫ୍ରି ତଥା ବିଚାରପତି ହଂସି ପ୍ରେମ୍‌ଜିତ୍ ସେନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚତୁର୍ଥ ଅଧିବେଶନ 'ସ୍କିଲିଙ୍ଗ୍ ଇଣ୍ଡିଆନ୍ ୟୁଥ୍- ଇସ୍ୟୁଜ୍ ଆଣ୍ଡ ଚ୍ୟାଲେଞ୍ଜେସ୍' ସମ୍ପର୍କିତ ଥିଲା। ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶକ ଏସ୍.ଏମ୍. ଏଜାଜ୍ ଅହମ୍ମଦ ଓ କିଟ୍ ଇଟରନ୍ୟାଶନାଲ ସ୍କୁଲ୍ର ନିର୍ଦ୍ଦେଶକ ଯୋଗ ଦେଇଥିଲେ।

# ତ୍ୟାଗର ମୂଲ୍ୟ ଦେବାରେ ଓଡ଼ିଆ ଜାତି କୃପଣ ନ ଥିଲା

- ରାହାଙ୍ଗ ଦକ୍ଷିଣ ରାଡ଼ସ, କୃତ୍ତିବାସ ଦଣ୍ଡପାଟ ବର୍ଷତମାମ ଯୋଗାଉଥିଲେ ଖାଦ୍ୟଦ୍ରବ୍ୟ
- ଶ୍ରୀପୁରୁଷୋତ୍ତମ ମନ୍ଦିର ଭଣ୍ଡାରରୁ ଯୋଗାଇ ଦିଆଯାଇଥିଲା ୩,୪୦୮ ଭରଣ ଧାନ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

**ଐତିହ୍ୟର ଓଡ଼ିଶା**

ଆମେ ଆଲୋଚନା କରିସାରିଛେ ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଦରବ କେଉଁମାନେ ଦେଇଥିଲେ। କେଉଁମାନେ ଚାରୋଟିଯାକ ଶିଳ୍ପୀ ଶିବିର ଓ ପାଇଟିଆଳଙ୍କ ଖାଦ୍ୟ ବ୍ୟବସ୍ଥା ସହିତ ଜଡ଼ିତ ଥିଲେ। ଆଶ୍ଚର୍ଯ୍ୟ ଲାଗେ ଥରେ ଅଧେ ଖାଦ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ତ ଦେଇଥିଲେ, କିନ୍ତୁ ପ୍ରତିବର୍ଷ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀ ଦେବାର ଉଦାହରଣ ବି ମିଳେ। ଆଢ଼ତିଆକରଣ ବୀରବର ପଟ୍ଟନାୟକ କେଉଁଠୁ କେଉଁଠୁ ଖାଦ୍ୟଦ୍ରବ୍ୟ ଯୋଗାଣ ହୋଇଥିଲା ତାହା ତଦାରଖ କରିଥିଲେ। ତଦାରଖ ପରେ ଜଣାପଡ଼ିଲା- ରାହାଙ୍ଗ ଦକ୍ଷିଣ ରାଡ଼ସ ପକ୍ଷରୁ ୧,୦୩୪ ଭରଣ ଧାନ ଓ ୨୩୪ ଓଳିଆ ବିରି ପ୍ରତିବର୍ଷ କୋଣାର୍କ ଭଣ୍ଡାରକୁ ଆସୁଥିଲା। ସେହିପରି କୃତ୍ତିବାସ ଦଣ୍ଡପାଟରୁ ୨,୪୮୭ ଭରଣ ଧାନ ଓ ବିରି, କୋଠଦେଶର ବକ୍ରେଶ୍ୱର ଖମାରରୁ ୩,୧୪୦ ଭରଣ ଧାନ (ଭରଣକ ୮୦ ଗୌଣି, ଚାରିସେରିଆରେ ସେତେବେଳେ ହିସାବ ହେଉଥିଲା) ୨୦୦ ଛେଲା ନଡ଼ିଆ (ଛେଲାକ ୯ପଣ, ପଣକ ୨୦ ଗଣ୍ଡା) ୨୩୪ ଭରଣ ବିରି, ୩୩ ଭରଣ ଚମ୍ପାଧାନ ପ୍ରତିବର୍ଷ ଆସୁଥିଲା। ବର୍ଷକୁ ଆସୁଥିବା ଚାଉଳକୁ ଛାଡ଼ି କେବଳ ଧାନ ଆସୁଥିଲା ୩୦,୨୧୪ ଭରଣ। ଆମେ ଉଦାହରଣ ଦେଲୁ ତିନୋଟି ବିଷୟରୁ (ଜିଲା) ଆସୁଥିବା ଧାନର ପରିମାଣ। ଶ୍ରୀପୁରୁଷୋତ୍ତମ ମନ୍ଦିର ଭଣ୍ଡାରରୁ ଅର୍ଥାତ୍ ପୁରୀରୁ ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରୁ ବର୍ଷକୁ ଯୋଗାଇ ଦିଆଯାଉଥିଲା ୩,୪୦୮ ଭରଣ ଧାନ। ଗୋଟିଏ ନୂଆ ମନ୍ଦିର ନିର୍ମାଣ ପାଇଁ ପୁରାତନ ମନ୍ଦିରର ଅବଦାନ ରହିଥିଲା। ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ଅତ୍ୟନ୍ତ ସମୃଦ୍ଧ ଥିଲା। ନଇଲେ ଏତେ ପରିମାଣର ଧାନ ମହାରଣା ତଥା ଶିଳ୍ପୀମାନଙ୍କ ଖାଦ୍ୟ ପାଇଁ ପ୍ରତିବର୍ଷ ଯୋଗାଇ ଦିଆଯାଉଥାନ୍ତା କିପରି? କେବଳ ଏତିକି ନୁହେଁ, ୩,୪୭୨ଟି ଛିଦ୍ରଯୁକ୍ତ ସୁନାମୋହର ମଧ୍ୟ ଶ୍ରୀପୁରୁଷୋତ୍ତମ ଭଣ୍ଡାରରୁ ପାରିଶ୍ରମିକ ପାଇଁ ଯୋଗାଇ ଦିଆଯାଉଥିଲା। ଐତିହ୍ୟ ଅଛି ୧୨ଶହ ବଢ଼େଇଙ୍କୁ ୧୨ ବର୍ଷ ଲାଗିଲା... ତାହା ନୁହେଁ, ନିର୍ମାଣରେ ୧୭୫୦ରୁ ଅଧିକ ଶିଳ୍ପୀ ଲାଗିଥିବା ଆମେ ପୂର୍ବରୁ ସୂଚନା ଦେଇଥିଲୁ। ୮୦୦ରୁ ଅଧିକ ପାଇଟିଆଳ, ୧୦୦ ଗାଇଆଳ, ୧୫୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ନିଯୁକ୍ତ ଥିଲେ। ଶିଳ୍ପୀଙ୍କୁ ପାଣି ଓ ପାନ ଯୋଗାଇବା ପାଇଁ ୧୦୦ରୁ ଅଧିକ ଲୋକ ଥିଲେ। ଚାରି ଶିବିରରେ ରାନ୍ଧିବା ଓ ଯୋଗାଇବା ପାଇଁ ୩୦ଜଣ ଲେଖାଏଁ ୧୨୦ଜଣ ଥିଲେ। ଯା ବାଦେ ଜଗୁଆଳି, ଘୋଡ଼ା ସବାର ଓ ହାତୀଆଳ ଥିଲେ। ଆମେ ୪,୨୨୦ ଜଣଙ୍କ ହିସାବ ଦେଇଛୁ। ପଥର ଚିହ୍ନଟ, ପଥର ଫଟାଇବା, ପଥର ବୋହିବା, ଚାପରେ ଲଦିବା, ଚାପରୁ ଓହ୍ଲାଇବା, ପଥରକୁ ଆବଶ୍ୟକ ଅନୁଯାୟୀ ଚଉପଟ କରିବା କାମ ହାରାହାରି କେତେଜଣ କରୁଥିଲେ ଆମେ ପୂର୍ବରୁ ଆଲୋଚନା କରିଛେ। ଏ ପର୍ଯ୍ୟନ୍ତ ଆମ ଅନୁସନ୍ଧାନ କହୁଛି ୬ ହଜାରରୁ ଅଧିକ ଲୋକ ନିୟୋଜିତ ଥିଲେ। ଆଗକୁ ଆମେ ଗାଇଆଳ ଓ ମହିଳ ଶ୍ରମିକଙ୍କ ଅବଦାନ ପ୍ରସଙ୍ଗ କ୍ରମେ ଆଲୋଚନା କରିବା। ମନ୍ଦିର ନିର୍ମାଣ ସମୟରେ ଯେପରି ସତର୍କତାର ସହିତ ସମସ୍ତ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପ୍ରତି ଧ୍ୟାନ ଦିଆଯାଇଥିଲା, ତାହା ଅନୁସନ୍ଧାନ କଲେ ଜାଣିହେଉଛି ଗଜପତି ଏବଂ ରାଜକର୍ମଚାରୀ କେତେ ସଚେତନ ଥିଲେ। ମୁତ୍‌ଫରକା ଆଦେଶ କେବଳ ଜାରି କରାଯାଉ ନ ଥିଲା। ପାନଭାଙ୍ଗି ଯୋଗାଇବା ବ୍ୟବସ୍ଥା ସହିତ ବର୍ଷ ବର୍ଷ ଧରି ଗୋଟା ପାନ ଆଣି ଯୋଗାଇବାକୁ ଖୁର୍ଦ୍ଧା ମଲ୍ଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। କାମ ଶେଷ ବେଳକୁ ତାଙ୍କୁ 'ବାହାଣିଆ' ଗାଁରେ ୬ମାଣ ୬ଗୁଣ୍ଠ ୬ ବିଶ୍ୱା ଜମି ଉପହାର ଦିଆଯାଇଥିଲା ଗଜପତିଙ୍କ ପକ୍ଷରୁ। ସେ ମାଗଣାରେ ପାନ ଯୋଗାଉ ନ ଥିଲେ, ତଥାପି ଦାୟିତ୍ୱ ଓ କର୍ତ୍ତବ୍ୟ ସେ ଯେପରି କରିଥିଲେ ସେଥିପାଇଁ ମର୍ଯ୍ୟାଦା ଦିଆଯାଇଥିଲା। କେବଳ ଏହା ଗୋଟିଏ ଉଦାହରଣ ନୁହେଁ, ପାଉଣା ନେଇ ବର୍ଷ ବର୍ଷ ଧରି କୋଣାର୍କର ରାସ୍ତା, ଶିବିର ସ୍ଥାନ, ପଥର ଖୋଦେଇ ସ୍ଥାନ, କାଠ ଅଡ଼ା ପ୍ରଭୃତି ୩୦ଜଣ ସଫେଇ କର୍ମଚାରୀ ସଫା କରିଚାଲିଥିଲେ। ତାଙ୍କ ମୁଖିଆ ଥିଲେ ଶ୍ରୀରାମ ରାଉଳ, ସେମାନଙ୍କୁ ଜମି ଉପହାର ଦିଆଯାଇଥିଲା। ପରିଶ୍ରମ, ନିଷ୍ଠା ଓ ତ୍ୟାଗର ମୂଲ୍ୟ ଦେବାରେ ଓଡ଼ିଆ ଜାତି କୃପଣ ନ ଥିଲା।


କୋଠଦେଶ ପ୍ରଗଣାର ବକ୍ରେଶ୍ୱର ଖମାରର କେନ୍ଦ୍ରରେ ଶ୍ରୀବକ୍ରେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରବେଶ ପଥ। ଯାଉଁଳି ପୋଖରୀ ନିକଟ ଏହି ଖମାର ଚାରିପଟେ ଏବେ ଗଢି ଉଠିଛି ବଣିଆ ସାହି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ହକି ଓ ଫୁଟ୍‌ବଲ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ସମୀକ୍ଷା


ନିର୍ମାଣ କାର୍ଯ୍ୟ ସମୀକ୍ଷା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

## କ୍ରୀଡ଼ାମନ୍ତ୍ରୀଙ୍କ ରାଉରକେଲା ଗସ୍ତ

ରାଉରକେଲା,୨୪।୭

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ତଥା ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ରାଉରକେଲା ଗସ୍ତରେ ଆସି ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଅନ୍ତର୍ଜାତୀୟ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଗସ୍ତ କ୍ରମରେ ମନ୍ତ୍ରୀଙ୍କ ସହ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମଧ୍ୟ ସାମିଲ ହୋଇଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହ ନିର୍ମାଣାଧୀନ ବିର୍ସା ମୁଣ୍ଡା ଫୁଟ୍‌ବଲ ଷ୍ଟାଡିୟମ ଏବଂ ପରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ବୁଲି ଦେଖିଥିଲା। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିଦର୍ଶନ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ, ''୨୦୨୩ ପୁରୁଷ ବିଶ୍ୱକପ୍ ହକି ପାଇଁ ଷ୍ଟାଡିୟମର ବିଭିନ୍ନ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଏଠାରେ ହେଉଥିବା ଅଭ୍ୟାସ ପଡ଼ିଆର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ମୁଖ୍ୟ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ହେବ।'' ଏହି ଅବସରରେ ମନ୍ତ୍ରୀ ଓ ସଚିବସ୍ତରୀୟ ଟିମ୍ ମୁଖ୍ୟ ଷ୍ଟାଡିୟମ ସହ ପ୍ରବେଶ ପଥ, ଅଭ୍ୟାସ ପଡ଼ିଆ, ଦର୍ଶକ ଗ୍ୟାଲେରି, ଖେଳାଳି ଓ ଅଫିସିଆଲଙ୍କ ପାଇଁ ନିର୍ମାଣାଧୀନ ରହଣି ସ୍ଥଳ, ଚେଞ୍ଜିଂ ରୁମ୍, ଅତ୍ୟାଧୁନିକ ଜିମ୍, ଶୌଚାଳୟ ଆଦି ବୁଲି ଦେଖିଥିଲା। ତା'ଛଡ଼ା ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଉରକେଲା ସହରର ବିଭିନ୍ନ ଭିତ୍ତିଭୂମିର ବିକାଶ ସହିତ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏସବୁ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଲାଗି ସୁନ୍ଦରଗଡ଼ ଜିଲା ପ୍ରଶାସନ, ରାଉରକେଲା ମହାନଗର ନିଗମ ଏବଂ ସ୍ମାର୍ଟ ସିଟିର ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# ଇଶାନ ମିଶ୍ର ଚାମ୍ପିୟନ



ଭୁବନେଶ୍ୱର, ୨୪।୭ (କ୍ରୀଡ଼ା ପ୍ରତିନିଧି): ଅଗରତାଲାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ ଟେନିସରେ ଓଡ଼ିଶାର ଇଶାନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ରବିବାର ଫାଇନାଲରେ ଇଶାନ ୭-୫, ୬-୨ ସେଟ୍‌ରେ ପଶ୍ଚିମବଙ୍ଗର ପ୍ରଗୋସପାମା ଗାୟେନଙ୍କୁ ହରାଇଛନ୍ତି। ସର୍ବଭାରତୀୟ ସ୍ତରରେ ଇଶାନଙ୍କର ଏହା ପ୍ରଥମ ଟାଇଟଲ। କସ୍ତୁରିକା ସୁପକାର ଓ ରାଜେଶ ମିଶ୍ରଙ୍କ ପୁଅ ଇଶାନ ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଷ୍ଟାଣ୍ଡାର୍ଡ-୯ରେ ଅଧ୍ୟୟନରତ। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟେନିସ ଏକାଡେମୀରେ ସିନିୟର କୋଚ୍ ସନ୍ତୋଷ ମଲିକଙ୍କଠାରୁ ସେ ପ୍ରଶିକ୍ଷଣ ନେଉଛନ୍ତି।

# ଭର୍ଷ୍ଟାପେନ୍ ଜିତିଲେ ଫ୍ରେଞ୍ଚ୍ ଗ୍ରାଁ ପ୍ରି

ଲି କାଷ୍ଟିଲେଟ, ୨୪।୭ (ଫ୍ରାନ୍ସ)




ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫ୍ରେଞ୍ଚ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ଚାମ୍ପିୟନ ହୋଇଛନ୍ତି। ଗତ ୧୨ଟି ରେସ୍‌ରେ ଏହା ହେଉଛି ତାଙ୍କର ୭ମ ଟାଇଟଲ। ଆଉ ୧୦ଟି ରେସ୍ ବାକି ରହିଥିବା ବେଳେ ଏହି ବିଜୟ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ତାଙ୍କୁ ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ଠାରୁ ୬୩ ପଏଣ୍ଟ ଅଗ୍ରଣୀ କରାଇଛି। ମର୍ସିଡିଜର ଲୁଇସ୍ ହାମିଲ୍‌ଟନ ତାଙ୍କ ୩୦୦ତମ ଗ୍ରାଁ ପ୍ରିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହା ଥିଲା ତାଙ୍କର କ୍ରମାଗତ ଚତୁର୍ଥ ପୋଡିୟମ। ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷ ଲାପ୍‌ଗୁଡ଼ିକରେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଭର୍ଷ୍ଟାପେନ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ତେବେ ତାଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଫେରାରିର କାର୍ଲୋସ ସେଞ୍ଜ୍ ଜୁନିୟର ୫ମସ୍ଥାନରେ ରହିଥିଲେ। ରେସ୍ ଆଉ ୧୧ ଲାପ୍ ବାକି ରହିଥିବା ବେଳେ କାର୍ଲୋସ ପେରେଜଙ୍କଠାରୁ ତୃତୀୟ ସ୍ଥାନ ଛଡ଼ାଇ ନେଇଥିଲେ। ମାତ୍ର ତାଙ୍କ ଟିମ୍‌ର ଦ୍ୱିତୀୟ ପିଟ୍ ଷ୍ଟପ ନିଷ୍ପତ୍ତି ଯୋଗୁ ତାଙ୍କୁ ଏହାର ପରିଣାମ ସାମ୍ନା କରିବାକୁ ପଡ଼ିଥିଲା। ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠରୁ ୧୦ମ ସ୍ଥାନ ଯଥାକ୍ରମେ ଫର୍ନାଣ୍ଡୋ ଆଲୋଁସୋ (ଅଲ୍‌ପାଇନ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଏଷ୍ଟିବାନ୍ ଓକନ (ଅଲ୍‌ପାଇନ୍), ଡାନିଏଲ ରିକାର୍ଡୋ (ମ୍ୟାକଲରେନ) ଓ ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ) ରହିଥିଲେ। ଲେକ୍‌ରେକ୍ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ସେ ରେସ୍ ଶେଷ କରିପାରି ନ ଥିଲେ।

# କଳିଙ୍ଗକୁ କୋଚ୍‌ଙ୍କ ପ୍ରଶଂସା

ଭୁବନେଶ୍ୱର, ୨୪।୭ (ସ୍ପୋର୍ଟ୍ସ ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୨୦ ବର୍ଷରୁ କମ୍ ପୁରୁଷ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ଭୁବନେଶ୍ୱର ଆସିଥିବା ସାଉଥ ଏସିଆର ସମସ୍ତ ୫ଟି ଦଳର କୋଚ୍ ଭୁବନେଶ୍ୱରରେ ରହିଥିବା କ୍ରୀଡ଼ା ସୁବିଧା ସୁଯୋଗ ବିଶ୍ୱ ଶ୍ରେଣୀୟ ବୋଲି ମତବ୍ୟକ୍ତ କରିଛନ୍ତି। ଭାରତର ମୁଖ୍ୟ କୋଚ୍ ଶନମୁଗମ୍ ଭେଙ୍କଟେଶ କହିଛନ୍ତି ଏହି ଷ୍ଟାଡିୟମରେ ଆମେ ଟ୍ରେନିଂ କ୍ୟାମ୍ପ କରିଛୁ। ଖେଳାଳିମାନଙ୍କୁ ବିକଶିତ କରାଇବାରେ ଏହା ବିଶେଷ ସହାୟକ ହୋଇଛି। ବାଂଲାଦେଶ ୨୦ବର୍ଷରୁ କମ୍ ଦଳ ମୁଖ୍ୟ କୋଚ୍ ତଥା ଟେକ୍‌ନିକାଲ ଡାଇରେକ୍ଟର ପଲ୍ ସ୍ମାଲି ଥୋମାସ କହିଛନ୍ତି, ଏହାପୂର୍ବରୁ ସେ ୧୮ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍ ବେଳେ କଳିଙ୍ଗ ଷ୍ଟାଡିୟମ ଆସିଥିଲେ। ଏଠାରେ ଟୁର୍ନାମେଣ୍ଟଗୁଡ଼ିକ ସୁନ୍ଦର ଭାବେ ଆୟୋଜିତ ହୋଇଥାଏ। ଶ୍ରୀଲଙ୍କା ମୁଖ୍ୟ କୋଚ୍ ରାଜମଣି ଦେବସାଗୟମଙ୍କ ମତରେ ଭୁବନେଶ୍ୱର ଓ ଶ୍ରୀଲଙ୍କା ଜଳବାୟୁ ମଧ୍ୟରେ ଅନେକ ସମାନତା ରହିଛି। ପ୍ରତିଯୋଗିତାରେ ତାଙ୍କ ଦଳ ଭଲ ପ୍ରଦର୍ଶନ କରିବ ବୋଲି ତାଙ୍କର ଆଶା। ମାଳଦୀପ କୋଚ୍ ଅହମଦ ଶଖିର କହିଛନ୍ତି, ଏହି ବୟସ ବର୍ଗ ଟୁର୍ନାମେଣ୍ଟରେ ଅନ୍ୟ ଦଳକୁ ନେଇ ପୂର୍ବାନୁମାନ କରି ହେବ ନାହିଁ। ହେଲେ ଏଠାରେ ଯେଉଁ ସୁବିଧାସୁଯୋଗ ରହିଛି ତାହା ତାଙ୍କ ପିଲାମାନଙ୍କୁ ଭଲ ପ୍ରଦର୍ଶନରେ ସହାୟକ ହେବ। ନେପାଳ କୋଚ୍ ମେଗ୍ ରାଜ୍ କେସି କହିଛନ୍ତି ତାଙ୍କ ଦଳ ଏହି ଚାମ୍ପିୟନଶିପ୍‌ର ଅନ୍ୟତମ ଶକ୍ତିଶାଳୀ ଦଳ।

# ଶତକ ମ୍ୟାଚରେ ହୋପ୍‌ଙ୍କ ଶତକ


ଶତକ ହାସଲ ପରେ ଶାଇ ହୋପ୍।

ପୋର୍ଟ-ଅଫ୍-ସ୍ପେନ, ୨୪।୭

କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜର ଶାଇ ହୋପ୍। ଫଳରେ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୩୧୧ ରନ କରିଛି। ନିଜ ଶତକ ମ୍ୟାଚରେ ହୋପ୍ ୧୧୫ (୧୩୫ ବଲ, ୮ ଚୌକା, ୩ ଛକା) ରନ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ୧୦ମ ଖେଳାଳିଭାବେ ସେ ୧୦୦ତମ ମ୍ୟାଚରେ ଶତକ ହାସଲ କରିଥିଲେ। ତାଙ୍କ ପୂର୍ବରୁ ଗର୍ଡନ ଗ୍ରିନିଜ, କ୍ରିସ୍ କେର୍ନ୍ସ, ମହମ୍ମଦ ୟୁସୁଫ, କୁମାର ସଙ୍ଗକାରା, କ୍ରିସ୍ ଗେଲ୍, ମାର୍କୁସ ଟ୍ରେସ୍କୋଥିକ୍, ରାମନରେଶ ସରୱନ, ଡେଭିଡ ୱାର୍ନର ଓ ଶିଖର ଧାୱନ ଏହି କ୍ଲବର ସଦସ୍ୟ ଥିଲେ। ଏଠାରେ ହୋପ୍‌ଙ୍କ ସ୍ମରଣୀୟ ଇନିଂସ ବ୍ୟତୀତ ଅଧିନାୟକ ନିକୋଲସ ପୁରନ ୭୪ (୭୭ ବଲ, ୧ ଚୌକା, ୬ ଛକା) ରନର ଇନିଂସ ଖେଳିଥିଲେ। କାଏଲ ମେୟର୍ସ ୩୯ ଓ ଶାମରା ବ୍ରୁକ୍ସ ୩୫ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଶାର୍ଦ୍ଦୂଳ ଠାକୁର ୩ଟି ଏବଂ ଦୀପକ ହୁଡା, ଅକ୍ଷର ପଟେଲ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୩୧୨ ରନ ବିଜୟ ଲକ୍ଷ୍ୟନେଇ ଭାରତ ରିପୋର୍ଟ ଲେଖା ହେବା ବେଳକୁ ୨୦ ଓଭରରେ ୩ ଉଇକେଟ ହରାଇ ୯୫ ରନ କରିଥିଲା। ଅଧିନାୟକ ଶିଖର ଧାୱନ ୧୩ ରନକରି ରୋମାରିଓ ଶେଫର୍ଡଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶୁବମନ ଗିଲ୍ ୪୯ ବଲ୍‌ରୁ ୪୩ ରନ କରିଥିବାବେଳେ କାଏଲ ମେୟର୍ସଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ମାତ୍ର ୯ ରନ କରିଥିବାବେଳେ ମେୟର୍ସଙ୍କ ବଲ୍‌ରେ ବୋଲ୍ଡ ହେବା ଭାରତକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ପ୍ରକାଶ ଯୋଗ୍ୟ ଯେ, ୧୦ମ ଓଭରର ୪ର୍ଥ ବଲ୍ ବୋଲିଂ ହେବାପରେ ବର୍ଷା ଯୋଗୁ ମ୍ୟାଚ ୧୫ ମିନିଟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଖେଳାଳି ଡେସମଣ୍ଡ ହେନ୍ସ ଶତକ ମ୍ୟାଚ ଲାଗି ହୋପ୍‌ଙ୍କୁ ୧୦୦ ଲେଖାଥିବା ଜର୍ସି ପ୍ରଦାନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୧୧/୬ (ଶାଇ ହୋପ୍-୧୧୫, ନିକୋଲସ ପୁରନ-୭୪, କାଏଲ ମେୟର୍ସ-୩୯, ଶାର୍ଦ୍ଦୂଳ ଠାକୁର-୩/୫୪, ଦୀପକ ହୁଡା-୧/୪୨, ଅକ୍ଷର ପଟେଲ-୧/୪୦, ୟୁଜବେନ୍ଦ୍ର ଚହଲ-୧/୬୯)।

# ନୀରଜ ଚୋପ୍ରାଙ୍କ ଗ୍ରାମ ଉତ୍ସବ ମୁଖରିତ

ଚଣ୍ଡିଗଡ଼, ୨୪।୭ (ପି.ଟି.)


ପଦକ ସହ ନୀରଜ ଚୋପ୍ରା।

ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଇଉଜିନ୍‌ଠାରେ ଚାଲିଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଐତିହାସିକ ରୌପ୍ୟ ପଦକ ହାସଲ ପରେ ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ନିଜ ଗ୍ରାମ ଉତ୍ସବ ମୁଖରିତ ହୋଇପଡ଼ିଥିଲା। ୨୪ ବର୍ଷୀୟ ନୀରଜ ହରିୟାଣା ରାଜ୍ୟ ଅନ୍ତର୍ଗତ ପାନିପଥ ନିକଟବର୍ତ୍ତୀ ଖଣ୍ଡ୍ରା ଗ୍ରାମର ଏକ କୃଷକ ପରିବାରରୁ ଆସିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ପୁରୁଷ ଏବଂ ଦ୍ୱିତୀୟ ଭାରତୀୟ ଆଥ୍‌ଲେଟ ଭାବେ ଏକ ପଦକ ହାସଲ କରିପାରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଶୁଭେଚ୍ଛୁମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର, ତାଙ୍କ ଡେପୁଟି ଦୁଷ୍ୟାନ୍ତ ଚୌଟାଲା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ରହିଛନ୍ତି। ଗ୍ରାମରେ ମହିଳାମାନେ ଖୁସିରେ ନୃତ୍ୟଗୀତାଦିରେ ମଜ୍ଜି ଯାଇଥିଲେ। ତାଙ୍କ ପରିବାରବର୍ଗ ଅତିଥିମାନଙ୍କୁ ସ୍ୱାଗତ କରିବା ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟରେ ଲିପ୍ତ ଥିଲେ। ନୀରଜଙ୍କ କ୍ୟାରିୟରକୁ ଶାଣିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତାଙ୍କ ଅଙ୍କଲ ଭୀମ ଚୋପ୍ରା କହିଛନ୍ତି, ଏହି ପଦକ ହେଉଛି ଅଲିମ୍ପିକ୍‌ସ୍ତରର। ତେଣୁ ଏହା ଏକ ବଡ଼ ସଫଳତା। କେବଳ ଗ୍ରାମବାସୀ ନୁହନ୍ତି, ଏଥିପାଇଁ ସମଗ୍ର ଦେଶ ଗର୍ବ ଅନୁଭବ କରୁଛି। ଜାଭେଲିନ୍ ଥ୍ରୋୟରଙ୍କ ପିତା ସତୀଶ ଚୋପ୍ରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଶ୍ୱ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜ ପ୍ରଥମ ଭାରତୀୟ ଭାବେ ଏକ ପଦକ (ବ୍ରୋଞ୍ଜ) ଜିତିଥିଲେ, ହେଲେ ଏହା ଦୁଇ ଦଶନ୍ଧି ପୂର୍ବେ। ହେଲେ ନୀରଜ ଏବେ ରୌପ୍ୟ ଜିତିଛନ୍ତି। ତେଣୁ ଆମ୍ଭେମାନେ ସେଥିପାଇଁ ଗର୍ବିତ। ନୀରଜଙ୍କୁ ଚାମ୍ପିୟନଶିପ୍‌ରେ ଜଣେ ହଟ୍ ପଦକ ଫେଭରାଇଟ୍ ଭାବେ ବିବେଚନା କରାଯାଉଥିଲା। ଫାଇନାଲରେ ତାଙ୍କର ଶ୍ରେଷ୍ଠ ଥ୍ରୋ ୪ର୍ଥ ରାଉଣ୍ଡରେ ୮୮.୧୩ ମିଟର ରେକର୍ଡ କରାଯାଇଥିଲା। ତାଙ୍କଠାରୁ ଆଗରେ ରହି ସ୍ୱର୍ଣ୍ଣ ଜିତିଥିବା ଗତଥରର ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସ ୯୦.୫୪ ମିଟର ଥ୍ରୋ କରିଥିଲେ।

## ବଧେଇ ଦେଲେ କୋବିନ୍ଦ, ମୋଦି

ନୂଆଦିଲ୍ଲୀ,୨୪।୭(ପି.ଟି): ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜେତା ନୀରଜ ଚୋପ୍ରାଙ୍କ ପାଇଁ ଚାରିଆଡୁ ଛୁଟିଛି ବଧେଇର ସୁଅ। ଦ୍ୱିତୀୟ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଥିବା ନୀରଜଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ନୀରଜ ରବିବାର ପଦକ ଜିତିବା ସହିତ ଇତିହାସରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ''ଦେଶ ପାଇଁ ନୀରଜ ଅନେକ କୃତିତ୍ୱ ହାସଲ କରିବା ସହ ଗର୍ବିତ କରିଛନ୍ତି। ଜାଭେଲିନ୍ ଥ୍ରୋରେ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପାଇଁ ତୁମକୁ ଢେର୍ ସାରା ବଧେଇ। ତୁମେ ଜଣେ ବାସ୍ତବ ଚାମ୍ପିୟନ୍'' ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେଖିଛନ୍ତି ଯେ ''ବିଶ୍ୱ ଚାମ୍ପିୟନଶିପ୍‌ରେ ଐତିହାସିକ ରୌପ୍ୟ ବିଜୟ ପାଇଁ ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ। ଭାରତୀୟ ଆଥ୍‌ଲେଟିକ୍ସ ପାଇଁ ଏହା ସ୍ୱତନ୍ତ୍ର ମୁହୂର୍ତ୍ତ ହୋଇଥିବା ବେଳେ ଭବିଷ୍ୟତ ଲାଗି ନୀରଜଙ୍କୁ ଅନେକ ଶୁଭେଚ୍ଛା''।

# ୩୩ ବର୍ଷ ପରେ ଫେରିଲା ଓମେନ୍ ଟୁର୍ ଡି ଫ୍ରାନ୍ସ

ପ୍ୟାରିସ୍,୨୪।୭(ପି.ଟି): ୩୩ ବର୍ଷ ପରେ ମହିଳା ଟୁର୍ ଡି ଫ୍ରାନ୍ସ ଟୁର୍ଣ୍ଣାମେଣ୍ଟ ଫେରିଥିବା ବେଳେ ପ୍ରଥମ ଷ୍ଟେଜରେ ବିଜୟିନୀ ହୋଇଛନ୍ତି ଲୋରେନା ୱିବସ୍। ନେଦରଲାଣ୍ଡସର ପ୍ରଥମ ମହିଳା ଭାବରେ ଲୋରେନା ଏହି ମ୍ୟାଚ୍ ଜିତିଛନ୍ତି। ୫୧ ମାଇଲ ବା ୮୨ କିମିର ଏହି ରେସର ଶେଷ ୧୫ ମିଟରରେ ଡିଏସଏମ୍ ରାଇଡର ଲୋରେନା ଅଲିମ୍ପିକ୍ ଚାମ୍ପିୟନ୍ ମାରିଆନେ ଭୋସଙ୍କୁ ପଛରେ ପକାଇଥିଲେ। ଟୁର୍ ଅଫ୍ ଫ୍ଲାଣ୍ଡର୍ସ ବିଜେତା ଲଟେ କପେକି ତୃତୀୟ ସ୍ଥାନରେ ରହିଥିଲେ। ୧୯୮୯ ଠାରୁ ମହିଳାଙ୍କ ଖେଳାଯାଉଥିବା ଟୁର୍ ଡି ଫ୍ରାନ୍ସକୁ ବନ୍ଦ କରାଯାଇଥିଲା। ୧୯୮୪-୮୯ ଯାଏଁ ପୁରୁଷ ରେସ୍ ସହିତ ସମାନ୍ତର ଭାବରେ ଏହାକୁ ଆୟୋଜନ କରାଯାଉଥିଲା।

# 'ମୁଁ ସମାନ ପରିସ୍ଥିତିର ସାମ୍ନା କରିଥିଲି'

ନୂଆଦିଲ୍ଲୀ,୨୪।୭(ପି.ଟି): ଭାରତର ପ୍ରଥମ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପଦକ ବିଜେତା ଅଞ୍ଜୁ ବବି ଜର୍ଜ ନୀରଜ ଚୋପ୍ରାଙ୍କୁ ବଧେଇ ଜଣାଇବା ସହିତ ୧୯ ବର୍ଷ ତଳର ସ୍ମୃତିକୁ ତାଜା କରିଛନ୍ତି। ଆମେରିକାର ଇୟୁଜିନରେ ନୀରଜଙ୍କ ପଦକରେ ବେଙ୍ଗାଲୁରୁରେ ଥିବା ଅଞ୍ଜୁ ରୋମାଞ୍ଚିତ ହୋଇଛନ୍ତି। ଯେଉଁଭଳି ଭାବରେ ପଛୁଆ ଥାଇ ମଧ୍ୟ ନୀରଜ ପଦକ ହାସଲରେ ସମର୍ଥ ହେଲେ ଏହା ତାଙ୍କୁ ୨୦୦୩ ପ୍ୟାରିସ୍ ବିଶ୍ୱ ଚାମ୍ପିୟନଶିପ୍ ମନେ ପକେଇ ଦେଇଥିଲା ବୋଲି ସେ କହିଛନ୍ତି। ତିନି ରାଉଣ୍ଡର ଥ୍ରୋ ଯାଏଁ ନୀରଜ ପଛୁଆ ରହିଥିଲେ ହେଁ ୮୮.୧୩ ମିଟରର ଥ୍ରୋ ସହିତ ଦ୍ୱିତୀୟ ସ୍ଥାନକୁ ଆସି ପଦକ ବିଜୟୀ ହୋଇଥିଲେ। ଅଞ୍ଜୁ ମଧ୍ୟ ସମାନ ପରିସ୍ଥିତିରେ ଭାରତ ପାଇଁ ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ପଦକ ଜିତିଥିଲେ।

ନୀରଙ୍କ ପ୍ରଥମ ଥ୍ରୋ ଫାଉଲ୍ ରହିଥିବା ବେଳେ ପରବର୍ତ୍ତୀ ଦୁଇଥରରେ ୮୨.୩୯ ଓ ୮୬.୩୭ ମିଟର ଦୂରତା ସହିତ ଚତୁର୍ଥ ସ୍ଥାନରେ ରହିଥିଲେ। ହେଲେ ୮୮.୧୩ ମିଟରର ଥ୍ରୋ ସହିତ ଦ୍ୱିତୀୟ ସ୍ଥାନକୁ ଫେରି ପଦକ ପକ୍କା କରିଥିଲେ। ପରବର୍ତ୍ତୀ ଥ୍ରୋ ଦୁଇଟି ଫାଉଲ ରହିଥିଲା। ୨୦୦୩ରେ ପ୍ରଥମ ରାଉଣ୍ଡରେ ମୁଁ ପ୍ରଥମ ସ୍ଥାନରେ ରହିଥିଲି। ହେଲେ ୩ ରାଉଣ୍ଡ ବେଳକୁ ମୁଁ ୪ ନମ୍ବରରେ ପହଞ୍ଚି ସାରିଥିଲି। ଏପରି ସ୍ଥିତିରେ ନିଜର ପଞ୍ଚମ ପ୍ରୟାସରେ ୬.୭୦ ମିଟର ଡେଇଁବା ସହ ବ୍ରୋଞ୍ଜ ପଦକ ହାସଲ କରିଥିଲି। ଜଣେ ବିଶ୍ୱସ୍ତରୀୟ ଆଥ୍‌ଲେଟ ଭାବରେ ସର୍ବଦା ନିଜ ଦକ୍ଷତା ଉପରେ ଭରସା କରିବା ଉଚିତ ବୋଲି କହିଥିଲେ ଏହି ୪୫ ବର୍ଷୀୟ ଲଙ୍ଗ୍‌ଜମ୍ପର। ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ସହିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସଫଳତା ପାଇ ନୀରଜ ସର୍ବଦା ଦେଶକୁ ଗର୍ବିତ କରିଆସିଛନ୍ତି। ଇୟୁଜିନ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଗୋଟିଏ ରୌପ୍ୟ ପଦକ ସହ ୫ ଜଣ ଖେଳାଳି ଫାଇନାଲରେ ପ୍ରବେଶ କରିଛନ୍ତି। ୧୯ ବର୍ଷ ଆମକୁ ପଦକ ପାଇଁ ଅପେକ୍ଷା କରିବାକୁ ପଡ଼ିଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ପଦକ ହାସଲ କରିହେବ ବୋଲି କହିଛନ୍ତି ଅଞ୍ଜୁ। ଏହାସହିତ ଆସନ୍ତା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଭାରତୀୟ ଆଥ୍‌ଲେଟ ଭଲ ପ୍ରଦର୍ଶନ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି।


ଅଞ୍ଜୁ ବବି ଜର୍ଜ

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

KUBER FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅଟଳ ବିହାରୀ ମହାନ୍ତି (କୃଷ୍ଣ)
ଜନ୍ମସ୍ଥାନ: ଭୋଦଳ
ବାସସ୍ଥାନ: ଶକ୍ତିନଗର, କଟକ
ଆବିର୍ଭାବ: ୨୩।୧୧।୧୯୫୭
ତିରୋଧାନ: ୧୫।୦୭।୨୦୨୨
ତୁମର ପ୍ରେରଣା, ଦୂରଦୃଷ୍ଟି, କର୍ତ୍ତବ୍ୟ ପରାୟଣତା ଆଜି ଆମକୁ ନିଜ ଗୋଡ଼ରେ ଠିଆ କରାଇବାରେ ସାହାଯ୍ୟ କରିଛି। ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ରବଧୂ, ପୁତ୍ର, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୦୯୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଇଂ ଭଗବାନ ସାହୁ
ମେରାମୁଣ୍ଡଳୀ, ଢେଙ୍କାନାଳ
ଆବିର୍ଭାବ : ୦୨.୦୭.୧୯୬୩
ତିରୋଧାନ : ୦୫.୦୮.୨୦୨୧
ଶ୍ରାବଣ କୃଷ୍ଣ ଦ୍ୱାଦଶୀ
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟଚ। ତସ୍ମାଦ ପରିହାର୍ଯ୍ୟେର୍ଥେ ନ ତ୍ୱଂ ଶୋଚିତୁ ମର୍ହସି।। ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମେ ତ ଅମରପୁର ନିବାସୀ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଏବେ ବି ଭୁଲି ପାରୁନୁ। ତୁମ ଅମର ଆତ୍ମାର ସଦ୍‌ଗତି ପାଇ ଆମେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂର୍ଣ୍ଣ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର ଓ ସ୍ୱଜନ ବୃନ୍ଦ
ପତ୍ନୀ-ସଂଘମିତ୍ରା, ପୁତ୍ର- ସ୍ୱାଗତ ଶୋଭନ, ବଡ଼ଭାଇ ଭାଉଜ, ପୁତୁରା ଝିଆରୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ
ଧ-୧୦୯୩

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗଙ୍ଗାଧର ମିଶ୍ର
ଶ୍ରୀଲୋକନାଥ ଲଜିଂ, ଟାଉନ ଥାନା ନିକଟ, ବଡ଼ଦାଣ୍ଡ, ପୁରୀ
ଆବିର୍ଭାବ-୦୬ ମଇ, ୧୯୪୩
ବୈଶାଖ ଶୁକ୍ଳପକ୍ଷ ଦ୍ୱିତୀୟା
ତିରୋଧାନ- ୧୬ ଜୁଲାଇ, ୨୦୨୨
ଶ୍ରାବଣ କୃଷ୍ଣପକ୍ଷ ଚତୁର୍ଥୀ
ଆପଣଙ୍କ ହସହସ ମୁହଁ, ପ୍ରେରଣାପ୍ରଦ କଥାବାର୍ତ୍ତା ଆଜି ବି ଜୀବନ୍ତ ମନେପଡୁଛି। ଆପଣଙ୍କ ସ୍ନେହ, ସଦିଚ୍ଛା ଓ ଭଲପାଇବା ସର୍ବଦା ଆମର ପାଥେୟ ହେଉ, ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୨୦୬୬

# ବର୍ଷା ରତୁରେ ରୋଗ ଓ ପ୍ରତିକାର


ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ବର୍ଷା ରତୁରେ ନଦୀ, ପୋଖରୀ ଝରଣା ଜଳକୁ ପାନୀୟ ଜଳ ଭାବେ ଗ୍ରହଣ କରିବା ଅନୁଚିତ। ନଳକୂପ ଜଳକୁ ଭଲଭାବେ ସିଝାଇ ଛାଣି ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଡାଇରିଆରୁ ରକ୍ଷାପାଇବା ନିମନ୍ତେ ବର୍ଷା ରତୁରେ ଉଷୁମ ତଥା ତଟକା ଖାଦ୍ୟ, ଉଷୁମ ଜଳ ସେବନ, ଖାଦ୍ୟ ଖାଇବା ପୂର୍ବରୁ ପରିଷ୍କାର ଭାବେ ହାତ ଧୋଇବା, ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖିବା ନିତାନ୍ତ ଜରୁରୀ । ବାସିଖାଦ୍ୟ, ଘୋଡ଼ା ଯାଇ ନ ଥିବା ଖାଦ୍ୟ ଖାଇବା ଆଦୌ ଠିକ୍ ନୁହେଁ ।"





ସାଧାରଣତଃ ବର୍ଷା ରତୁରେ କେତେକ ନିର୍ଦ୍ଦିଷ୍ଟ ରୋଗର ପ୍ରକୋପ ବୃଦ୍ଧି ପାଇଥାଏ। ଏହି ସମୟରେ ରୋଗ ପ୍ରତି ସତର୍କ ନ ରହିବା, ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଠିକ୍ ସମୟରେ ଚିକିତ୍ସା ନ କରିବା ଦ୍ୱାରା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ଆକାର ଧାରଣ କରିଥାଏ। ଏହି ରତୁରେ ମୁଖ୍ୟତଃ ଡାଇରିଆ (ଝାଡ଼ାବାନ୍ତି), ମ୍ୟାଲେରିଆ, 'ଡେଙ୍ଗୁ' ଆଦି ରୋଗର ପ୍ରକୋପ ଅଧିକ ଦେଖାଯାଇଥାଏ। ବର୍ଷା ରତୁ ଆରମ୍ଭରେ ନଦୀ, ନାଳ, ପୋଖରୀ ଆଦି ସମସ୍ତ ଜଳାଶୟରେ ଦୂଷିତ ଜଳ ଭରପୂର ହୋଇ ରହିଥାଏ। ଉକ୍ତ ଦୂଷିତ ଜଳ ସଂସ୍ପର୍ଶରେ ଆସିଲେ ଆମେ ଡାଇରିଆ ତଥା ବିଭିନ୍ନ ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ବର୍ଷା ରତୁରେ ନଦୀ, ପୋଖରୀ ଝରଣା ଜଳକୁ ପାନୀୟ ଜଳ ଭାବେ ଗ୍ରହଣ କରିବା ଅନୁଚିତ। ନଳକୂପ ଜଳକୁ ଭଲଭାବେ ସିଝାଇ ଛାଣି ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଡାଇରିଆରୁ ରକ୍ଷା ପାଇବା ନିମନ୍ତେ ବର୍ଷା ରତୁରେ ଉଷୁମ ତଥା ତଟକା ଖାଦ୍ୟ, ଉଷୁମ ଜଳ ସେବନ, ଖାଦ୍ୟ ଖାଇବା ପୂର୍ବରୁ ପରିଷ୍କାର ଭାବେ ହାତ ଧୋଇବା, ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖିବା ନିତାନ୍ତ ଜରୁରୀ। ବାସିଖାଦ୍ୟ, ଘୋଡ଼ା ଯାଇ ନ ଥିବା ଖାଦ୍ୟ ଖାଇବା ଆଦୌ ଠିକ୍ ନୁହେଁ। ଡାଇରିଆକୁ ପ୍ରତିରୋଧ ନିମନ୍ତେ ନିଜେ ସତର୍କ ରହିବା ସହ ନିଜ ପରିବାର ଓ ସମାଜକୁ ସଚେତନ କରିବାର ଆବଶ୍ୟକତା ରହିଛି।

ବର୍ଷା ରତୁରେ ମ୍ୟାଲେରିଆ ଜ୍ୱରର ପ୍ରକୋପ ବୃଦ୍ଧି ପାଇଥାଏ। ସାଧାରଣତଃ ବର୍ଷା ରତୁରେ ମଶାମାନଙ୍କର ବଂଶ



ବୃଦ୍ଧି ଘଟିଥାଏ। ମାଈ ଏନୋଫିଲିସ ନାମକ ମଶା ହିଁ ମ୍ୟାଲେରିଆ ଜ୍ୱରର ବାହକ ଅଟେ। ଜଣେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କଠାରୁ ମାଈ ଏନୋଫିଲିସ ମଶା ପରଜୀବୀ ଭୂତାଣୁ (PASMODIUM) କୁ ନେଇ ଏକ ସୁସ୍ଥ ଲୋକର ଶରୀରରେ ପ୍ରବେଶ କରାଇଲା ପରେ ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାଏ। ଏହି ମାଈ ଏନୋଫିଲିସ ମଶା ସାଧାରଣତଃ ସଫା ଓ ସ୍ଥିର ପାଣିରେ ହିଁ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାଏ। ତେଣୁ ନିଜ ବାସଗୃହ ନିକଟ ଏବଂ ନିଜ ପରିବେଶରେ ପାଣି ଜମିବାକୁ ଦେବା ଅନୁଚିତ। ରାତିରେ ମଶାରୀ ଟାଙ୍ଗି ଶୋଇବା, ବାସ ଗୃହ ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ। ଲକ୍ଷଣ ଦେଖାଦେବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମ୍ୟାଲେରିଆ କିଟ୍ ଦ୍ୱାରା ନିଜର ରକ୍ତ ନମୁନା ପରୀକ୍ଷା କରାଇବା ଉଚିତ। ପୃଥିବୀରେ ମ୍ୟାଲେରିଆ ଜୀବାଣୁ ସାଧାରଣତଃ ୪ପ୍ରକାର ଦେଖାଯାଉଥିବା ବେଳେ ଆମ ଭାରତରେ ମୁଖ୍ୟତଃ ପ୍ଲାଜମୋଡିୟମ ଫେଲସି FERUM (PF) ଓ ପ୍ଲାଜମୋଡିୟମ ଭାଇଭେକ୍ସ (PV) ନାମରେ ୨ ପ୍ରକାର ମ୍ୟାଲେରିଆ ଦେଖା ଦେଇଥାଏ। ଏଥିରୁ ପ୍ଲାଜମୋଡିୟମ ଫୋଲ୍ସିଫରମ (PF) ମ୍ୟାଲେରିଆର ପ୍ରକୋପ ଅଧିକ ଅଟେ। ଠିକ୍ ସମୟରେ ଠିକ୍ ଚିକିତ୍ସା କରା ନ ଗଲେ କିମ୍ବା ରୋଗୀ ପ୍ରତି ଅବହେଳା କଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ଅଧିକ ରହିଥାଏ। ମ୍ୟାଲେରିଆ ଜ୍ୱରରେ ମନୁଷ୍ୟ ଆକ୍ରାନ୍ତ ହେଲେ ଶରୀରରେ ତାପମାତ୍ରା ବୃଦ୍ଧି ହେବାସହ ରୋଗୀ ବାଉଳିଚାଉଳି ହୋଇଥାଏ। ରୋଗୀର ଏହି ଅବସ୍ଥା ଦେଖି କେତେକ ବ୍ୟକ୍ତି ଗୁଣୀ ଗାରେଡ଼ି, ଝଡ଼ାଫୁଙ୍କାର ଆଶ୍ରୟ ନେଇଥାନ୍ତି, ଯଦ୍ୱାରା ରୋଗୀର ଠିକ୍ ସମୟରେ ଚିକିତ୍ସା ହୋଇପାରି ନ ଥାଏ। ଏହାଫଳରେ ରୋଗୀଟି ଅବହେଳିତ ହୋଇ ମୃତ୍ୟୁମୁଖରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏକ ପରିସଂଖ୍ୟାନ ଅନୁଯାୟୀ ବହୁ ବର୍ଷ ପୂର୍ବେ ଆମ ଦେଶରେ ବହୁତ ବ୍ୟକ୍ତି ମ୍ୟାଲେରିଆରେ ମୃତ୍ୟୁବରଣ କରୁଥିଲେ। ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର 'ଦମନ କାର୍ଯ୍ୟକ୍ରମ' ଓ ମ୍ୟାଲେରିଆକୁ ପ୍ରତିରୋଧ ନିମନ୍ତେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହେତୁ ମ୍ୟାଲେରିଆକୁ ପୂର୍ଣ୍ଣ ମାତ୍ରାରେ ପ୍ରତିହତ କରାଯାଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ଗତ ୩ ବର୍ଷ ମଧ୍ୟରେ ମ୍ୟାଲେରିଆ ପ୍ରାୟତଃ ୯୦ ପ୍ରତିଶତ ହ୍ରାସ ପାଇପାରିଛି, ଯାହାକି ଶୁଭ ସୂଚନା। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଆମ ଦେଶରେ ମ୍ୟାଲେରିଆ ସଂକ୍ରମଣ ହାର ୭୪ ପ୍ରତିଶତ ହ୍ରାସ ପାଇଥିବା ବେଳେ ତୁଳନାତ୍ମକ ଭାବେ ମ୍ୟାଲେରିଆରେ ମୃତ୍ୟୁସଂଖ୍ୟା ମଧ୍ୟ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି।

ବର୍ଷା ରତୁରେ ଡେଙ୍ଗୁ ଏବଂ ଚିକୁନଗୁନିଆ ରୋଗର ପ୍ରାଦୁର୍ଭାବ ଅଧିକ ରହିଥାଏ। ଡେଙ୍ଗୁ ଏକ ଭୂତାଣୁଜନିତ ରୋଗ। ଏଡିସ ମଶା କାମୁଡ଼ିବା ଦ୍ୱାରା ହିଁ ଜଣେ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୋଇଥାଏ। ଉକ୍ତ ଏଡିସ ମଶା ମାଟି ସହ ସଲଗ୍ନ ହୋଇ ନ ଥିବା ଜଳ (ଭଙ୍ଗା ମାଠିଆ, ଫିଙ୍ଗା ଯାଇଥିବା ନଡ଼ିଆ ଶଢ଼େଇ, ପଇଡ଼ଖୋଳ ଏବଂ ଚା ଓ ଥଣ୍ଡା ପାନୀୟ ପ୍ଲାଷ୍ଟିକ କପ, ସାଇକେଲ ଓ ମୋଟର ସାଇକେଲର ପୁରୁଣା ଟାୟାରରେ ନିଜର ବଂଶ ବିସ୍ତାର କରିଥାଆନ୍ତି। ତେଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ସହ ବାସଗୃହ ଏବଂ ନିଜ ପରିବେଶକୁ ସଫା ରଖିବା ଜରୁରୀ ଅଟେ। ଡେଙ୍ଗୁରେ ଆକ୍ରାନ୍ତ ହେଲେ ରୋଗୀ ଜ୍ୱର ସହ ଖଞ୍ଜାରେ ଯନ୍ତ୍ରଣା (ଜଏଣ୍ଟ ପେନ୍) ଅନୁଭୂତ ହୋଇଥାଏ। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀର ରକ୍ତ ନମୁନା ପରୀକ୍ଷା ପରେ ହିଁ ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇଥାଏ। ଏଥିରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ। ଏ ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବର୍ଷା ରତୁରେ ଜଳଜନିତ ବିଭିନ୍ନ ରୋଗରୁ ସୁରକ୍ଷା ନିମନ୍ତେ ନିଜେ ଅଧିକ ସତର୍କ ରହିବା ଦରକାର। ତା' ସହ ଅନ୍ୟମାନଙ୍କୁ ମଧ୍ୟ ଉପରୋକ୍ତ ରୋଗ ବିଷୟରେ ସଚେତନ କରାଇବାର ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ହୃଦ୍‌ଜନିତ ସମସ୍ୟା ଓ ଦୁଗ୍ଧଜାତୀୟ ଖାଦ୍ୟ



ଆଜିକାଲି ହୃଦ୍‌ରୋଗ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ହେଲେ ଏପରି ଏକ ସହଜ ତଥା ସରଳ ଉପାୟ ରହିଛି, ଯାହାକୁ ଆପଣେଇ ଜଣେ ନିଜକୁ ଏଥିରୁ କେତେକାଂଶରେ ଦୂରେଇ ରଖିପାରିବ। ଏଭଳି ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ସେଥିରୁ ସେମାନେ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତି ତେବେ ସେ ନିଜକୁ ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏଭଳି ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡର କାର୍ଯ୍ୟକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରି ଏ ସମ୍ପର୍କରେ ସୂଚନା ପାଇଥିଲେ। ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ନିଶ୍ଚୟ ସାମିଲ କରିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ନିଦ୍ରାହୀନତାର ସହଜ ଉପଚାର

ଆମେ ପ୍ରତିଦିନ ରାତିରେ ଆବଶ୍ୟକ ମୁତାବକ ଅର୍ଥାତ୍ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ହେଲେ ଅନେକଙ୍କର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ନିଦ୍ରାହୀନତା ଏପରି ଏକ ସମସ୍ୟା, ଯାହା ପରବର୍ତ୍ତୀ ସମୟରେ ଅନ୍ୟ କେତେକ ରୋଗର କାରଣ ସାଜିଥାଏ। ତେବେ ରାତିରେ ଭଲ ନିଦ ହେବା ପାଇଁ ଏକ ସହଜ ପ୍ରଣାଳୀ ଅବଲମ୍ବନ କରିପାରନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ, ପ୍ରାଣାୟାମ କରନ୍ତି, ତେବେ ସେ ନିଦ୍ରାହୀନତା ପରି ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିଥାଆନ୍ତି। ଅନ୍ୟପକ୍ଷରେ ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ।



# ଆକ୍ୟୁଟ ରେନାଲ ଫେଲ୍ୟୁଓର

କିଡ୍‌ନୀ ଏପରି ଏକ ଅଙ୍ଗ ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ। ଅଙ୍ଗଟି ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ଦୁଇଟିଯାକ କିଡ୍‌ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର' ବା ଏଆର୍‌ଏଫ୍। କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରବାହିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ପରିସ୍ରାର ପରିମାଣ କମିଯିବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦ ଲାଗିବା, ଶ୍ୱାସ କଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ। ଅନ୍ୟପକ୍ଷରେ ରକ୍ତଚାପ ବଢ଼ି ଦୀର୍ଘଦିନ ଧରି ଅନିୟନ୍ତ୍ରିତ ଅବସ୍ଥାରେ ରହିଲେ, ଡାଇବେଟିସ୍ ନିୟନ୍ତ୍ରଣରେ ନ ଥିଲେ, କିଡ୍‌ନୀ ବାରମ୍ବାର ସଂକ୍ରମିତ ହେଲେ ଏପରି ସମସ୍ୟା ଦେଖାଦେଇଥାଏ। ଏଭଳି ଅବସ୍ଥାକୁ 'ଦୀର୍ଘକାଳୀ କିଡ୍‌ନୀ ଅକ୍ଷମତା' (କ୍ରନିକ୍ ରେନାଲ୍ ଫେଲ୍ୟୁଓର ବା ସିଆର୍‌ଏଫ୍) ବୋଲି କୁହାଯାଏ। ଏହି କ୍ରନିକ୍ ଅକ୍ଷମତାର ପ୍ରଥମ ଅବସ୍ଥାରେ କୌଣସି ଲକ୍ଷଣ ପ୍ରକାଶ ନ ପାଇପାରେ। ପରେ ପରେ ପରିସ୍ରାର ପରିମାଣ କମିଯାଏ, ଦୁର୍ବଳ ଲାଗେ, ଅଇ ଉଠେ, ଭୋକ ହୁଏନି, ଦେହହାତ କୁଣ୍ଡେଇ ହୁଏ, ରକ୍ତହୀନତା ଦେଖାଦିଏ, ଶ୍ୱାସ କଷ୍ଟ ହୁଏ ଓ ମୁହଁ ପାଦ ଫୁଲେ।



## ସ୍ୱାସ୍ଥ୍ୟ ସୂଚନା

➤ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ପ୍ରତିଦିନ ସକାଳୁ ମହୁକୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ଯେ କୌଣସି କାର୍ଯ୍ୟ ସମ୍ପାଦନ କରିବା ସମୟରେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ।

➤ମଦ୍ୟପାନ ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏପରି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।

➤ଅଧିକ ଲୁଣ କିମ୍ବା ଚର୍ବି ଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।

➤ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ପୋଟାସିୟମ୍‌ର ପରିମାଣ ବଢ଼ିଥାଏ। ଏହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

➤ଗାଜରରେ ପ୍ରଚୁର ପରିମାଣର ଭିଟାମିନ ଥିବାରୁ ଏହା ଚର୍ମକୁ ସତେଜ ରଖେ। ଏବଂ କେଶ ଝଡ଼ିବାକୁ ଦେଇ ନ ଥାଏ।



## କ୍ୟାନ୍‌ସର ଆଶଙ୍କା ଦୂର କରେ ଚିନାବାଦାମ



ଚିନାବାଦାମରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଏହାକୁ ନିୟମିତ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର କ୍ୟାନ୍‌ସର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଚିନାବାଦାମରେ ଭିଟାମିନ୍ ଏବଂ ଖଣିଜ ଲବଣ ଭରି ରହିଛି, ଯାହା ଆମ ଶରୀରରେ ଆଣ୍ଟିବଡି ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଫଳରେ ଜଣେ ବ୍ୟକ୍ତି ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏହାକୁ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଚିନାବାଦାମରେ ଭିଟାମିନ୍ 'ବି' ଭରିରହିଛି, ଯାହା ସ୍ମରଣ ଶକ୍ତିକୁ ଆହୁରି ପ୍ରଖର କରାଇଥାଏ।

# ବିଶ୍ୱ ବ୍ରହ୍ମାଣ୍ଡର ବିସ୍ମୟ କୃଷ୍ଣଗର୍ତ୍ତ

(ଶେଷ ଭାଗ)

ଆମେ ସମସ୍ତେ କାଗଜ କଲମରେ ହିସାବ କରି ନିଜ ପାଇଁ ଏକ କୃଷ୍ଣଗର୍ତ୍ତ ତିଆରି କରି ପାରିବା। ସୂତ୍ର ହେଉଛି $v_e = \sqrt{\frac{2GM}{r}}$। ଏହି ପରିବେଗର ଗାଣିତିକ ସୂତ୍ରକୁ ଧ୍ୟାନ ଦେବା। ଏଠାରେ Rର ହେଉଛି ବସ୍ତୁତ୍ୱର ବ୍ୟାସାର୍ଦ୍ଧ। ତେବେ ପଳାୟନ ପରିବେଗ ବଢ଼ାଇବାକୁ ହେଲେ ବସ୍ତୁତ୍ୱ 'M'ର 'R' ମୂଲ୍ୟକୁ ବଢ଼ାଇବାକୁ ପଡ଼ିବ। ସୂତ୍ରରେ ଅନ୍ୟ ସବୁ ରାଶି ସ୍ଥିର ଅଛି। ତାକୁ ନା କମାଇ ପାରିବା ନା ବଢାଇ ପାରିବା। ଏହାକୁ ସମ୍ଭବ କରିବାକୁ ହେଲେ ଆମକୁ ସେ ବସ୍ତୁର ବସ୍ତୁତ୍ୱ ସାନ୍ଦ୍ରତା ବଢାଇବାକୁ ପଡିବ ନ ହେଲେ ବସ୍ତୁର ଆକୃତି କମାଇବାକୁ ପଡ଼ିବ। ଯଦି ଆମେ କୌଣସି ଉପାୟରେ ତାହାର ସାନ୍ଦ୍ରତାକୁ ବଢାଇ ଚାଲିବା, ଆମକୁ ଏପରି ଏକ ବସ୍ତୁ ମିଳିବ ଯାହାକୁ ଆମେ ଦେଖି ପାରିବା ନାହିଁ। କେମିତି ଦେଖାଯିବ କାରଣ ଏହା କୌଣସି ଆଲୋକ ବିକିରଣ କରିବ ନାହିଁ। ସବୁ ବିକିରଣକୁ ଶୋଷିନେବ। ତେଣୁ କୃଷ୍ଣଗର୍ତ୍ତ ହେଉଛି ଆମ ବ୍ରହ୍ମାଣ୍ଡର ସବୁଠୁ ବଡ ରହସ୍ୟମୟ ବସ୍ତୁ। ଏହାର ଭିତରେ କଣ ଘଟୁଛି, ତାହା ଆମକୁ କେବେ ବି ଦେଖାଯିବ ନାହିଁ। କାରଣ ତାହା ଭିତରୁ କୌଣସି ଜିନିଷ ବାହାରକୁ ଆସିପାରୁ ନାହିଁ କି ଆଲୋକ ରଶ୍ମି ବି ଆସୁ ନାହିଁ। ଏହି କାରଣରୁ ଏହାର ନାମ କୃଷ୍ଣଗର୍ତ୍ତ ବୋଲି ରଖାଯାଇଛି। ଯଦି ଶୂନ୍ୟରେ କୌଣସି ଏକ ସ୍ଥାନରେ କୃଷ୍ଣଗର୍ତ୍ତ ରହିଛି, ତେବେ ତାହାର ଆଖ ପାଖ ଜିନିଷ ଉପରେ ମାଧ୍ୟକର୍ଷଣ ଶକ୍ତିର ପ୍ରଭାବ ପଡିବ। ଆଖ ପାଖ ଜିନିଷ ଉପରେ ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବରେ କୃଷ୍ଣଗର୍ତ୍ତର ଚତୁଃପାର୍ଶ୍ୱରେ ବସ୍ତୁ ମାନେ ବୁଲିବେ। ସେଥିରୁ ଆମକୁ କୃଷ୍ଣଗର୍ତ୍ତର ଉପସ୍ଥିତି ସଂପର୍କରେ ସୂଚନା ମିଳିପାରିବ।

ଯଦି ଅନ୍ତରୀକ୍ଷର କିଛି ଅଂଶରେ ଏହିପରି ଅବସ୍ଥା ଦେଖାଦିଏ, ଅର୍ଥାତ୍ କିଛି ଗ୍ରହ ନକ୍ଷତ୍ର ଏକ ଅନ୍ଧାର କ୍ଷେତ୍ରରେ ଚକର କାଟୁ ଥିବାର ଦେଖିବାକୁ ମିଳିଲେ, ଆମକୁ ଅନୁମାନ ହୋଇଯାଏ ଯେ ସେଠାରେ ଏକ କୃଷ୍ଣଗର୍ତ୍ତ ରହିଛି। ଆମେ ଜାଣିଲେ ଯେ କୃଷ୍ଣଗର୍ତ୍ତରେ ମାଧ୍ୟାକର୍ଷଣ ଶକ୍ତି ବାହାରୁଛି କିନ୍ତୁ ସେହିଠାରୁ ଆଲୋକ ରଶ୍ମି ବାହାରୁ ନାହିଁ। କାରଣ ଯେଉଁ ମାଧ୍ୟାକର୍ଷଣ ଶକ୍ତିର ଆକର୍ଷଣ ହେଉଛି ଏକ କୃଷ୍ଣଗର୍ତ୍ତ ଭିତରେ ଥିବା ବସ୍ତୁତ୍ୱର କାରଣରୁ ଏହା ଏପରି ଘଟୁଛି। କୌଣସି ଉପାୟରେ କୃଷ୍ଣଗର୍ତ୍ତର ଚତୁଃପାର୍ଶ୍ୱରେ ମାଧ୍ୟାକର୍ଷଣ ଶକ୍ତି କେତେ ଅଛି ଜାଣିପାରିଲେ, ଆମେ ସମ୍ପୂର୍ଣ୍ଣ ଭାବରେ ଜାଣିପାରିବା ଯେ କୃଷ୍ଣଗର୍ତ୍ତ ଭିତରେ କେତେ ପରିମାଣର ବସ୍ତୁତ୍ୱ ନିହିତ ଅଛି। ଏହି ମାଧ୍ୟାକର୍ଷଣ ଶକ୍ତି ଭୂମି ପଦ୍ଧତି ପ୍ରୟୋଗ କରି ଆମେ କୃଷ୍ଣଗର୍ତ୍ତ ଭିତରେ କିପରି କାମ କରୁଛି ଜାଣିପାରିବା। ଆଜିକାର ସମୟରେ ଯେମିତି ଆଧୁନିକ ପଦ୍ଧତି ଅବଲମ୍ବନ କରି ଯେଉଁଥିରେ ସବୁଠୁ ଅଧିକ ଗବେଷଣା ଚାଲିଛି ତାହା ହେଉଛି ମାଧ୍ୟାକର୍ଷଣ ତରଙ୍ଗକୁ ସଠିକ ଭାବରେ ମାପିବା ପାଇଁ। ଦେଖିବା ପାଇଁ ମାଧ୍ୟାକର୍ଷଣ ତରଙ୍ଗ ଆମର ଆଖିପରି କାମ କରିବ ଯେ ଏକ କୃଷ୍ଣଗର୍ତ୍ତ ଭିତରେ କ'ଣ ଚାଲୁଅଛି। ବୈଜ୍ଞାନିକମାନେ ମାଧ୍ୟାକର୍ଷଣ ବିକିରଣ ସଂପର୍କରେ ଗବେଷଣାଗାରରେ ପରୀକ୍ଷା ନିରୀକ୍ଷା କରିଛନ୍ତି। ଏହି ପରୀକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ବହୁତ ଭାରତୀୟ ବୈଜ୍ଞାନିକମାନଙ୍କର ଭୂମିକା ରହିଛି। ଯେଉଁ ମାଧ୍ୟାକର୍ଷଣ ତରଙ୍ଗକୁ ଆମେ ପୃଥିବୀ ପୃଷ୍ଠରେ ପାଇବା, ତାହା ହେଉଛି ଦୁଇଟା କୃଷ୍ଣଗର୍ତ୍ତର। ଏହି ଦୁଇଟି ମଧ୍ୟରେ ଧକ୍କା ହେବା ଫଳରେ ଦୁଇଟା କୃଷ୍ଣଗର୍ତ୍ତ ଗୋଟିଏ ବଡ଼ କୃଷ୍ଣଗର୍ତ୍ତରେ ପରିଣତ ହେବେ। ମାଧ୍ୟାକର୍ଷଣ ତରଙ୍ଗ ଉପରେ ସକ୍ରିୟ ଗବେଷଣା ଚାଲୁରହିଛି। ସେହି ଗବେଷଣାରୁ ଆମେ କୃଷ୍ଣଗର୍ତ୍ତର ଭିତର ରହସ୍ୟକୁ ଜାଣି ପାରିବା। ଲେଜର ଇଣ୍ଟର୍‌ଫେରୋମିଟର ଗ୍ରାଭିଟେସନାଲ ମାଧ୍ୟାକର୍ଷଣ ଜନିତ ତରଙ୍ଗ ଅବଜରଭେଟୋରି ଏପରି ଏକ ପରୀକ୍ଷାଗାର, ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ମାଧ୍ୟାକର୍ଷଣ ତରଙ୍ଗ ଖୋଜିବାରେ ସାହାଯ୍ୟ କରିବ। ଏହି ପରୀକ୍ଷାକୁ ବୁଝିବାକୁ ହେଲେ ଆମକୁ ଆଇନଷ୍ଟାଇନ୍‌ଙ୍କ ଆପେକ୍ଷିକତା ତତ୍ତ୍ୱକୁ ବୁଝିବାକୁ ପଡ଼ିବ। ଆପେକ୍ଷିକତା ତତ୍ତ୍ୱ ଅନୁଯାୟୀ- ଆମର ଶୂନ୍ୟ (ସ୍ପେସ୍) ହେଉଛି ଏକ ରବରର ଚାଦର ପରି। ଯଦି ଆମେ ଏହି ରବର ଚାଦର ଉପରେ ଏକ ବସ୍ତୁକୁ ରଖିବା, ତାହେଲେ ରବର ଚାଦରରେ ଆମକୁ ଏକ ବକ୍ରତା ମିଳିବ। ସେଇଟା ହେବ ଆମର ମାଧ୍ୟାକର୍ଷଣ ଶକ୍ତି। ଯେମିତି ଏହା ଏକ ପ୍ରକାର ତରଙ୍ଗ ନିର୍ମାଣ କରିବ। ଏହି ତରଙ୍ଗ ହେବ ଆମର ମାଧ୍ୟାକର୍ଷଣ ତରଙ୍ଗ। ଏହି ତରଙ୍ଗ ଆମର ଶୂନ୍ୟକୁ ବାରମ୍ବାର ପ୍ରଭାବିତ କରୁଛି। ଏହି ତରଙ୍ଗକୁ ମାପିବା ସକାଶେ ଆମେ ଏକ ଇଣ୍ଟର୍‌ଫେରୋମିଟର ବ୍ୟବହାର କରୁ।

-ଭୀଷ୍ମଦେବ ବାଗ
ପଦାର୍ଥ ବିଜ୍ଞାନ ବିଭାଗ
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଗୁରୁଣ୍ଡିଆ, ସୁନ୍ଦରଗଡ଼
ମୋ: ୯୪୩୯୫୮୫୫୮୯



# ଆଜିଠୁ କଳିଙ୍ଗରେ ସାଫ୍ ଫୁଟବଲ



ରବିବାର ଖବରଦାତା ସମ୍ମିଳନୀ ଅବସରରେ ମୁଖ୍ୟ କୋଚ୍ ଶନ୍ମୁଗମ୍ ଭେଙ୍କଟେଶ ଓ ଡିଫେଣ୍ଡର ବିକାଶ ୟୁମନାମ।

**ଭୁବନେଶ୍ୱର, ୨୪।୭ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ୍ ଫୁଟ୍‌ବଲ ଫେଡେରେଶନ)ଚାମ୍ପିୟନଶିପ୍‌ର ୪ର୍ଥ ସଂସ୍କରଣ ସୋମବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ସମେତ ମାଳଦ୍ୱୀପ, ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କା ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ଅଗଷ୍ଟ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଗତ ସଂସ୍କରଣ ଅର୍ଥାତ୍ ୨୦୧୯ ମସିହା ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏଥର ଭାରତ ଆସନ୍ତା ୨୭ରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଅଂଶଗ୍ରହଣକାରୀ ୫ଟି ଯାକ ଦଳ ଭୁବନେଶ୍ୱରରେ ଅଭ୍ୟାସକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମସ୍ତ କୋଚ୍ ଓ ଖେଳାଳି ନିଜ ଦଳକୁ ନେଇ ଆଶାରେ ରହିଛନ୍ତି। ଭାରତ ଗତଥରର ଚାମ୍ପିୟନ ହୋଇଥିବାରୁ ଏଥର ମଧ୍ୟ ଟାଇଟଲ ବଜାୟ ରଖିବା ନେଇ ଆଶା ରହିଛି। ୨୦୧୫ ଓ ୨୦୧୭ରେ ୨ଥର ଚାମ୍ପିୟନ ନେପାଳ ଏବଂ ୨୦୧୭ ଓ ୨୦୧୯ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ବାଂଲାଦେଶ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ବଦ୍ଧପରିକର। ଭାରତ, ନେପାଳ, ବାଂଲାଦେଶ ଓ ମାଳଦ୍ୱୀପ ୪ଟି ଯାକ ସଂସ୍କରଣରେ ଖେଳିବାକୁ ଯାଉଥିବାବେଳେ ଶ୍ରୀଲଙ୍କା ଦ୍ୱିତୀୟଥର ପାଇଁ ଭାଗ୍ୟ ପରୀକ୍ଷା କରିବ। ଲିଗ୍ ପର୍ଯ୍ୟାୟ ଅଗଷ୍ଟ ୨ରେ ଶେଷ ହେବ। ସର୍ବାଧିକ ପଏଣ୍ଟ ରଖିଥିବା ୨ ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅଗଷ୍ଟ ୫ରେ ମେଗା ଫାଇନାଲ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ, ଏହା ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ୨୦୧୯ ଫେବୃୟାରୀରେ ମହିଳା ଗୋଲ୍ଡ କପ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଠାରେ ଆସନ୍ତା ଅକ୍ଟୋବରରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ମ୍ୟାଚ୍ ହେବ।

### ଭାରତ ୨୭ରେ ବାଂଲାଦେଶକୁ ଭେଟିବ

ଭାରତୀୟ ୨୦ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ଶନ୍ମୁଗମ୍ ଭେଙ୍କଟେଶ ଇତିମଧ୍ୟରେ ୨୩ ଜଣିଆ ଖେଳାଳି ତାଲିକା ଘୋଷଣା କରିଛନ୍ତି। ''ଦକ୍ଷିଣ ଏସିଆରେ ଭାରତ ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ଆଶା ଆକାଂକ୍ଷା ବହୁ ଉପରେ ରହିଛି। ଏହି ପ୍ରତିଯୋଗିତା ଆମ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ମହାମାରୀ ପରେ ପ୍ରଥମଥର ପାଇଁ ଆମ ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରର ଏକ ପ୍ରତିଯୋଗିତା ଖେଳିବାକୁ ଯାଉଛନ୍ତି'' ବୋଲି ଭେଙ୍କଟେଶ ପ୍ରକାଶ କରିଛନ୍ତି। ଗତ ୨ ସିଜନରେ ଘରୋଇ ସ୍ତରରେ ଭାରତୀୟ ଖେଳାଳିମାନେ ଆଇ-ଲିଗ୍ ଏବଂ ଆଇଏଫ୍‌ଏ ସିଲ୍ଡ ଟୁର୍ଣ୍ଣାମେଣ୍ଟ ଖେଳିଛି। ଇଣ୍ଡିଆନ ଆରୋଜ୍‌ର ଅଧିକାଂଶ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

### ଭାରତୀୟ ଦଳ

**ଗୋଲକିପର:** ସୟଦ ଜାହିଦ ହୁସେନ ବୁଖାରି, ମୋହିତ ସିଂ ଧାମି, ସୋମ୍ କୁମାର।
**ଡିଫେଣ୍ଡର:** ଅମନଦୀପ, ହାଲେନ ନୋଙ୍ଗଟୁ, ବିକାଶ ୟୁମନାମ, ସାଜିତ ହୁସେନ ପାରେ, ରାଜ ବାସଫୋରେ, ବ୍ରିଜେଶ ଗିରି, ଟଙ୍କଧର ବାଗ୍, ପ୍ରୀତମ ମିତେଇ ସୋରୋଖାଇବାମ୍।
**ମିଡ୍‌ଫିଲ୍ଡର:** ଶିବଜିତ ସିଂ ଲେଇମାପୋକପାମ, ଭିବିନ ମୋହନନ, ବିନୟ ହାରଜି, ମହେସନ ସିଂ ଟୋଙ୍ଗବ୍ରାମ୍, ସୁଜିତ ସିଂ, ହର୍ଶ ଶୈଳେଶ ପାତ୍ରେ, ଟାଇସନ ସିଂ ଲୋଇଟୋଙ୍ଗବାମ, ମାକାର୍ଟନେ ଲୁଇସ ନିକ୍ସନ।
**ଫରୱାର୍ଡ:** ଗୁରକୀରଟ ସିଂ, ପାର୍ଥିବ ସୁନ୍ଦର ଗୋଗୋଇ, ହିମାଂଶୁ ଜାଙ୍ଗ୍ରା, ଶୁଭୋ ପଲ୍।

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ୨୫।୭ | ନେପାଳ ବନାମ ମାଳଦ୍ୱୀପ | ଅପରାହ୍ନ ୪ଟା |
| | ଶ୍ରୀଲଙ୍କା ବନାମ ବାଂଲାଦେଶ | ରାତି ୭ଟା |
| ୨୬।୭ | ବିଶ୍ରାମ ଦିବସ | |
| ୨୭।୭ | ବାଂଲାଦେଶ ବନାମ ଭାରତ | ଅପରାହ୍ନ ୪ଟା |
| | ଶ୍ରୀଲଙ୍କା ବନାମ ନେପାଳ | ରାତି ୭ଟା |
| ୨୮।୭ | ବିଶ୍ରାମ ଦିବସ | |
| ୨୯।୭ | ଭାରତ ବନାମ ଶ୍ରୀଲଙ୍କା | ଅପରାହ୍ନ ୪ଟା |
| | ମାଳଦ୍ୱୀପ ବନାମ ବାଂଲାଦେଶ | ରାତି ୭ଟା |
| ୩୦।୭ | ବିଶ୍ରାମ ଦିବସ | |
| ୩୧।୭ | ମାଳଦ୍ୱୀପ ବନାମ ଶ୍ରୀଲଙ୍କା | ଅପରାହ୍ନ ୪ଟା |
| | ନେପାଳ ବନାମ ଭାରତ | ରାତି ୭ଟା |
| ୧।୮ | ବିଶ୍ରାମ ଦିବସ | |
| ୨।୮ | ବାଂଲାଦେଶ ବନାମ ନେପାଳ | |
| | ଭାରତ ବନାମ ମାଳଦ୍ୱୀପ | ରାତି ୭ଟା |
| ୩।୮ ଓ ୪।୮ | ବିଶ୍ରାମ ଦିବସ | |
| ୫।୮ | ଫାଇନାଲ | ରାତି ୭ଟା |



ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ସ୍କୁଲ୍ସ ଓପନ ଚେସ୍: ବିନିତ ଚାମ୍ପିୟନ

**ଭୁବନେଶ୍ୱର, ୨୪।୭ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୨ୟ ଉପେନ୍ଦ୍ର ନାୟକ ମେମୋରିଆଲ ସ୍କୁଲ୍ସ ଓପନ୍ ଚେସ୍ ଚାମ୍ପିୟନଶିପ୍ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ ୫.୫ ପଏଣ୍ଟ ରଖି ଚାମ୍ପିୟନ ହୋଇଛନ୍ତି। କଟକ ଏଲ୍‌ଆର୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଜ୍ଞାନଜ୍ୟୋତି ସିଂ ଓ ଭଦ୍ରକ ସେଣ୍ଟ ଜାଭିଅର ହାଇସ୍କୁଲ୍‌ର ସାଇ ବିଦ୍ୟାଶ୍ରୀ ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରିତ୍ୱିକ ରାଜ ମିଶ୍ର, ଆଦିତ୍ୟ ଜେନା, ସାହାନା ଲେଙ୍କା, ନମସ୍ୟ ନଳିନୀ, ସାୟେଂଶୁ ସେନାପତି, ସିଞ୍ଚନ ଦାଶ ଓ ସାଇ ଅଂଶୁମାନ ସିଂ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ୨ ଜଣଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ନୟାପଲ୍ଲୀ ବ୍ରାଞ୍ଚ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ଜ୍ୟୋତି ନାୟାର ମୁଖ୍ୟ ଅତିଥି ଏବଂ ରାଜ୍ୟ ଗୋଇନ୍ଦା ଇନ୍‌ସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଚିଲିକା ନୀତି ପ୍ରଣୟନ ଦାବିକୁ ସ୍ୱାଗତ**

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବିଧାନସଭାରେ ଚିଲିକା ନୀତି ପ୍ରଣୟନ ନେଇ ଦାବି ଉପସ୍ଥାପନ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଅଞ୍ଚଳବାସୀଙ୍କ ଜୀବନଜୀବିକା ସହ ଚିଲିକା ଜଡିତ ଥିବାରୁ ଏହାର ସୁରକ୍ଷା ଅପରିହାର୍ଯ୍ୟ ବୋଲି ବୁଦ୍ଧିଜୀବୀ ରାମଚନ୍ଦ୍ର ଜେନା, କୁମାର ସିଂହ, ରମେଶ ଚନ୍ଦ୍ର ସିଂହ ସାମନ୍ତ,ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, କିଶୋର ଚନ୍ଦ୍ର ଜେନା, ରଙ୍ଗନାଥ ବିଶ୍ୱାଳ, ଦାମୋଦର ଜେନା, ବ୍ରଜ କିଶୋର ଜେନା, ଗୋଲଖ ବିହାରୀ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ ପ୍ରମୁଖ କହିଛନ୍ତି। ତେଣୁ ରାଜ୍ୟ ସରକାର ବିଧାୟକଙ୍କ ନାର୍ଯ୍ୟ ଦାବି ଦୃଷ୍ଟି ଦେଇ ତ୍ୱରିତ ଚିଲିକା ନୀତି ପ୍ରଣୟନ କରିବାକୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଶ୍ରୀଚନ୍ଦନପୁର ପାଟଣା ସମବାୟ ସମିତି : ୭ ସଭ୍ୟ ନିର୍ବାଚିତ

**ବୋଲଗଡ଼,୨୪।୭(ଡି.ଏନ୍.ଏ.):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତିର ପରିଚାଳନା ପରିଷଦ ପାଇଁ ସଭ୍ୟାସଭ୍ୟ ପଦବୀ ଲାଗି ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ନିର୍ବାଚନର ଫଳାଫଳ ଘୋଷଣା ହୋଇଛି। ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଷ୍ଣୁଚରଣ ପ୍ରଧାନଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଏହି ସମିତି ପାଇଁ ଥିବା ୧୫ ସଭ୍ୟାସଭ୍ୟ ପଦବୀ ମଧ୍ୟରୁ ୭ଜଣ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୭ଟି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ଗୋଟିଏ ପଦବୀ ପାଇଁ କେହି ପ୍ରାର୍ଥୀ ନ ଥିବାରୁ ନିର୍ବାଚନ ହୋଇ ନ ପାରିବାରୁ ଉକ୍ତ ପଦବୀଟି ଖାଲି ରହିଛି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ଦୀପାଞ୍ଜଳି ପଣ୍ଡା, ଅର୍ଜୁନ ଜେନା, ଭଗବାନ ମହାରଣା, ଶ୍ୟାମସୁନ୍ଦର ପରିଡା, ବୈକୁଣ୍ଠ ବଳିୟାରସିଂହ, କରୁଣାକର ଜେନା, ମାଗୁଣି ଚରଣ ସ୍ୱାଇଁ, ସନ୍ତୋଷ କୁମାର ମାଝୀ, ରମାମଣି ନାଏକ, ହାଲୁରି ମାନସିଂହ, ଚନ୍ଦ୍ରଶେଖର ଚମ୍ପତି, ଦମୟନ୍ତୀ ମାନସିଂହ, ନୀଳମଣି ମାର୍ଥା, ପ୍ରକାଶ ଚନ୍ଦ୍ର ରାଉତରାୟ ପ୍ରମୁଖ ରହିଛନ୍ତି।

### ଆଇନ ସଚେତନତା ଶିବିର

**ଖୋର୍ଦ୍ଧା ଅଫିସ,୨୪।୭:** ଖୋର୍ଦ୍ଧା ତାଲୁକା ଆଇନ ସେବା ଆନୁକୂଲ୍ୟରେ ସିମୋରସ୍ଥିତ କୁଞ୍ଜବିହାରୀ ଦେବ ହାଇସ୍କୁଲ ପରିସରରେ ରବିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକା ଆଇନ ସେବା କମିଟି ଅଧକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ବରିଷ୍ଠ ଓକିଲ ନବୀନ ମହାପାତ୍ର, ବିକ୍ରମ ଚମ୍ପତି, ଶିବ ପ୍ରସାଦ ତ୍ରିପାଠୀ, ହାଇସ୍କୁଲର ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ପ୍ରମୁଖ ଯୋଗେଦଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ବାଳ ଅପରାଧ ଆଇନ, ଶିକ୍ଷା ଅଧିକାର, ଭରଣ ପୋଷଣ ଆଇନ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। କମିଟିର ସମ୍ପାଦକ ବସନ୍ତ କୁମାର ଶତପଥୀ ଶିବିର ସଂଯୋଜନା କରିଥିଲେ।

### ଚାରା ରୋପଣ କାର୍ଯ୍ୟକ୍ରମ

**ବାଲୁଗାଁ,୨୪।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବଜରଙ୍ଗ ଦଳ ବାଲୁଗାଁ ପକ୍ଷରୁ ପୂର୍ବାହ୍ନରେ ଉମାମହେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାରା ରୋପଣ, ରକ୍ତଦାନ ଶିବିର, ଗୋସେବା ଏବଂ ଗରିବ ଶ୍ରେଣୀର ଜନକଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ପରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାମୁକାସ୍ଥିତ ସୋଲରୀ ପାହାଡ଼ ପାଦଦେଶରେ ବଜରଙ୍ଗ ଦଳ ବାଲୁଗାଁର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଯୁବକର୍ମୀ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଘର ବିଶ୍ୱଜିତ୍ ବେହେରା, ଆକାଶ କୁମାର ନାୟକ, ଆଶୁତୋଷ ପାଢ଼ୀ, ରତ୍ନାକର ବେହେରା, ପ୍ରମୋଦ କୁମାର ପାଟଯୋଶୀ, ଆଇନଜୀବୀ ବୈକୁଣ୍ଠନାଥ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଭଳି ସମାଜ ମଙ୍ଗଳ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ସଙ୍ଘର ବରିଷ୍ଠ କାର୍ଯ୍ୟକର୍ତ୍ତା କହିଛନ୍ତି।

# ଜବରଦଖଲ ଯୋଗୁ ବଡ଼ଦାଣ୍ଡ ସଙ୍କୁଚିତ

- ଅପାରଗତା ଲୁଚାଇବାକୁ କାର୍ଯ୍ୟାନୁଷ୍ଠାନ ହେଉନି
- ଜରିମାନା ନାଁରେ ଭଡ଼ା ଦେଉଛନ୍ତି ଦୋକାନୀ

**ପୁରୀ ଅଫିସ,୨୪।୭:**



ଜାତୀୟ ରାଜପଥ ପ୍ରାଧିକରଣ ଆଇନ ପୁରୀ ବଡ଼ଦାଣ୍ଡରେ ଲାଗୁ ହେଉନାହିଁ। ବଡ଼ଦାଣ୍ଡ ୩୧୬ ନମ୍ବର ଜାତୀୟ ରାଜପଥ ଭାବେ ମାନ୍ୟତାପ୍ରାପ୍ତ। ଜାତୀୟ ରାଜପଥ ଆଇନକାନୁନ ଅନୁଯାୟୀ ରାଜପଥ ଅବରୋଧ କରାଯାଇପାରିବ ନାହିଁ। ବିଗତ ଦିନରେ ସୁପ୍ରିମକୋର୍ଟ ନିଜ ରାୟରେ ମଧ୍ୟ ଏହି କଥା ଦୋହରାଇଥିଲେ। ରାଜପଥ ଅବରୋଧ କରାଯାଇ ବ୍ୟବସାୟିକ ପ୍ରତିଷ୍ଠାନ କରାଯାଇପାରିବ ନାହିଁ। ତେବେ ଏଭଳି ଆଇନକୁ ଦୀର୍ଘ ବର୍ଷ ଧରି ଉଭୟ ଦୋକାନୀ ଓ ପ୍ରଶାସନ ଉଲ୍ଲଂଘନ କରି ଆସୁଛନ୍ତି। ବଡ଼ଦାଣ୍ଡ ଉପରେ ବଡ଼ଶଙ୍ଖ ବଜାରର ଗୋଟିଏ ଭାଗକୁ ଭେଣ୍ଡିଂ ଜୋନ୍‌ରେ ପରିଣତ କରାଯାଇଛି। ପ୍ରଶାସନ ସେଠାରୁ ମାସିକିଆ ଭଡ଼ା ଆଦାୟ କରିପାରୁ ନ ଥିବାରୁ ଜରିମାନା ଦର୍ଶାଇ ଦୋକାନୀଙ୍କଠାରୁ ପ୍ରାୟ ଦେଢ଼ ହଜାର ଟଙ୍କା ଲେଖାଏ ନେଉଛି। ଅର୍ଥାତ୍ ସରକାରୀ ସ୍ତରରେ ଏଭଳି ଭେଣ୍ଡିଂ ଜୋନ୍‌କୁ ଜବରଦଖଲ ସ୍ଥାନ ଭାବେ ଦର୍ଶାଉଛି। ଅନ୍ୟପକ୍ଷରେ ଦୋକାନୀଙ୍କଠାରୁ ଅର୍ଥ ନେଇ ଜବରଦଖଲ ଭଳି ବେଆଇନ କାର୍ଯ୍ୟକୁ ସମର୍ଥନ କରୁଛି। ତେବେ ବଡ଼ଶଙ୍ଖରେ ଭେଣ୍ଡିଂ ଜୋନ୍ ହେବା ଫଳରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ବଡ଼ଦାଣ୍ଡ ସଙ୍କୁଚିତ ହେବ ସହ ଟ୍ରାଫିକ ସମସ୍ୟା ଉପୁଜୁଛି। ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଅନେକ ଦୋକାନୀ ପସରା ମେଲାଉଛନ୍ତି। ତନ୍ମଧ୍ୟରୁ ଅଧିକାଂଶ ଉଠାବେପାରୀ। ସଂପୃକ୍ତ ବେପାରୀଙ୍କଠାରୁ ପ୍ରଶାସନ ଟିକସ ନେଉଛି। ବଡ଼ଦାଣ୍ଡ ଉପରେ ସ୍ଥାୟୀ ଦୋକାନ ସମସ୍ୟା ବଢ଼ାଇଛି। ପ୍ରଶାସନ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ପରୋକ୍ଷରେ ଭେଣ୍ଡିଂ ଜୋନ କରିଛି। ଜବରଦଖଲ ଭିତରେ ବଡ଼ଦାଣ୍ଡ ଲୁଚିଯାଉଛି। ବଡ଼ଦାଣ୍ଡ ସଂଲଗ୍ନ ଘରମାଲିକମାନେ ପ୍ରଶାସନ ନିକଟରେ ଯେତେ ନେହୁରା ହେଲେ ମଧ୍ୟ ଘର ଆଗରେ ଯାତାୟାତ କରିବାକୁ ରାସ୍ତା ଛଡ଼ାଯାଉନାହିଁ। ଏ ସମ୍ପର୍କରେ ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି, ବଡ଼ଦାଣ୍ଡକୁ ଜବରଦଖଲ ମୁକ୍ତ କରିବା ଦାୟିତ୍ୱ ପ୍ରଶାସନର ପ୍ରାଥମିକତା ହେବା ଦରକାର। ପୁରୀରେ ମାଳମାଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ବେଳେ ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ ଦିଗରେ ସରକାର କାହିଁକି ଧ୍ୟାନ ଦେଉନାହାନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଏ ନେଇ ପୁରୀ ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ କରିଛନ୍ତି, ଭେଣ୍ଡି ଜୋନ୍‌ରେ ଥିବା ଦୋକାନୀମାନେ ୪୦ରୁ ୪୫ ବର୍ଷ ହେବ ଦୋକାନ କଲେଣି। ସେମାନଙ୍କୁ ଦୋକାନ ଉଠାଇବାକୁ କହିଲେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟ ବଡ଼ଦାଣ୍ଡ ଉପରୁ ଜବରଦଖଲ ପାଇଁ ହଟାଇବାକୁ କହୁଛନ୍ତି, ମାତ୍ର ସର୍ତ୍ତ ରଖୁଛନ୍ତି ଯେ, ଦୋକାନୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ। ତେବେ ପ୍ରଶାସନ ପାଖରେ ଭେଣ୍ଡିଂ ଜୋନ୍ ପାଇଁ ବିକଳ୍ପ ବ୍ୟବସ୍ଥା ଏପର୍ଯ୍ୟନ୍ତ ନାହିଁ। ତେଣୁ ବାଧ୍ୟ ହୋଇ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ବଡ଼ଦାଣ୍ଡ ବିକାଶ ପ୍ରକଳ୍ପ ଅଧୀନରେ ଏହି ଦୋକାନୀମାନଙ୍କୁ ସାମିଲ କରାଯିବା ନେଇ ଏକ ଯୋଜନା ରହିଛି। ଯାହା ଆଧାରରେ ବିକଳ୍ପ ବ୍ୟବସ୍ଥା ଲାଗି ଯୋଜନା ଚାଲୁଛି। ତେବେ ଏହାର ରୂପରେଖ କେବେ ସ୍ପଷ୍ଟ ହେବ ଓ କାର୍ଯ୍ୟକ୍ଷମ ହେବ ସେନେଇ ଏବେଠୁ କହିବା ମୁସ୍କିଲ।

# ମହାଦେବଙ୍କୁ ଜଳଲାଗି କଲେ ଛାତ୍ରୀଛାତ୍ର



**ବୋଲଗଡ଼,୨୪।୭(ଡି.ଏନ୍.ଏ.)**

ଶ୍ରାବଣ ମାସରେ ମହାଦେବଙ୍କୁ ଜଳଲାଗି କଲେ ମନୋବାଞ୍ଛା ପୂରଣ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଶନିବାର ବୋଲଗଡ଼ସ୍ଥିତ ଶିବ ମନ୍ଦିରରେ ଜଳଲାଗି କରିଛନ୍ତି ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର। ୬୪ ଛାତ୍ରୀଛାତ୍ର ସେମାନଙ୍କ ଗୁରୁମାଗୁରୁଜୀ ଓ ଅଭିଭାବକଙ୍କ ସହ ପ୍ରାୟ ୧୫୦ଜଣ ବିଦ୍ୟାମନ୍ଦିର ପରିସରସ୍ଥ ଜଳାଶୟରୁ ଜଳ ଉଠାଇ ବଜାର ପରିକ୍ରମା କରିବା ପରେ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ପହଞ୍ଚିଥିଲେ। ଧାଡ଼ିହୋଇ ଆସି ଜଳଲାଗି କରିଥିଲେ। ଅନୁଷ୍ଠାନ ସମ୍ପାଦକ ହରେକୃଷ୍ଣ ପରମଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନ ଗୁରୁଜୀ ବିରଞ୍ଚି ନାରାୟଣ ସାହୁ, ଗୁରୁମା ଲକ୍ଷ୍ମୀପ୍ରିୟା ଦେଈ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଯୋଗଦେଇଥିଲେ।

# ଲୋକଙ୍କ ସମସ୍ୟା ଦୂର ପାଇଁ ଡଙ୍ଗା ଦେଲେ ବିଭୂତି




**ଜଟଣୀ,୨୪।୭(ଡି.ଏନ୍.ଏ.)**

ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ଅଞ୍ଚଳର ଲୋକଙ୍କ ଯାତାୟାତ ସମସ୍ୟା ଦୂର ପାଇଁ ରବିବାର ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ନିଜସ୍ୱ ପାଣ୍ଠିରୁ ଏକ ଡଙ୍ଗା ପ୍ରଦାନ କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଡଙ୍ଗା ରାଜୁଆ ନଦୀରେ ଚଳାଚଳ ହେବା ଫଳରେ ଉକ୍ତ ପଞ୍ଚାୟତର ପାଣ୍ଡିଆବିଲି ଓ ବୁଢ଼ାଙ୍ଗରା ସହିତ ପୁରୀ ଜିଲାର ଡେଲାଙ୍ଗ ଓ ସତ୍ୟବାଦୀ ଅଞ୍ଚଳର ଲୋକେ ଉପକୃତ ହେବେ। ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଶାହ ଜାଫର ଅଲ୍ଲୀଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଉକ୍ତ ଡଙ୍ଗାରେ ବିଜେଡି ଲେଖାହୋଇଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଯାତାୟାତ ପାଇଁ ଡଙ୍ଗାର ବ୍ୟବସ୍ଥା ହୋଇଥିବାରୁ ଲୋକେ ଖୁସି ଥିବା ଦେଖିବାକୁ ମିଳିଥିଲା।



ଫାଇଲିନ୍ କ୍ଷତିଗ୍ରସ୍ତଙ୍କୁ ଗୃହ ଯୋଗାଣ ଦାବିରେ କୃଷ୍ଣପ୍ରସାଦ ବ୍ଲକ୍ ସମ୍ମୁଖରେ ବାତ୍ୟା ନିରୋଧକ ବାସଗୃହ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

### ବାତ୍ୟା ନିରୋଧକ ବାସଗୃହ ମଞ୍ଚର ଧାରଣା ୩ୟ ଦିନରେ

**କୃଷ୍ଣପ୍ରସାଦ,୨୪।୭(ଡି.ଏନ୍.ଏ.)**

ଫାଇଲିନ୍ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ବାସଗୃହ ଯୋଗାଣ ଦାବିରେ କୃଷ୍ଣପ୍ରସାଦ ବ୍ଲକ ସମ୍ମୁଖରେ ଗତ ୨୨ତାରିଖରୁ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ବାତ୍ୟା ନିରୋଧକ ବାସଗୃହ ମଞ୍ଚ ପକ୍ଷରୁ ଅହୋରାତ୍ର ଧାରଣା ଦିଆଯାଇଛି। ମଞ୍ଚ ସଭାପତି ସୁବାସ ଜେନାଙ୍କ ନେତୃତ୍ୱରେ ଦିଆଯାଇଥିବା ଧାରଣା ରବିବାର ତୃତୀୟ ଦିନରେ ପହଞ୍ଚିଛି। ସିପିଆଇ(ଏମ୍) କୃଷ୍ଣପ୍ରସାଦର ସମ୍ପାଦକ ଉମାକାନ୍ତ ଜେନାଙ୍କ ନେତୃତ୍ୱରେ ଜଗବନ୍ଧୁ ସେନାପତି, ଅଜୟ ବରାଳ, ନରେନ୍ଦ୍ର ଜେନାଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ସମର୍ଥନ ଜଣାଇଥିଲେ।

### ସମବାୟ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**ବୋଲଗଡ଼,୨୪।୭(ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବୋଲଗଡ଼ ଶାଖା ଅଧୀନ ଧଳାପଥର ସେବା ସମବାୟ ସମିତିରେ ନବନିର୍ବାଚିତ ପରିଚାଳନା ପରିଷଦର ସଦସ୍ୟାସଦସ୍ୟ ଓ ସଭାପତି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ସମିତି ସମ୍ପାଦକ ବସନ୍ତ କୁମାର ନାୟକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏନେଇ ଆୟୋଜିତ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ ସୁବୁଦ୍ଧିଙ୍କ ସମେତ ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ସାହୁ, ଗଣନାଥ ଶତ୍ରୁଶଲ୍ୟ ଓ ନିର୍ବାଚିତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ରାଜସୁନାଖଳା ସ୍ଥିତ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ସନ୍ଦୀପ ପଟ୍ଟନାୟକ ଚାଷୀଙ୍କ ପାଇଁ ସାର, କୀଟନାଶକ ରିହାତି ଦରରେ ପ୍ରଦାନ, ଚାଷୀଙ୍କୁ ଫସଲ ବୀମା ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ବ୍ୟବସ୍ଥା, ମଣ୍ଡିରେ ଧାନ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ଆଗାମୀ ଦିନରେ ସମିତିକୁ ଏକ ଆଦର୍ଶ ସମିତିରେ ପରିଣତ ପାଇଁ ସମସ୍ତ ସଦସ୍ୟ ଓ ସଭାପତି ସଙ୍କଳ୍ପ କରିଥିଲେ। କାର୍ଯ୍ୟକାରୀ ସମ୍ପାଦିକା ସରସ୍ୱତୀ ଚଣ୍ଡ ଧନ୍ୟବାଦ ଦେଇଥିଲେ।

# ମା'ଠାରୁ ମାଟିର ମହତ୍ତ୍ୱ ବେଶି

**ଖୋର୍ଦ୍ଧା ଅଫିସ,୨୪।୭**

ମାଟି ହେଉଛି ପବିତ୍ର। ମାଟିକୁ ଧରିତ୍ରୀ ବୋଲି କୁହାଯାଏ। ସନାତନ ସଂସ୍କୃତିରେ ମାଟିକୁ ପୂଜା କରାଯାଏ। ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ ମାଟି। ସୁସ୍ଥ ଜୀବନ ଲାଗି ସୁସ୍ଥ ମାଟି ଆବଶ୍ୟକ। ଫସଲ ମାଧ୍ୟମରେ ମାଟି ଆମକୁ ଖାଦ୍ୟ ଯୋଗାଇଥାଏ। ପିନ୍ଧିବା ଲାଗି ବସ୍ତ୍ର, ପିଇବା ପାଇଁ ପାଣି, ରୋଗ ସକାଶେ ଔଷଧ ଆଦି ଯୋଗାଉଛି। କହିବାକୁ ଗଲେ ମାନବ ଜାତିର ସଭ୍ୟତା, ସଂସ୍କୃତି, ପରମ୍ପରା ସହିତ ମାଟିର ସମ୍ପର୍କ ଅନନ୍ୟ। ଏଣୁ ମା'ଠାରୁ ମାଟିର ମହତ୍ତ୍ୱ ଅଧିକ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଯେଉଁ ଭଳି ଭାବେ ମାଟି କ୍ଷୟ ହେବାରେ ଲାଗିଛି, ତାହା ଚିନ୍ତାଜନକ ବିଷୟ। ପୃଥିବୀ ପୃଷ୍ଠରେ ଏକ ଇଞ୍ଚ ମାଟି ଗଠନ ହେବା ଲାଗି ଦୀର୍ଘ ବର୍ଷ ଲାଗିଥାଏ। କିନ୍ତୁ ମାଟି କ୍ଷୟ ହେବାକୁ ୫ ମିନିଟ୍ ମଧ୍ୟ ସମୟ ଲାଗେନାହିଁ। ମାଟି କ୍ଷୟ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ। ବନ୍ୟା ଓ ବର୍ଷା ଯୋଗୁ ଯେତିକି ମାଟି କ୍ଷୟ ହୋଇ ନ ଥାଏ, ତାହାଠାରୁ ମନୁଷ୍ୟକୃତ ଢ଼େର ଅଧିକ ହୋଇଥାଏ ବୋଲି 'ସୁସ୍ଥ ଜୀବନଯାପନ ଲାଗି ମାଟିର ଆବଶ୍ୟକତା' ଶୀର୍ଷକ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି।

ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଆର୍‌ଏସ୍‌ଏସ୍‌ର ପର୍ଯ୍ୟାବରଣ ଗତିବିଧି ବିଭାଗ, ସାମାଜିକ ଅନୁଷ୍ଠାନ ସମର୍ପଣ ଏବଂ ବିବେକାନନ୍ଦ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ 'ସୁସ୍ଥ ଜୀବନଯାପନ ଲାଗି ମାଟିର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶିକ୍ଷାବିତ୍ ତଥା ଆରଏସ୍‌ଏସ୍‌ର ପର୍ଯ୍ୟାବରଣ ଗତିବିଧି ବିଭାଗ ପ୍ରମୁଖ ନିରଞ୍ଜନ ସାହୁ ଯୋଗଦେଇ କହିଥିଲେ, ମାଟି ସୁସ୍ଥ ରହିଲେ ଭଲ ଫସଲ ହୋଇଥାଏ। ମାଟିରେ ଅତ୍ୟଧିକ ରାସାୟନିକ ସାର, କୀଟନାଶକ ବ୍ୟବହାର ଯୋଗୁ ମାଟି ଦୂଷିତ ହେଉଛି। ଏହାକୁ ରୋକିବା ହେଲେ ଚାଷ ପୂର୍ବରୁ ମାଟିର ପରୀକ୍ଷା ଜରୁରୀ। କାର୍ଯ୍ୟକ୍ରମରେ ସର୍ମପଣ ଟ୍ରଷ୍ଟ ଅଧକ୍ଷ ବେଲେଶ୍ୱର ସାହୁ ଅଧକ୍ଷତା କରି କହିଲେ, ମାଟି ଅବକ୍ଷୟ ରୋକିବା ଲାଗି ସମସ୍ତେ ସଚେତନ ହେବା ଜରୁରୀ। ୟୁଥ କ୍ଲବର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ବୃକ୍ଷଜଗତ ସୁରକ୍ଷା ପାଇଁ ମାଟିର ସୁରକ୍ଷା ଜରୁରୀ। ସୁସ୍ଥ ମାଟିରୁ ଉତ୍ପାଦିତ ଫସଲ ଗୁଣାବତ୍ତାଯୁକ୍ତ ହୋଇଥାଏ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ଅଧିକ ଅମଳ ହୋଇଥାଏ, କିନ୍ତୁ ଧିରେ ଧିରେ ମାଟିର ଉର୍ବରତା କମିଥାଏ ବୋଲି ସେ କହିଥିଲେ। ଏ ନେଇ ପ୍ରତ୍ୟେକ ଚାଷୀ ସଚେତନ ହେବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୁବ ଉଦ୍ୟୋଗୀ ପ୍ରଶାନ୍ତ ବେହେରା, ଆଦିତ୍ୟ ମହାରଣା, ଜୀବନ ସାହୁ, ଗୋପାଳକୃଷ୍ଣ ଦାସ, କେଦାରନାଥ ମହାପାତ୍ର, ସରୋଜ ପାଲଟାସିଂ ଏବଂ ସିଦ୍ଧେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଇଷ୍ଟର୍ନ ଇଗଲ ଫାଇନାଲରେ




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଯାଁଳା,୨୪।୭(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଯୁବଶ୍ରୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବିଗ୍ ହିଟ୍ସ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବଡ଼ରଘୁନାଥପୁର ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ୱେଷ୍ଟର୍ନ ୱାରିୟର୍ସକୁ ହରାଇ ଇଷ୍ଟର୍ନ ଇଗଲ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଇଷ୍ଟର୍ନ ଇଗଲ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟର୍ନ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୫୧ ରନ୍ ସଂଗ୍ରହ କରିଥିଲା। ତେବେ ଦଳ ପକ୍ଷରୁ କାଳିଆ ନନା ୪୦ ବଲରୁ ୧୦୭ ରନ୍ ସଂଗ୍ରହ କରିଥିଲେ। ଜବାବରେ ଇଷ୍ଟର୍ନ ଇଗଲ ୧୫ ଓଭରରେ ୬ ଉଇକେଟ ହରାଇ ୧୫୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। କାଳିଆ ନନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ସୁନ୍ଦରଗଡ଼ର ସାମାଜିକ କର୍ମୀ ଅଜିତ୍ ଦ୍ୱିବେଦୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି ପି. ଜୟଚନ୍ଦ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନିଲ ମହାପାତ୍ର ଓ ପିଣ୍ଟୁ ନାଥ ମ୍ୟାଚ୍ ପରିଚାଳନା କରିଥିଲେ।

# ସ୍କୁଲ ପରିସରରେ ଅନାବନା ଗଛଲତା




**ଜଟଣୀ,୨୪।୭(ଡି.ଏନ୍.ଏ.)**

ଶିକ୍ଷାର ବିକାଶ ସହିତ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ କେତେକ ସ୍ଥାନରେ ଏହି ଯୋଜନା କେବଳ କାଗଜକଲମରେ ସୀମିତ ରହିଯାଉଛି। ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅଧୀନ ଲୋକୋ ସେଟଲମେଣ୍ଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ଦୀର୍ଘବର୍ଷ ହେବ ଏହି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନ ଥିବା ବେଳେ ସ୍କୁଲ ପରିସର ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇପଡ଼ିଛି। ସ୍କୁଲ ପରିସର ସଫେଇ କରା ନ ଯିବାରୁ ସରୀସୃପ ବିଚରଣ କରୁଥିବା ଆଶଙ୍କା କରି ଅନେକ ଅଭିଭାବକ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଏନେଇ ଉକ୍ତ ଅଞ୍ଚଳର ଜିତେନ୍ଦ୍ର ସାହୁ, ଟୁକୁନା ମହାପାତ୍ର, ନିରଞ୍ଜନ ବେହେରା, କାଉନ୍‌ସିଲର ସନ୍ଧ୍ୟାରାଣୀ ଜାନି ପ୍ରମୁଖ ଜଟଣୀ ବ୍ଲକ ଶିକ୍ଷାଧିକାରୀ ରଶ୍ମିବାଳା ପରିଡ଼ାଙ୍କୁ ଭେଟି ଆଲୋଚନା କରିବା ସହ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ଲାଗି ଦାବି କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

# 'ଇତିହାସର ପୁନଃଲିଖନ ନୁହେଁ, ଗଠନ ଜରୁରୀ'

**ଖୋର୍ଦ୍ଧା ଅଫିସ,୨୪।୭**

ସ୍ୱାଧିନତା ସଂଗ୍ରାମର ବହୁ ଅନାଲୋଚିତ ପ୍ରସଙ୍ଗ ଆଜି ମଧ୍ୟ ଲୁପ୍ତ ଅବସ୍ଥାରେ ରହିଛି। ଇତିହାସକୁ ଠିକ୍ ଭାବେ ଲେଖାଯାଇନାହିଁ। ବିକୃତ ଇତିହାସର ସଂଶୋଧନ ଜରୁରୀ। ଇତିହାର ପୁନଃଲିଖନ ନୁହେଁ ବରଂ ଗଠନ ଜରୁରୀ। ଭାରତୀୟ ପ୍ରାଚୀନ ସଂସ୍କୃତି, ପରମ୍ପରା, ସଭ୍ୟତାର ଉଜ୍ଜୀବିତ କରିବାକୁ ପଡ଼ିବ। ବିଶ୍ୱକୁ ଭାରତର ଅବଦାନ ଅତୁଳନୀୟ। ବେଦ, ଉପନିଷେଦ, ମହାକାବ୍ୟ, ପୁରାଣଶାସ୍ତ୍ର ଅତି ଉଚ୍ଚକୋଟୀର। ଏଣୁ ଭାରତକୁ ବିଶ୍ୱର ଗୁରୁ ବୋଲି ଆଖ୍ୟା ଦିଆଯାଇଛି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ବୈଶିଷ୍ଟ୍ୟ ବୋଲି ଆଜାଦି କା ଅମୃତ ମହୋତ୍ସବ ସଞ୍ଚାଳନ ସମିତି ଖୋର୍ଦ୍ଧା ଜିଲା ପକ୍ଷରୁ ଅମୃତ ମହୋତ୍ସବ ପାଳନ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଐତିହାସିକ ପ୍ରଫେସର ନାରାୟଣ ରାଓ ଏହା କହିଛନ୍ତି।

ସଞ୍ଚାଳନ ସମିତିର ସଂଯୋଜକ ସୁଶାନ୍ତ କୁମାର ପରିଡ଼ାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଫେସର ରାଓ କହିଲେ ଯେ, ସ୍ୱାମୀ ବିବେକାନନ୍ଦ କହିଥିଲେ ଭାରତ ହେଉଛି ଏକ ତୀର୍ଥକ୍ଷେତ୍ର। ଏହାର କୋଣ ଅଣୁକୋଣରେ ସଂସ୍କୃତି, ପରମ୍ପରା, ଐତିହ୍ୟର ପଦଚିହ୍ନ ରହିଛି। ଭାରତବର୍ଷର ଗୌରବମୟ ଇତିହାସ ରହିଛି। ସବୁ କ୍ଷେତ୍ରରେ ଭାରତ ଉତ୍କର୍ଷତା ଲାଭ କରିଥିଲା। ବ୍ରିଟିଶ ସରକାର ସାମରିକ ଶାସନ ବଳରେ ଷଡ଼ଯନ୍ତ୍ର ରଚି ଏହାର ସଂସ୍କୃତି, ପରମ୍ପରାକୁ ନଷ୍ଟ କରିଥିଲେ। ୧୮୧୭ର ପାଇକ ସଂଗ୍ରାମ ଜାତୀୟତାବୋଧର ପ୍ରମାଣ ଦିଏ। ସେହିପରି ସିପାହୀ ବିଦ୍ରୋହ, ବଙ୍ଗଭଙ୍ଗ, ସ୍ୱଦେଶୀ ଆନ୍ଦୋଳନ ପ୍ରଭୃତି ଭାରତୀୟଙ୍କ ମଧ୍ୟରେ ନବଜାଗରଣ ସୃଷ୍ଟି କରିଥିଲା। ଓଡ଼ିଶାରେ ଘୁମୁସର ବିଦ୍ରୋହ ଓ ପାଇକ ବିଦ୍ରୋହ ପ୍ରଭୃତି ହୋଇଥିବାବେଳେ ଚକରା ବିଷୋୟୀ, ଦେହରା ବିଶୋଇ, ବିର୍ସା ମୁଣ୍ଡା, ସୁରେନ୍ଦ୍ର ସାଏ ପ୍ରମୁଖଙ୍କ ବଳିଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସ୍ୱାଧିନତା ଆନ୍ଦୋଳନର ବହୁ ପ୍ରସଙ୍ଗ ଲୋକଲୋଚନକୁ ଆସିପାରିନାହିଁ। ସେସବୁ ଲୋକଲୋଚନକୁ ଆଣିବା ପାଇଁ ଯୁବସମାଜ ଆଗେଇ ଆସିବା ଦରକାର ବୋଲି ପ୍ରଫେସର ରାଓ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ର ବିଭାଗ କାର୍ଯ୍ୟବାହ ବେଲେଶ୍ୱର ସାହୁ, ବିଭାଗ ପ୍ରଚାରକ ଅସିତ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ଗବେଷକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଅଗଷ୍ଟ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହେବ। ପ୍ରତି ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ ସହ ରାଷ୍ଟ୍ରଗାନ ଲାଗି ସଚେତନ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଦେଶପ୍ରେମ ଭିତ୍ତିକ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଆୟୋଜନ ହେବ। ସ୍ୱାଧିନତା ଆନ୍ଦୋଳନର ବିଭିନ୍ନ ପ୍ରସଙ୍ଗ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ, ଆଲୋଚନାଚକ୍ର, ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା, ତ୍ରିରଙ୍ଗା ଯାତ୍ରା, ଚାରାରୋପଣ, ଶହୀଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ପ୍ରଭୃତି କାର୍ଯ୍ୟକ୍ରମ କରାଯିବ।

## ସଂକ୍ଷେପରେ

### ଜେଏମ୍ଏଫ୍‌ସି କୋର୍ଟ ନିର୍ମାଣ ପାଇଁ ବୈଠକ

ଡେଲାଙ୍ଗ,୨୪।୭(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକରେ ଜେଏମ୍ଏଫ୍‌ସି କୋର୍ଟ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ ପାଇଁ ରବିବାର ଅରିସଲ କଲ୍ୟାଣ ମଣ୍ଡପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବାସନ୍ତୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବୈରାଗୀ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ଅଶୋକ ପ୍ରଧାନ, ଆଇନଜୀବୀ ଅନିଲ ଦଳେଇ, ରାଜକିଶୋର ସ୍ୱାଇଁ ପ୍ରମୁଖଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ଓକିଲ ଉପସ୍ଥିତ ଥିଲେ। ପୂର୍ବରୁ ବ୍ଲକରେ କୋର୍ଟ ଖୋଲିବା ପାଇଁ ପଞ୍ଚାୟତ ସମିତିରେ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ଅସ୍ଥାୟୀ ଭାବେ କୋର୍ଟ ଖୋଲିବା ପାଇଁ ଓକିଲମାନେ ବିଭିନ୍ନ ପ୍ରସ୍ତାବ ଦେଇଥିବାବେଳେ ସାଇଟ୍ ସିଲେକ୍‌ସନ କମିଟି ଗଠନ ସହ ତୁରନ୍ତ ସ୍ଥାନ ନିରୂପଣ କରି ଜିଲାପାଳଙ୍କୁ ରିପୋର୍ଟ ତଲବ ପାଇଁ ବ୍ଲକ ଅଧକ୍ଷା ସାହୁଙ୍କୁ ନିବେଦନ କରିଥିଲେ। ରେଞ୍ଜ ରାଇସମିଲ, ବେରବୋଇ ସନ୍ନିକଟ ପ୍ରାଣୀଚିକିତ୍ସାଳୟ ଓ ଡେଲାଙ୍ଗ ହାଟ ବଜାର ସନ୍ନିକଟ ଇରିଗେଶନ ଅଫିସ ନିକଟ ଘର ପ୍ରଭୃତି ସ୍ଥାନଗୁଡ଼ିକରେ ଅସ୍ଥାୟୀ କୋର୍ଟ ଭାବେ ଚାଲିବା ପାଇଁ ଓକିଲମାନେ ପ୍ରସ୍ତାବ ରଖିଥିଲେ।

### ଭାରତ ବିକାଶ ପରିଷଦ ପକ୍ଷରୁ ତୁଳସୀ ଚାରାରୋପଣ

ସାକ୍ଷୀଗୋପାଳ,୨୪।୭(ସ୍ୱ.ପ୍ର): ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ପକ୍ଷରୁ ପରିବେଶ ସୁରକ୍ଷା ତଥା ଆଧାତ୍ମିକତା ଦୃଷ୍ଟିରୁ ସାକ୍ଷୀଗୋପାଳ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଆବର୍ଜନା ସଫା କରାଯାଇ ରବିବାର ତୁଳସୀ ଚାରାରୋପଣ କରାଯାଇଛି। ତେବେ ପ୍ରତ୍ୟେକ ବର୍ଷ ଏହି ସଂଗଠନ ବିଭିନ୍ନ ଔଷଧୀୟ ଚାରାରୋପଣ କରିଥାଏ। ତୁଳସୀ ଗଛ ପ୍ରଭୁ ସାକ୍ଷୀଗୋପୀନାଥଙ୍କ ଅତି ପ୍ରିୟ ହେତୁ ଏବଂ ପରିବେଶକୁ ସ୍ୱଚ୍ଛ ରଖୁଥିବାରୁ ଏହି ତୁଳସୀ ଚାରାରୋପଣ କରାଯାଇଥିବା ସଙ୍ଗଠନର ରାଷ୍ଟ୍ରୀୟ ପର୍ଯ୍ୟାବରଣ ସଭ୍ୟ ବସନ୍ତ କୁମାର ମିଶ୍ର ଏବଂ ରାଜ୍ୟ ସଭାପତି ସତ୍ୟବାଦୀ ଦାଶ ପ୍ରକାଶ କରିଛନ୍ତି। ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ନବଘନ ଶତପଥୀ ଏଥିରେ ଯୋଗ ଦେଇଥିବାବେଳେ ଆବାହକ ଆଇନଜୀବୀ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ସଭ୍ୟ ଟିଙ୍କିନା ମିଶ୍ର, ନୀଳକଣ୍ଠ ବାରିକ, ଦୁଃଖୀଶ୍ୟାମ ମଲିକ, ସୁନାକର ପତି, ନୀହାର ରଞ୍ଜନ ସ୍ୱାଇଁ, ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ମାରଣାସ୍ତ୍ର ଦେଖାଇ ବଟି ଆଦାୟ ବଡଭାଇକୁ ବାନ୍ଧିଲା ପୋଲିସ, ସାନଭାଇ ଫେରାର

ଭୁବନେଶ୍ୱର,୨୪।୭(ବ୍ୟୁରୋ) : ଛୁରି ଓ ବନ୍ଧୁକ ଦେଖାଇ ରେଷ୍ଟୁରାଣ୍ଟ ମାଲିକଙ୍କଠାରୁ ଦାଦା ବଟି ମାଗୁଥିଲେ। ଘଟଣାର ୨ ମାସ ପରେ ଭରତପୁର ଥାନା ପୋଲିସ ବଡଭାଇକୁ ଗିରଫ କରିଥିବାବେଳେ ସାନଭାଇ ଏବେ ବି ଫେରାର ଅଛନ୍ତି। ତେବେ ଗିରଫ ବଡ଼ଭାଇ ହେଲେ ଦିଲୀପ କୁମାର ନାୟକ ଓରଫ ଦିଲୁ (୩୨)। ମାମଲା ନଂ.୨୦୦/୨୨ରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଲୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୋଗକାରୀଙ୍କର ଭରତପୁର ଅଞ୍ଚଳରେ ଏକ ଫ୍ୟାମିଲି ରେଷ୍ଟୁରାଣ୍ଟ ରହିଛି। ଅଭିଯୁକ୍ତ ଦୁଇଭାଇ ଦିଲୁ ଓ ନିଲୁ ବିଭିନ୍ନ ସମୟରେ ଉକ୍ତ ରେଷ୍ଟୁରାଣ୍ଟ ମାଲିକଙ୍କଠାରୁ ଛୁରି ଓ ବନ୍ଧୁକ ଦେଖାଇ ୫୦ ହଜାର ଟଙ୍କା ଦାଦାବଟି ନେଇଥିଲେ। ପରେ ନିଲୁ ପୁନର୍ବାର ଉକ୍ତ ରେଷ୍ଟୁରାଣ୍ଟକୁ ଯାଇ ୧ ଲକ୍ଷ ଟଙ୍କା ମାଗିବା ସହ ରାତି ୧୦ଟା ସୁଦ୍ଧା ଦେଇ ଆସିବାକୁ ଚେତାବନୀ ଦେଇଥିଲେ। ଏନେଇ ରେଷ୍ଟୁରାଣ୍ଟ ମାଲିକ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ବଡ଼ଦାଣ୍ଡକୁ ସଙ୍କୁଚିତ କରୁଛି ଜବରଦଖଲ

- ଅପାରଗତା ଲୁଚାଇବାକୁ କାର୍ଯ୍ୟାନୁଷ୍ଠାନ ହେଉନି
- ଜରିମାନା ନାଁରେ ଭଡ଼ା ଦେଉଛନ୍ତି ଦୋକାନୀ



ପୁରୀ ଅଫିସ,୨୪।୭: ଜାତୀୟ ରାଜପଥ ପ୍ରାଧିକରଣ ଆଇନ ପୁରୀ ବଡ଼ଦାଣ୍ଡରେ ଲାଗୁ ହେଉନାହିଁ। ବଡ଼ଦାଣ୍ଡ ୩୧୬ ନମ୍ବର ଜାତୀୟ ରାଜପଥ ଭାବେ ମାନ୍ୟତାପ୍ରାପ୍ତ। ଜାତୀୟ ରାଜପଥ ଆଇନକାନୁନ ଅନୁଯାୟୀ ରାଜପଥ ଅବରୋଧ କରାଯାଇପାରିବ ନାହିଁ। ବିଗତ ଦିନରେ ସୁପ୍ରିମକୋର୍ଟ ନିଜ ରାୟରେ ମଧ୍ୟ ଏହି କଥା ଦୋହରାଇଥିଲେ। ରାଜପଥ ଅବରୋଧ କରାଯାଇ ବ୍ୟବସାୟିକ ପ୍ରତିଷ୍ଠାନ କରାଯାଇପାରିବ ନାହିଁ। ତେବେ ଏଭଳି ଆଇନକୁ ଦୀର୍ଘ ବର୍ଷ ଧରି ଉଭୟ ଦୋକାନୀ ଓ ପ୍ରଶାସନ ଉଲ୍ଲଂଘନ କରି ଆସୁଛନ୍ତି। ବଡ଼ଦାଣ୍ଡ ଉପରେ ବଡ଼ଶଙ୍ଖ ବଜାରର ଗୋଟିଏ ଭାଗକୁ ଭେଣ୍ଡିଂ ଜୋନ୍‌ରେ ପରିଣତ କରାଯାଇଛି। ପ୍ରଶାସନ ସେଠାରୁ ମାସିକିଆ ଭଡ଼ା ଆଦାୟ କରିପାରୁ ନ ଥିବାରୁ ଜରିମାନା ଦର୍ଶାଇ ଦୋକାନୀଙ୍କଠାରୁ ପ୍ରାୟ ଦେଢ଼ ହଜାର ଟଙ୍କା ଲେଖାଏ ନେଉଛି। ଅର୍ଥାତ୍ ସରକାରୀ ସ୍ତରରେ ଏଭଳି ଭେଣ୍ଡିଂ ଜୋନ୍‌କୁ ଜବରଦଖଲ ସ୍ଥାନ ଭାବେ ଦର୍ଶାଉଛି। ଅନ୍ୟପକ୍ଷରେ ଦୋକାନୀଙ୍କଠାରୁ ଅର୍ଥ ନେଇ ଜବରଦଖଲ ଭଳି ବେଆଇନ କାର୍ଯ୍ୟକୁ ସମର୍ଥନ କରୁଛି। ତେବେ ବଡ଼ଶଙ୍ଖରେ ଭେଣ୍ଡିଂ ଜୋନ୍ ହେବା ଫଳରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ବଡ଼ଦାଣ୍ଡ ସଙ୍କୁଚିତ ହେବ ସହ ଟ୍ରାଫିକ ସମସ୍ୟା ଉପୁଜୁଛି। ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଅନେକ ଦୋକାନୀ ପସରା ମେଲାଉଛନ୍ତି। ତନ୍ମଧ୍ୟରୁ ଅଧିକାଂଶ ଉଠାବେପାରୀ। ସଂପୃକ୍ତ ବେପାରୀଙ୍କଠାରୁ ପ୍ରଶାସନ ଟିକସ ନେଉଛି। ବଡ଼ଦାଣ୍ଡ ଉପରେ ସ୍ଥାୟୀ ଦୋକାନ ସମସ୍ୟା ବଢ଼ାଇଛି। ପ୍ରଶାସନ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ପରୋକ୍ଷରେ ଭେଣ୍ଡିଂ ଜୋନ କରିଛି। ଜବରଦଖଲ ଭିତରେ ବଡ଼ଦାଣ୍ଡ ଲୁଚିଯାଉଛି। ବଡ଼ଦାଣ୍ଡ ସଂଲଗ୍ନ ଘରମାଲିକମାନେ ପ୍ରଶାସନ ନିକଟରେ ଯେତେ ନେହୁରା ହେଲେ ମଧ୍ୟ ଘର ଆଗରେ ଯାତାୟାତ କରିବାକୁ ରାସ୍ତା ଛଡ଼ାଯାଉନାହିଁ। ଏ ସମ୍ପର୍କରେ ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି, ବଡ଼ଦାଣ୍ଡକୁ ଜବରଦଖଲ ମୁକ୍ତ କରିବା ଦାୟିତ୍ୱ ପ୍ରଶାସନର ପ୍ରାଥମିକତା ହେବା ଦରକାର। ପୁରୀରେ ମାଲମାଲ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ବେଳେ ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ ଦିଗରେ ସରକାର କାହିଁକି ଧ୍ୟାନ ଦେଉନାହାନ୍ତି, ତାହା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଏ ନେଇ ପୁରୀ ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଭେଣ୍ଡି ଜୋନ୍‌ରେ ଥିବା ଦୋକାନୀମାନେ ୪୦ରୁ ୪୫ ବର୍ଷ ହେବ ଦୋକାନ କଲେଣି। ସେମାନଙ୍କୁ ଦୋକାନ ଉଠାଇବାକୁ କହିଲେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟ ବଡ଼ଦାଣ୍ଡ ଉପରୁ ଜବରଦଖଲ ପାଇଁ ହଟାଇବାକୁ କହୁଛନ୍ତି, ମାତ୍ର ସର୍ତ୍ତ ରଖୁଛନ୍ତି ଯେ, ଦୋକାନୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ। ତେବେ ପ୍ରଶାସନ ପାଖରେ ଭେଣ୍ଡିଂ ଜୋନ୍ ପାଇଁ ବିକଳ୍ପ ବ୍ୟବସ୍ଥା ଏପର୍ଯ୍ୟନ୍ତ ନାହିଁ। ତେଣୁ ବାଧ ହୋଇ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ବଡ଼ଦାଣ୍ଡ ବିକାଶ ପ୍ରକଳ୍ପ ଅଧୀନରେ ଏହି ଦୋକାନୀମାନଙ୍କୁ ସାମିଲ କରାଯିବା ନେଇ ଏକ ଯୋଜନା ରହିଛି। ଯାହା ଆଧାରରେ ବିକଳ୍ପ ବ୍ୟବସ୍ଥା ଲାଗି ଯୋଜନା ଚାଲୁଛି। ତେବେ ଏହାର ରୂପରେଖ କେବେ ସ୍ପଷ୍ଟ ହେବ ଓ କାର୍ଯ୍ୟକ୍ଷମ ହେବ ସେନେଇ ଏବେଠୁ କହିବା ମୁସ୍କିଲ।

# ରାସ୍ତାରେ ୮ ଫୁଟ ଲମ୍ବର ଖାଲ



ଗୋପ,୨୪।୭(ଡି.ଏନ୍.ଏ.): କୋଣାର୍କ – ଗୋପ ମୁଖ୍ୟ ରାସ୍ତାର ଗୋପ ବଜାର ଛକ ନିକଟରେ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେବ ୮ ଫୁଟ ଲମ୍ବର ଗୋଟିଏ ଖାଲ ସହ ଛୋଟ ବଡ଼ ଖାଲଖମା ହୋଇଯାଇଛି। ପାଣି ପାଇପ ପଡିବା ପରେ ରାସ୍ତାର ଏପରି ଅବସ୍ଥା ସୃଷ୍ଟି ହୋଇଛି। ଜଳ ପରିମଳ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶ ଠିକାଦାର ଶୁଣୁ ନ ଥିବା ଜଣାପଡିଛି। ଏପରି ଅଭିଯୋଗ ପାଇବା ପରେ ପୁରୀ ଜିଲାପାଳ ସମର୍ଥ ବର୍ମା ବିଭାଗୀୟ ଯନ୍ତ୍ରୀଙ୍କୁ ତୁରନ୍ତ ଖାଲଗୁଡ଼ିକୁ ପୋତିବା ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଦୈନନ୍ଦିନ ଏହି ରାସ୍ତାରେ ଶହଶହ ପର୍ଯ୍ୟଟକଙ୍କ ଗାଡ଼ି ସହିତ ଯାତ୍ରୀବାହୀ ବସ୍ ଯିବାଆସିବା କରୁଥିବାବେଳେ ଖାଲଖମା ଯୋଗୁ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ଥାନୀୟ ଲୋକମାନେ ବାରମ୍ବାର ଗୋପ ପୂର୍ତ୍ତ ବିଭାଗ, କୋଣାର୍କ ଜଳପରିମଳ ବିଭାଗ ସହିତ ଗଣଶିକ୍ଷାମନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଅପରପକ୍ଷେ ବର୍ଷା ପାଣି କେତେକ ଖାଲ ଖମାରେ ରହିଥିବାରୁ ସ୍କୁଲ, କଲେଜ ଛାତ୍ରୀଛାତ୍ର ଏହି ଖାଲରେ ପଡିବା ସହ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

# 'ସମାଜର ସେବା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ'

ପୁରୀ ଅଫିସ, ୨୪।୭: ବିଜୁଜନତା ଦଳର ୨୫ବର୍ଷ ପୂର୍ତ୍ତିଅବସରରେ ରବିବାର ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ବିଜେଡି ପୁରୀ ଶାଖା ପକ୍ଷରୁ ରକ୍ତଦାନ ଶିବିର ସହ ଅଙ୍ଗଦାନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଜୀବନବିନ୍ଦୁ' ଏବଂ 'ଓଡ଼ିଶା ମୋ ପରିବାର'ର ଯୁଗ୍ମସମ୍ପାଦକ ଷ୍ଟାଲିନ୍ ପରିଜାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ। କେବଳ କ୍ଷମତା ନୁହେଁ ସାଧାରଣ ମଣିଷ ଓ ସମାଜର ସେବା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ରାଜନୈତିକ ଦଳ ସହ ସେବାକୁ ସଂଯୁକ୍ତ କରାଇବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଏମ୍‌ପି ତଥା କବି ପ୍ରସନ୍ନ ପାଟଶାଣୀ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ସମାଜିକ କର୍ମୀ ବଦ୍ରି ମିଶ୍ର, ଜିଲା ବ୍ଲଡ ବ୍ୟାଙ୍କ ଅଧିକାରୀ ବିନୟ ଭୂଷଣ ସାହୁ, ପୂର୍ବତନ ପୌରସଦସ୍ୟ ତଥା ଦଳର ଜିଲା ଉପସଭାପତି ଭକ୍ତ ଚରଣ ଦାସ, ବିନୋଦିନୀ ଦାସ, ଭଗବାନ ପଡିହାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପେକ୍ଷୀରେ ମହାବିଦ୍ୟାଳୟ ପରିସରରେ ୨୫ଟି ଚାରା ରୋପଣ କରାଯାଇଥିଲା। ୨୫ଜଣ ଯୁବ ଓ ମହିଳା କର୍ମୀ ଶରୀର ଏବଂ ଅଙ୍ଗଦାନ ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେହିପରି ରକ୍ତଦାନ ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଙ୍ଗଦାନ ଓ ଶରୀରଦାନ ପାଇଁ ପଞ୍ଜୀକୃତ ଲାଗି ପ୍ରାକ୍ତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପ୍ରାକ୍ତନ ପୌରାଧକ୍ଷା ଶାନ୍ତିଲତା ପ୍ରଧାନ, ପୁରୀ ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜଙ୍କ ସମେତ ୨୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦେବେନ୍ଦ୍ର ସୁବୁଦ୍ଧି, ବିଶ୍ୱରଞ୍ଜନ ମହାନ୍ତି, ଭାରତୀ ମହାପାତ୍ର, ଅନୀଲ ନାୟକ, ଗଣେଶ ବେହେରା, ସୌମ୍ୟ ନାୟକ, ସାଗର ପାତ୍ର, ରମେଶ ବେହେରା, ଶୁଭାଶିଷ ମହାନ୍ତି, ସନ୍ତୋଷୀ ମହାନ୍ତି, ମଧଚସ୍ମିତା ଷେଣ୍ଡ, ଦୁର୍ଗା ଶଙ୍କର ସିଂହ, ଜଗନ୍ନାଥ ଚିହ୍ନରା, ପ୍ରତୀକ ଭଟ୍ଟ ଏବଂ ସନ୍ତୋଷ ପେଷ୍ଟୋଇ ପ୍ରମୁଖ ସହଯୋଗ କରିଥିଲେ।




ସାକ୍ଷୀଗୋପାଳସ୍ଥିତ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀରେ ଅତିଥି ଏବଂ କର୍ମକର୍ତ୍ତାମାନେ ।

# ଶିକ୍ଷକ, ଶିକ୍ଷାୟତନ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳମନ୍ତ୍ର

**ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ**

ସାକ୍ଷୀଗୋପାଳ,୨୪।୭(ଡି.ଏନ୍.ଏ.): ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଙ୍ଘ ପକ୍ଷରୁ ସ୍ଥାନୀୟ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଜିଲାସ୍ତରୀୟ ଆଲୋଚନା ଚକ୍ର ଓ ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ 'ସାମ୍ପ୍ରତିକ ସ୍ଥିତିରେ ପ୍ରାଥମିକ ଶିକ୍ଷା' ଶୀର୍ଷକ ଆଲୋଚନା କରାଯାଇଥିଲା। ସତ୍ୟବାଦୀ ଶିକ୍ଷକ ସଂଘ ସଭାପତି ଅଜୟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ମୁଖ୍ୟବକ୍ତା ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଉପସଭାପତି ପ୍ରଦୀପ ପ୍ରଧାନ ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନତା ମଧ୍ୟରେ ଏକତା, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳମନ୍ତ୍ର ତଥା ସଂଗଠନର ବୈଶିଷ୍ଟ୍ୟ। ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଚିରସ୍ଥାୟୀ, ପୁରାତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ, ବିଜୁ ସ୍ୱାସ୍ଥ୍ୟକାର୍ଡରେ ଶିକ୍ଷକଙ୍କ ସଂଯୋଗୀକରଣ ଆଦି ଏହି ଆଲୋଚନାଚକ୍ରରେ ଦାବି ହୋଇଥିଲା। ମୁଖ୍ୟ ଅତିଥି ପଣ୍ଡା ପରିବେଶକୁ ନେଇ ଶିକ୍ଷା ପରିସ୍ଥିତି ସୃଷ୍ଟି, ଗୁରୁ–ଶିଷ୍ୟର ଦୃଢ଼ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରି ସରକାରୀ ବିଦ୍ୟାଳୟ ପାଇଁ ମାନସିକତା ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଜେନା ଘରୋଇ ଶିକ୍ଷା ବ୍ୟବସ୍ଥାରୁ ଘରୋଇକରଣ ହଟାଇବା ପାଇଁ ପ୍ରଥମେ ଶିକ୍ଷକ ସମାଜ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବା ଉଚିତ୍ ବୋଲି କହିଥିଲେ। ବ୍ଲକସ୍ତରୀୟ ଶିକ୍ଷକ ସଙ୍ଘର ସଭାପତି ପ୍ରତାପ କେଶରୀ ଛୋଟରାୟ, ଖଗେଶ୍ୱର ଜେନା, ଶରତ ସେଠୀ, ମକସୁଦ ସେକ୍ ହୁସେନ, ନୃସିଂହ ଚରଣ ତ୍ରିପାଠୀ, ଅଜୟ ପ୍ରଧାନ ପ୍ରମୁଖ ଶିକ୍ଷକଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଶିକ୍ଷକ ସୁମନ୍ତ ପାଲ, ସରୋଜ ବେହେରା, ଲୋଭାମଣି ପ୍ରଧାନ ଓ ପ୍ରକାଶ ସେଠୀ ପ୍ରମୁଖଙ୍କ ସହିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ସୁନୀଲ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିମ୍‌ନାଷ୍ଟିକ୍ ନ୍ୟାଶନାଲ ଜଜେସ୍ କୋର୍ସ ପ୍ରଶିକ୍ଷଣ ଉଦ୍‌ଯାପିତ

ପୁରୀ ଅଫିସ, ୨୪।୭: ଜିମ୍‌ନାଷ୍ଟିକ୍ ଫେଡେରେଶନ୍ ଇଣ୍ଡିଆ ତରଫରୁ ଓଡ଼ିଶା ଜିମ୍‌ନାଷ୍ଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୧୫ତମ ଇଷ୍ଟର୍ନ ଜୋନ ଜିମ୍‌ନାଷ୍ଟିକ୍ ନ୍ୟାଶନାଲ ଜଜେସ୍ କୋର୍ସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଯୋଗଦେଇ ଖେଳରେ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଚାରିଦିନିଆ ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୧୦୦ ଜଣ ଜିମ୍ନାଷ୍ଟିକ୍ କୋଚ୍ ଯୋଗଦେଇଥିଲେ। ମହାରାଷ୍ଟ୍ରରୁ ଆସିଥିବା ପାବନ ଭୋଏଁର, ପ୍ରବୀନ୍ ଧାଗେ ଏବଂ ପଶ୍ଚିମବଙ୍ଗରୁ ଆସିଥିବା ଅରୁନ୍ଧତୀ ରୟ କୋର୍ସରେ ଟିଚିଂ ଏକ୍ସପର୍ଟ ଭାବେ ଯୋଗଦେଇଥିଲେ। ସେହିପରି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ୍‌ର ଉପସଭାପତି ଦ୍ୱାରିକାନାଥ ମିଶ୍ର, ସମ୍ପାଦକ ଅଶୋକ କୁମାର ସାହୁ ଏବଂ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଯୋଗଦେଇଥିଲେ। ଜିଲା ସ୍କୁଲ ଜିମ୍ନାଷ୍ଟିକ ଆସୋସିଏଶନ୍‌ର କୋଚ୍ ରଞ୍ଜନ ରେଡ୍ଡୀ, ପିଇଟି ଗୋପାଳ ଚନ୍ଦ୍ର ପରିଡ଼ା, ଶିକ୍ଷକ ବିଦ୍ୟାଧର ମିଶ୍ର ଏବଂ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# 'ପ୍ରଶାସନ–ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା'

**କଂଗ୍ରେସ ନେତା ଆଣିଲେ ଅଭିଯୋଗ**

ପୁରୀ ଅଫିସ, ୨୪।୭: ପୁରୀ ଜିଲା ପ୍ରଶାସନ ଏବଂ ବାଲି ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି ବୋଲି କଂଗ୍ରେସର ଯୁବନେତା ଆଲୋକ କୁମାର ଦାଶ ଅଭିଯୋଗ ଆଣିଛନ୍ତି। ଦାସ କହିଛନ୍ତି, ପୁରୀରେ ଏବେ ଅନେକ ବିକାଶମୂଳକ କାର୍ଯ୍ୟ ଚାଲିଛି। ଶ୍ରୀସେତୁଠାରୁ ଆରମ୍ଭ କରି ୩ଟି ମାର୍କେଟ କମ୍ପ୍ଲେକ୍ସ ଓ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଜାରି ରହିଛି। ସବୁ କାର୍ଯ୍ୟରେ ଗୋଡ଼ି, ବାଲି, ପଥର ଆବଶ୍ୟକ ହେଉଛି। ମାତ୍ର ତହସିଲ ଓ ପୁରୀର ଖଣିଜ ପାଣ୍ଠି ଖାଲି ପଡ଼ିଛି। ବାଲି ଉଠାଇବା ପାଇଁ ୱାଇ ଫର୍ମ ସହ ତହସିଲଠାରୁ ରୟାଲ୍ଟି କାଟିବା ଦରକାର। ସେ ସବୁରେ ବ୍ୟତିକ୍ରମ ଦେଖାଯାଉଛି। ଯାହାଦ୍ୱାରା ବାଲି, ଗୋଡ଼ି ଓ ପଥର ମାଫିଆଙ୍କ ରାଜୁତି ଚାଲିଛି। ଗୋଟିଏ ଗାଡ଼ିର ରୟାଲ୍ଟି କାଟି ୧୦ଟି ଗାଡ଼ିର ରୟାଲ୍ଟି ରୋଜଗାର କରୁଛନ୍ତି। ପୁରୀର ଅନେକ ସ୍ଥାନରୁ ଏବେ ମାଟି ଓ ବାଲି ଚୋରା ଚାଲାଣ ଚାଲିଛି। ଗତ ୨୧ ଓ ୨୨ତାରିଖରେ ସତ୍ୟବାଦୀ ଥାନା ପକ୍ଷରୁ ବାଲି ଓଭରଲୋଡ ଟ୍ରକ ଧରା ହୋଇଥିଲା। ପ୍ରତିଦିନ ବେଆଇନ ଭାବେ ମୋରମ, ବାଲି, ଗୋଡି, ଇଟା ଗାଡ଼ି ପୁରୀ ଆସୁଛି, କିନ୍ତୁ ତହସିଲ ପକ୍ଷରୁ ରୟାଲ୍ଟି କଟାଯାଉନି। ସରକାର ରାଜସ୍ୱ ହରାଉଥିବାବେଳେ ମାଫିଆମାନେ ମାଲାମାଲ ହେଉଛନ୍ତି। ଏହି କାର୍ଯ୍ୟରେ କେତେଜଣ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ରହୁଛନ୍ତି। ଏସବୁ ଚୋରା ଚାଲାଣ ବିରୋଧରେ ଆଗାମୀ ଦିନରେ ଯୁବ ଓ ଛାତ୍ର କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ଦାସ ପ୍ରକାଶ କରିଛନ୍ତି।

# ସିପିଆଇର ଜିଲା ସମ୍ମିଳନୀ ଉଦ୍‌ଯାପିତ



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ।

ନିମାପଡ଼ା,୨୪।୭(ଡି.ଏନ୍.ଏ.): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨ ଦିନିଆ ପୁରୀ ଜିଲା ସମ୍ମିଳନୀ ନିମାପଡ଼ା ଟାଉନହଲ୍‌ଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିପିଆଇର ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକ କ୍ଷୀରୋଦ ସିଂଦେଓ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ମହେଶ୍ୱର ରାଉତ, ଦେବେନ୍ଦ୍ର ସାହୁ, ପୁରୀ ଜିଲା ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ଜିଲା ସହ ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ନିମାପଡ଼ା ଜୋନ୍ ସମ୍ପାଦକ ପ୍ରଫୁଲ୍ଲ ସାହୁ, ରାଜ୍ୟ କୃଷକ ସଭାର କାର୍ଯ୍ୟକାରୀ ସଭାପତି ସନାତନ ପାତ୍ର, ବାମନ ଚରଣ ନାୟକ ପ୍ରମୁଖ ଅତିଥି ଯୋଗଦେଇଥିଲେ। ପାର୍ଟିର ଅଭିବୃଦ୍ଧି, ପାର୍ଟିକୁ ଅଧିକ ମଜଭୁତ୍ ଓ କ୍ରିୟାଶୀଳ କରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ବୟୋଜ୍ୟେଷ୍ଠ ବରିଷ୍ଠ କମ୍ୟୁନିଷ୍ଟ ନେତା ଗନ୍ଧର୍ବ ସେନ ଦାସ, ଭଗବତ ଚରଣ ନାୟକ, ନରେନ୍ଦ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର କାଣ୍ଡି, ରଘୁନାଥ ସେଠୀ, ଜଗନ୍ନେଶ୍ୱର ସ୍ୱାଇଁ, ସରପଞ୍ଚ ପ୍ରଭାତୀ ରାଉତ, ମଧୁସ୍ମିତା କାଣ୍ଡି ପ୍ରମୁଖ ୮ଜଣଙ୍କୁ ପାର୍ଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଜିଲା ସମ୍ପାଦକ ଭାବେ ପ୍ରଦୀପ୍ତ ମହାନ୍ତି, ସହ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ରାଉତ, କୋଷାଧକ୍ଷ ଭାବେ ଆଇନଜୀବୀ ପ୍ରଫୁଲ୍ଲ ଦାସ ନିର୍ବାଚିତ ହୋଇଥିଲେ। ସେହିପରି ଏକ ୨୫ ଜଣିଆ ଜିଲା ପରିଷଦ କମିଟି ଓ ୧୩ ଜଣିଆ ଜିଲା କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା। ସନାତନ ପାତ୍ର, ସୁରେଶ ବିଶ୍ୱାଳ, ପୁଷ୍ପଲତା ପଲେଇ ପ୍ରମୁଖ ୩ ଜଣିଆ ସଭାପତି ମଣ୍ଡଳୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମ୍ମିଳନୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଗୃହୀତ ହୋଇଥିଲା।

# ସିଂହସ୍ଥାନ ମଧୁବୈଶ୍ୟ ସମିତି ପକ୍ଷରୁ ପ୍ରସାଦ ବଣ୍ଟନ



ବୋଲ୍‌ବମ୍ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଉଛି ।

ପୁରୀ ଅଫିସ, ୨୪।୭: ସିଂହସ୍ଥାନ ମଧୁବୈଶ୍ୟ ସମିତି ପକ୍ଷରୁ ଶ୍ରୀଲୋକନାଥ ଦେବଙ୍କ ନିକଟରେ ଦ୍ୱିତୀୟ ସୋମବାର ଜଳ ଲାଗି କରିବାକୁ ଆସିଥିବା ସମସ୍ତ ବୋଲବମ୍ ଭକ୍ତଙ୍କୁ ରବିବାର ମାଗଣାରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଛି। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଶିବ ସ୍ତୁତି ଓ ଭଜନ ପ୍ରସାରଣ ଏବଂ ଭକ୍ତଙ୍କ ପ୍ରାଥମିକ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମର ପୁରୋଧା ଶ୍ରଦ୍ଧାକର ସାହୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ସମିତିର ସଭାପତି ବିମଳ ପ୍ରସାଦ ସାହୁ, ସମ୍ପାଦକ ଲୋକନାଥ ସାହୁ, ଉପଦେଷ୍ଟା ନବ କିଶୋର ସାହୁ, ଭୀମସେନ୍ ସାହୁ, ବିମଳ କୁମାର ସାହୁ, ରାଜେଶ କୁମାର ସାହୁ ଏବଂ ଅର୍ଜୁନ ସାହୁଙ୍କ ସମେତ ସମିତିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ଘରେ ହେବ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ଭାଜପା ୪ର୍ଥ କାର୍ଯ୍ୟକାରିଣୀ ବୈଠକ**

ନିମାପଡ଼ା/ଗୋପ,୨୪।୭(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଭାଜପା ଧନୁଆଁ ମଣ୍ଡଳର ୪ର୍ଥ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଅନ୍ଥୁଆର କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଯତିନ୍ଦ୍ର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଯୋଗଦେଇ ସମସ୍ତ ବୁଥରେ ଦଳର ନୂତନ କମିଟି ଗଠନ କରାଯିବା, ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ୍ ଏବଂ କ୍ରିୟାଶୀଳ କରାଯିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଖସଡ଼ା ପ୍ରସ୍ତୁତ କରିଥିଲେ। ବୈଠକରେ ମଣ୍ଡଳ ସାଧାରଣ ସମ୍ପାଦକ ରଞ୍ଜନ ଭୋଇ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ ଏବଂ ବରିଷ୍ଠ ନେତା ବିଜୟ ପଣ୍ଡା ସଂକଳନ କରିଥିଲେ। ଆସନ୍ତା ଅଗଷ୍ଟ ୧୧ରୁ ୧୫ ତାରିଖ ମଧ୍ୟରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସମସ୍ତେ ସାମିଲ ହେବାକୁ ସାଧାରଣ ଲୋକଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ମଣ୍ଡଳର ଉପସଭାପତି ଦିଲ୍ଲୀପ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ଥୁଆର ସଭାପତି ସନ୍ତୋଷ କୁମାର ପ୍ରଧାନ ଅତିଥି କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ଅନ୍ଥୁଆର ସରପଞ୍ଚ ମାନସୀ ସେଠୀ, ହରମୋହନ ସାମନ୍ତରାୟ, ସମିତି ସଭ୍ୟ ସବିତା ମଲ୍ଲିକ, ଅଜୟ ବେହେରା, ସୁମନ୍ତ ସ୍ୱାଇଁ, ଧନଞ୍ଜୟ ମହାପାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା କର୍ମକର୍ତ୍ତା ।

ଏଥିରେ ୧୩ଦଫା ସମ୍ମିଳିତ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା।

ସେହିପରି ଗୋପ ଗଣେଶ୍ୱରପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ମଞ୍ଚନାଥ ମଣ୍ଡଳର ୪ର୍ଥ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ସବୁବେଳେ ଓ ସବୁ ସମୟରେ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ସହିତ ଅଛି ବୋଲି ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ସୂଚନା ଦେଇଥିଲେ। ମଣ୍ଡଳ ସଭାପତି ରାଜକିଶୋର ନାୟକଙ୍କ ସଭାପତିତ୍ୱରେ ମଣ୍ଡଳ ସାଧାରଣ ସମ୍ପାଦକ ଆଲୋକ ବେହେରା ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ ଏବଂ ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ସ୍ୱାଇଁ ଏହାର ସଂକଳନ କରିଥିଲେ। ବୈଠକରେ ରାଜକିଶୋର ନାଥ, ଯଶୋବନ୍ତ ମିଶ୍ର, ଗନ୍ଧର୍ବ ଭୋଇ, ବ୍ରଜବନ୍ଧୁ ବରାଳ, ଦୁର୍ଯ୍ୟୋଧନ ସାହୁ, ବଣିଆସାହି ସରପଞ୍ଚ ସନ୍ତୋଷ ବରାଳ, ମଧୁସୂଦନ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ମେଧା ପ୍ରତିଭା ସମ୍ମାନ ସମାରୋହ

ଫୁଲନଖରା,(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା’ ଧାକୁଲେଇଙ୍କ ପୀଠରେ ମେଧା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡ. ଶରତ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, ପ୍ରତାପ ନଗରୀ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ଅଶୋକ ସାହୁ ,କରୁଣାକର ନାୟକ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଫୁଲନଖରା ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ମନମୁଖି କାର୍ଯ୍ୟକୁ ବିରୋଧ

ଚୌଦ୍ୱାର,୨୪।୭(ଡି.ଏନ୍.ଏ.): ଚୌଦ୍ୱାର ଅଞ୍ଚଳରେ ଏକ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ମନୋମୁଖି କାର୍ଯ୍ୟକୁ ମହିଳାମାନେ ବିରୋଧ କରିଛନ୍ତି। ଚୌଦ୍ୱାର ପୌରପାଳିକା ୫ ନମ୍ବର ୱାର୍ଡର କାଉନ୍ସିଲର ସୁଜାତା ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଚୌଦ୍ୱାର ଗ୍ରାମ ପରିକ୍ରମା କରି ଉକ୍ତ ବିଦ୍ୟୁତ୍ ବିତରଣ ସଂସ୍ଥାର ଗ୍ରାହକ ମାରଣ ନୀତି ବିରୋଧରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଉକ୍ତ ସଂସ୍ଥା ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ଅଧିକ ଅର୍ଥ ଆଦାୟ କରିବା, କଥା କଥାକେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା, ବିଦ୍ୟୁତ୍ କର୍ମଚାରୀମାନେ ଘରେ ପଶି ଉପଭୋକ୍ତାଙ୍କୁ ହଇରାଣ କରୁଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଉକ୍ତ ସଂସ୍ଥାକୁ ଏଠାରୁ ହଟାଇବା ପାଇଁ ସେମାନେ ଦାବି କରିଛନ୍ତି। ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ଜୟ ସିଂ, ଅଜିତ୍ କୁମାର ସ୍ୱାଇଁ, ନାରୀନେତ୍ରୀ ମୋନାଲିସା ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଶିବିରରୁ ୨୦୯ ୟୁନିଟ୍ ରକ୍ତ ସଂଗ୍ରହ

ଖୁଣ୍ଟୁଣୀ,୨୪।୭(ଡି.ଏନ୍.ଏ.): ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ମୋ ପରିବାର ପକ୍ଷରୁ ଆଠଗଡ ନିର୍ବାଚନମଣ୍ଡଳୀର ମଙ୍ଗେଶ୍ୱର ଓ ଗୁରୁଡ଼ିଝାଟିଆଠାରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମଙ୍ଗେଶ୍ୱର ପଞ୍ଚାୟତର ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ଗୁରୁଡିଝାଟିଆ ପଞ୍ଚାୟତ ଗୃହରେ ଆୟୋଜିତ ଶିବିରରେ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଦୁଇଟି ଶିବିରରେ କଟକ ଜିଲା ଉପସଭାପତି ନୃସିଂହ ମହାପାତ୍ର, ବିଜେଡି ବ୍ଲକ ସଭାପତି ରବୀନ୍ଦ୍ରନାଥ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### କୋରାନ ସପ୍ତାହ ଉଦ୍‌ଯାପିତ

ଟିଗିରିଆ,୨୪। ୭(ଡି.ଏନ.ଏ): ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ୍ ଅହମଦିୟା ପଙ୍କାଳ ଜାମା ମସ୍‌ଜିଦରେ ସପ୍ତାହେ ବ୍ୟାପୀ ଚାଲିଥିବା କୋରାନ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୮ ଜୁଲାଇରୁ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ରୋଶନ ଖାଁ କୋରାନ ଶ୍ଳୋକ ପାଠ କରିଥିଲେ। ମୋଜାଫର ଖାଁ ଉର୍ଦ୍ଦୁ କବିତା ପାଠ କରିଥିଲେ। ଶାବାଜ ଖାଁ ଓଡ଼ିଆ କବିତା ପାଠ କରିଥିଲେ। ମୌଲାନା କରାମତ ଅହମ୍ମଦ, ତୟବ ଅହମ୍ମଦ, ଏସ. କେ. କ୍ୱାଦିର ପ୍ରମୁଖ କୋରାନ ବାଣୀ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ପବିତ୍ର କୋରାନ ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଆଇନଜୀବୀ ଅଟଳ ବିହାରୀ ମହାନ୍ତିଙ୍କ ପରଲୋକ

କଟକ ଅଫିସ,୨୪।୭: ଆଇନଜୀବୀ ଅଟଳ ବିହାରୀ ମହାନ୍ତି(୬୫)ଙ୍କର ପରଲୋକ ହୋଇଯାଇଛି। ହୃଦ୍‌ଘାତ ହେବାରୁ ସେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର



ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, ପୁତ୍ର ଆଇନଜୀବୀ ସିତୁନ ମହାନ୍ତି, ପୁତ୍ରବଧୂ କ୍ରୀଷ୍ଣା ମହାନ୍ତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ ବହୁ ଆଇନଜୀବୀ ପହଞ୍ଚି ମହାନ୍ତିଙ୍କ ଶେଷଦର୍ଶନ କରିଥିଲେ। ଏହାପରେ ମହାନ୍ତିଙ୍କ ମରଶରୀର କଟକ ବାର୍ ଆସୋସିଏଶନକୁ ନିଆଯାଇଥିଲା। ସେଠାରେ ଆସୋସିଏଶନ ସଭାପତି ଗୌତମ ରାଉତ, ସମ୍ପାଦକ ଦିଲ୍ଲୀପ ମହାରଣାଙ୍କ ସମେତ ବହୁ ଆଇନଜୀବୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଣ୍ଟାପଡ଼ା ବ୍ଲକ ଅଧୀନ ଭୋଦଳ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସିତୁନ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ ସମୟରେ ବଡ଼ଭାଇ ବିପିନ ବିହାରୀ ମହାନ୍ତି, ଅଶୋକ କୁମାର ମହାନ୍ତି, ଉମେଶ ଦାସ, ରଞ୍ଜନ କୁମାର ଦାସ, ପୁତୁରା ରଶ୍ମୀରଞ୍ଜନ ମହାନ୍ତି, ମନୋରଞ୍ଜନ ମହାନ୍ତି, ସତ୍ୟଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତରୁ ଗଳୁଛି ପାଣି, ରୋଗୀ ହନ୍ତସନ୍ତ

**ଖୁଣ୍ଟୁଣୀ ସ୍ୱାସ୍ଥ୍ୟକେନ୍ଦ୍ର**

ଖୁଣ୍ଟୁଣୀ,୨୪।୭(ଡି.ଏନ୍.ଏ.)

୫୫ ନମ୍ବର ଜାତୀୟ ରାଜପଥ ଶିଖ୍ରାଞ୍ଚଳ ପାର୍ଶ୍ୱରେ ଥିବା ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନା ଛାତ ଫାଟି ପାଣି ଗଳୁଛି। ଏଥିସହ ଷ୍ଟୋରରୁମ୍ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି ରଡ଼ ପଦାକୁ ଦେଖାଯିବା ସହ କିଛି ସ୍ଥାନ ଦବିଯାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ହେଲେ ଡାକ୍ତରଖାନା ପରିସରରେ ପାଣି ଜମି ଅବସ୍ଥା ଶୋଚନୀୟ ହୋଇପଡୁଛି। ଏହାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରିଟିଶ ଅମଳରୁ ଏହି ଡାକ୍ତରଖାନା ରହିଛି। ୧୯୮୩ ମସିହାରେ ଡାକ୍ତରଖାନାର ଉଭୟ ପାର୍ଶ୍ୱକୁ ଲାଗି ନୂତନ ଶଯ୍ୟା ଗୃହ ନିର୍ମାଣ ହୋଇଥିଲା। ଏହ ଉପରେ ଖୁଣ୍ଟଣୀ-ରମ୍ଭେଇ, କଣ୍ଡରେଇ, ରଧାକିଶୋରପୁର, ଭୋଗରା, କୁଲାଇଲୋ, ଓରନ୍ଦା ଆଦି ପଞ୍ଚାୟତର ଡ଼ାଳଭାଗ, ରାଧାକୃଷ୍ଣପୁର, ଘଣ୍ଟିଖାଲ, ଲୋକମାନେ ନିର୍ଭର କରିଥାନ୍ତି। ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଲେ ଆହତଙ୍କ ଚିକିତ୍ସା ପାଇଁ ଏହି ଡାକ୍ତରଖାନାକୁ ନିଆଯାଇଥାଏ। ହେଲେ ଇତିମଧ୍ୟରେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଡାକ୍ତରଖାନା ଗୃହ ମରାମତି କରାଯାଇନାହିଁ। କାନ୍ଥ ଫାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ହେଲେ ସେଠାରୁ ପାଣି ଗଳୁଛି। ଫଳରେ ଚିକିତ୍ସା ପାଇଁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଏହାର ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ବିଡିଓ ଅରୁଣ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଅବ୍ୟବସ୍ଥା ସମ୍ପର୍କରେ ଅବଗତ ନ ଥିଲି। ସୋମବାର ବ୍ଲକର କନିଷ୍ଠଯନ୍ତ୍ରୀ ସେଠାକାର ସ୍ଥିତି ଯାଞ୍ଚ କରିବା ପରେ ମରାମତି କରାଯିବ।



ଡାକ୍ତରଖାନା କାନ୍ଥ ଫାଟିଯାଇଛି।



କଟକ ତୁଳସୀପୁର ଜେବିଏସ୍ ଗାର୍ଡେନ ପରିସରରେ ଆପ୍ ଔର ହମ୍ ପକ୍ଷରୁ ରବିବାର ଅନୁଷ୍ଠିତ ମହାରୁଦ୍ରାଭିଷେକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

# ଆଜି ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଆଜାଦୀ କା ଅମୃତ ମହୋତ୍ସବ

**ମୁଖ୍ୟ ଅତିଥି ଭାବେ ଯୋଗଦେବେ ମାଳଦ୍ୱୀପ ଶିକ୍ଷା ମନ୍ତ୍ରୀ**

କଟକ ଅଫିସ, ୨୪।୭

ଦେଶର ୭୫ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ କଟକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କ୍ୟାମ୍ପସ ପଡ଼ିଆରେ ସୋମବାର ଅନୁଷ୍ଠିତ ହେବ। ସେଣ୍ଟ ଜାଭିୟର୍ସ ଗ୍ରୁପ୍, କ୍ରିଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ ଓ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନର ମିଳିତ ଉଦ୍ୟମରେ ଏହି ଉତ୍ସବ ପାଳନ କରାଯିବ। ଏଥିରେ କଳାକାରମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଏକ ନାଟକ ‘ନଈ ଫୌଜ’ ପରିବେଷଣ କରିବେ। ଏଥିରେ ମୁଖ୍ୟ ଅତିଥି ଭାବେ ମାଳଦ୍ୱୀପର ଶିକ୍ଷାମନ୍ତ୍ରୀ ଡ. ଅବଦୁଲ୍ଲାହ ରସିଦ୍ ଅହମ୍ମଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଟକ ଓସିଏ କନଫରେନ୍ସ ହଲ୍‌ରେ ସେଣ୍ଟ ଜାଭିୟର୍ସ ଗ୍ରୁପ୍, କ୍ରିଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସେଣ୍ଟ ଜାଭିୟର୍ସ ଗ୍ରୁପ୍‌ର ମହାନିର୍ଦ୍ଦେଶକ ଡ. ଜି.ଏସ୍. ପଟ୍ଟନାୟକ, ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି ଓ କର୍ପୋରେଟ୍ ମୁଖ୍ୟ ସମ୍ୟକ୍ ମହାନ୍ତି, ବଲିଉଡ ନିର୍ଦ୍ଦେଶକ ଜୟନ୍ତ ଦେଶମୁଖ୍ ପ୍ରମୁଖ ଉପସ୍ଥିତ ଥିଲେ।

# ‘କର୍ତ୍ତବ୍ୟ, ଅଧିକାରକୁ ନେଇ ମନୁଷ୍ୟ ବଞ୍ଚିବା ଉଚିତ୍’

**ରାଜ୍ୟସ୍ତରୀୟ ମାନବ ଅଧିକାର ପ୍ରଶିକ୍ଷଣ ଶିବିର**

ମଙ୍ଗୁଳି, ୨୪।୭(ଡି.ଏନ୍.ଏ.)

ଜାତୀୟ ମାନବାଧିକାର ସାମ୍ମୁଖ୍ୟ ସଙ୍ଗଠନ ପକ୍ଷରୁ ଜଗତପୁରସ୍ଥିତ ଜଳସେଚନ ବିଭାଗ ଡାକବଙ୍ଗଳାରେ ରାଜ୍ୟସ୍ତରୀୟ ମାନବ ଅଧିକାର ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବୀରେନ୍ଦ୍ର ଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ସମ୍ମାନିତ ଅତିଥି ଭାବେ ଐତିହାସିକ ଅନିଲ ଧୀର, ଭାଜପା ନେତା ଶ୍ରୀତମ ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଲିଗାଲ୍‌ହେଡ୍‌ର ସଦସ୍ୟା ଶର୍ମିଷ୍ଠା ନନ୍ଦ, ଜାତୀୟ ମାନବାଧିକାର ସାମ୍ମୁଖ୍ୟର ଅଧ୍ୟକ୍ଷ ରମେଶ ଭାରତୀ ପ୍ରମୁଖ ଯୋଗଦେଇ ମାନବାଧିକାର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଜାତୀୟ ମାନବାଧିକାର ସୁରକ୍ଷା କର୍ମୀ ତଥା ପ୍ରବକ୍ତା ଭଜମନ ବିଶ୍ୱାଳ କହିଛନ୍ତି, କର୍ତ୍ତବ୍ୟ, ଅଧିକାରକୁ ନେଇ ମନୁଷ୍ୟ ବଞ୍ଚିବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ସନ୍ଧ୍ୟାରାଣୀ ମହାନ୍ତି, ପଦ୍ମାବତୀ ବେହେରା, ତପନ କୁମାର ପତି ଉପସ୍ଥିତ ଥିଲେ। ରାଜ୍ୟ ସଂଯୋଜିକା ଶୁଭସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ‘ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ କବିଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ’

ବାଙ୍କୀ,୨୪।୭(ସ୍ୱ.ପ୍ର.)

ବାଙ୍କୀ ବିଜେଡି ପକ୍ଷରୁ ବାଙ୍କୀର ବରପୁତ୍ର ସ୍ୱର୍ଗତ କବିଚନ୍ଦ୍ର ଡ.କାଳୀଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ଥିବା କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପକ୍ଷରୁ ପୁଷ୍ପାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ବାଙ୍କୀ ଏନ୍‌ଏସି ଉପନଗରପାଳ ସନ୍ତୋଷ କୁମାର ରଣା, ବାଙ୍କୀ ନଗର ବିଜେଡି ସଭାପତି ପଠାଣି ବେହେରା, ପୂର୍ବତନ କାଉନସିଲର ମାୟାଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଙ୍କୀ ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ଆର୍ଟ୍ସ ଆଣ୍ଡ କଲଚର୍ ଓ ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କଲେଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ କଲେଜ ରୋଡସ୍ଥିତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସହାୟତା କରାଯାଇଥିଲା। ଭାରତୀୟ ଡ୍ୟାନ୍ସ ଏକାଡେମୀର ସଭାପତି ମନମୋହନ ଶର୍ମାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର, ଉପନଗରପାଳ ସନ୍ତୋଷ ରଣା, ଶିକ୍ଷାବିତ୍ ଗଣେଶ୍ୱର ସ୍ୱାଇଁ, କାଉନ୍‌ସିଲର ସନାତନ ବେହେରା, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ କବିଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ସେହିପରି ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ, ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ଓ ଅନ୍ତଃରାଷ୍ଟ୍ରୀୟ କଳିଙ୍ଗ କୃତି ସଂସ୍ଥାନ ପକ୍ଷରୁ କବିଚନ୍ଦ୍ର ଡ.କାଳୀଚରଣଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି।

# ରାସ୍ତା, ଡ୍ରେନ୍‌ର ସ୍ଥିତି ଯାଞ୍ଚ କଲେ ମେୟର

କଟକ ଅଫିସ,୨୪।୭

କଟକ ଗଙ୍ଗାମନ୍ଦିରଠାରୁ କାଜିବଜାର ମୁଖ୍ୟ ରାସ୍ତା ପଙ୍କକାଦୁଅରେ ପରିପୂର୍ଣ୍ଣ ହୋଇରହିଛି। ଶନିବାର ମେୟର ସୁବାସ ସିଂ, କର୍ପୋରେଟର ଚନ୍ଦନ ତ୍ରିପାଠୀ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ଉକ୍ତ ରାସ୍ତାକୁ କିପରି ଯାତାୟାତ ଉପଯୋଗୀ କରାଯାଇପାରିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ରବିବାର ସକାଳେ ମେୟର ଓ ସିଏମ୍‌ସିର ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ କରାଇଥିଲେ। ପଙ୍କୋଦ୍ଧାର କରାଯିବା ସହ ବାଲି ପକାଯାଇ ଯାତାୟାତ ଉପଯୋଗୀ କରାଯାଇଥିଲା। ଜାଇକା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବାରୁ ମେୟର ଅସନ୍ତୋଷ ପ୍ରକାଶ କରିଥିଲେ। ରାସ୍ତାରୁ ପଙ୍କୋଦ୍ଧାର କରାଯିବା ସହ ବାଲି ପକାଯାଇଥିଲା। ଏହି ସମୟରେ ଜଗନ୍ନାଥ ସାହୁ, ଜଗନ୍ନାଥ ସ୍ୱାଇଁସାହି ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମେୟର ମଙ୍ଗଳାବାଗ ଥୋରିଆ ସାହି ରାସ୍ତାପାର୍ଶ୍ୱରେ ଡ୍ରେନ୍‌ର ଦୁରାବସ୍ଥା ଦେଖିଥିଲେ। ରାସ୍ତାପାର୍ଶ୍ୱରେ ଆବର୍ଜନା ଜମି ରହିଛି। ଏଥିଯୋଗୁ ଜଣେ ବ୍ୟକ୍ତି ପଡି ଆହତ ହୋଇଥିଲେ। ଏ ସମ୍ପର୍କରେ ମେୟର ଜାଣିବା ପରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ବିଭାଗୀୟ ଇଞ୍ଜିନିୟର ବିପିନ ପ୍ରଧାନଙ୍କୁ ତାଗିଦ୍ କରିବା ସହ ରାସ୍ତାରୁ ଆବର୍ଜନା ହଟାଇଥିଲେ। ଏହି ସମୟରେ ୩୩ ନଂ. ୱାର୍ଡର କର୍ପୋରେଟର କେ. ଜେ. ଆଫ୍ରିନ ଓ ୩୪ ନଂ. ୱାର୍ଡର କର୍ପୋରେଟର ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ନିଆଳି, ୨୪।୭(ଡି.ଏନ୍.ଏ.)

ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଆଳିସ୍ଥିତ ପ୍ରାଚୀ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରମୋଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢି ଭବିଷ୍ୟତରେ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ନିଆଳି ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଦେବାଶିଷ ଷଡଙ୍ଗୀ, ଆଦିତ୍ୟ ପାଣି, ମାନସ ବେହେରା, ଶଶିଭୂଷଣ ଦାସ, ସୋହେଲ୍ ମିର୍ଜା ଯୋଗଦେଇଥିଲେ। ଏହି ଅବସରରେ ତିନୋଟି ବ୍ଲକରେ କୃତୀ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ତିନୋଟି ବ୍ଲକର ସରପଞ୍ଚ, ନୋମିନି ଓ ଜିଲାପରିଷଦ ସଭ୍ୟ ଉପସ୍ଥିତ ଥିଲେ।

# ପୁରୁଣା ପେନ୍‌ସନ ଆମର ହକ୍

**ଆଠଗଡ଼ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭା**

ଆଠଗଡ଼,୨୪।୭(ସ୍ୱ.ପ୍ର.)

କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନରେ ପୁରୁଣା ପେନ୍‌ସନ ଆମର ହକ୍ ଦାବିନେଇ ରବିବାର ଆଠଗଡ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଶ୍ୱନାଥ ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଓପ୍ତା ସଂଘର ରାଜ୍ୟ ସମ୍ପାଦକ ଅଦ୍ୱୈତ୍ୟ ଚରଣ ଜେନା ଓ ଜିଲା ସଂଘର ଟିଗିରିଆ ବ୍ଲକ ସଭାପତି ଚନ୍ଦ୍ରକାନ୍ତ ମିଶ୍ର ଏବଂ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ଯୋଗ ଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏନ୍‌ପିଏସ୍ (ନୂତନ ପେନସନ ଯୋଜନା)ବ୍ୟବସ୍ଥା ଏବଂ ଓପିଏସ୍‌ର ପୁରୁଣା ପେନ୍‌ସନରେ ଥିବା ନିର୍ଭରଯୋଗ୍ୟ ବ୍ୟବସ୍ଥା ଉପରେ ଆଲୋକପାତ କରାଇଥିଲେ। ଏହି ଅବସରରେ ସଂଘର ଆଠଗଡ଼ ବ୍ଲକ ଶାଖା ଗଠନ କରାଯାଇ ସର୍ବସମ୍ମତିକ୍ରମେ ସଭାପତିଭାବେ ଚାରୁଚନ୍ଦ୍ର ବେହେରା, ଉପସଭାପତି ରେଣୁବାଳା ପାଲ, କାର୍ଯ୍ୟକାରୀ ସଭାପତି ଦୀପ୍ତିରଞ୍ଜନ ବେହେରା ଓ ଆଲୋକ କୁମାର ରାଉତ, ସମ୍ପାଦକ ହରପ୍ରସାଦ ବେହେରା, କୋଷାଧ୍ୟକ୍ଷ ଗଦାଧର ଲେଙ୍କା ଏବଂ ଗଣମାଧ୍ୟମ ପ୍ରତିନିଧିଭାବେ ପ୍ରଶାନ୍ତ କୁମାର ସାହୁ ଓ ସଂଯୁକ୍ତା ପାଲଙ୍କୁ ମନୋନୀତ କରାଯାଇଛି। ସେହିଭଳି ସଂଘର ସଙ୍ଗଠନ ଦାୟିତ୍ୱ ବିପିନ ବିହାରୀ ପୃଷ୍ଟି, ଅକ୍ଷୟ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା ଏବଂ ଅମିୟ ରଞ୍ଜନ ସାହୁଙ୍କୁ ଦିଆଯାଇଛି।





ଆଠଗଡ଼ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟ ଓ ଅନ୍ୟମାନେ।

# ‘ଜାତିକୁ ଏକାଠି ରଖିଛି ଓଡ଼ିଆ ଭାଷା ସାହିତ୍ୟ ପରମ୍ପରା’

**ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବ ଉଦ୍‌ଯାପିତ**

■ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପାଇଲେ ଉତ୍କଳ ରତ୍ନ ସମ୍ମାନ

କଟକ ଅଫିସ, ୨୪।୭

ଉତ୍କଳ ସାହିତ୍ୟ ସମାଜର ୧୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ କଟକ ଶତାବ୍ଦୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଯୋଗଦେଇ କହିଥିଲେ, ଓଡ଼ିଶାର ବୌଦ୍ଧିକ ସମ୍ପତ୍ତି ହେଉଛି ତା’ର ପ୍ରମୁଖ ଶକ୍ତି। ଓଡ଼ିଆ ଭାଷା-ସାହିତ୍ୟର ସୁଦୀର୍ଘ ପରମ୍ପରା ଏ ଜାତିକୁ ଏକାଠି କରିରଖିଛି। ସେହିପରି ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ କହିଥିଲେ, ଉତ୍କଳ ସାହିତ୍ୟ ସମାଜର ଯେଉଁ ସମୃଦ୍ଧ ପରମ୍ପରା ରହିଛି ତାହା ଏଜାତିର ବିକାଶରେ ନିୟାମକ ଭୂମିକା ଗ୍ରହଣ କରିଛି। ଏହିଅବସରରେ ସାହିତ୍ୟିକ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ନରସିଂହ ମିଶ୍ରଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ଅରବିନ୍ଦ ରାୟଙ୍କୁ ଫକୀରମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ଇଂ. ଧନୁର୍ଦ୍ଧର ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ସୌଭାଗିନୀ ରାୟଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ଡ. ବିପିନ ନାୟକଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡ. ମନ୍ମଥ କୁମାର ପ୍ରଧାନଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ, ଡ. ଲାବଣ୍ୟଚନ୍ଦ୍ର ସାହୁଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା।

ସେହିପରି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ବିଜୟିନୀ ସିଂହଦେଓଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ପ୍ରସନ୍ନ କୁମାର ମହାନ୍ତିଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସତ୍ୟାନାଶ (ପ୍ରଭାକର ନାୟକ)ଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ରାସେଶ୍ୱରୀ ମିଶ୍ରଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଅନସୂୟା ମିଶ୍ରଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଅଞ୍ଜନ ଚାନ୍ଦଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ରାଧାମୋହନ ସାହୁଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ, ରବିନାରାୟଣ ଦାଶଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ଜୀବାନନ୍ଦ ମିଶ୍ର (ବିଦ୍ୟାପୁରୀ)ଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ସଦାନନ୍ଦ ନାୟକଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କ୍ଷେତ୍ରବାସୀ ସାହୁଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ଓ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ, କାର୍ଯ୍ୟନିର୍ବାହୀ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସେହିପରି କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଜୀବନାନନ୍ଦ ଅଧିକାରୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର, ରୀତା ରାୟ, ବିଶ୍ୱମିତ୍ରା ମିଶ୍ର, ନିର୍ମାଲ୍ୟ ଓଝା, ଡ. ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ମାନପତ୍ର ପାଠ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡା. ସୁଦର୍ଶନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।





ସମାବର୍ତ୍ତନ ଉତ୍ସବରେ ସାହିତ୍ୟିକ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।